# ସୂଚୀପତ୍ର



| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ପବିତ୍ର କୁରୁଆନ୍ | ୩ |
| ୩ | ଦରୁଦ୍ ଶରିଫ୍‌ର ମହତ୍ୱ | ୪ |
| ୪ | ମଲ୍‌ଫୁଜାତ୍ | ୫ |
| ୫ | ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପବିତ୍ର ଜୀବନୀ | ୬ |
| ୬ | ଶାନ୍ତିର ରାଜକୁମାର | ୧୦ |
| ୭ | ଆଁହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ଜୀବନ ଚରିତ ନ୍ୟାୟ ବିଚାର ଓ ନିଷ୍ପତି ଦୃଷ୍ଟି କୋଣରୁ | ୧୨ |
| ୮ | ଦାଇ ଇଲଲ୍ଲାଃ ରୂପେ ଆଁହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତ | ୧୮ |
| ୯ | ନଜମ | ୨୧ |
| ୧୦ | ଆଁହଜ୍‌ରତ୍ ସ:ଆ:ସ ଙ୍କ ଅମୂଲ୍ୟ ନୀତିବାଣୀ | ୨୨ |
| ୧୧ | ଭେଯ୍ ଦରୁଦ୍ ଉସ୍ ମୁହ୍‌ସିନ୍ ପର ..... ପାକ୍ ମୁହମ୍ମଦ୍ ମୁସ୍ତଫା ନବୀଓଁ କା ସର୍‌ଦାର | ୨୩ |



**ସମ୍ପାଦକୀୟ**

## ଖାତମୁନ୍ ନବୀୟିନ୍‌ର ପ୍ରକୃତ ବ୍ୟାଖ୍ୟା
## ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରମାଣ ବଚନ ଦୃଷ୍ଟିକୋଣରୁ

ସୁରା ଏହ୍‌ଜାବ୍ ଆୟତ୍ ନଂ-୪୧ ରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅଲ୍ଲାଃତାଲା ଖାତମୁନ୍ ନବୀୟିନ୍‌ର ମହାନ୍ ଉପାଧିରେ ଭୂଷିତ କରିଛନ୍ତି । ଖାତମୁନ୍ ନବୀୟିନ୍‌ର ଅର୍ଥ ହେଉଛି (୧)ସମସ୍ତ ନବୀଙ୍କ ଠାରୁ ଶ୍ରେଷ୍ଠତମ (୨)ଏପରି ନବୀ ଯାହାଙ୍କ ନିକଟରେ ନବୁଅତର ସବୁ ଗୁଣ ଗୁଡିକ ସମ୍ପୂର୍ଣ୍ଣତା ଲାଭ କରିସାରିଛି ଯାହା ପ୍ରତି ଏହି ଆୟତ ନିର୍ଦ୍ଦେଶ କରୁଛି । ଅଲ୍‌ୟୋମା ଅକ୍‌ମଲ୍‌ତୁ ଲକୁମ ଦୀନକୁମ୍ ୱ ଅତ୍‌ମମ୍‌ତୁ ଆଲୈକୁମ୍ ନେମତି ୱ ରଜିତୁ ଲକୁମୁଲ୍ ଇସ୍‌ଲାମା ଦୀନା (୩)ନବୀମାନଙ୍କର ମୋହର କାରଣ ଖାତମ୍‌ର ଏକ ଅର୍ଥ ହେଉଛି ମୋହର । ଅର୍ଥାତ୍-ଆଧାତ୍ମିକତାର କୌଣସି ପ୍ରକାର ପଦବୀ ମଧ୍ୟ କାହାକୁ ଆପଣଙ୍କ ବିନା ସୁପାରିଶରେ ମିଳିପାରିବ ନାହିଁ । ଯାହାର ପୁଷ୍ଟି ଏ ଆୟତ କରୁଛି । କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍‌ତବିୟୁନି ୟୁହ୍‌ବିବ୍ କୁମୁଲ୍ଲାହା । ଅର୍ଥାତ ତୁମେ କୁହ, "(ହେ ଲୋକମାନେ!) ଯଦି ତୁମେ ଚାହୁଁଛ ଯେ ଅଲ୍ଲାଃ ତୁମକୁ ପ୍ରେମ କରନ୍ତୁ ତେବେ ତୁମେ ମୋ ଅନୁସରଣ କର ଫଳତଃ ଅଲ୍ଲାଃ ମଧ୍ୟ ତୁମକୁ ପ୍ରେମ କରିବାରେ ଲାଗିବେ । ତେଣୁ ଯଦି ଅଲ୍ଲାଃଙ୍କ ପ୍ରେମ ପାଇବା ଆପଣଙ୍କ ଅନୁସରଣରେ ହିଁ ସମ୍ଭବ ତେବେ ଆଧାତ୍ମିକତାର କୌଣସି ପଦବୀ ଓ ମର୍ଯ୍ୟାଦା ଆପଣଙ୍କ ବିନା ଅନୁସରଣରେ ମିଳିବା ବା ଆପଣଙ୍କ ସୁପାରିଶ୍‌ର ମୋହର୍ ବିନା ପ୍ରାପ୍ତ ହେବା କିପରି ସମ୍ଭବ । (୪)ଖାତମୁନ୍ ନବୀୟିନ୍‌ର ଗୋଟିଏ ଅର୍ଥ ହେଉଛି ସବୁ ନବୀମାନଙ୍କର ଆଧାତ୍ମିକ ବାପା । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଆପଣଙ୍କୁ ଦୈହିକ ବାପା ହେବା ପାଇଁ ମନା କରିଛନ୍ତି । କାରଣ ଦୈହିକ ବାପା ହେବା ଏକ ସାଧାରଣ କଥା । କିନ୍ତୁ ଆଧାତ୍ମିକ ବାପା ହେବା ବହୁତ ବଡ଼ ପଦବୀ ଅଟେ । ସୁତରାଂ ଅଲ୍ଲାଃତାଲା ସୁରା ଅହ୍‌ଜାବ୍‌ର ଆୟତ ନଂ-୪୧ରେ ଯେଉଁଠି ଆପଣଙ୍କୁ ଦୈହିକ ବାପା ହେବା ପାଇଁ ମନା କରିଛନ୍ତି । ସେଠି ଆପଣଙ୍କୁ ସମସ୍ତ ନବୀମାନଙ୍କ ଆଧାତ୍ମିକ ବାପା ହେବାର ଗୌରବ ପ୍ରଦାନ କରିଛନ୍ତି । ଯାହା ହେଉଛି ଏକ ଭବ୍ୟ ପଦବୀ ଓ ଅବସ୍ଥା (୫)ଖାତୁମୁନ୍ ନବୀୟିନ୍‌ର ଗୋଟିଏ ଅର୍ଥ ଏହା ଅଟେ ଯେ ଆପଣ ଅନ୍ତିମ ଶରୀୟତି (ଧର୍ମଶାସ୍ତ୍ରୀୟ) ନବୀ ଅଟନ୍ତି । ଆପଣଙ୍କ ପରେ ଏବେ କୌଣସି ଶରୀୟତି ନବୀ ଆସିପାରିବେ ନାହିଁ ନା କୌଣସି ଶରୀୟତି ପୁସ୍ତକ (ଐଶ୍ୱରିକ ଧର୍ମଶାସ୍ତ୍ର) ଆସିପାରିବ । ପବିତ୍ର କୋରାନ୍ ହେଉଛି ଅନ୍ତିମ ଶରୀୟତ୍ ଓ କୟାମତ୍ ପର୍ଯ୍ୟନ୍ତ ଏହା ରହିବ ଏବଂ ଆପଣ ହେଉଛନ୍ତି ସମଗ୍ର ମାନବ ଜାତି ପାଇଁ ଓ ସମଗ୍ର ସଂସାର ପାଇଁ ଅନ୍ତିମ ଶରୀୟତି ନବୀ । କିନ୍ତୁ ଆପଣଙ୍କ ଅନୁଶରଣରେ ଓ ଆପଣଙ୍କ ଦାସତ୍ୱରେ ନବୀ ଆସିପାରିବେ । ଯାହାର ପୁଷ୍ଟି ଏ ଆୟତ କରୁଅଛି । ୱ ମଇଁ ୟୁତିଇଲ୍ଲାଃହା ୱର୍ ରସୁଲା ଫ ଉଲାଇକା ମାଅଲ୍ଲଜିନା ଅନ୍‌ଅମଲ୍ଲାଃହୁ ଆଲୈହିମ୍ ମିନନ୍ ନବୀୟିନା ୱସ୍ ସିଦ୍ଧିକିନା ୱଶ୍ ଶୁହଦାଏ ୱସ୍ ସ୍ୱାଲେହୀନା ୱ ହସୁନା ଉଲାଇକା ରଫିକା । ଅର୍ଥାତ୍- ଯେ କେହି ଅଲ୍ଲାଃ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କର ଆଜ୍ଞା ପାଳନ କରିବ ସେ ନବୀ, ସିଦ୍ଧିକ୍, ଶହୀଦ୍ ଓ ସ୍ୱାଲେହ ମାନଙ୍କ ମଧ୍ୟରୁ କୌଣସି ବି ପଦବୀ ପୁରସ୍କାର ସ୍ୱରୂପ ପାଇପାରିବ । ଯଦି କହୁଛ ଯେ ନବୀ ହୋଇପାରିବ ନାହିଁ ଯେପରି ଆମ ଅଣ ଅହେମଦୀ ଭାଇମାନେ କହୁଛନ୍ତି ତେବେ ଏହାର ଅର୍ଥ ଏପରି ହେବ ଯେ ସିଦ୍ଧିକ୍,ଶହୀଦ୍ ଓ ସ୍ୱାଲେହ ମଧ୍ୟ ହୋଇପାରିବେ ନାହିଁ । (୬)ଖାତ୍‌ମୁନ୍ ନବୀୟିନ୍‌ର ଅର୍ଥରେ ଏ ଭାବ ମଧ୍ୟ ଅଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପୂର୍ଣ୍ଣ ଆଜ୍ଞା ପାଳନ ଓ ଅନୁସରଣ ଫଳରେ ଅଲ୍ଲାଃତାଲା ନିଜର ଏଲ୍‌ହାମ୍(ସ୍ୱର୍ଗବାଣୀ) ଦ୍ୱାରା ମଧ୍ୟ ସମ୍ମାନିତ କରିଥାନ୍ତି । କାରଣ ଯେଉଁ ନବୀଙ୍କ ଅନସରଣରେ ନବୁଓ୍ୱତ୍ ମିଳିପାରେ ତେବେ ତାଙ୍କ ଅନୁସରଣରେ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ କାହିଁକି ହୋଇପାରିବ ନାହିଁ । ଯଦି ପୂର୍ବରୁ ନବୀମାନଙ୍କ ଅନୁସରଣ କରିବା ଦ୍ୱାରା ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପର ସୌଭାଗ୍ୟ ପ୍ରାପ୍ତ ହୋଇପାରୁଥିଲା ତେବେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଅନୁସରଣରେ ଏହି ସୌଭାଗ୍ୟ ସର୍ବ ପ୍ରଥମେ ହେବା ଉଚିତ୍ ।

ଖାତମୁନ୍ ନବୀୟିନ୍‌ର ଯେଉଁ ଭାବ ଓ ଅର୍ଥ ଉପରେ ବର୍ଣ୍ଣନା କରାଗଲା ତାହା ସବୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ମହିମା ଓ ଯଶ ମୁତାବକ ଆମ ଅଣଅହେମଦୀ ଭାଇମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁନ୍ ନବୀୟିନ୍ ଏପରି ଅର୍ଥରେ ନିଶ୍ଚିତ ମାନୁଛନ୍ତି ଯେ ଆପଣ ସର୍ବଶ୍ରେଷ୍ଠ ଓ ସର୍ବୋତମ ନବୀ ଅଟନ୍ତି । କିନ୍ତୁ ଖାତମୁନ୍ ନବୀୟିନ୍‌ର ବ୍ୟାଖ୍ୟାକୁ ଏପରି କରୁଛନ୍ତି କି ଯେପରି ସମସ୍ତ ଉତମ ଗୁଣ ଓ ବିଶେଷତାକୁ ନିଃଶେଷ କରିଦେଉଛନ୍ତି । ଉଦାହରଣ ସ୍ୱରୂପ-ଆପଣଙ୍କ ପରେ କୌଣସି ପ୍ରକାରର ନବୀ ଆସିପାରିବେ ନାହିଁ । ଅର୍ଥାତ୍ ଆପଣଙ୍କ ଅନୁସରଣ କରିବା ଦ୍ୱାରା ମଧ୍ୟ ଜିଲ୍ଲି, ବରୋଜୀ ବା ଉମ୍ମତି ନବୀ ଆସିପାରିବେ ନାହିଁ । ଅର୍ଥାତ୍ ଏକ ମହତ୍ୱପୂର୍ଣ୍ଣ ପୁରସ୍କାର ଯାହାର ଦ୍ୱାର ଅଲ୍ଲାଃତାଲା ବନ୍ଦ୍ କରି ନାହାନ୍ତି ନା ତାଙ୍କ ରସୁଲ୍ ସ:ଆ:ସ ବନ୍ଦ କରିଛନ୍ତି, କିନ୍ତୁ ସେହି ଦ୍ୱାରକୁ ଏମାନେ ବନ୍ଦ କରୁଛନ୍ତି । ତାହା ହେଉଛି ଆପଣଙ୍କ ପରେ ୱହି ଓ ଏଲହାମ୍‌ର ଦ୍ୱାର ବନ୍ଦ୍ ହୋଇଯିବା । ଏହାର ଅର୍ଥ ଉକ୍ତ ସୌଭାଗ୍ୟ (ପୁରସ୍କାର) ଯାହା ପୂର୍ବରୁ ଉମ୍ମତ ମାନଙ୍କରେ ତାଙ୍କ ନବୀଙ୍କ ପରେ ଜାରିଥିଲା ସେହି ଫଏଜ୍ (ପୁରସ୍କାର) କୁ ଆପଣ ସ:ଆ:ସ ନିଜ ଉମ୍ମତରେ ଜାରି କରାଇଲେ ନାହିଁ ବରଂ ବନ୍ଦ କରିଦେଲେ । ଅର୍ଥାତ୍ ନବୁଅତ୍ ବନ୍ଦ୍ ଓ ୱହି ଏଲହାମ୍ (ଐଶ୍ୱରୀକ ବାଣୀ)ର ସିଲ୍‌ସିଲା ମଧ୍ୟ ବନ୍ଦ୍ । ତେଣୁ ଆଧାତ୍ମିକତାର ସମସ୍ତ ରାସ୍ତାକୁ ସେମାନେ ବନ୍ଦ୍ କରିଦେଲେ । ନିମ୍ନରେ ଆମେ ସୟଦ୍‌ନା ଓ ମୌଲାନା ହଜ୍‌ରତ୍ ମସିହ୍ ମଉଦ୍ ଓ ମେହେଦୀ ମସୁଦ୍ ଆ:ସଙ୍କ କିଛି ନୀତିବାଣୀ ଉପସ୍ଥାପନ କରୁଛୁ । ଯେଉଁଥିରେ ଆପଣ ଖାତମୁନ୍ ନବୀୟିନ୍‌ର ଜ୍ଞାନବର୍ଦ୍ଧକ ବ୍ୟାଖ୍ୟା କରିଛନ୍ତି ।

### ଖାତମୁଲ୍ ଅମ୍ବେୟାର ଗୋଟିଏ ଅର୍ଥ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ବିନା ଅନୁସରଣରେ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ ଅସମ୍ଭବ ଓ ଅସାଧ୍ୟ ଅଟେ ।

ଆଁ ହଜ୍‌ରତ୍ ସ:ଆ:ସ ଯାହାଙ୍କୁ ଖାତମୁନ୍ ନବୀୟିନ୍ କୁହାଯାଇଅଛି ତାହାର ଅର୍ଥ ନୁହେଁ ଯେ ଆପଣଙ୍କ ପରେ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ ଓ ସାକ୍ଷାତ୍କାରର ଦ୍ୱାର ବନ୍ଦ୍ ହୋଇଯାଇଛି । ଯଦି ଏପରି ଅର୍ଥ ହୋଇଥାନ୍ତା ତେବେ ଏ ଉମ୍ମତ୍ ଗୋଟିଏ ଅଭିଶପ୍ତ ଉମ୍ମତ୍ ହୋଇଥାନ୍ତା ଯିଏ ସଇତାନ୍ ପରି ସର୍ବଦା ଅଲ୍ଲାଃଙ୍କ ଠାରୁ ଦୂରତା ଓ ପୃଥକତା ଅବଲମ୍ବନା କରନ୍ତା । ବରଂ ଏହାର ଅର୍ଥ ହେଉଛି ଯେ ପ୍ରତ୍ୟକ୍ଷ ରୂପେ ଅଲ୍ଲାଃତାଲାଙ୍କ ନିକଟରୁ ୱହି(ଐଶ୍ୱରୀକ ବାଣୀ)ର ସୌଭାଗ୍ୟ ପ୍ରାପ୍ତ କରିବା ବନ୍ଦ ଅଛି ଏବଂ ଏ କୃପା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ବିନା ଅନୁସରଣରେ କାହାକୁ ପ୍ରାପ୍ତ ହେବା ଅସମ୍ଭବ ଓ ଅସାଧ୍ୟ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗର୍ବ ଯେ ତାଙ୍କ ଆଜ୍ଞା ପାଳନ କରିବାରେ ଏପରି ବରକତ୍ ଅଛି ଯେ ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ଆପଣଙ୍କ ଆଜ୍ଞାବହ ହେବ ତେବେ ସେ ଖୁଦାତାଲାଙ୍କ ସହିତ ବାର୍ତ୍ତାଳାପ ଓ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇପାରିବ । (ବରାହିନେ ଅହେମଦୀୟା ପଂଚମ ଭାଗ, ପୃଷ୍ଠା-୩୫୩)

### ଖତ୍‌ମେ ନବୁଅତ୍‌ର ଗୋଟିଏ ସୁନ୍ଦର ବାଖ୍ୟା । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମହତ୍ୱପୂର୍ଣ୍ଣ ଆଧାତ୍ମିକ ବାପା ହେବାର ପଦମର୍ଯ୍ୟାଦା

ଅଲ୍ଲାଃତାଲା ଯେଉଁ ସ୍ଥାନରେ ଏ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ଖାତମୁଲ୍ ଅମ୍ବେୟା ଅଟନ୍ତି ସେହି ସ୍ଥାନରେ ଏ ବିଷୟ ମଧ୍ୟ ଇଙ୍ଗିତ କରିଛନ୍ତି ଯେ ଆଁ ଜନାବ୍ ଆଧାତ୍ମିକତା ଦୃଷ୍ଟିରୁ ସେହି ସ୍ୱଲହା (ସଦାଚାରୀଗଣ)ଙ୍କ ନିମନ୍ତେ ବାପା ହେବାର ଅଧିକାର ରଖୁଛନ୍ତି । ଯେଉଁମାନେ ଆପଣ ସ:ଆ:ସ ଙ୍କର ସମ୍ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରିବା ଦ୍ୱାରା ୱହି ଇଲାହି (ଐଶ୍ୱରୀକ ବାଣୀ) ପାଇଛନ୍ତି ଏବଂ ସେମାନଙ୍କୁ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପର ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ଯେପରି ସେହି ଜ୍ୟୋତିର୍ମୟ ଅଲ୍ଲାଃ ପବିତ୍ର କୋରାନ୍‌ରେ କହୁଛନ୍ତି ମା କାନା ମୁହମ୍ମଦୁନ୍ ଅବା ଅହଦିମ୍ ମିର୍ ରିଯାଲିକୁମ୍ ୱ୍ଲାକିନ୍ ରସୁଲଲ୍ଲାହେ ୱ ଖାତମୁନ୍ ନବୀୟିନ୍ । ଅର୍ଥାତ୍- ଆଁ ହଜ୍‌ରତ୍ ସ:ଆ:ସ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନୁହଁନ୍ତି । କିନ୍ତୁ ସେ ଅଲ୍ଲାଃଙ୍କର ରସୁଲ ଅଟନ୍ତି ଓ ଖାତମୁଲ୍ ଅମ୍ବେୟା (ନବୀମାନଙ୍କର ମୋହର) ଅଟନ୍ତି । ଏବେ ଏହା ସ୍ୱଷ୍ଟ ଅଟେ ଯେ ଆରବୀ ଭାଷାରେ ଲାକିନ୍ ଶବ୍ଦଟି 'ଇସ୍‌ତଦ୍‌ରାକ' ଅର୍ଥାତ୍ କୌଣସି ଜିନିଷର ପରିଣାମ ପାଇଁ ବ୍ୟବହାର ହୋଇଥାଏ । ଅର୍ଥାତ୍ ଲାକିନ୍ ଶବ୍ଦ ପୁର୍ବରୁ ଯେଉଁ କଥା କୁହାଯାଇଥାଏ ତାହା ଦୂର କରିବା ପାଇଁ । ତେଣୁ ଏହି ଆୟତ୍ ପୂର୍ବରୁ ଭାଗରେ ଯେଉଁ କଥାକୁ ଶେଷ କରିଦିଆଯାଇଥିଲା । ଅର୍ଥାତ୍ ଯାହାକୁ ଆଁ ହଜ୍‌ରତ୍ ସ:ଆ:ସ ପାଇଁ ନିଶିଦ୍ଧ କରାଯାଇଥିଲା, ତାହା ହେଉଛି ଆପଣ କାହାର ଦୈହିକ ବାପା ନୁହଁନ୍ତି । ତେଣୁ ଲାକିନ୍ ଶବ୍ଦ ଦ୍ୱାରା ଶେଷ ହୋଇଯାଇଥିବା ଶବ୍ଦର ପରିଣାମ ସ୍ୱରୂପ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖାତମୁଲ୍ ଅମ୍ବେୟା କରାଗଲା ଯାହାର ଅର୍ଥ ହେଉଛି ଆପଣଙ୍କ ପରେ ପ୍ରତ୍ୟକ୍ଷ ରୂପେ ନବୁଓ୍ୱତ୍‌ର ଧାରା ବିଚ୍ଛିନ୍ନ କରାଗଲା ଏବଂ ଏବେ ସମ୍ପୂର୍ଣ୍ଣ ନବୁଓ୍ୱତ୍ କେବଳ ସେହି ବ୍ୟକ୍ତିଙ୍କୁ ମିଳିବ ଯିଏ ନିଜ କାର୍ଯ୍ୟରେ ନବୀ ସ:ଆ:ସ ଙ୍କ ଆଜ୍ଞାଧିନତାର ମୋହର ଲଗାଇଥିବ ଓ ଏହିପରି ସେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପୁତ୍ର ଓ ଆପଣଙ୍କ ଉତରାଧିକାରୀ ହେବ । ଏହି ଆୟତ୍‌ରେ ଗୋଟିଏ ପଟେ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ବାପା ହେବା ପାଇଁ ମନା କରାଗଲା ଓ ଆରପଟେ ବାପା ହେବାପାଇଁ କୁହାଗଲା । ଫଳତଃ ସେହି ଅଭିଯୋଗ ଯାହାର ବର୍ଣ୍ଣନା ଆୟତ ଇନ୍ନା ଶାନିଆକା ହୁ ୱ୍ଲ୍ ଅବ୍‌ତର୍‌ରେ ଅଛି ତାହା ଦୂର କରାହେବ । (ରିଭିଉ ବର ମୁବାହିସା ବଟାଲୁଇ ୱ ଚକଡ଼ାଲୁଇ, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୨୧୩)

**ନବୀଙ୍କୁ ନବୀ ବନାଇବାରେ କି ଯଥାର୍ଥତା ଅଛି ।**

**ଅଣନବୀକୁ ନବୀ କରିବା ହେଉଛି**

**ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପୂର୍ଣ୍ଣ ଅନୁଗ୍ରହର ପ୍ରମାଣ**

ଆଁ ହଜ୍‌ରତ୍ ସ:ଅ:ସଙ୍କ ପରେ ନବୁଓ୍ୱତ୍ ମୁସ୍ତକିଲା ଅର୍ଥାତ୍ ଯାହା ପ୍ରତ୍ୟକ୍ଷ ରୂପେ ମିଳିଥାଏ ତାର ଦ୍ୱାର କୟାମତ୍ ପର୍ଯ୍ୟନ୍ତ ବନ୍ଦ୍ ଅଛି ଏବଂ ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଉମ୍ମତି ହେବାର ବାସ୍ତବିକତାକୁ ନିଜ ମଧ୍ୟରେ ରଖି ନଥାଏ ଓ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଦାସତ୍ୱ ଗ୍ରହଣ କରିନଥାଏ ସେ ପର୍ଯ୍ୟନ୍ତ ସେ କୌଣସି ପ୍ରକାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ପ୍ରକଟ ହୋଇପାରିବେ ନାହିଁ । ତେବେ ଏପରି ଅବସ୍ଥାରେ ହଜ୍‌ରତ୍ ଇସା ଆ:ସଙ୍କୁ ଆକାଶରୁ ଓହ୍ଲାଇ ଦେବା ଏବଂ ପୁଣି ତାଙ୍କ ପ୍ରତି ଏପରି ସମ୍ବୋଧନ କରିବା ଯେ ସେ ଉମ୍ମତି ନବୀ ଅଟନ୍ତି ଓ ତାଙ୍କ ନବୁଅତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁହମ୍ମଦି ନବୁଅତ୍‌ର ଦୀପ ଦ୍ୱାରା ପ୍ରଜ୍ଜ୍ୱଳିତ ଓ ଲାଭାନ୍ୱିତ, ଏହା କେଡ଼େ କୃତ୍ରିମତା ଓ ଅପ୍ରାକୃତିକ ଅଟେ । ଯେଉଁ ବ୍ୟକ୍ତି ପ୍ରଥମରୁ ହିଁ ନବୀ ହୋଇସାରିଛି ତାଙ୍କ ପ୍ରତି ଏପରି କହିବା କିପରି ଠିକ୍ ହେବ ଯେ ତାଙ୍କ ନବୁଅତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୀପ ଦ୍ୱାରା ଅର୍ଜିତ ହୋଇଛି ବୋଲି ଓ ଯଦି ତାଙ୍କ ନବୁଅତ୍ ମୁହମ୍ମଦି ନବୁଅତ୍‌ର ଦୀପ ଦ୍ୱାରା ଅର୍ଜିତ ନୁହେଁ ତେବେ ସେ କାହିଁକି ଉମ୍ମତି ବୋଲାଇବେ । ଏହା ସ୍ୱଷ୍ଟ ଯେ ଉମ୍ମତ୍‌ର ଅର୍ଥ ସେ ପର୍ଯ୍ୟନ୍ତ କାହା ଉପରେ ନ୍ୟସ୍ତ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ତାର ପ୍ରତ୍ୟେକ ବିଶେଷତା ଓ ଚମତ୍କାରିତା ତାଙ୍କ ଆଜ୍ଞାବହ ନବୀଙ୍କ ଜରିଆରେ ହାସଲ ନହୋଇଛି । ପୁଣି ଯେଉଁ ବ୍ୟକ୍ତି ଏତେବଡ଼ ବିଶେଷତା ରଖିଛି ସେ ଉମ୍ମତି କିପରି ହେବ ବରଂ ସେ ତ ମୁସ୍ତକିଲ୍ (ସ୍ଥାୟୀ) ନବୀ ହେବେ । ଯାହାଙ୍କ ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ କୌଣସି ସ୍ଥାନ ନାହିଁ । ଯଦି କହୁଛ ଯେ ତାଙ୍କର ପ୍ରଥମ ନବୁଓ୍ୱତ୍ ଯାହା ପ୍ରତ୍ୟକ୍ଷ ରୂପେ ମିଳିଥିଲା ତାହା ଦୂରେଇ ଦିଆଯିବ ଓ ବର୍ତ୍ତମାନ ନୁଆ ରୂପରେ ନବୀ ସ:ଆ:ସ ଙ୍କ ଆଜ୍ଞାବହ ହେବା ଦ୍ୱାରା ତାଙ୍କୁ ନୁଆ ନବୁଅତ୍ ମିଳିବ ଯେପରି ସେହି ଆୟତର ଅଭିଳାସ ତେବେ ଏପରି ଅବସ୍ଥାରେ ଏହି ଉମ୍ମତ ଯାହାକୁ ଖଏରୁଲ୍ ଉମମ୍ (ସର୍ବୋତମ ଉମ୍ମତ) କୁହାଯାଉଛି, ସେ ଏ ଅଧିକାର ରଖିଛି ଯେ ତା ମଧ୍ୟରୁ କୌଣସି ବ୍ୟକ୍ତି ନବୀ ସ:ଆ:ସ ଙ୍କ ସମ୍ପୂର୍ଣ୍ଣ ଆଜ୍ଞାବହତାର ସମ୍ଭାବ୍ୟ ପଦବୀକୁ ପହଂଚିବ । ତେଣୁ ହଜ୍‌ରତ୍ ଇସାଙ୍କୁ ଆକାଶରୁ ଓହ୍ଲାଇ ଦେବାର କୌଣସି ଆବଶ୍ୟକତା ନାହିଁ । କାରଣ ଯଦି ଉମ୍ମତିଙ୍କୁ ମୁହମ୍ମଦି ଜ୍ୟୋତି ଜରିଆରେ ନୁବଅତ୍‌ର ପଦବୀ ମିଳିପାରୁଛି ତେବେ ଏପରି ଅବସ୍ଥାରେ କାହାକୁ ଆକାଶରୁ ଓହ୍ଲାଇ ଦେବା ଅର୍ଥ ଅସଲ ହକ୍‌ଦାରଙ୍କ ହକ୍‌କୁ ଶେଷ କରିଦେବା । ଯଦି କୌଣସି ଉମ୍ମତିଙ୍କୁ ଲାଭ ପହଂଚାଇ ଦିଆଯାଏ ତେବେ ଏଥିରେ ପ୍ରତିବନ୍ଧକ କଣ ଅଛି ।---- କାରଣ ନବୀକୁ ନବୀ ବନାଇବାରେ କି ଅର୍ଥ ? ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ସୁନା ତିଆରି କରିବାର ଦାବି କରୁଛି । ସୁନା ଉପରେ ଏକ ଫୁଲ ତିଆରି କରି ଯଦି ସେ କହେ ଯେ ଦେଖ ଏହା ସୁନା ହୋଇଗଲା ଏଥିରେ ସେ କଣ ନିଜକୁ ପ୍ରମାଣ କରିପାରିବ ଯେ ସେ ଜଣେ ରସାୟନଜ୍ଞ ବୋଲି । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗ୍ରହର ଚମତ୍କାରିତା ତ ସେଥିରେ ଥିଲା ଯେ ଉମ୍ମତିକୁ ସେହି ପଦମର୍ଯ୍ୟାଦା ଆଜ୍ଞାବହତାର ଅଭ୍ୟାସ ଦ୍ୱାରା ଲାଭ ହେଉ ନଚେତ୍ ଜଣେ ନବୀକୁ ଯିଏ ପ୍ରଥମରୁ ନବୀ ପଦବାଚ୍ୟ ହୋଇସାରିଛି ତାକୁ ଉମ୍ମତି ରୂପେ ବିବେଚନା କରିବା ପୁଣି ଏହା ଭାବିନେବା ଯେ ଯାହା କିଛି ନବୁଅତ୍‌ର ପଦମର୍ଯ୍ୟାଦା ହାସଲ ହୋଇଛି ତାହା ଉମ୍ମତି ହେବା ଯୋଗୁଁ ହୋଇଛି ସ୍ୱତଃ ନୁହେଁ । ଏହା କେଡ଼େ ଅସତ୍ୟ ଓ ଅପ୍ରାକୃତିକ ଅଟେ । (ରିଭିଉ ବର୍ ମୁବାହିସା ବଟାଲୁଇ ୱ ଚକଡ଼ାଲୁଇ, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୨୧୪)

**ୱ୍ଲା କିର୍ ରସୁଲଲ୍ଲାହେ ୱ ଖାତମନ୍ ନବୀୟିନ୍ ଆୟତରେ**

**ଗୋଟିଏ ଭବିଷ୍ୟତ ବାଣୀ**

ଏହି ଆୟତରେ ଗୋଟିଏ ଭବିଷ୍ୟବାଣୀ ଅଛି ଯାହା ଆମ ବିରୋଧୀମାନଙ୍କୁ ଜଣାନାହିଁ । ତାହା ଏପରି ଅଟେ ଅଲ୍ଲାଃତାଲା ଏହି ଆୟତରେ କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ ଭବିଷ୍ୟତ ବାଣୀର ଦ୍ୱାର କୟାମତ୍ ପର୍ଯ୍ୟନ୍ତ ବନ୍ଦ୍ କରିଦିଆଯାଇଛି ଏବଂ ସମ୍ଭବ ନୁହେଁ ଯେ ଏବେ କୌଣସି ହିନ୍ଦୁ ବା ୟହୁଦୀ ବା ଇସାଇ ବା କୌଣସି ସାଧାରଣ ମୁସଲମାନ୍ ନବୀର ଶବ୍ଦକୁ ନିଜପାଇଁ ପ୍ରମାଣିତ କରିପାରିବେ । ନବୁଅତ୍‌ର ସମସ୍ତ ଝରକା ବନ୍ଦ୍ କରିଦିଆଯାଇଛି । କିନ୍ତୁ ଗୋଟିଏ ଝରକା ସିରତେସିଦ୍ଦିକିର ଖୋଲା ଅଛି । ଅର୍ଥାତ୍ ରସୁଲ୍ ସ:ଆ:ସଙ୍କ ସହିତ ଲୀନ ହୋଇଯିବା । ସୁତରାଂ ଯେଉଁ ବ୍ୟକ୍ତି ଏହି ଝରକା ବାଟ ଦେଇ ଖୁଦାଙ୍କ ନିକଟକୁ ଆସିଥାଏ ତା ଦେହରେ ଜିଲ୍ଲି ଅର୍ଥାତ୍ ଛାୟା ସଦୃଶ ସେହି ନବୁଅତ୍‌ର ଚାଦର ପିନ୍ଧାଇ ଦିଆଯାଏ ଯାହା ମୁହମ୍ମଦି ନବୁଅତ୍‌ର ଚାଦର ଅଟେ । (ଏକ୍ ଗଲତି କା ଇଜାଲା, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୨୦୭)

**ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନି ଏକ ବଳିଷ୍ଠ ଉଦାହରଣ**

ସେ (ଅର୍ଥାତ୍ ଅଲ୍ଲାଃ) ପ୍ରତ୍ୟେକ ଶତାବ୍ଦିର ପ୍ରାରମ୍ଭରେ ଜଣକୁ ମାମୁର୍ (ଆଧାତ୍ମିକ ନିଯୁକ୍ତି ଦେଇ ପ୍ରେରଣ) କରିଥାଏ । ଯିଏ ଇସ୍‌ଲାମ୍‌କୁ ମୃତ୍ୟୁ ମୁଖରୁ ବଂଚାଇଥାଏ ଓ ନୂଆ ଜୀବନ ପ୍ରଦାନ କରିଥାଏ ଏବଂ ସଂସାରକୁ ତାର ଭୁଲ୍ ବିଦତ୍ (ନୂଆ ନୂଆ ପ୍ରଥା) ଅସାବଧାନତା ଓ ଅଳସୁଆମିରୁ ବଂଚାଇଥାଏ--- ଏପରି ବିଶେଷତା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହିଁ ପ୍ରାପ୍ତ ହୋଇଛି ଯାହା ଆପଣଙ୍କ ଜୀବନର ଏପରି ଏକ ବଳିଷ୍ଠ ପ୍ରମାଣ ଯେ କୌଣସି ବ୍ୟକ୍ତି ଏହା ମୁକାବିଲା କରିପାରିବେ ନାହିଁ । (ଅହେମଦୀ ଅଓର ଗଏର୍ ଅହେମଦୀ ମେ କ୍ୟା ଫରକ୍ ହୈ, ? ରୁହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୮୯)

**ଆଁ ହଜ୍‌ରତ୍ ସ:ଆ:ସଙ୍କ ଛତ୍ର ଛାୟାରେ ରହି ପ୍ରତିପାଳନ ହେବା ଦ୍ୱାରା ସାଧାରଣ ଲୋକ ମଧ୍ୟ ମସିହ୍ ହୋଇପାରିବ**

ହଜ୍‌ରତ୍ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆ:ସ କହୁଛନ୍ତି ହେ ଅଜ୍ଞାନମାନେ! ଓ ଆଖିଥାଇ ଅନ୍ଧମାନେ! ଆମ ନବୀ ସ:ଆ:ସ ଓ ଆମର ସୟଦ୍ ଓ ମୌଲା (ତାଙ୍କ ଉପରେ ହଜାର ହଜାର ସଲାମ୍) ନିଜର ବିଶେଷ ଯଶ ଓ ଅନୁଗ୍ରହ ଦ୍ୱାରା ସମସ୍ତ ଅମ୍ବେୟାଙ୍କ ଠାରୁ ବଳି ଯାଇଛନ୍ତି । କାରଣ ବିଗତ ନବୀମାନଙ୍କର ଯଶ ଗୋଟିଏ ସୀମା ପର୍ଯ୍ୟନ୍ତ ଆସି ଶେଷ ହୋଇଯାଇଛି । ଏବେ ସେ କୌମ୍ (ଜାତି) ଓ ସେ ଧର୍ମଗୁଡିକ ମୃତ ହୋଇଯାଇଛନ୍ତି । ସେମାନଙ୍କ ମଧ୍ୟରୁ କେହି ଜିବୀତ ନୁହଁନ୍ତି । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଧାତ୍ମିକ ଅନୁଗ୍ରହ କୟାମତ ପର୍ଯ୍ୟନ୍ତ ଜାରି ରହିଛି । ତେଣୁ ଆପଣଙ୍କ ଏହି ଅନୁଗ୍ରହ ଯୋଗୁଁ ଏହି ଉମ୍ମତ ପାଇଁ ବାହାରୁ କୌଣସି ମସିହ୍ ଆସିବା ଆବଶ୍ୟକ ପଡୁନାହିଁ ବରଂ ଆପଣଙ୍କ ଛତ୍ରଛାୟା ଦ୍ୱାରା ଲାଳନ ପାଳନ ହେବା ଦ୍ୱାରା ଜଣେ ସାଧାରଣ ଲୋକ ମସିହ୍ ହୋଇପାରିବ ଯେପରି ସେ ଏ ଅଧମକୁ ମସିହ୍ ବନାଇଛି । (ଚଶମାଏ ମସିହ, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୮୯)

ସୁତରାଂ ସୟଦ୍‌ନା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁସରଣ କରିବା ଦ୍ୱାରା ଓ ଆପଣ ସ:ଆ:ସଙ୍କ ସହିତ ସତ୍ୟାନୁରାଗ ଓ ପ୍ରେମ କରିବା ଫଳରେ ଏଯୁଗର ଇମାମ୍, ମସିହ୍ ଓ ମେହେଦୀ ବନାଇ ପ୍ରେରଣ କରିଛନ୍ତି । ଉମ୍ମତେ ମୁହମ୍ମଦୀୟା (ମୁହମ୍ମଦଙ୍କ ଉମ୍ମତ) ପାଇଁ ଜ୍ୟୋତିର୍ମୟ ଅଲ୍ଲାଃଙ୍କ ତରଫରୁ ଏହା ହେଉଛି ଏକ ବହୁତ ବଡ଼ ପୁରସ୍କାର । ଏହାକୁ ଉପେକ୍ଷା କରିବାର ପରିଣାମ ଅତ୍ୟନ୍ତ ଭୟଙ୍କର ଓ ଅଲ୍ଲାଃତାଲାଙ୍କର କୃତଘ୍ନତା ଅଟେ । ତତ୍‌ସହିତ ଇହକାଳ ଓ ପରକାଳ ପାଇଁ ତିରସ୍କାର ଏବଂ ଅପମାନ ଅଟେ । ଆମର ଏହା ପ୍ରାର୍ଥନା ଯେ ଅଲ୍ଲାଃତାଲା ଆମ ମୁସଲମାନ ଭାଇମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ସେମାନେ ଗମ୍ଭୀରତାର ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ପଢ଼ି ଆପଣ ଆ:ସଙ୍କ ସତ୍ୟତାକୁ ଜାଣନ୍ତୁ ଏବଂ ଆପଣଙ୍କ ଉପରେ ବିଶ୍ୱାସ (ଇମାନ) ଆଣନ୍ତୁ ।

*ମନ୍‌ସୁର୍ ଅହେମଦ୍ ମସରୁର୍*

# ପବିତ୍ର କୋରାନର ପଙ୍କ୍ତି ଆଧାରରେ ହଜ୍‌ରତ୍ ମହମ୍ମଦ ସ:ଆ:ସ ଙ୍କ ମହାନ ସମ୍ମାନ ଓ ପଦମର୍ଯ୍ୟାଦା

**ପବିତ୍ର କୋରାନ୍‌ରେ ହଜୁର୍ ସ:ଆ:ସଙ୍କର ସୁନ୍ଦର ନାମକରଣ-**

*** ମାକାନା ମହମ୍ମଦୁନ୍ ଆବା---ବିକୁଲ୍ଲି ଶଇନ୍ ଅଲିମା** (ଅହଯାବ-୪୧)

ଅର୍ଥାତ୍-ମହମ୍ମଦ ତୁମମାନଙ୍କ ମଧ୍ୟରୁ କୌଣସି ପୁରଷର ପିତା ନଥିଲେ, ନା ଅଛନ୍ତି ଏବଂ ନା ହେବେ । କିନ୍ତୁ ସେ ଅଲ୍ଲାହଙ୍କର ରସୁଲ୍ ଅଟନ୍ତି ବରଂ ଏହାଠାରୁ ବଳି ସେ ନବୀମାନଙ୍କର ମୋହର ଅଟନ୍ତି ଏବଂ ଅଲ୍ଲାଃ ସବୁ ବିଷୟ ଭଲ ଭାବରେ ଜାଣନ୍ତି ।

*** ୱଲଜିନା ଆମନୁ ୱ ଆମିଲୁସ୍ ସାଲିହାତି--ୱ ଅସଲହା ବାଲହୁମ୍ ।** (ମହମ୍ମଦ-୩)

ଅର୍ଥାତ୍-ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ବିଶ୍ୱାସ ମୁତାବକ କାର୍ଯ୍ୟ କରିଛନ୍ତି ଏବଂ ଯାହା ହଜରତ୍ ମହମ୍ମଦଙ୍କ ପ୍ରତି ଅବତୀର୍ଣ୍ଣ ହୋଇଅଛି ତହିଁରେ ବିଶ୍ୱାସ କରିଛନ୍ତି ଏବଂ ତାହା ହିଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରୁ ସତ୍ୟ ଅଟେ । ଅଲ୍ଲାଃ ସେମାନଙ୍କ କୁକର୍ମକୁ ଦୂର କରିଦେବେ ଏବଂ ସେମାନଙ୍କ ଅବସ୍ଥା ସୁଧାରି ଦେବେ ।

*** ୱମା ମହମ୍ମଦୁନ୍ ଇଲ୍ଲା ରସୁଲ୍----ଅଲ୍ଲାହୁସ୍ ଶାକିରିନ୍** (ଆଲେଇମାନ-୧୪୫)

ଅର୍ଥାତ୍-ମହମ୍ମଦ କେବଳ ଜଣେ ରସୁଲ୍ ଅଟନ୍ତି । ତାଙ୍କ ପୂର୍ବରୁ ସମସ୍ତ ରସୁଲ ମୃତ୍ୟୁବରଣ କରିଛନ୍ତି । ସୁତରାଂ ଯଦି ସେ ମୃତ୍ୟୁବରଣ କରନ୍ତି ବା ତାଙ୍କୁ ହତ୍ୟା କରାଯାଏ ତେବେ କଣ ତୁମେମାନେ ପଶ୍ଚାତପଦ ହୋଇ ଫେରିଯିବ । ଯେଉଁବ୍ୟକ୍ତି ପଶ୍ଚାତପଦ ହୋଇ ଫେରିଯାଏ ସେ ଅଲ୍ଲାଃଙ୍କର କଦାପି କିଛି କ୍ଷତି କରିପାରିବ ନାହିଁ ଏବଂ ଅଲ୍ଲାଃ କୃତଜ୍ଞମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ ।

ତରଯୁମାତୁଲ୍ କୁରଆନର ବ୍ୟାଖ୍ୟା-ଏହି ପଙ୍କ୍ତିରେ ହଜରତ୍ ଇସାଙ୍କ ମୃତ୍ୟୁବରଣ କରିବାର ସ୍ପଷ୍ଟ ଭାବରେ ଘୋଷଣା କରାଯାଇଛି । ଯେପରି କୁହାଯାଇଛି ହଜରତ୍ ମହମ୍ମଦ ସ:ଆ:ସ ଅଲ୍ଲାଃଙ୍କର ରସୁଲ୍ ଏବଂ ରସୁଲଠାରୁ ବଳି କିଛି ନୁହଁ । ଆପଣଙ୍କ ପୂର୍ବରୁ ସମସ୍ତ ରସୁଲ ମୃତ୍ୟୁ ବରଣ କରିଛନ୍ତି । ଶବ୍ଦ 'ଖଲା' ଯେତେବେଳେ ସ୍ୱାଧୀନ ଭାବରେ କାହା ସମ୍ବନ୍ଧରେ କୁହାଯାଏ ତେବେ ତାହାର ଅର୍ଥ ଯାତ୍ରି ପରି ଅତିକ୍ରମ କରିଯିବା ହୋଇନଥାଏ ବରଂ ତାହାର ଅର୍ଥ ମୃତ୍ୟୁ ପାଇବା କରାଯାଇଥାଏ । ସୁତରାଂ ଯଦି ହଜ୍‌ରତ୍ ଇଶା ଅଲ୍ଲାଃଙ୍କର ରସୁଲ ଥିଲେ ତେବେ ସେ ମୃତ୍ୟୁବରଣ କରିସାରିଛନ୍ତି ।

*** ମହମ୍ମଦର ରସୁଲଲ୍ଲାଃ---- ୱ ଅଜରନ୍ ଅଜିମା** (ସୁରେ ଫତ୍‌ହା-୩୦)

ଅର୍ଥାତ୍ ମହମ୍ମଦ ସ:ଆ:ସ ଅଲ୍ଲାଃଙ୍କର ରସୁଲ ଅଟନ୍ତି ଏବଂ ଯେଉଁମାନେ ତାଙ୍କ ସହିତ ଅଛନ୍ତି ଅମାନ୍ୟକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି । ଅଥଚ ସେମାନେ ପରସ୍ପର ପ୍ରତି ଅତ୍ୟନ୍ତ ସ୍ନେହଶୀଳ । ତୁମେ ସେମାନଙ୍କୁ ଅଲ୍ଲାଃଙ୍କ ନିକଟରେ ରୁକୁ ଓ ସଜ୍‌ଦା କରୁଥିବାର ଦେଖିବାକୁ ପାଇବ । ସେମାନେ ଅଲ୍ଲାଃଙ୍କ କୃପା ଓ ପ୍ରୀତିଭୋଜନ ହାସଲ କରିବାକୁ ଇଚ୍ଛୁକ ରହିଥାନ୍ତି । ସେମାନଙ୍କ ଲଲାଟ ଉପରେ ସିଜଦାଜନିତ ଦାଗ ରହିଥାଏ । ସେମାନଙ୍କର ଏହି ଅବସ୍ଥା ତୌରାତରେ ବର୍ଣ୍ଣିତ ହୋଇଅଛି ଏବଂ ଇଂଜିଲରେ ସେମାନଙ୍କ ଉଦାହରଣ ଏକ ଶସ୍ୟକ୍ଷେତ୍ର ସଦୃଶ ବର୍ଣ୍ଣନା ହୋଇଛି ଯାହା ପ୍ରଥମେ ଅଙ୍କୁରୋଦ୍‌ଗମ୍ କରେ, ତାପରେ ତାହାକୁ ସୁଦୃଢ଼ କରାଏ ଏବଂ ପରବର୍ତୀ ସମୟରେ ତାହା ମୋଟା ହୋଇ ମୂଳ ଉପରେ ଦୃଢ଼ ଭାବରେ ଠିଆହୁଏ । ଏପରିକି ତାହା ଜମି ମାଲିକଙ୍କୁ ପସନ୍ଦ ଯୋଗ୍ୟ ହୋଇଥାଏ । ଯାହା ଫଳରେ ଅବିଶ୍ୱାସକାରୀମାନେ ଇର୍ଷାନ୍ୱିତ ହୋଇଥାନ୍ତି । ଅଲ୍ଲାଃ ବିଶ୍ୱାସକାରୀମାନଙ୍କୁ ତଥା ଯେଉଁମାନେ ବିଶ୍ୱାସ ମୁତାବକ କାର୍ଯ୍ୟ କରନ୍ତି ସେମାନଙ୍କୁ କ୍ଷମା ଓ ମହାନ୍ ପୁରସ୍କାର ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି ।

**ତରଯୁମାତୁଲ କୁରଆନର ବ୍ୟାଖ୍ୟା-** ଏହି ପଙ୍କ୍ତିରେ ହଜରତ୍ ମହମ୍ମଦ ସ:ଆ:ସଙ୍କର ଯେଉଁ ବିଶେଷ ଗୁଣ ବର୍ଣ୍ଣନା କରାଯାଇଛି ତାହା କେବଳ ଆପଣଙ୍କ ଅସ୍ତିତ୍ୱ ମଧ୍ୟରେ ସିମୀତ ନଥିଲା ବରଂ 'ୱଲଜିନା ମାଆହୁ' ଅର୍ଥାତ୍ ଆପଣଙ୍କ ସୁଗୁଣ ସେମାନଙ୍କ ମଧ୍ୟରେ ପ୍ରବେଶ କରିଯିବ ଯେ ଆପଣଙ୍କ ସାଥିରେ ରହିବେ । ତେବେ ଉକ୍ତ ସୁଗୁଣ ମଧ୍ୟରେ 'ପ୍ରଥମ ଅଶିଦ୍ ଦାଉ ଅଲଲ-କୁଫାର' ଏହା ଅର୍ଥ ନୁହେଁ ଯେ ସେମାନେ ଅବିଶ୍ୱାସକାରୀଙ୍କ ଉପରେ ନିଜ କଠୋର ହୃଦୟ ଯୋଗୁଁ କଠୋରତା ଅବଲମ୍ବନ (ଆଚରଣ) କରିବେ ବରଂ ଅବିଶ୍ୱାସକାରୀଙ୍କ ପ୍ରଭାବରେ ପ୍ରଭାବିତ ନହେବାରେ ସେମାନେ କଠୋର ହୋଇଯିବେ । କିନ୍ତୁ ସେମାନଙ୍କ ହୃଦୟ ଦୟାରେ ପରିପୂର୍ଣ୍ଣ । ତେଣୁ ସେମାନେ ପରସ୍ପର ସହ ଦୟା ଓ କରୁଣା ଆଚରଣ କରୁଥିବେ ଏବଂ ସେମାନଙ୍କ ପ୍ରଚେଷ୍ଟା କେବଳ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଅଟେ ନା କୌଣସି ସାଂସାରିକ ଧନ କିମ୍ବା ଐଶ୍ୱର୍ଯ୍ୟ । ସୁତରାଂ ସେମାନେ ଅଲ୍ଲାଃଙ୍କ ନିକଟରେ ରୁକୁ ଓ ସଜଦା କରି ଅଲ୍ଲାଃଙ୍କ କୃପା ଭିକ୍ଷା କରିବେ ଅର୍ଥାତ୍ ଏପରି ସାଂସାରିକ ଧନ ଯେଉଁଥିରେ ଅଲ୍ଲାଃଙ୍କ ପ୍ରସନ୍ନତା ରହିଥିବ ।

ପୁଣି ଯେଉଁ ପର୍ଯ୍ୟନ୍ତ ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟରେ ଅନ୍ତିମ ଯୁଗରେ ହଜରତ୍ ମସିହ୍ ଓ ତାଙ୍କ ମାନ୍ୟକାରୀ ଆଗମନର ବିଷୟ ଅଟେ । ତେବେ ଏହାର ଉଦାହରଣ ଇଂଜିଲ୍‌ରେ ଏପରି ଶସ୍ୟଶ୍ୟାମଳ ବୃକ୍ଷ ସହ ଦିଆଯାଇଛି ଯାହା କ୍ରମାଗତ ଭାବରେ ବଢ଼ିଚାଲିଥାଏ ଏବଂ ନିଜ ନିଜ ମୂଳରେ ଦୃଢ଼ତାର ସହ ଛିଡ଼ା ହୋଇଥାଏ । ତାହାକୁ ଦେଖି ଧର୍ମସେବାରେ ଅଂଶଗ୍ରହଣକାରୀ ବହୁତ ଆନନ୍ଦିତ ହେବେ କିନ୍ତୁ ଏଥିରେ ଅମାନ୍ୟକାରୀମାନେ ପ୍ରଚଣ୍ଡ ଉତ୍ୟକ୍ତ ହେବେ । ଅଲ୍ଲାଃ ନିଜ ଉପରେ ନିଷ୍ଠାର ସହ ବିଶ୍ୱାସ ରଖୁଥିବା ଲୋକମାନଙ୍କୁ କ୍ଷମା ପ୍ରଦାନ କରିବା ସହିତ ବିଶେଷ ପୁରସ୍କାର ଦେବାର ସୁସମ୍ବାଦ ପ୍ରଦାନ କରିଛନ୍ତି ।

*** ୱମା ଅରସଲନାକା ଇଲ୍ଲା ରହମତଲ ଲିଲ୍ ଆଲମିନ ।**

ଅର୍ଥାତ୍- ଏବଂ (ହେ ମହମ୍ମଦ!) ଆମ୍ଭେ ତୁମ୍ଭକୁ ସାରା ସଂସାର ପାଇଁ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଅଛୁ । (ଅମ୍ବିୟା-୧୦୮)

*** ଫକଏଫା ଇଜା ଜିନା----ହାଉଲାଇ ଶହିଦ ।**

ଅର୍ଥାତ୍-ଯେତେବେଳେ ଆମ୍ଭେ ପ୍ରତ୍ୟେକ ଗୋଷ୍ଠିରୁ ଜଣେ ଲେଖାଏଁ ସାକ୍ଷୀ ଆଣିବୁ ଏବଂ ସେମାନଙ୍କ ବିରୁଦ୍ଧରେ ତୁମକୁ ସାକ୍ଷୀ ସ୍ୱରୂପ ଆଣିବୁ ସେତେବେଳେ ସେମାନଙ୍କର ଅବସ୍ଥା କଣ ହେବ? (ନିସା-୪୨)

*** ୟା ଅୟୁହନ ନାସୁ----ନୁରମ୍ ମୁବିନା ।**

ଅର୍ଥାତ୍-ହେ ଲୋକମାନେ! ତୁମମାନଙ୍କ ନିକଟକୁ ତୁମ ମାନଙ୍କ ପାଳନକର୍ତ୍ତାଙ୍କ ତରଫରୁ ଏକ ପ୍ରକାଶ୍ୟ ପ୍ରମାଣ ଆସିଅଛି । ଆମ୍ଭେ ତୁମମାନଙ୍କ ପ୍ରତି (ଅତି) ଉଜ୍ଜ୍ୱଳ ଜ୍ୟୋତି ଅବତୀର୍ଣ୍ଣ କରିଅଛୁ । (ନିସା-୧୭୫)

*** ୟା ଅୟହୁନ ନବିୟୁ----ୱ ସିରାଜମ୍ ମୁନିରା ।**

ଅର୍ଥାତ୍-ହେ ନବୀ! ଆମ୍ଭେ ତୁମକୁ (ଏହି ସଂସାର ପାଇଁ ତତ୍ତ୍ୱାବଧାରକ, (ବିଶ୍ୱାସକାରୀମାନଙ୍କ ପାଇଁ) ସୁସମାଚାରଦାତା ଓ (ଅବିଶ୍ୱାସକାରୀମାନଙ୍କ ପାଇଁ) ଭୟ ପ୍ରଦର୍ଶକ ଭାବେ ପ୍ରେରଣ କରିଅଛୁ, ଏବଂ ଅଲ୍ଲାଃଙ୍କ ଆଦେଶ ଅନୁସାରେ ତାହାଙ୍କ ଆଡ଼କୁ ଆହ୍ୱାନକାରୀ ଭାବରେ ଓ ଏକ ଦୀପ୍ତିମାନ ସୂର୍ଯ୍ୟ ଭାବରେ (ପ୍ରେରଣ କରିଅଛୁ) । (ଏହଯାବ-୪୬,୪୭)

*** କଦ୍ ଅନଜଲଲ୍ଲାହୁ----ମିନଜ୍ ଜୁଲୁମାତି ଇଲନ୍ ନୁର ।**

ଅର୍ଥାତ୍-ଅଲ୍ଲାଃ ତୁମମାନଙ୍କ ସକାଶେ ସମ୍ମାନଜନକ ବିଷୟ ଅର୍ଥାତ୍ ରସୁଲ୍ ଅବତୀର୍ଣ୍ଣ କରିଛନ୍ତି । ଯେ ତୁମମାନଙ୍କୁ ଅଲ୍ଲାଃଙ୍କର ଏପରି ନିଦର୍ଶନମାନ (ପାଠକରି) ଶୁଣାନ୍ତି ଯାହା (ପ୍ରତ୍ୟେକ ପୁଣ୍ୟ ଓ ପାପକୁ) ପ୍ରକାଶିତ କରିଦିଏ; ଯାହା ଫଳରେ ଯେଉଁ ବିଶ୍ୱାସକାରୀମାନେ ନିଜ ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରନ୍ତି ସେମାନେ ଅନ୍ଧକାର ମଧ୍ୟରୁ ବାହାରି ଆଲୋକ ମଧ୍ୟକୁ ଆସିଯାଆନ୍ତି; (ତଲାକ-୧୧,୧୨)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଦରୁଦ ଶରିଫ୍‌ର ମହତ୍ୱ ଓ ବରକତ୍

***ଯେ କେହି ମୋ ପାଇଁ ସଲାମ ପ୍ରେରଣ କରିବେ, ତାହାର ଉତର ଦେବା ନିମନ୍ତେ ଅଲ୍ଲାଃତାଲା ମୋ ଆତ୍ମାକୁ ପୁନର୍ବାର ଫେରାଇଦେବେ ।***

*** ଅନ୍ ଅବି ହୁରେରା----ଅନ୍ନା ରସୁଲଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମା କାଲା ମାମିନ୍ ଅହଦୀନ୍ ୟୁସଲ୍ଲିମୁ ଆଲେୟା ଇଲ୍ଲା ରଦଲ୍ଲାହୁ ଆଲୈୟା ରୁହି ଅରୁଦ୍ଦୁ ଆଲୈହିସ୍ ସଲାମ୍ ।** (ଅବୁଦାଉଦ୍ କିତାବୁଲ୍ ମନାସିକ୍ ବାବ୍ ଜିଆରିତୁଲ୍ କୁବୁର୍)

ଅର୍ଥାତ୍-ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରିଛନ୍ତି କି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି ମୋ ପାଇଁ ସଲାମ ପ୍ରେରଣ କରିବେ ତାହାର ଉତର ଦେବା ନିମନ୍ତେ ଅଲ୍ଲାଃତାଲା ମୋ ଆତ୍ମାକୁ ପୁନଃ ଫେରାଇଦେବେ । ଯଦ୍ୱାର ମୁଁ ତାଙ୍କ ସଲାମର ଉତର ଦେଇପାରିବି (ଅର୍ଥାତ୍ ହଜୁର୍ ସ:ଆ:ସଙ୍କ ଉପରେ ସଲାମ ପ୍ରେରଣକାରୀଙ୍କର ଦରୁଦ୍‌ର ପ୍ରତିଫଳ ଓ ପୁଣ୍ୟ ଏପରି ମିଳିବ ଯେ ହଜୁର୍ ସ:ଆ:ସ ସ୍ୱୟଂ ଦରୁଦ୍‌ର ଉତର ଦେବେ)

## ଦରୁଦ କିଭଳି ପ୍ରେରଣ (ପାଠ) କରିବା

*** ଅନ୍ କାଆବ୍‌ବିନ୍ ଉଜ୍‌ରତା ର:ଅ କାଲା: ଖରଜା ଆଲୈନନ୍ ନବିଓ---- ଇନ୍ନକା ହାମିଦୁମ୍ ମଜିଦ୍** (ମୁସ୍‌ଲିମ୍ କିତାବୁସ୍ ସଲାତ୍ ବାବ୍ ସଲାତ୍ ଅଲନ୍ ନବୀ, ବୁଖାରି ।

ଅର୍ଥାତ୍-ହଜ୍‌ରତ୍ କାଆବ୍ ର:ଅ ବର୍ଣ୍ଣନା କରିଛନ୍ତି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଯେତେବେଳେ ଆମ ନିକଟକୁ ଆସିଲେ ଆମେ ତାଙ୍କୁ ପଚାରିଲୁ ହେ ଅଲ୍ଲାଃଙ୍କର ରସୁଲ ! ଆମକୁ ତ ଏହା ଜଣା ଅଛି ଯେ, ଆପଣଙ୍କ ନିମନ୍ତେ ସଲାମ କିପରି ପ୍ରେରଣ କରାଯିବ । କିନ୍ତୁ ଏହା ଜଣା ନାହିଁ ଯେ ଦରୁଦ୍ କିଭଳି ପାଠ କରାଯିବ । ହଜୁର୍ ସ:ଆ:ସ ଉତର ଦେଲେ ତୁମେମାନେ ଏଭଳି ଦରୁଦ୍ ପାଠ କର । *ହେ ଆମ୍ଭର ଅଲ୍ଲାଃ ! ତୁମେ ମୁହମ୍ମଦ୍ ଓ ମୁହମ୍ମଦଙ୍କ ବଂଶଧର ଉପରେ ଦରୁଦ୍ ପ୍ରେରଣ କର । ଯେଭଳି ତୁମେ ଇବ୍ରାହିମ୍‌ଙ୍କ ବଂଶଧର ପାଇଁ ଦରୁଦ୍ ପ୍ରେରଣ କରିଛ । ହେ ଆମ୍ଭର ଅଲ୍ଲାଃ ! ତୁମେ ମୁହମ୍ମଦ ଓ ମୁହମ୍ମଦଙ୍କ ବଂଶଧରଙ୍କୁ ବରକତ୍ ପ୍ରଦାନ କର । ଯେଉଁଭଳି ତୁମେ ଇବ୍ରାହିମ୍‌ଙ୍କ ବଂଶଧରଙ୍କୁ ବରକତ୍ ପ୍ରଦାନ କରିଅଛ । ତୁମେ ହିଁ ସକଳ ଓ ପ୍ରଶଂସା ଓ ସମ୍ମାନର ଅଧିକାରୀ ।*

***ଯେତେବେଳେ ତୁମମାନଙ୍କ ମଧ୍ୟରୁ କେହି ନମାଜରେ ଦୁଆ (ପ୍ରାର୍ଥନା) କରେ ସେତେବେଳେ ସେ ସର୍ବପ୍ରଥମେ ନିଜ ପାଳନକର୍ତାର ପ୍ରଶଂସା କରିବା ଉଚିତ୍ । ତା ପରେ ହଜୁର୍ ସ:ଆ:ସଙ୍କ ନିମନ୍ତେ ଦରୁଦ୍ ପ୍ରେରଣ କରିବା ଉଚିତ୍ ।***

*** ଅନ୍ ଫଜାଲତା ବିନ୍ ଉବେଦ୍----କାଲା: ସମିୟା ରସୁଲଲ୍ଲାହେ ସ୍ୱଲଲ୍ଲାହୁ ଆଲୈହେ ୱ ସଲମା ରଜୁଲନ୍ ୟଦ୍‌ଉ ଫି ସଲାତିହି----ସୁମ୍ମା ୟଦ୍‌ଉ ବାଦୁ ବିମାଶାଆ ।** (ଅବୁଦାଉଦ୍ କିତାବୁସଲାତ୍ ବାବୁଦ୍ ଦୁଆ)

ଅର୍ଥାତ୍-ହଜ୍‌ରତ୍ ଫଜାଲା ର:ଅ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଥରେ ଜଣେ ବ୍ୟକ୍ତିଙ୍କୁ ନମାଜରେ ଦୁଆ କରୁଥିବାର ଶୁଣିଲେ । ଯେଉଁଥିରେ ନା ସେ ଅଲ୍ଲାଃଙ୍କ ପ୍ରଶଂସା କଲେ ନା ଗୁଣଗାନ କଲେ ଓ ନା ହଜୁର୍ ସ:ଆ:ସଙ୍କ ନିମନ୍ତେ ଦରୁଦ୍ ପ୍ରେରଣ କଲେ । ଏଥିରେ ଆପଣ ସ:ଆ:ସ କହିଲେ ଉକ୍ତ ବ୍ୟକ୍ତି ଜଣକ (ଦୁଆ କରିବାରେ) ଚଂଚଳତା ଅବଲମ୍ବନ କରିଛନ୍ତି ଏବଂ ସଠିକ୍ ରୂପେ ଦୁଆ କଲେ ନାହିଁ । ଆପଣ ତାଙ୍କୁ ଡାକିଲେ ଓ କହିଲେ ଯେତେବେଳେ ତୁମମାନଙ୍କ ମଧ୍ୟରୁ କେହି ନମାଜରେ ଦୁଆ କରିବା ଆରମ୍ଭ କରିବେ ସେତେବେଳେ ସର୍ବପ୍ରଥମେ ଅଲ୍ଲାଃଙ୍କ ଗୁଣଗାନ ଓ ପ୍ରଶଂସା କରିବା ଉଚିତ୍ । ତା ପରେ ମୋ ଉପରେ ଦରୁଦ୍ ପ୍ରେରଣ କରିବା ଅନ୍ତେ ନିଜ ଇଚ୍ଛା ମୁତାବକ ଦୁଆ କରିବା ଉଚିତ୍ ।

***ଅଲ୍ଲାଃତାଲା ସଦାସର୍ବଦା ପାଇଁ ଏ ଆଦେଶ ଦେଲେ ଯେ ଆସନ୍ତାରେ ଲୋକମାନେ କୃତଜ୍ଞତା ଜ୍ଞାପନ ପୂର୍ବକ ଦରୁଦ୍ ପ୍ରେରଣ (ପାଠ) କରିବେ ।***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଆମ ପ୍ରିୟ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର ସତ୍ୟବାଦିତା ଓ ବିଶ୍ୱସ୍ତତା ଦେଖନ୍ତୁ ଯେ ସମସ୍ତ ପ୍ରକାରର ଅକଥନୀୟ ପ୍ରଚଳନର ମୁକାବିଲା କଲେ । ବିଭିନ୍ନ ପ୍ରକାର ଦୁଃଖ କଷ୍ଟ ଓ ଅସୁବିଧାକୁ ବରଦାସ୍ତ କଲେ । କିନ୍ତୁ ଆପଣ ସେଗୁଡିକର ଖାତିର କଲେ ନାହିଁ । ଏହି ସତ୍ୟତା ଓ ବିଶ୍ୱସ୍ତତା ଥିଲା ଯାହାର ଫଳ ସ୍ୱରୂପ ଅଲ୍ଲାଃତାଲା କୃପା ବର୍ଷଣ କଲେ । ସେଇଥିପାଇଁ ତ ଅଲ୍ଲାଃତାଲା କହୁଛନ୍ତି: **ଇନ୍ନଲ୍ଲାହା ୱ ମଲାଇକତହୁ ୟୁସଲ୍ଲୁନା ଅଲନ୍‌ନବୀୟି ୟା ଅୟୋହଲ୍ଲ୍‌ଜିନା ଆମନୁ ସଲ୍ଲୁ ଆଲେହେ ୱ ସଲିମୁ ତସ୍‌ଲିମା ।** (ଅଲ୍‌ଅହଜାବ୍-୫୭)

ଅର୍ଥାତ୍-ଅଲ୍ଲାଃ ଓ ତାଙ୍କର ସମସ୍ତ ଦେବଦୂତ ବାସ୍ତବରେ ଏହି ନବୀଙ୍କ ପ୍ରତି ଦରୁଦ୍ ପ୍ରାର୍ଥନା କରୁଛନ୍ତି । ସୁତରାଂ ହେ ବିଶ୍ୱାସକାରୀମାନେ ! ତୁମେ ମଧ୍ୟ ଏହି ନବୀଙ୍କ ପ୍ରତି ଦରୁଦ୍ ପାଠ କର ।

ଏହି ଆୟତରୁ ସ୍ପଷ୍ଟ ହେଉଛି ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କର ଅମଲ ଏପରି ଥିଲା ଯେ ଅଲ୍ଲାଃତାଙ୍କର ପ୍ରଶଂସା ଓ ଗୁଣଗାନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଧାର୍ଯ୍ୟ କଲେ ନାହିଁ । ଯଦିଚ ଶବ୍ଦ ମିଳିଯାଇପାରିଥାନ୍ତା କିନ୍ତୁ ତଥାପି ସେ ବ୍ୟବହାର କଲେନାହିଁ । ଯେମିତି ଆପଣଙ୍କର ଉତମ କର୍ମର ପ୍ରଶଂସା କରିବା ସୀମା ବାହାରେ ଥିଲା । ଏଭଳି ଆୟତ ଅଲ୍ଲାତାଲା ଅନ୍ୟ କୌଣସି ନବୀଙ୍କ ସଂକ୍ରାନ୍ତରେ ବ୍ୟବହାର କଲେ ନାହିଁ । ଆପଣଙ୍କ ଆତ୍ମାରେ ସେହି ସତ୍ୟତା ଓ ବିଶ୍ୱସ୍ତତା ଥିଲା ଓ ଆପଣଙ୍କ ଅମଲ ଅଲ୍ଲାଃଙ୍କୁ ଏପରି ପସନ୍ଦ ଥିଲା ଯେ ଅଲ୍ଲାଃ ସଦା ସର୍ବଦା ପାଇଁ ଏହି ଆଦେଶ ଦେଲେ ଯେ ଆସନ୍ତାରେ ଲୋକେ କୃତଜ୍ଞତା ଜ୍ଞାପନ ପୂର୍ବକ ଦରୁଦ୍ ପାଠ କରିବେ ।(ମଲ୍‌ଫୁଜାତ୍ ଖଣ୍ଡ-୧ ,ପୃଷ୍ଠା-୨୩)

***ଅଲ୍ଲାଃଙ୍କ ଜ୍ୟୋତିର ଅନୁଗ୍ରହ ଲାଭ କରିବା ପାଇଁ ରସୁଲ୍ ସ:ଆ:ସଙ୍କ ବଂଶଧରକୁ ପ୍ରେମ କରିବା ବିଶେଷ ଦଖଲ ରହିଛି***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ଥରେ ରାତିରେ ଏ ଅଧମ ବିନମ୍ରତାର ସହିତ ଅସଂଖ୍ୟ ଦରୁଦ୍ ପାଠ କଲା ଯେ ଏଥିରେ ହୃଦୟ ଓ ମନ ପୁଲ୍ଲକିତ ହୋଇଗଲା । ସେହି ରାତିରେ ମୁଁ ସ୍ୱପ୍ନରେ ଦେଖିଲି ସ୍ୱଚ୍ଛ ଜଳ ରୂପରେ (ଦେବଦୂତ) ଦିବ୍ୟାଲୋକର ମାଠିଆ ଧରି ଏ ଅଧମର ଘରକୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କହିଲେ ଏହା ହେଉଛି ତାହାର ବରକତ୍ ଯାହା ତୁମେ ହଜୁର୍ ସ:ଆ:ସ ଙ୍କ ପାଇଁ ଦରୁଦ୍ ପ୍ରେରଣ କରିଥିଲ । ଏହିପରି ଆଉ ଏକ ଆଶ୍ଚର୍ଯ୍ୟ ଚକିତ କଥା ମନେ ପଡ଼ିଲା । ଥରେ ଦିବ୍ୟବାଣୀ ହେଲା ଯେ ଅଲ୍ଲାଃତାଲା ଇସଲାମ୍ ଧର୍ମର ପୁନର୍ଜୀବିତ ନିମନ୍ତେ ଉତ୍ସାହିତ ଅଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଅଲ୍ଲାଃ ଉକ୍ତ କାର୍ଯ୍ୟ ସମ୍ପାଦନକାରୀକୁ ମନୋନିତ କରିନାହାଁନ୍ତି । ତେଣୁ ସେମାନେ ଏକମତ ନାହାଁନ୍ତି । ଏହି ସମୟରେ ଏ ଅଧମ ସ୍ୱପ୍ନରେ ଦେଖିଲା ଯେ ଲୋକମାନେ ଜଣେ ଜୀବନ ପ୍ରଦାନକାରୀଙ୍କୁ ଖୋଜୁଛନ୍ତି । ଜଣେ ଏ ଅଧମ ନିକଟକୁ ଆସି ଇସାରା କରି କହିଲେ **ହାଜା ରଜୁଲୁନ୍ ୟୁହିବ୍‌ବୁ ରସୁଲଲ୍ଲାହେ** ଅର୍ଥାତ୍- ଏ ହେଉଛନ୍ତି ସେ ବ୍ୟକ୍ତି ଯିଏ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ (ଅତ୍ୟଧିକ) ପ୍ରେମ କରୁଛନ୍ତି । ଏପରି କହିବାର ତାତ୍ପର୍ଯ୍ୟ ଏହି ସ୍ତର ପ୍ରାପ୍ତି ନିମନ୍ତେ ସର୍ବୋତ୍କୃଷ୍ଟ ସର୍ତ ରସୁଲ୍ ସ:ଆ:ସଙ୍କ ସହିତ ପ୍ରେମ କରିବା ଏବଂ ତାହା ଏହି ବ୍ୟକ୍ତିଙ୍କ ମଧ୍ୟରେ ସର୍ବାଧିକ ରହିଛି । ଉକ୍ତ ଐଶ୍ୱରୀକା ବାଣୀରେ ମଧ୍ୟ ରସୁଲ୍ ସ:ଆ:ସଙ୍କ ବଂଶଧରଙ୍କ ନିମନ୍ତେ ଦରୁଦ୍ ପାଠ କରିବାର ନିର୍ଦ୍ଦେଶ ରହିଛି । ଅତଏବ ଏଥିରେ ମଧ୍ୟ ଏହି ରହସ୍ୟ ନିହିତ ଅଛି କି ଅଲ୍ଲାଃଙ୍କ ଜ୍ୟୋତିର ଅନୁଗ୍ରହ ଲାଭ କରିବା ପାଇଁ ରସୁଲ୍ ସ:ଆ:ସଙ୍କ ବଂଶଧରକୁ ପ୍ରେମ କରିବା ବିଶେଷ ଦଖଲ ରହିଛି (ଅନିର୍ବାର୍ଯ୍ୟ) । ଏବଂ ଯେ ହଜୁର୍ ସ:ଆ:ସଙ୍କ ନିକଟବର୍ତୀ ହୋଇଥାଏ ସେ ଉକ୍ତ ଅନୁଗାମୀ ଓ ପବିତ୍ର ବ୍ୟକ୍ତିତ୍ୱଙ୍କର ଉତରାଧିକାରୀ ହୋଇଥାଏ ଏବଂ ସବୁ ପ୍ରକାର ଜ୍ଞାନ ଓ ଦକ୍ଷତାରେ ସେମାନଙ୍କର ଉତରାଧିକାରୀ ହୋଇଥାଏ ।

(ବରାହିନେ ଅହେମଦୀୟା, ପୃଷ୍ଠା-୫୭୬ ହାସିଆ ଦରହାସିଆ ନଂ-୩)

# ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଶ୍ରେଷ୍ଠ ଓ ଉଚ୍ଚତମ ସ୍ତର/ଯଶ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କଥନ

## ସଦାସର୍ବଦା ପାଇଁ ଅଧ୍ୟାତ୍ମିକ ସ୍ତରରେ ଜିବୀତ, ପ୍ରତାପ ଓ ପବିତ୍ରତାର ଆସ୍ଥାନରେ ବିରାଜମାନ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଟନ୍ତି ।

ହେ ସମସ୍ତ ଲୋକମାନେ! ଯେ ଭୂପୃଷ୍ଠରେ ବସବାସ କରୁଅଛ ଏବଂ ହେ ସମସ୍ତ ମନୁଷ୍ୟର ଆତ୍ମାମାନେ! ଯେ ପୂର୍ବ ଓ ପଶ୍ଚିମରେ ବସବାସ କରୁଅଛ ମୁଁ ପୂର୍ଣ୍ଣ ପ୍ରୟାସର ସହ ତୁମମାନଙ୍କୁ ଏଥିପ୍ରତି ନିମନ୍ତ୍ରଣ କରୁଅଛି ଯେ ବର୍ତ୍ତମାନ ଭୂପୃଷ୍ଠରେ ସତ୍‌ଧର୍ମ କେବଳ ଇସ୍‌ଲାମ ଅଟେ ଏବଂ ପ୍ରକୃତ ଅଲ୍ଲାଃ ସେ ଅଟନ୍ତି ଯାହାଙ୍କ ବିଷୟରେ କୋରାନ୍ ବର୍ଣ୍ଣନା କରିଛି । ସଦାସର୍ବଦା ପାଇଁ ଆଧ୍ୟାତ୍ମିକ ସ୍ତରରେ ଜୀବନ୍ତ ନବୀ ପବିତ୍ର ଓ ପ୍ରତାପ ଆସନରେ ବିରାଜିତ ନବୀ କେବଳ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅଟନ୍ତି । ଯାହାଙ୍କ ଆଧ୍ୟାତ୍ମିକ ଜୀବନ, ପବିତ୍ର ପ୍ରତାପର ପ୍ରମାଣ ଆମକୁ ମିଳିସାରିଛି । ତାଙ୍କର ଅନୁସରଣ ଓ ତାଙ୍କୁ ପ୍ରେମ କରିବା ଦ୍ୱାରା ପବିତ୍ର ଆତ୍ମା, ଅଲ୍ଲାଃଙ୍କ ସହ ବାର୍ତ୍ତାଳାପ ଓ ଐଶ୍ୱରିକ ପୁରସ୍କାର ଲାଭ କରିପାରିବା । (ତରିୟାକୁଲ୍ କୁଲୁବ୍ ପୃଷ୍ଠା-୧୧)

## ପବିତ୍ର ଓ ପୂର୍ଣ୍ଣ ଏକେଶ୍ୱରବାଦ କେବଳ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଜରିଆରେ ମିଳିପାରିବ

ମୁଁ ସର୍ବଦା ଆଶ୍ଚର୍ଯ୍ୟ ଚକିତ ଯେ ଏହି ଆରବୀ ନବୀ ଯାହାଙ୍କ ନାମ ମୁହମ୍ମଦ୍ ଅଟେ (ତାଙ୍କ ପାଇଁ ହଜାର୍ ହଜାର୍ ସଲାମ୍ ଓ ଦରୁଦ୍) କିଭଳି ଉଚ୍ଚସ୍ତରର ନବୀ ଅଟନ୍ତି ଯାହାଙ୍କ ଉଚ୍ଚ ସ୍ତରର ସୀମା ଆକଳନ କରିହେଉନାହିଁ ଏବଂ ଯାହାଙ୍କ ପବିତ୍ର ପ୍ରଭାବର ଅନୁମାନ ଲଗାଇବା ମନୁଷ୍ୟ ସାମର୍ଥ୍ୟ ବାହାରେ । କିନ୍ତୁ ଦୁଃଖର କଥା ଯେଭଳି ତାଙ୍କୁ ଚିହ୍ନିବାର କଥା ଲୋକେ ତାଙ୍କୁ ଚିହ୍ନିପାରିଲେ ନାହିଁ । ଏକେଶ୍ୱରବାଦ ଯାହା କି ସଂସାରରୁ ଉଠିଯାଇଥିଲା ସେ ହିଁ ଏକମାତ୍ର ବଳବାନ୍ ଥିଲେ ଯିଏ ପୁନର୍ବାର ସଂସାରକୁ ଫେରାଇ ଆଣିଲେ । ସେ ଅଲ୍ଲାଃଙ୍କ ସହିତ ଅତ୍ୟଧିକ ପ୍ରେମ କରୁଥିଲେ ଏବଂ ଲୋକମାନଙ୍କର ସେବାରେ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ ଥିଲା । ତାଙ୍କ ହୃଦୟ ଭାବନା ସହିତ ଅଲ୍ଲାଃ ଅବଗତ ଥିଲେ । ତେଣୁ ସେ ତାଙ୍କୁ ସମସ୍ତ ଅବତାର, ପୂର୍ବ ପର ଆଦିଙ୍କ ମଧ୍ୟରେ ଶ୍ରେଷ୍ଠତମ ଆସନ ପ୍ରଦାନ କଲେ ଏବଂ ତାଙ୍କ ଜୀବଦଶାରେ ହିଁ ତାଙ୍କର ଆଶା ଓ ଅଭିଳାଷକୁ ପୁରଣ କରିଦେଲେ । ସେ ହି ସମସ୍ତ କୃପାର ଉତ୍ସ । ଅତଏବ ଯିଏ ତାଙ୍କ ଅନୁଗ୍ରହକୁ ସ୍ୱୀକାର ନ କରି କୌଣସି ପ୍ରକାର ଉପାଧି ପ୍ରାପ୍ତ କରିବାର ଘୋଷଣା କରିଥାଏ ସେ ମଣିଷ ନୁହେଁ ବରଂ ସଇତାନ୍‌ର ସନ୍ତାନ ଅଟେ । କାରଣ ସମସ୍ତ ପ୍ରକାର ଉପାଧି ହାସଲ କରିବାର ଚାବିକାଠି ଏହି ନବୀ ସ:ଆ:ସ ଙ୍କୁ ପ୍ରଦାନ କରାଯାଇଛି ଏବଂ ସମସ୍ତ ପ୍ରକାର ଜ୍ଞାନର ଗନ୍ତାଘର ତାଙ୍କୁ ପ୍ରଦାନ କରାଯାଇଛି । ଯେ ତାଙ୍କ ମାଧ୍ୟମରେ ପ୍ରାପ୍ତ କରିନଥାଏ ସେ ସଦସର୍ବଦା ପାଇଁ ବଂଚିତ ରହିଥାଏ । ଆମେ କି ପଦାର୍ଥ ଓ ଆମର ଅସ୍ତିତ୍ୱ କଣ? ଆମେ ନର୍କଗାମୀ ହେବୁ ଯଦି ଏକଥା ସ୍ୱୀକାର ନକରୁ ଯେ ପ୍ରକୃତ ଏକେଶ୍ୱରବାଦ କେବଳ ଆମେ ଏହି ନବୀଙ୍କ ମାଧ୍ୟମରେ ପ୍ରାପ୍ତ କରିଛୁ । ଏବଂ ଜୀବନ୍ତ ଅଲ୍ଲାଃଙ୍କୁ ଆମେ ଏହି ପୂର୍ଣ୍ଣ ନବୀଙ୍କ ଜରିଆରେ ଏବଂ ତାଙ୍କ ଜ୍ୟୋତି ଦ୍ୱାରା ଚିହ୍ନି ପାରିଛୁ ଓ ଅଲ୍ଲାଃଙ୍କ ସହ ବାର୍ତ୍ତାଳାପ ଓ ତାଙ୍କ ଚେହେରା ଦେଖିବାର ସୌଭାଗ୍ୟ ମଧ୍ୟ ଏହି ସମ୍ମାନୀୟ ନବୀଙ୍କ ଦ୍ୱାରା ପ୍ରାପ୍ତ ହେଲା । ଏହି ପଥପ୍ରଦର୍ଶନକାରୀଙ୍କ କିରଣ ସୂର୍ଯ୍ୟାଲୋକପରି ଆମ ଉପରେ ପଡ଼ିଲା ଏବଂ ଆମେ ସେ ପର୍ଯ୍ୟନ୍ତ ଆଲୋକିତ ହୋଇପାରିବା ଯେପର୍ଯ୍ୟନ୍ତ ଆମେ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଥିବା । (ହକିକତୁଲ୍ ଓ୍ୱହି, ପୃଷ୍ଠା-୧୧୫-୧୧୮, ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୧୧୮)

*ଆମ୍ଭ ନବୀ ହଜ୍‌ରତ୍ ସ:ଆ:ସ ପ୍ରତାପ ଓ ସୌନ୍ଦର୍ଯ୍ୟ (ନମ୍ର) ଉଭୟର ଗନ୍ତାଘର ଥିଲେ*

ଆମ୍ଭର ପ୍ରିୟ ନବୀ ହଜ୍‌ରତ୍ ସ:ଆ:ସଙ୍କ ମକ୍କା ଜୀବନୀ ନମ୍ରତାପୂର୍ଣ୍ଣ ଓ ମଦିନାରେ ପ୍ରତାପୀ ଥିଲା । ପୁଣି ଉଭୟ ଗୁଣ ଇସ୍‌ଲାମ୍ ନିମନ୍ତେ ଏଭଳି ବିଭାଜିତ ହେଲା କି ସାହାବାଙ୍କୁ ପ୍ରତାପୀ ଜୀବନ ପ୍ରଦାନ କରାଗଲା ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆପଣଙ୍କ ନମ୍ରତାର ଦୃଷ୍ଟାନ୍ତ ଥିଲେ । (ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୩)

*** ପବିତ୍ର ଓ ଜ୍ଞାନରୂପକ ରସାତ୍ମକର ଶ୍ରେଷ୍ଠତମ ଶିକ୍ଷାଦାତା ଥିଲେ-**

ମୋତେ ଶିକ୍ଷା ଦିଆଯାଇଛି ଯେ ସମସ୍ତ ଧର୍ମ ମଧ୍ୟରେ ଇସ୍‌ଲାମ୍ ସତ୍ୟ ଅଟେ ଏବଂ ସମସ୍ତ ଶିକ୍ଷା ମଧ୍ୟରେ କେବଳ ପବିତ୍ର କୋରାନ୍‌ର ଶିକ୍ଷା ସମ୍ପୂର୍ଣ୍ଣ ମଣିଷର ମନଗଢ଼ା ଠାରୁ ପବିତ୍ର ଅଟେ । ମୋତେ ବୁଝାଇଛନ୍ତି ଯେ ସମସ୍ତ ଅବତାରଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଶିକ୍ଷା ଓ ଶ୍ରେଷ୍ଠ ଓ ରହସ୍ୟମୟ ଶିକ୍ଷାଦାତା ଏବଂ ନିଜର ନମୁନା ପ୍ରଦର୍ଶନକାରୀ କେବଳ ଆମ୍ଭର ପ୍ରିୟ ସର୍ଦାର ହଜ୍‌ରତ୍ ମହମ୍ମଦ ସ:ଆ:ସ ଅଟନ୍ତି ।

(ଅର୍‌ବଇନ୍, ଖଣ୍ଡ-୧, ପୃଷ୍ଠା-୭-୮)

*** ସ୍ୱଚ୍ଛ ହୃଦୟରେ ହଜରତ୍ ମହମ୍ମଦ ସ:ଆ:ସଙ୍କର ଅନୁସରଣ କରିବାକୁ ମଣିଷକୁ ଅଲ୍ଲାଃଙ୍କର ପ୍ରିୟପାତ୍ର କରିଥାଏ ।**

ଅଲ୍ଲାଃତାଲାଙ୍କର କାହାରିକୁ ଭଲପାଇବା ନିମନ୍ତେ ଏହି ସର୍ତ୍ତ ରଖିଛନ୍ତି କି ଉକ୍ତ ବ୍ୟକ୍ତି ହଜ୍‌ରତ୍ ମହମ୍ମଦ ସ:ଆ:ସ ଙ୍କର ଅନୁଗାମୀ ହେବା ଅନିର୍ବାର୍ଯ୍ୟ । ଅତଏବ ମୋର ବ୍ୟକ୍ତିଗତ ଅଭିଜ୍ଞତା ଏହା ଯେ ସ୍ୱଚ୍ଛ ହୃଦୟର ସହ ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କୁ ଭଲପାଇବା ଓ ଆପଣଙ୍କର ଅନୁସରଣ କରିବା ମଣିଷକୁ ଅଲ୍ଲାଃଙ୍କର ପ୍ରିୟପାତ୍ର କରିଥାଏ । ତାହା ଏପରିକି ତାହାର ହୃଦୟରେ ଅଲ୍ଲାଃଙ୍କୁ ଭଲପାଇବାର ଏକପ୍ରକାର ଉଦ୍ଦିପନା ଜାଗ୍ରତ ହୋଇଥାଏ । ସେତେବେଳେ ସେ ସମସ୍ତ ଜିନିଷ ପ୍ରତି ଅନିଚ୍ଛା ପ୍ରକାଶ କରି କେବଳ ଅଲ୍ଲାଃଙ୍କ ପ୍ରତି ନଇପଡ଼େ ଏବଂ ତାହାର ପ୍ରେମ ଓ ଆଗ୍ରହ କେବଳ ଅଲ୍ଲାଃ ମଧ୍ୟରେ ବାକି ରହିଯାଇଥାଏ । ସେତେବେଳେ ଅଲ୍ଲାଃଙ୍କ ପ୍ରେମର ଛାଇ ତା ଉପରେ ପଡ଼ିଥାଏ ଏବଂ ତାହାକୁ ଏକ ପୂର୍ଣ୍ଣ ରଙ୍ଗ ପ୍ରେମ ଓ ଭଲ ପାଇବାର ପ୍ରଦାନ କରି ସେ ପୂର୍ଣ୍ଣ ଶକ୍ତିର ସହ ନିଜ ଆଡ଼କୁ ଆକର୍ଷିତ କରିଥାନ୍ତି । ସେତେବେଳେ ସେ ମନର ଉଗ୍ର ରୂପ ଉପରେ ବିଜୟପ୍ରାପ୍ତ କରିଥାଏ । ଅଲ୍ଲାଃଙ୍କ ସାହାଯ୍ୟ, ସୁହାନୁଭୁତିର ବିଭିନ୍ନ ନିଦର୍ଶନ ତାହା ମାଧ୍ୟମରେ ପ୍ରକାଶିତ ହୋଇଥାଏ । (ହକିକତୁଲ୍ ଓ୍ୱହି, ପୃଷ୍ଠା-୬୬)

## ଏହି ନିର୍ବାଚିତ ସର୍ବଶ୍ରେଷ୍ଠ ନବୀ ଚୀରକାଳ ପାଇଁ ଜୀବିତ ରହିବେ

ମାନବଜାତି ନିମନ୍ତେ ଭୂପୃଷ୍ଠରେ ବର୍ତ୍ତମାନ କୌଣସି ପୁସ୍ତକ ନାହିଁ କିନ୍ତୁ ପବିତ୍ର କୋରାନ୍ ଏବଂ ଆଦମ୍‌ର ସମସ୍ତ ସନ୍ତାନ ନିମନ୍ତେ ବର୍ତ୍ତମାନ କୌଣସି ରସୁଲ୍ ଓ କ୍ଷମା ପ୍ରାର୍ଥନାକାରୀ ନାହିଁ କିନ୍ତୁ ହଜ୍‌ରତ୍ ମହମ୍ମଦ ସ:ଆ:ସ ସୁତରାଂ ତୁମେ ଚେଷ୍ଟା କର କି ପ୍ରକୃତ ପ୍ରେମ ଏହି ପ୍ରତାପୀ ନବୀଙ୍କ ସହ ସ୍ଥାପନ କରିବାକୁ ତାହା ବ୍ୟତୀତ ଅନ୍ୟ କାହାରିକୁ ଏପରି ମର୍ଯ୍ୟାଦା ଦିଅ ନାହିଁ ତେବେ ଯାଇ ତୁମେ ଆକାଶ ତଳେ ମୋକ୍ଷ ପ୍ରାପ୍ତକାରୀ ରୂପେ ଲେଖାଯିବ । ମନେରଖ ମୋକ୍ଷ ତାହା ନୁହେଁ ଯାହାକି ମରିବା ଅନ୍ତେ ମିଳିଥାଏ ବରଂ ପ୍ରକୃତ ମୋକ୍ଷ ପ୍ରାପ୍ତକାରୀ ସେ ଯେ ଏହି ସଂସାରରେ ନିଜର ପ୍ରକାଶ୍ୟ ଦେଖାଇଥାଏ । ମୋକ୍ଷ ପ୍ରାପ୍ତକାରୀ କିଏ? ସେ ଯେ ବିଶ୍ୱାସ ରଖିଥାଏ କି ଅଲ୍ଲାଃ ହିଁ ସତ୍ୟ ଏବଂ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଅଲ୍ଲାଃ ଓ ତାହା ମଧ୍ୟରେ ଏକମାତ୍ର କ୍ଷମା ପ୍ରାର୍ଥନାକାରୀ । ଆକାଶ ତଳେ ନା ତାଙ୍କ ସମତୁଲ୍ୟ କୌଣସି ଅବତାର ଅଛନ୍ତି ନା ପବିତ୍ର କୋରାନ୍ ସମତୁଲ୍ୟ କୌଣସି ପୁସ୍ତକ ଅଛି ଏବଂ କାହାପାଇଁ ଅଲ୍ଲାଃ ପସନ୍ଦ କଲେ ନାହିଁ ଯେ ସେ ଚିରକାଳ ପାଇଁ ଜୀବିତ ରହିବେ । କିନ୍ତୁ ଏହି ନିର୍ବାଚିତ ସର୍ବଶ୍ରେଷ୍ଠ ନବୀ ଚୀରକାଳ ପାଇଁ ଜୀବିତ ରହିବେ ।

(କଶ୍‌ତିନୁହ୍, ପୃଷ୍ଠା-୧୩)

ଯଦି ଆମେ ଅଲ୍ଲାଃଙ୍କ ସାନିଧ ଲାଭ କରିବାର ଅଭିଳାଷି, ଅଲ୍ଲାଃ ଆମ୍ଭ ଦୁଆ ସ୍ୱୀକାର କରନ୍ତୁ ଓ ଅଲ୍ଲାଙ୍କ ପ୍ରେମ ଆମ୍ଭମାନଙ୍କ ହୃଦୟରେ ଉତ୍ପନ୍ନ ହେଉ ତେବେ ସେଥିପାଇଁ ଅଲ୍ଲାଃତାଲା ଆମ୍ଭମାନଙ୍କ ପାଇଁ ଏକ ନିୟମ ଧାର୍ଯ୍ୟ କରିଛନ୍ତି କି ତୁମେ ସେ ସବୁର ଅଧିକାରୀ ସେତେବେଳେ ହେବ ଯେତେବେଳେ ତୁମେ ରସୁଲ୍ ସ:ଆ:ସଙ୍କର ମାର୍ଗ ଅନୁସରଣ କରିବ ଏବଂ ଆପଣଙ୍କ କାର୍ଯ୍ୟକାଳପକୁ ଦେଖିବ, ବୁଝିବ ଓ ତଦନୁଯାୟୀ ଅମଳ କରିବ । ଦେଖ ଅଲ୍ଲାଃଙ୍କର ଆମ୍ଭ ଉପରେ କିଭଳି ଦୟା ଯେ ସେ ସାହାବାଙ୍କ ମାଧ୍ୟମରେ ହଜୁର୍ ସ:ଆ:ସଙ୍କର ସମସ୍ତ କଥା ପହଁଚାଇଦେଲେ ଯେପରି ହଜୁର୍ ଅମଳ କରୁଥିଲେ । ଏକଥା ମଧ ବୁଝିବା ଆବଶ୍ୟକ କି ହଜ୍‌ରତ୍ ମହମ୍ମଦ ସ:ଆ:ସ ସେ ସମସ୍ତ କାର୍ଯ୍ୟ କରୁଥିଲେ ଓ କହୁଥିଲେ ଯାହାକି ପବିତ୍ର କୋରାନ୍‌ରେ ଦରଜ ଅଛି ।

## ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ପବିତ୍ର ଜୀବନୀ

### ଏକେଶ୍ୱରବାଦର ପ୍ରତିଷ୍ଠା, ଉପାସନା, ମୃତ୍ୟୁ, ବିଶ୍ୱସ୍ତ, ନମ୍ର, ବଦାନ୍ୟତା, କୃତଜ୍ଞତା, ଶିକ୍ଷା, ଚରିତ୍ର ଗଠନ, ପିଲାମାନଙ୍କ ତରବିୟତ, ପଡ଼ୋଶୀଙ୍କ ସହ ଉତମ ବ୍ୟବହାର ଆଦି ସମ୍ବନ୍ଧରେ ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା, ଏହି ପରିପ୍ରେକ୍ଷୀରେ ଜମାଅତ୍‌ର ସଦସ୍ୟମାନଙ୍କୁ ହଜୁର୍ ସ:ଆ:ସ ଉତମ ଚରିତ୍ର ଆପଣାଇବାକୁ ନିର୍ଦ୍ଦେଶ ।

### ଅଲ୍ଲାଃ କରନ୍ତୁ କି ଆମେ କଥାରେ ନୁହେଁ ବରଂ ହଜୁର୍ ସ:ଆ:ସଙ୍କ ଜୀବନ ଚରତକୁ ଅନୁସରଣ କରି ନିଜର ଦୋଷ ମାର୍ଜନ କରିନେଉ ।

### ୨୮ଡିସେମ୍ବର ୨୦୧୬ ଦିନ କାଦିଆନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ଧର୍ମ ସମ୍ମିଳନୀ ଅବସରରେ ହଜୁର୍ ଅନୁଓ୍ୱର ଅ:ବ:ଅ ଙ୍କ ଏମ୍.ଟି.ଏ ମାଧ୍ୟମରେ ସିଧାସଳଖ ସନ୍ଦେଶ ପ୍ରଦାନ:-

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

**କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁନଲ୍ଲାହା ଫତ୍ତବିଉନି ୟୁହ୍‌ବିବ୍‌କୁମୁଲ୍ଲାହୁ ୱ ୟଗଫିର୍ ଲକୁମ୍ ଜୁନୁବକୁମ ୱଲ୍ଲାହୁ ଗଫୁରୁର୍ ରହିମ୍** (ଆଲେ ଇମରାନ୍:୩୨)

ତଶହୁଦ, ତଉଜ ଓ ସୁରେ ଫାତିହା ପାଠ କରିବା ପରେ ହଜୁର୍ ଅନୁଓ୍ୱର ଅ:ବ:ଅ ସୁରେ ଆଲେ ଇମାନ୍‌ର ଆୟତ ନଂ-୩୨ ପାଠ କଲେ ଅର୍ଥାତ୍ ତୁମେ କୁହ ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭକୁ ଅନୁସରଣ କର । ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କ ଦୋଷ କ୍ଷମା କରିବେ । ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

ଯଦି ଆମେ ଅଲ୍ଲାଃଙ୍କ ସାନିଧ ଲାଭ କରିବାର ଅଭିଳାଷି ଓ ଅଲ୍ଲାଃ ଆମ୍ଭ ଦୁଆ ସ୍ୱୀକାର କରନ୍ତୁ, ଅଲ୍ଲାଃଙ୍କ ପ୍ରେମ ଆମ୍ଭମାନଙ୍କ ହୃଦୟରେ ଉତ୍ପନ୍ନ ହେଉ ତେବେ ସେଥିପାଇଁ ଅଲ୍ଲାଃ ଆମ୍ଭମାନଙ୍କ ନିମନ୍ତେ ନିୟମ ଧାର୍ଯ୍ୟ କରିଛନ୍ତି କି ତୁମେ ଏ ସବୁର ଅଧିକାରୀ ସେତେବେଳେ ହେବ ଯେତେବେଳେ ତୁମେ ରସୁଲ ସ:ଆ:ସଙ୍କର ଚରିତ୍ରର ଅନୁସରଣ କରିବ ଏବଂ ଆପଣଙ୍କ କାର୍ଯ୍ୟକଳାପକୁ ଦେଖିବ, ବୁଝିବ ଓ ତଦନୁଯାୟୀ ଅମଳ କରିବ । ଦେଖ ଅଲ୍ଲାଃଙ୍କର ଆମ୍ଭ ଉପରେ କିଭଳି ଦୟା ଯେ ସେ ସାହାବାଙ୍କ ମାଧ୍ୟମରେ ହଜୁର୍ ସ:ଆ:ସଙ୍କର ସମସ୍ତ କଥା ପହଁଚାଇଦେଲେ ଯେପରି ହଜୁର୍ ଅମଳ କରୁଥିଲେ । ଏକଥା ମଧ ବୁଝିବା ଆବଶ୍ୟକ କି ହଜ୍‌ରତ୍ ମହମ୍ମଦ ସ:ଆ:ସ ସେ ସମସ୍ତ କାର୍ଯ୍ୟ କରୁଥିଲେ ଓ କହୁଥିଲେ ଯାହାକି ପବିତ୍ର କୋରାନ୍‌ରେ ଦରଜ ଅଛି । ହଜ୍‌ରତ୍ ଆଇଶା ର:ଅ ଙ୍କୁ ହଜୁର ସ:ଆ:ସଙ୍କ ଚରିତ୍ର ସମ୍ବନ୍ଧରେ ପଚାରିବାରୁ ଆପଣ କିଭଳି ସୁନ୍ଦର ଭାବରେ ମାତ୍ର ତିନୋଟି ଶବ୍ଦରେ ଆପଣଙ୍କର ଚରିତ୍ର ବର୍ଣ୍ଣନା କରିଦେଲେ । "କାନା ଖୁଲୁକୁହୁଲ କୁରୁଆନ" (ମସନଦ୍ ଅହମଦ ବିନ ହମ୍ବଲ ଭାଗ-୮) ଅର୍ଥାତ୍- ଆପଣଙ୍କ ଚରିତ୍ର ଓ କାର୍ଯ୍ୟକଳାପ ଠିକ୍ କୁରୁଆନ୍ ମୁତାବକ ଥିଲା । ପୁଣି ଏହି ଯୁଗରେ ଅଲ୍ଲାଃତାଲା ଆମ୍ଭ ଉପରେ ଅଧିକ କୃପା କଲେ କି ନିଜ ଅବତାର ଓ ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କ ସଚ୍ଚୋଟ ଦାସ ତଥା ଯୁଗର ଇମାମ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କଲେ ଯେ ଆମ୍ଭକୁ ଅବତାରମାନଙ୍କ ସ୍ତର ଓ ବିଶେଷ କରି ହଜ୍‌ରତ୍ ମହମ୍ମଦ ସ:ଆ:ସ ଚରିତ୍ର ଓ କାର୍ଯ୍ୟକଳାପ ସମ୍ବନ୍ଧରେ ଅବଗତ କରାଇଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କୁହନ୍ତି ମନେରଖିବା ଉଚିତ୍ ଯେ, ଅବତାରମାନଙ୍କ ଆଗମନର ଉଦ୍ଦେଶ୍ୟ କଣ ? ସେମାନେ ସଂସାରକୁ ଏଥିପାଇଁ ଆସିନଥାନ୍ତି କି ତାଙ୍କର ପୂଜା କରାଯାଉ ବରଂ ସେମାନେ ଏକ ଅଲ୍ଲାଃଙ୍କ ଉପାସନାକୁ ପ୍ରତିଷ୍ଠା କରିବାକୁ ଆସିଥାନ୍ତି ଏବଂ ଏଥିପାଇଁ ପ୍ରଚେଷ୍ଟା (ଉଦ୍ୟମ) କରିଥାନ୍ତି । ଲୋକେ ତାଙ୍କର ସମ୍ପୂର୍ଣ୍ଣ ରୂପେ ଅନୁଗାମୀ ହୋଇଯାନ୍ତୁ ତଥା ସେମାନଙ୍କ ପରି ହେବାକୁ ଚେଷ୍ଟା କରନ୍ତୁ । ସେମାନଙ୍କର ଏଭଳି ଅନୁସରଣ କରନ୍ତୁ ଯେପରି ତାଙ୍କରି ପରି ହୋଇଯିବେ । କିନ୍ତୁ ଦୁଃଖଦ ତାଙ୍କର ଆଗମନର ଉଦ୍ଦେଶ୍ୟ ପଛରେ ପକାଇ ଅବତାରଙ୍କୁ ହିଁ ଈଶ୍ୱର ମନେକରି ବସିଥାନ୍ତି । ଏଥିରେ ସେମାନେ କଦାପି ପ୍ରସନ୍ନିତ ହୋଇନଥାନ୍ତି କି ଲୋକମାନେ ଆମର ବେଶ୍ ଆଦର ସମ୍ମାନ କରୁଛନ୍ତି । ସେମାନଙ୍କର ତ ପ୍ରକୃତ ଆନନ୍ଦ ଏଥିରେ ଥାଏ କି ଲୋକେ ସେମାନଙ୍କର ଅନୁସରଣ କରନ୍ତୁ ଏବଂ ଯେଉଁ ଶିକ୍ଷା ସେ ଦେଇ ଆସିଛନ୍ତି ଅର୍ଥାତ୍ ପ୍ରକୃତ ଅଲ୍ଲାଃଙ୍କୁ ଉପାସନା କରିବା ଓ ଏକେଶ୍ୱରବାଦ ପ୍ରତିଷ୍ଠା କରିବା ସେଥିରେ ଲୋକେ ପ୍ରତିଷ୍ଠିତ ହୋଇଯାନ୍ତୁ । ଅତଏବ ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କୁ ନିର୍ଦ୍ଦେଶ ଦିଆଗଲା- କୁଲ୍ ଇନ୍‌କୁନ୍‌ତୁମ୍ ତୁହିବ୍‌ବୁ ନଲ ଲାହାଫତ୍ ତବିଉନି ୟୁହ୍‌ବିବ୍‌କୁମୁଲାଃ (ଆଲେ ଇମ୍ରାନ-୩୨) ଅର୍ଥାତ୍ ହେ ରସୁଲ ! ଲୋକମାନଙ୍କୁ କହିଦିଅ ଯେ ଯଦି ତୁମେ ଅଲ୍ଲାଙ୍କୁ ପ୍ରେମ କରୁଅଛ ତେବେ ମୋର ଅନୁସରଣ କର । ଏହାର ପରିଣାମ ଏହା ହେବ କି ଅଲ୍ଲାଃ ମଧ ତୁମ ସହ ପ୍ରେମ କରିବେ । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ, ଅଲ୍ଲାଃଙ୍କର ପ୍ରିୟ ପାତ୍ର ହେବାକୁ ହେଲେ ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କର ନିଷ୍ଠାର ଅନୁସରଣ କରିବାକୁ ହେବ । ସୁତରାଂ ଏକଥା ସର୍ବଦା ମନେରଖିବା ଉଚିତ୍ ଯେ ଅବତାର ଓ ଅଲ୍ଲାଃଙ୍କ ସତ୍ୟବାଦୀ, ନିଷ୍ଠାପର ଭକ୍ତ ହୋଇ ସଂସାରକୁ ଆସିଥାନ୍ତି ସେମାନେ ଗୋଟିଏ ଗୋଟିଏ ଉଦାହରଣ ଏବଂ ଯେ ସେମାନଙ୍କ ନମୁନା ମୁତାବକ ଅମଳ କରିବାକୁ ଚେଷ୍ଟା କରନ୍ତି ନାହିଁ କିନ୍ତୁ ସେମାନଙ୍କ ନିକଟରେ ନତମସ୍ତକ ହୋଇଥାନ୍ତି ଓ ନିଜ ଆବଶ୍ୟକତା ଭିକ୍ଷା କରିଥାନ୍ତି । ସେମାନେ କଦାପି ଅଲ୍ଲାଃ ନିକଟରେ ସ୍ୱୀକୃତିପ୍ରାପ୍ତ କରିପାରିନଥାନ୍ତି ବରଂ ସେ ନିଜର ଦେହାନ୍ତ ପରେ ଦେଖିନେବେ ଯେ ତାଙ୍କ ଇମାମ୍ ତାଙ୍କଠାରୁ ଅତିଷ୍ଠ ହୋଇଯାଇଛନ୍ତି । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୨୮-୨୯)

ଅତଃ ପ୍ରଥମ ଶିକ୍ଷା ଯାହାକି ଅବତାରମାନେ ପ୍ରଦାନ କରିଥାନ୍ତି ଏବଂ ଯେଉଁଥିରେ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ସର୍ବୋଚ୍ଚ ସ୍ତରରେ ବିରାଜମାନ ତାହା ଏକେଶ୍ୱରବାଦ ପ୍ରତିଷ୍ଠା ଅଟେ । ଆପଣ ନିଜ ମାନ୍ୟକାରୀମାନଙ୍କ ମଧ୍ୟରେ ଏହା (ଦୃଢ଼ତାର ସହ) ପ୍ରତିଷ୍ଠା କଲେ ଯାହାକି ଆମେ ହଜୁର୍ ସ:ଆ:ସ ସାହାବାଙ୍କ ଅମଳରେ ପରିଲକ୍ଷିତ ହେଉଛି । ସେମାନେ ହଜ୍‌ର୍ ସ:ଆ:ସଙ୍କ ଠାରୁ ସିଧାସଳଖ ଏହା ହାସଲ କଲେ ଏବଂ ଆପଣଙ୍କ ଭକ୍ତିର ସ୍ତର ଦେଖିଲେ । ପୁଣି ଏଥିପାଇଁ ଆପଣଙ୍କ ପ୍ରବଳ ଆଗ୍ରହକୁ ପରିଲକ୍ଷିତ କଲେ । ଅଲ୍ଲାଃଙ୍କ ସହ ଆପଣଙ୍କର ନିବିଡ଼ ପ୍ରେମ ଓ ଉପାସନାକୁ ଦେଖିବା ଫଳରେ ସେମାନଙ୍କ ମଧ୍ୟରେ ପ୍ରକୃତ ଏକେଶ୍ୱରବାଦର ଆଗ୍ରହ ଜାତ ହେଲା । ଯେପରିକି ମୁଁ କହିଲି ହଜ୍‌ରତ୍ ମହମ୍ମଦ ସ:ଆ:ସଙ୍କ ଉତମ ଚରିତ୍ର ସାହାବାଙ୍କ ଜରିଆରେ ଆମ ନିକଟରେ ପହଂଚିଲା ଏବଂ ଏହା ସେମାନଙ୍କର ଆମ ଉପରେ ଏକ ବହୁତ ବଡ଼ ଦୟା, ଏଥି ସମ୍ବନ୍ଧରେ କିଛି କଥନ ଉପସ୍ଥାପନ କରୁଅଛି-

ଏକଦା ହଜ୍‌ରତ୍ ଉମର ର:ଅ ନିଜ ପିତାଙ୍କର ରାଣ ଖାଉଥିଲେ । ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଏକଥା ଶୁଣିଲେ । ଆପଣ କହିଲେ ଶୁଣ ! ଅଲ୍ଲାଃ ତୁମମାନଙ୍କୁ ନିଜ ପିତାଙ୍କ ରାଣ ଖାଇବାକୁ ବାରଣ କରିଛନ୍ତି । ଯାହାରିକୁ ଶପଥ କରିବାର ଆବଶ୍ୟକ ପଡ଼େ ସେ ଅଲ୍ଲାଃଙ୍କ ଶପଥ ପରିବା ଉଚିତ୍ ନଚେତ୍ ନୀରବତା ଅବଲମ୍ବନ କରିବା କଥା । (ସହି ବୁଖାରୀ ହଦିସ୍ ନଂ-୬୧୦୮) । ସୁତରାଂ ଅଲ୍ଲାଃଙ୍କ ବ୍ୟତୀତ କୌଣସି ବସ୍ତୁର ଶପଥ କରିବା ଉଚିତ୍ ନୁହେଁ । କେତେକ ଲୋକ ପିଲାମାନଙ୍କ (ସମ୍ପର୍କୀୟ କିମ୍ବା ପ୍ରିୟଜନଙ୍କ) ଶପଥ କରି ବସିଥାନ୍ତି ଏବଂ ବୁଝିଥାନ୍ତି କି ଏମାନେ ମୋର ପ୍ରିୟଜନ । ତେଣୁ ଯଦି ଏମାନଙ୍କ ଶପଥ କରାଯାଏ ତେବେ ଲୋକେ ମୋତେ ବିଶ୍ୱାସ କରିବେ । କିନ୍ତୁ ମୋମିନ୍‌କୁ ସର୍ବଦା ମନେରଖିବା ଉଚିତ୍ ଯେ ଏପରି କର୍ମ ଏକେଶ୍ୱରବାଦରୁ ମଣିଷକୁ ଦୂରେଇ ଦେଇଥାଏ ।

ଏକଦା ଜଣେ ପ୍ରଶ୍ନକାରୀ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି କେହି ନିଜ ସମ୍ମାନ ପାଇଁ ଲଢ଼େ, କେହି ନିଜ ଶକ୍ତିଶାଳୀ ହେବାର ପ୍ରଦର୍ଶନ କରି ଲଢ଼େ, କେହି ଧନ ଉପାର୍ଜନ ପାଇଁ ଲଢ଼େ ତେବେ ସେମାନଙ୍କ ମଧ୍ୟରୁ ପ୍ରକୃତ ଜିହାଦି କିଏ ? ଆପଣ ଉତର ଦେଲେ ଯେ ଅଲ୍ଲାଃଙ୍କ ନାମ ନିମନ୍ତେ ଓ ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ପ୍ରଚେଷ୍ଟା କରେ ସେ ହିଁ ପ୍ରକୃତ ଜିହାଦି ଅଟେ ।

(ସହି ବୁଖାରୀ---ହଦିସ୍ ନଂ-୨୮୧୦)

ସୁତରାଂ ପ୍ରତ୍ୟେକ ଅମଳ ଯାହାକି ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ କରାଯାଏ ତାକୁ ଅଲ୍ଲାଃ ପସନ୍ଦ କରିଥାନ୍ତି ଏବଂ ଏଥିପାଇଁ ହିଁ ହଜ୍‌ରତ୍ ମହମ୍ମଦ ସ:ଆ:ସ ସଂସାରକୁ ଆସିଥିଲେ ।

ଏକଦା ମକ୍କାର ସର୍ଦ୍ଦାରମାନେ ହଜୁର୍ ସ:ଆ:ସଙ୍କ ସହ କଥାବାର୍ତା ନିମନ୍ତେ ନିମନ୍ତ୍ରଣ କଲେ । ହଜୁର୍ ସ:ଆ:ସ ମନେକଲେ ସମ୍ଭବତଃ ଏମାନେ ସତ୍‌ପଥ ପ୍ରାପ୍ତ କରିବା ପାଇଁ ମନ ବଳାଇଛନ୍ତି । ତେଣୁ ହଜୁର୍ ସେଠାକୁ ଚାଲିଗଲେ । କିନ୍ତୁ ମକ୍କାର ସର୍ଦ୍ଦାରମାନେ ଏକମତ ହୋଇ କହିଲେ ହେ ମହମ୍ମଦ ! ଆମେ ଏଠାକୁ ଆପଣଙ୍କୁ ଆଲୋଚନା କରିବାକୁ ନିମନ୍ତ୍ରଣ କରିଛୁ । ଆରବମାନଙ୍କ ମଧ୍ୟରୁ ଆମେ କାହିରିକୁ ଜାଣିନାହୁଁ ଯେ ନିଜ ଗୋଷ୍ଠୀକୁ ଏଭଳି ଦ୍ୱନ୍ଦରେ ପକାଇଛନ୍ତି, ଯେପରି ଆପଣ ଆମକୁ ଦ୍ୱନ୍ଦରେ ପକାଇଛନ୍ତି । ଆପଣ ଆମ ଉପାସ୍ୟମାନଙ୍କ ସଂକ୍ରାନ୍ତରେ ବିଭିନ୍ନ ଭ୍ରାନ୍ତ ମନ୍ତବ୍ୟ ପ୍ରଦାନ କରି ଲୋକମାନଙ୍କୁ ବିଭାଜିତ କରିଦେଇଛନ୍ତି । ଆପଣଙ୍କ ଯୋଗୁଁ ବିଭିନ୍ନ ପ୍ରକାରର ଖରାପ କଥା ମୁଣ୍ଡଟେକିଲାଣି (ଯେହେତୁ ସେମାନେ ସଂସାର ପ୍ରେମୀ ଥିଲେ । ତେଣୁ ସେମାନଙ୍କ ଦୃଷ୍ଟିରେ ଆପଣଙ୍କ ସୁଧାର ଖରାପ ଥିଲା) ଯଦି ଏପରି କରିବା ପଛରେ ଆପଣଙ୍କ ଉଦ୍ଦେଶ୍ୟ ଅର୍ଥ ଜମା କରିବା ତେବେ ଆମେ ଆପଣଙ୍କୁ ଏପରି ପରିମାଣରେ ଅର୍ଥ ପ୍ରଦାନ କରିବାକୁ ରାଜି ଅଛୁ ଯେଉଁଥିରେ ଆପଣ ଆମମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଧନୀ ହୋଇଯିବେ । ଯଦି ଆପଣ ସର୍ଦ୍ଦାର ହେବାକୁ ଇଚ୍ଛୁକ ତେବେ ଆମେ ଆପଣଙ୍କୁ ନିଜର ସର୍ଦ୍ଦାର ରୂପେ ସ୍ୱୀକାର କରିବାକୁ

ପ୍ରସ୍ତୁତ ଅଛୁ । ହଜୁର୍ ସ:ଆ:ସ କହିଲେ ଆପଣମାନେ ମୋତେ ଭୁଲ୍ ବୁଝୁଛନ୍ତି, ମୋର ଏପରି କୌଣସି କାମନା ନାହିଁ, ନା ମୁଁ ଏପରି ସମ୍ମାନ ଚାହୁଁଛି । ମୋତେ ଅଲ୍ଲାଃ ନିଜର ରସୁଲ କରି ପ୍ରେରଣ କରିଛନ୍ତି ଏବଂ ମୋତେ (ଧର୍ମ) ପୁସ୍ତକ ପ୍ରଦାନ କରିଛନ୍ତି । ମୋତେ ବଶିର୍ ଓ ନଜିର୍ ଭାବରେ ସୁସମ୍ବାଦ ଦେବା ତଥା ଲୋକମାନଙ୍କୁ ସତର୍କ କରିବାକୁ ଆଦେଶ ଦେଇଛନ୍ତି । ଏକେଶ୍ୱରବାଦର ପ୍ରତିଷ୍ଠା କରିବା ମୋର ଉଦ୍ଦେଶ୍ୟ । ସୁତରାଂ ମୁଁ ତୁମମାନଙ୍କୁ ଅଲ୍ଲାଃଙ୍କର ବାର୍ତା ପହଁଚାଇ ଦେଲି ଯଦି ତୁମେ ଏହାକୁ ସ୍ୱୀକାର କର ତେବେ ଏଥିରେ ତୁମେମାନେ ହିଁ ଉପକୃତ ହେବ । ଯଦି ତୁମେ ଏହାର ଅସ୍ୱୀକାର କର ତେବେ ମୁଁ ଅପେକ୍ଷା କରୁଛି ଏବଂ ତୁମେମାନେ ମଧ୍ୟ ଅପେକ୍ଷା କର ଯେପର୍ଯ୍ୟନ୍ତ କି ଅଲ୍ଲାଃ ଆମ ମଧ୍ୟରେ ନିଷ୍ପତି ନ କରିଦେଇଛନ୍ତି । ପୁଣି ସମଗ୍ର ସଂସାରବାସୀ ଦେଖିଦେଲେ ଯେ, କିଭଳି ଅଲ୍ଲାଃ ସେମାନଙ୍କ ମଧ୍ୟରେ ନିଷ୍ପତି କରିଦେଲେ ଓ ଏକେଶ୍ୱରବାଦର ପ୍ରତିଷ୍ଠା କଲେ (ସିରତ ଇବନେ ହିଶାମ--- ପୃଷ୍ଠା-୨୨୦)

ହଜରତ୍ ମହମ୍ମଦ୍ ସ:ଆ:ସଙ୍କ ଉପାସନା କରିବାର ଚର୍ଚ୍ଚା କରି ହଜରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି-ପବିତ୍ର କୋରାନ ପାଠ କରି ଦେଖନିଅ, ଆମ ରସୁଲ ହଜରତ୍ ମହମ୍ମଦ ସ:ଆ:ସ ଙ୍କ ଠାରୁ ବଳି ସଂସାରରେ କେହି ନାହାଁନ୍ତି । ନା କେହି ଆପଣଙ୍କ ସମତୁଲ୍ୟ ଅଛନ୍ତି ନା ଅନ୍ତିମ ଦିବସ ପର୍ଯ୍ୟନ୍ତ ହୋଇପାରିବେ । ପୁଣି ଦେଖ କ୍ଷମତା ମିଳିବା ପରେ ମଧ୍ୟ ଆପଣ ସର୍ବଦା ଅଲ୍ଲାଃଙ୍କ ଉପାସନା କରିବାରେ ସମୟ ଅତିବାହିତ କରୁଥିଲେ ଏବଂ ବାରମ୍ବାର ଇନ୍ନମା ଆନା ବଶରୁମ୍ ମିସ୍‌ଲୁକୁମ୍ (ସୁରେ କହଫ-୧୧୧) କହୁଥିଲେ । ଏପରିକି "କଲମା ତୌହିଦ"ରେ ନିଜ (ହଜୁର ସ:ଆ:ସଙ୍କର) ସାକ୍ଷୀର ଉପାସନାକୁ ସ୍ଥାନ ଦିଆଗଲା । ଯାହାର ସ୍ୱୀକାର ନକରି କେହି ମୁସଲମାନ ହେବା ସମ୍ଭବ ନୁହେଁ । ଚିନ୍ତାକର, ପୁନର୍ବାର ଚିନ୍ତାକର ! ଶ୍ରେଷ୍ଠ ମାର୍ଗଦର୍ଶକର ଜୀବନି ଆମ୍ଭକୁ ଯେଉଁ ଶିକ୍ଷା ଦେଉଅଛି କି ସର୍ବଶ୍ରେଷ୍ଠ ସ୍ତରରେ ପହଂଚିବା ପରେ ମଧ୍ୟ ଅଲ୍ଲାଃଙ୍କ ଉପାସନାକୁ ହାତ ଛଡ଼ା କରାଯାଇନଥାଏ ବରଂ ଏଥିରୁ ନିବୃତ ରହିବାର ଚିନ୍ତା କରିବା ହିଁ ନିରର୍ଥକ ଅଟେ । (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୧୧୭-୧୧୮)

ସୁତରାଂ ଏହି ରହସ୍ୟ ହଜରତ୍ ମସିହ୍ ମଉଦ୍ ଆ:ସ ଆମକୁ ପ୍ରଦାନ କଲେ କି ଯେତେବେଳେ ଜଣେ ମୁସଲମାନ "ଅଶହଦୁଅଲ୍ଲା ଇଲାହା ଇଲଲ୍ଲାହା" ଘୋଷଣା କରେ ସେତେବେଳେ ଏହି ଘୋଷଣା କରିବା ମଧ୍ୟ ଜରୁରୀ ହୋଇଥାଏ କି "ଅଶହଦୁ ଅନ୍ନା ମୁହମ୍ମଦନ୍ ଅବଦହୁ ୱ ରସୁଲହୁ" ସୁତରାଂ ଯେତେବେଳେ ହଜରତ୍ ମହମ୍ମଦ ସ:ଆ:ସ ଅଲ୍ଲାଃଙ୍କର ଭକ୍ତ ଅଟନ୍ତି ତେବେ ଲୋକମାନେ ଯେଉଁ ପୀର ଓ ଫକିରମାନଙ୍କୁ ବିଶେଷ ସ୍ଥାନ ଦେଇ ସେମାନଙ୍କ କବର ନିକଟରେ ନତମସ୍ତକ ହୋଇଥାନ୍ତି ସେମାନଙ୍କ ଏହି କର୍ମ କିଭଳି ବୈଧ ଅଟେ ବରଂ ଏହା ସମ୍ପୂର୍ଣ୍ଣ ରୂପେ ପାପ (ଶିର୍କ୍) ଅଟେ । ଏହା ଅଲ୍ଲାଃଙ୍କର ଆମ ଉପରେ କୃପା ଯେ ସେ ଆମକୁ ହଜରତ୍ ମସିହ୍ ମଉଦ ଆ:ସଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କଲେ ଯେ ଏକେଶ୍ୱରବାଦ ପ୍ରକୃତ ସତ୍ୟାସତ୍ୟ ଓ ହଜରତ୍ ମହମ୍ମଦ ସ:ଆ:ସଙ୍କ ଉପାସନାର ସଠିକ୍ ଧାରଣା ଦେଲେ ଏବଂ ସମସ୍ତ ପ୍ରକାରର ସିରକ୍‌ରୁ ପବିତ୍ର କଲେ ।

ହଜରତ୍ ମସିହ୍ ମଉଦ୍ ଆ:ସ ଏକ ସ୍ଥାନରେ କୁହନ୍ତି ମୁଁ ସର୍ବଦା ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ଯେ ଏହି ଆରବୀ ନବୀ ଯାହାର ନାମ ମହମ୍ମଦ ଅଟେ । (ସହସ୍ର ଦରୁଦ ଓ ସଲାମତି ତାଙ୍କ ଉପରେ ଅବତୀର୍ଣ୍ଣ ହେଉ) ସେ କିଭଳି ଉଚ୍ଚ ପଦସ୍ଥ ନବୀ ଯାହାର ପଦ ମର୍ଯ୍ୟାଦାର ସୀମା ଜଣାପଡ଼େ ନାହିଁ । ତାହାର ପବିତ୍ର ପ୍ରଭାବର ଅନୁମାନ ଲଗାଇବା ମଣିଷ ପକ୍ଷେ ସମ୍ଭବ ନୁହେଁ, ଦୁଃଖଦ ଯେଭଳି ତାହାର ଅସ୍ତିତ୍ୱକୁ ଚିହ୍ନିବା ଆବଶ୍ୟକ ଥିଲା ସେଭଳି ଚିହ୍ନାଗଲା ନାହିଁ । ସେହି ଏକେଶ୍ୱର ବାଦ ଯାହାକି ସଂସାରୁ ହଜି ଯାଇଥିଲା । ସେହି ଜଣେ ବଳବାନ ତାହାକୁ ସଂସାରରେ ପୁନଃ ପ୍ରତିଷ୍ଠା କରିଦେଲେ । ସେ ଅଲ୍ଲାଃଙ୍କୁ ଓ ତାଙ୍କ ସ୍ରଷ୍ଟ ସହ ଅତ୍ୟନ୍ତ ପ୍ରେମ ଓ ସହାନୁଭୁତି ପ୍ରଦର୍ଶନ କଲେ । ଅଲ୍ଲାଃ ତାଙ୍କ ଅନ୍ତର ସହ ବେଶ ଭଲ ଭାବରେ ଅବଗତ ଥିଲେ ସୁତରାଂ ସେ ତାଙ୍କୁ ସମସ୍ତ ଅବତାର ମଧ୍ୟରେ ଶ୍ରେଷ୍ଠ ଉପାଧି ପ୍ରଦାନ କଲେ ଏବଂ ତାଙ୍କର ଜୀବନ କାଳରେ ହିଁ ତାଙ୍କ ଇଚ୍ଛା ପୂରଣ କରିଦେଲେ । (ହକିକତୁଲ୍ ୱହି ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୧୮-୧୧୯)

ଏକେଶ୍ୱରବାଦର ଆଧ୍ୟାତ୍ମିକ ସ୍ତରର ପ୍ରତିଷ୍ଠା ସେତେବେଳେ ହୋଇଥାଏ ଯେତେବେଳେ ଅଲ୍ଲାଃଙ୍କ ଉପାସନାର ସର୍ବୋଚ୍ଚ ସ୍ତର ହାସଲ ହୋଇଥାଏ ଏବଂ ଏଥିରେ ହଜରତ୍ ମହମ୍ମଦ ସ:ଆ:ସ ସର୍ବୋଚ୍ଚ ସ୍ତର ହାସଲ କଲେ ଯେପରି ଅଲ୍ଲାଃ କୁହନ୍ତି- ଅଲ୍ଲଜି ୟୁରାକା ହିନା ତକୁମୁ ୱ ତକଲ୍ ଲୁବକା ଫିସ୍ ସାଜେଦିନ୍ (ସୁରା ଅଶଶୁରା-୨୧୯-୨୨୦) ଯେ କି ତୁମକୁ ଲକ୍ଷ୍ୟ କରନ୍ତି ଯେତେବେଳେ ତୁମେ ଦଣ୍ଡାୟମାନ (ନମାଜରେ) ହୁଅ ଏବଂ ସଜଦା କରୁଥିବା ଗୋଷ୍ଠୀଙ୍କ ମଧ୍ୟରେ ବ୍ୟତିବ୍ୟସ୍ତ (କରୁଣ) ଥିବାର । ଅତଃ ଅଲ୍ଲାଃତାଲା ଘୋଷଣା କରୁଛନ୍ତି ହେ ମହମ୍ମଦ ! ସମସ୍ତ ସଜଦାକାରୀଙ୍କ ମଧ୍ୟରେ ତୁମପରି ବିନମ୍ର ଓ କରୁଣ ସଜଦା କେହି କରିନଥାନ୍ତି । ତୁମେ ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ଏଭଳି ନିଷ୍ଠାପରଙ୍କ ଦଳ ପ୍ରସ୍ତୁତ କଲ ଯେ ଅଲ୍ଲାଃଙ୍କ ଉପାସନା କରିବା ପାଇଁ ଜଗି ବସିଛନ୍ତି ଯେଉଁମାନେ ରାତ୍ରି ଉପାସନାରେ ଅତିବାହିତ କରୁଛନ୍ତି । କିନ୍ତୁ ଏ ସମସ୍ତ ଉପାସନା ଓ ସଜଦା ତୁମ ସଜଦା ଅନୁରୂପ କରିବାର ପ୍ରଚେଷ୍ଟା ଅଟେ । ଏହି ସଜଦାରେ ଯେଉଁ ସ୍ଥଳେ ଆମକୁ ହଜରତ୍ ମହମ୍ମଦ ସ:ଆ:ସଙ୍କ ଉତ୍କଣ୍ଠା ଦୃଶ୍ୟମାନ ହେଉଛି । ସେଠାରେ ଆପଣ ନିଜ ମାନ୍ୟକାରୀମାନଙ୍କ ମଧ୍ୟରେ ଏଭଳି ନିଷ୍ଠାପର ଭକ୍ତି ଗଢ଼ିବାକୁ ଆଗ୍ରହିତ ଥିଲେ ଯେ କେବଳ ଅଲ୍ଲାଃଙ୍କ ଉପାସନା ନିଷ୍ଠାପର ସହ ସମ୍ପାଦନ କରିବା ଓ ନିକଟରେ ସମର୍ପିତ ହେଉଥିବେ । ହୃଦୟରେ ବସି ରହିଥିବା ମିଥ୍ୟା ଉପାସ୍ୟମାନଙ୍କୁ କାଢ଼ି ଫିଙ୍ଗିଦେବେ । ହଜରତ୍ ମହମ୍ମଦ୍ ସ:ଆ:ସ କହିଲେ ପ୍ରତ୍ୟେକ ନବୀଙ୍କର କିଛି ନା କିଛି ଅଭିଳାଷା ରହିଥାଏ । ମୋର ଇଚ୍ଛା ଏହି କି ଯେ ମୁଁ ରାତି ରାତି ଧରି ଅଲ୍ଲାଃଙ୍କ ଉପାସନା କରିବି । (କନଜୁଲ୍ ଆମାଲ ଖଣ୍ଡ-୭, ପୃଷ୍ଠା-୩୨୩) ଜଣେ ରାୱି (ବର୍ଣ୍ଣନାକାରୀ) କୁହନ୍ତି ଏକଦା ମୁଁ ହଜୁର୍ ସ:ଆ:ସଙ୍କୁ ନମାଜ ପାଠ କରୁଥିବାର ଦେଖିବାକୁ ପାଇଲି । ଆପଣ ସଜଦା କଲାବେଳେ ହୃଦୟରୁ ଏପରି ଶବ୍ଦ ଶୁଣାଯାଉଥିଲା ଯେମିତି (ଅଟା) ଚକି ଚାଲୁଛି । (ସନନଅବି ଦାଉଦ ହଦିସ୍-୯୦୪) ସେହିପରି ଆଉ ଏକ ହଦିସରେ ଦରଜ ଅଛି ଯେମିତି (ଭାତ) ହାଣ୍ଡି ଫୁଟୁଥାଏ ସେହିପରି ସଜଦା କଲାବେଳେ ଆପଣଙ୍କ ହୃଦୟର ଅବସ୍ଥା ଥିଲା (ସୁନନ ନିସାଇ ହଦିସ୍ ନଂ-୧୨୧୪)

ହଜରତ୍ ଉମ୍ମି ସଲମା ବର୍ଣ୍ଣନା କରିଛନ୍ତି ହଜୁର୍ ସ:ଆ:ସ କିଛି ସମୟ ଶୟନ କରିବା ଅନ୍ତେ ଉଠି ନମାଜ ପାଠ କରନ୍ତି ପୁଣି ଶୋଇ ପଡ଼ନ୍ତି । କିଛି ସମୟ ପରେ ଉଠି ବସନ୍ତି ଏବଂ ନମାଜ ପାଠ କରନ୍ତି ଏପରି ସାରା ରାତି ବିତିଯାଇଥାଏ । (ସୁନନ୍ ନିସାଇ ହଦିସ୍ ନଂ-୧୬୨୮)

ହଜରତ୍ ଆଇଶା ର:ଅ କହନ୍ତି ରୋଗ, ବ୍ୟାଧି କିମ୍ବା ଅନ୍ୟ କୌଣସି କାରଣରୁ ଯଦି ଆପଣଙ୍କର ତହଯୁଦ୍ ନମାଜ ରହିଯାଏ ତେବେ ଆପଣ ସ:ଆ:ସ ଦିନବେଳା ୧୨ ରେକାତ୍ ନୱାଫିଲ ପାଠ କରନ୍ତି । (ସୁନନ୍ ନସାଇ ହଦିସ୍ ନଂ୧୭୮୯)

ହଜରତ୍ ମୁହମ୍ମଦ୍ ସ:ଆ:ସ ନିଜ ମାନ୍ୟକାରୀଙ୍କ ଠାରୁ ମଧ୍ୟ ଏହି ଆଶା ରଖିଛନ୍ତି ଯେ ସେମାନେ ଉପାସନା କରିବା ସହିତ ଉପାସନାର କର୍ତବ୍ୟ ସମ୍ପାଦନକାରୀ ରୂପେ ସାବ୍ୟସ୍ତ ହୁଅନ୍ତୁ ।

ହଜରତ୍ ଆଇସା ର:ଅ ଥରେ ଉପଦେଶ ପୂର୍ବକ ହଜୁର୍ ସ:ଆ:ସଙ୍କର ଉକ୍ତ ଆନ୍ତରିକ ଇଚ୍ଛାକୁ ପ୍ରକାଶ କରି ମୁସଲମାନ ମାନଙ୍କୁ କହିଲେ ରାତିରେ ନମାଜ ପାଠ କରିବାକୁ ଭୁଲିବ ନାହିଁ । ଏଥିପାଇଁ ହଜୁର୍ ସ:ଆ:ସ କୌଣସି ତର୍କ କରିନାହାଁନ୍ତି ଏବଂ ଯେତେବେଳେ ଆପଣ ସ:ଆ:ସ ରୋଗ ବ୍ୟାଧି କିମ୍ବା ଶାରିରୀକ ଦୁର୍ବଳତା ଅନୁଭବ କରନ୍ତି ସେତେବେଳେ ନମାଜ ତହଯୁଦ ବସି କରି ପାଠ କରନ୍ତି । (ମସ୍‌ନଦ୍ ଅହେମଦ୍)

ଉପରେ ଯେଉଁ ହଦିସ୍ ଦରଜ କଲି ଯେ ଯଦି ହଜୁର୍ ସ:ଆ:ସ ଙ୍କର ନମାଜ ତହଯୁଦ୍ ରହିଯାଏ ତେବେ ଆପଣ ଦିନବେଳା ୧୨ ରେକାତ ନୱାଫିଲ୍ ପାଠ କରନ୍ତୁ । ଏହା ଖୁବ୍ କମ୍ ହୋଇଥିବ । ନଚେତ୍ ଆପଣ ଅସୁସ୍ଥ ଥିବା ଅବସ୍ଥାରେ ଯାହାର ପ୍ରଭାବ ସାହାବା ର:ଅ ଆପଣଙ୍କ ଓ ଶରୀର ମୁଖ ମଣ୍ଡଳରେ ପରିଲକ୍ଷିତ କରୁଥିଲେ, ଏପରି ଦୁର୍ବଳ ଅବସ୍ଥା ହେବା ସତ୍ୱେ ମଧ୍ୟ ଆପଣ ସ:ଆ:ସ ଲମ୍ବା ସୋରା ପାଠ କରନ୍ତି । (କନଜୁଲ୍ ଆମାଲ ଖଣ୍ଡ-୨, ପୃଷ୍ଠା-୧୩୩) ଆପଣ ସ:ଆ:ସ ଦୁଆ ଓ ନମାଜ ପାଠ କରିବାରେ ଅତିବାହିତ କରୁଥିଲେ ଏବଂ ନିଜ ଅନୁଗାମୀଙ୍କୁ ଏପରି ଉପାସନା କରିବାର ଦେଖିବାକୁ ଚାହୁଁଥିଲେ । ସାହାବାମାନେ ଆପଣଙ୍କର ଏପରି ଅମଳ ଦେଖି ବହୁ ପ୍ରଭାବିତ ହେଲେ ଏବଂ ହଜୁର୍ ସ:ଆ:ସଙ୍କର ଉକ୍ତ ଆଚରଣକୁ ଆପଣେଇ ନେଲେ । ଏବଂ ଶିର୍କି (ବହୁ ଇଶ୍ୱର ଉପାସନା କରୁଥିବା ଲୋକେ)ରେ ମଗ୍ନ ରହିଥିବା ସେହି ଲୋକମାନେ ଏକ ଅଲ୍ଲାଃଙ୍କର ଏଭଳି ଉପାସନା କଲେ ଯେ ପ୍ରତ୍ୟେକ ଜଣେ ଜଣେ ଉଦାହରଣ ପାଲଟିଗଲେ । ସେମାନଙ୍କ ମଧ୍ୟରେ ଏକ ପ୍ରକାରର ବିପ୍ଳବ ଦେଖାଦେଲା ।

ଏ ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ମୁଁ ଦୃଢ଼ତାର ସହ କହୁଅଛି ଯେ ଯେତେବଡ଼ ଶତ୍ରୁ ହୁଅନ୍ତୁ ବା ଖ୍ରୀଷ୍ଟୀୟାନ୍ ବା ଆର୍ଯ୍ୟସମାଜୀ ହୁଅନ୍ତୁ ନା କାହିଁକି ଯଦି ସେମାନେ ହଜୁର୍ ସ:ଆ:ସଙ୍କ ପୂର୍ବରୁ ଆରବବାସୀଙ୍କ ଅବସ୍ଥା ଏବଂ ତା ପରେ ଆପଣ ସ:ଆ:ସଙ୍କ ମାଧ୍ୟମରେ ଉକ୍ତ ପରିବର୍ତନକୁ ଦେଖି ନିଅନ୍ତି ତେବେ ଆପଣ ସ:ଆ:ସଙ୍କ ସତ୍ୟବାଦୀ ହେବାର ସାକ୍ଷୀ ନିଶ୍ଚିତ ରୂପେ ଦେବାପାଇଁ ବାଧ୍ୟ ହେବେ । ପବିତ୍ର କୋରାନ୍ ସେହି ନକ୍‌ସାକୁ ଏପରି ପରିପ୍ରକାଶ କରିଛି **ୟାକୁଲୁନା କମା ତାକୁଲୁ ଅନଆମ୍** (ସୁରା ମୁହମ୍ମଦ-୧୩) ଅର୍ଥାତ୍- ସେମାନେ ପଶୁମାନଙ୍କ ପରି ଖାଦ୍ୟ ଖାଇବାରେ ଅଭ୍ୟସ୍ତ ଥିଲେ । ଅମାନ୍ୟକାରୀ ହୋଇବା ଯୋଗୁଁ ସେମାନଙ୍କର ଏପରି ଅବସ୍ଥା ହୋଇଥିଲା । ପୁଣି ହଜୁର୍ ସ:ଆ:ସଙ୍କ ପବିତ୍ର ଜିବନୀର ପ୍ରଭାବରେ ସେମାନେ ପ୍ରଭାବିତ ହେଲେ । ସେତେବେଳେ ସେମାନଙ୍କର ଅବସ୍ଥା **ୟବିତୁନା ଲିରବ୍‌ବିହିମ୍ ସୁଜଦଇଁ ୱ କିୟାମାଃ** (ଫୁରକାନ୍-୬୫) ଅର୍ଥାତ୍-ସେମାନେ ନିଜ ସୃଷ୍ଟିକର୍ତାଙ୍କ ନିକଟରେ ନତମସ୍ତକ ଓ ଦଣ୍ଡାୟମାନ ହେବା ଅବସ୍ଥାରେ ରାତି ଅତିବାହିତ କଲେ । ହଜୁର୍ ସ:ଆ:ସ ଆରବର ସେହି ହିଂସ୍ରମାନଙ୍କ ମଧ୍ୟରେ ଯେଉଁ ପରିବର୍ତନ ଉତ୍ପନ୍ନ କଲେ ତାହା ସେମାନଙ୍କୁ ମାଟିହାଣ୍ଡିରୁ ବାହାର କରି ସର୍ବୋଚ୍ଚ ଆସନରେ ବିରାଜମାନ କରାଇଦେଲା । ଆପଣ କୁହନ୍ତି ତାହା ଦେଖି ମଣିଷ ଅଧର୍ଯ୍ୟ ହୋଇ କହି ଉଠିଥାଏ ଏହା ଅସାଧାରଣ ପରିବର୍ତନ ଯାହା ଆପଣ ସ:ଆ:ସ କରିଥିଲେ । ସଂସାରର କୌଣସି ଗୋଷ୍ଠୀଙ୍କ ନିକଟରେ କିମ୍ବା ଇତିହାସ୍‌ରେ ଏଭଳି ନିଦର୍ଶନ ଦେଖିବାକୁ ମିଳୁନାହିଁ । (ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୧୪୪-୧୪୫)

ମନେରଖ ଏହା ସବୁ କୌଣସି କାହାଣୀ ନୁହେଁ । ଏହା ବାସ୍ତବିକ ଘଟଣା ଉପରେ ଆଧାରିତ ଯାହାକୁ ଏକ ସଂଖ୍ୟାଗରିଷ୍ଠ ଦଳ ସ୍ୱୀକାର କରିବା ପାଇଁ ବାଧ୍ୟ ହୋଇଛନ୍ତି ଏବଂ ଏହି ସତ୍ୟତାକୁ ପ୍ରତିଷ୍ଠା କରିବା ନିମନ୍ତେ ଏ ଯୁଗରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କର ଆଗମନ ହୋଇଛି । ତେଣୁ ଏହା ଆମର ମଧ୍ୟ କର୍ତବ୍ୟ ଯେ ନିଜ ଉପାସନାର ସ୍ତରକୁ ବୃଦ୍ଧି କରିବା ସହିତ ହଜୁର୍ ସ:ଆ:ସଙ୍କ ଏହି ଉତମ ନମୁନାର ଅନୁସରଣ କରିବା ଯାହାକୁ ଅନ୍ତିମ ଦିବସ ପର୍ଯ୍ୟନ୍ତ ଅଧିକରୁ ଅଧିକ କରି ଚାଲିବା ।

ମୁଁ ନୱାଫିଲ୍ ମାଧ୍ୟମରେ ହଦିସ୍‌ର ଚର୍ଚ୍ଚା କରିଥିଲି । ଯଦି ହଜୁର୍ ସ:ଆ:ସଙ୍କ ନୱାଫିଲ୍ ନମାଜରେ ଏପରି ଅବସ୍ଥା ଥିଲା ତେବେ ଫର୍ଜ ନମାଜରେ କିଭଳି ନିୟମ ଅନୁସାରେ କାର୍ଯ୍ୟ କରିବା ଉଚିତ୍ । ସୁତରାଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଜ ନିଜର ନିରୀକ୍ଷଣ କରିବା ଉଚିତ୍ ।

ଅବତାରମାନେ ସଂସାରକୁ ସତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ଆସିଥାନ୍ତି । ନିଜ ଅନୁଯାୟୀମାନଙ୍କୁ ପରିଚାଳିତ କରିବା ନିମନ୍ତେ ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ନିକଟରେ ନତମସ୍ତକ କରାଇବା ନିମନ୍ତେ ଆସିଥାନ୍ତି । ଏହି କାର୍ଯ୍ୟ କରିବାରେ ହଜରତ୍ ମୁହମ୍ମଦ୍ ସ:ଆ:ସ ସର୍ବୋଚ୍ଚ ସ୍ତରରେ ବିରାଜମାନ । ଆପଣଙ୍କ ମଧ୍ୟରେ ଏହି ଗୁଣ ଏପରି ଭରିରହିଥିଲା ଯେ ଶତ୍ରୁ ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ୍ୟ ହୁଏ । ଥରେ କୁରୈଶର ସର୍ଦାରମାନେ ଏକାଠି ହୋଇଥିଲେ । ଯେଉଁମାନଙ୍କ ମଧ୍ୟରେ ହଜୁର୍ ସ:ଆ:ସଙ୍କର ବଡ଼ ଶତ୍ରୁ ଅବୁଜହଲ୍ ଓ ନଜରବିନ୍ ହାରିସ୍ ମଧ୍ୟ ସାମିଲ୍ ଥିଲେ । ଯେତେବେଳେ ଆପଣଙ୍କ ବିଷୟରେ କୁହାଗଲା ଯେ ଆପଣଙ୍କୁ ଯାଦୁଗର ରୂପେ ଅଭିହିତ କରାଯାଇ ମିଥ୍ୟା ପ୍ରଚାର କରିଦିଆଯିବ ବା କୁହାଯିବ ଯେ ଆପଣ ମିଛୁଆ ବୋଲି ତେବେ ସେତେବେଳେ ନଜରବିନ୍ ହାରିସ୍ ଛିଡ଼ା ହୋଇ କହିଲେ ହେ କୁରେଶ ! ତୁମେମାନଙ୍କ ନିକଟରେ ଏପରି ଏକ ସମସ୍ୟା ଆସି ପହଂଚିଛି ଯାହାର ସମାଧାନ ନିମନ୍ତେ ତୁମେ କୌଣସି ଉପାୟ ଚିନ୍ତା କରିପାରୁନାହଁ । ମୁହମ୍ମଦ୍ ତୁମମାନଙ୍କ ଗହଣରେ କିଶୋର ଥିଲେ ତୁମେମାନେ ତାଙ୍କୁ ଅତ୍ୟନ୍ତ ପସନ୍ଦ କରୁଥିଲ । ସେ ସତ୍ୟବାଦୀ ଓ ଅମାନତଦାର୍ ଥିଲେ । ବର୍ତମାନ ତୁମେ ତାଙ୍କର କେଶକୁ ଧଳାବର୍ଣ୍ଣ (ବୃଦ୍ଧାବସ୍ଥା) ହେବାର ଦେଖୁଛ । ସେ ଯେଉଁ ବାର୍ତା ନେଇ ଆସିଛନ୍ତି ସେଥିରେ ତୁମେ ତାଙ୍କୁ ମିଥ୍ୟାବାଦୀ ଓ ଯାଦୁଗର କହୁଛ । ଆମେ ଅନେକ ମିଥ୍ୟାବାଦୀ ଓ ଯାଦୁଗର ଦେଖିଛୁ । ତୁମେ କହିଲ ସେ କାହିନ୍ ଅଟନ୍ତି । ଆମେ କାହିନ୍ ମଧ୍ୟ ଦେଖିଛୁ । ତୁମେ କହିଲ ସେ ଶାୟର (ଗିତୀକାର) ଅଟନ୍ତି, ଆମେ ଶାୟର୍ ମଧ୍ୟ ଦେଖିଛୁ । ତୁମେ କହିଲ ସେ ପାଗଳ ଅଟନ୍ତି ବା ତାଙ୍କର ମୁଣ୍ଡ ଖରାପ ହୋଇଯାଇଛି ବୋଲି (ନଉଜୁବିଲ୍ଲାଃ) । ଆମେ

କିନ୍ତୁ ଏପରି ବହୁତ ପାଗଳ ଦେଖିଛୁ । କିନ୍ତୁ ବାସ୍ତବରେ ସେ ନା ମିଛୁଆ ଅଟନ୍ତି ନା ଯାଦୁଗର ନା କାହିନ୍ ନା ଶାୟର ନା ପାଗଳ ଅଟନ୍ତି । କୌଣସି ପ୍ରକାରର ଚିହ୍ନ ତାଙ୍କ ପାଖରେ ଏପରି ମିଳୁନାହିଁ । ତେଣୁ ତୁମେ ଚିନ୍ତାକର ଏଥିରେ ତୁମର ସାମ୍ନା ଏକ ବିଶିଷ୍ଟ ବ୍ୟକ୍ତିତ୍ୱ ସହ ଅଟେ । (ସିରତ୍ ଇବ୍‌ନେ ହଶାମ)

ଥରେ ଅବୁ ଯହଲ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କୁ ସମ୍ବୋଧନ କରି କହିଲା ମୁଁ ତୁମକୁ ମିଥ୍ୟାବାଦୀ କହୁନାହିଁ କିନ୍ତୁ ତୁମେ ଯେଉଁ ଶିକ୍ଷା ନେଇ ଆସିଛ ତାକୁ ମିଥ୍ୟା ମନେ କରୁଛି । (ସୁନନ ତିରିମିଜି ହଦିସ୍ ନଂ-୩୦୬୪) ଥରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଲେ ମୁଁ ତୁମମାନଙ୍କ ମଧ୍ୟରେ ଏତେ ସମୟ ଅତିବାହିତ କରିସାରିଲିଣି କିନ୍ତୁ ତୁମେ କଦାପି ମୋତେ ମିଥ୍ୟାବାଦୀ ରୂପେ ପ୍ରମାଣିତ କରିପାରିନାହଁ । ତେବେ ମୁଁ କଣ ଆଜି ଏହି ଶିକ୍ଷା ଆଣିବା ଯୋଗୁ ସର୍ବଶକ୍ତିମାନ ଅଲ୍ଲାଃଙ୍କ ମାମଲାରେ ମିଛ କହିପାରିବି ?

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଅବତାରମାନେ ନିଜର ସମ୍ପୂର୍ଣ୍ଣ ସତ୍ୟବାଦୀ ହେବାର ପ୍ରମାଣ ଦେଇ ନିଜର ଶତ୍ରୁମାନଙ୍କୁ ମିଥ୍ୟାବାଦୀ ପ୍ରମାଣ କରିଗଲେ । ଯେପରି ପବିତ୍ର କୋରାନ୍‌ରେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ସମ୍ବନ୍ଧରେ ଦରଜ ଅଛି, **ଫକଦ ଲବିସ୍‌ତୁ ଫିକୁମ୍ ଉମ୍‌ରମ୍ ମିନ୍ କବ୍‌ଲିହି ଅଫଲା ତାକିଲୁନ୍** (ୟୁନୁସ୍-୧୭) ଅର୍ଥାତ୍ ମୁଁ ଏପରି ନୁହେଁ ଯେ ମିଛ କହି ତୁମକୁ ଭ୍ରମିତ କରିବି । ଦେଖ ତୁମମାନଙ୍କ ମଧ୍ୟରେ ମୁଁ ଚାଳିଶି ବର୍ଷ ଅତିବାହିତ କଲି । କେବେ ତୁମେ ମୋତେ ମିଥ୍ୟାବାଦୀ ରୂପେ ଦେଖିଛ । ତେବେ କଣ ତୁମକୁ ଏତିକି ଜଣାନାହିଁ ଅର୍ଥାତ୍ ଏହା ବୁଝା ପଡୁନାହିଁ କି ଯେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ମିଥ୍ୟା ବଚନ କରିନାହିଁ ସେ ଅଲ୍ଲାଃଙ୍କ ସମ୍ବନ୍ଧରେ କିଭଳି ମିଛ କହିବ । ସୁତରାଂ ଅବତାରମାନଙ୍କ ଜିବନୀ ସେମାନଙ୍କ ସତ୍ୟବାଦୀ ହେବା ନିମନ୍ତେ ଜ୍ୱଳନ୍ତ ପ୍ରମାଣ ଅଟେ । ଉଦାହରଣ ସ୍ୱରୂପ ଯଦି କୌଣସି ନ୍ୟାୟ ବିଚାରକ ଓ ଜ୍ଞାନବନ୍ତ ଏ ସମସ୍ତ ଦଲିଲ୍ ଓ ପ୍ରମାଣକୁ ଏକତରଫା କରି କେବଳ ହଜୁର୍ ସ:ଆ:ସ (ଅବସ୍ଥା) ଜିବନୀକୁ ଦେଖେ ତେବେ ତାଙ୍କୁ ସତ୍ୟବାଦୀ ହେବା ଦୃଢ଼ ବିଶ୍ୱାସ କରିନେବେ । କାହିଁକି ବା ବିଶ୍ୱାସ କରିବେ ନାହିଁ । ଉକ୍ତ ଘଟଣାବଳୀ ହିଁ ଏଭଳି ସ୍ୱଷ୍ଟ ଓ ସତ୍ୟର ସୁଗନ୍ଧରେ ବିମଣ୍ଡିତ ସେଥିଯୋଗୁଁ ସତ୍ୟର ସନ୍ଧାନକାରୀ ତାଙ୍କ ପ୍ରତି ଆକର୍ଷିତ ହେବା ସ୍ୱଭାବିକ । (ବରାହିନେ ଅହେମଦୀୟା, ଖଣ୍ଡ-୧, ପୃଷ୍ଠା-୧୦୭-୧୦୮)

ଆପଣଙ୍କ ସତ୍ୟବାଦୀ ହେବାର ପ୍ରମାଣ ଆପଣଙ୍କ ବାଲ୍ୟାବସ୍ଥାରୁ ଜଣାପଡ଼େ । ନବୁଓ୍ୱତ୍ ପରେ ଏହା ଆହୁରି ଅଧିକ ଉଚ୍ଚ ସ୍ତରକୁ ପହଂଚି ଯାଇଥିଲା । ତେଣୁ ଏହି ନବୀଙ୍କ ଅନୁଯାୟୀମାନଙ୍କୁ ନିଜର ନିରୀକ୍ଷଣ କରିବାର ଆବଶ୍ୟକତା ରହିଛି ଯେ ଆମକୁ ସତ୍ୟବାଦୀ ହେବାର କିଭଳି ସ୍ତର ହେବା ଉଚିତ୍ ।

ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କର ଆଉ ଏକ ସୁଗୁଣ ନମ୍ରତା ଅଟେ । ଏହାର ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଦେଖ ଆମ୍ଭ ପ୍ରିୟ ନବୀ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଏପରି ସଫଳ ଅଟନ୍ତି ଯାହା ତାଙ୍କ ପୂର୍ବ ସମସ୍ତ ଅବତାରମାନଙ୍କ ମଧ୍ୟରେ ଦେଖିବାକୁ ମିଳୁନାହିଁ । ଆପଣଙ୍କ ଅଲ୍ଲାଃ ଯେଉଁଭଳି ସଫଳତା ପ୍ରଦାନ କରିଚାଲିଲେ ଆପଣ ନମ୍ରତାର ସହିତ ସେଭଳି ଆଗକୁ ଆଗକୁ ବଢ଼ି ଚାଲିଲେ । ଥରେ ଜଣେ ବ୍ୟକ୍ତିକୁ ଆପଣଙ୍କ ନିକଟରେ ଉପସ୍ଥାପନ କରାଗଲା । ସେ ଆପଣଙ୍କ ନିକଟବର୍ତ୍ତୀ ହେବା ସମୟରେ ତାର ଶରୀର ପ୍ରକମ୍ପିତ ହେଉଥିଲା । ଆପଣ ସ:ଆ:ସ ତାକୁ ଅତ୍ୟନ୍ତ ବିନମ୍ରତାର ସହ ପଚାରିଲେ ମତେ ଦେଖି ଏପରି କାହିଁକି ଡ଼ରୁଛ । ମୁଁ ମଧ୍ୟ ତୁମପରି ଜଣେ ମଣିଷ ଅଟେ ଓ ଜଣେ ବୃଦ୍ଧ ମହିଳାର ପୁତ୍ର ଅଟେ । (ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃଷ୍ଠା-୨୫୮)

ଗୋଟିଏ ହଦିସ୍‌ରେ ଅଛି ଯେଉଁଥିରେ ହଜ୍‌ରତ୍ ସ:ଆ:ସଙ୍କ ବିନମ୍ରତାର ସନ୍ଧାନ ମିଳୁଛି ଏବଂ ଆପଣଙ୍କ ଅନୁଯାୟୀମାନଙ୍କ ପାଇଁ ଏଥିରେ ଉପଦେଶ ମଧ୍ୟ ନିହିତ ଅଛି ଯେ ସେମାନଙ୍କୁ କିପରି ନିଜର ଜୀବନ ବିତାଇବା ଉଚିତ୍ ।

ହଜରତ୍ ଅବୁ ହୁରେରା ର:ଅ କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ତୁମମାନଙ୍କ ମଧ୍ୟରୁ କେହି ନିଜ ଅମଳ ଦ୍ୱାରା ମୋକ୍ଷ ପାଇପାରିବେ ନାହିଁ । ସାହାବା କହିଲେ ହେ ରସୁଲଲ୍ଲାଃ ! କଣ ଆପଣ ମଧ୍ୟ ନୁହେଁ ? ଆପଣ ଉତରରେ କହିଲେ ମୁଁ ମଧ୍ୟ ନିଜ ଅମଳ ଦ୍ୱାରା ମୋକ୍ଷ ପାଇପାରିବି ନାହିଁ । କିନ୍ତୁ ଅଲ୍ଲାଃତାଲା ମୋତେ ନିଜର ରହେମତ୍(କୃପା)ର ଛତ୍ରଛାୟାରେ ନେଇନେବେ । ଆପଣ ନିର୍ଦ୍ଦେଶ ଦେଉଛନ୍ତି ଯେ ତୁମେମାନେ ସିଧା ହୋଇଯାଅ ଏବଂ ଶରୀୟତ୍‌ର ନିକଟତର ହୋଇଯାଅ ଓ ସକାଳ, ସଂଧ୍ୟା ଓ ରାତି ସମୟରେ ଉପାସନା କର ଏବଂ ମଧ୍ୟମତାକୁ ଗ୍ରହଣ କର । ତେବେ ଯାଇ ତୁମେ ନିଜର ମନସ୍କାମନା ପୁର୍ଣ୍ଣ କରିପାରିବ । (ସହି ବୁଖାରୀ, ହଦିସ୍ ନଂ-୬୪୬୩)

ସୁତରାଂ ଯେଉଁ ନବୀଙ୍କ ସଂକ୍ରାନ୍ତରେ ସ୍ୱୟଂ ଅଲ୍ଲାଃ କୁହନ୍ତି କି ତାହାର ବୟତ କରିବା ମୋ ବୟତ କରିବା ଅଟେ । ତାହା ହାତ ମୋ ହାତ ଅଟେ କିନ୍ତୁ ଅଲ୍ଲାଙ୍କ ଡର ଓ ନମ୍ରତାର ଭଳି ସ୍ତର ରହିଛି କି ସେ କହିଥାନ୍ତି କି ମୁଁ ମଧ୍ୟ ଅଲ୍ଲାଙ୍କ ଦୟା ଓ କୃପା ବଳରେ ହିଁ ମୁକ୍ତି ଲାଭ କରିପାରିବି । ଅତଃ ତୁମେ ନିଜ କାର୍ଯ୍ୟକଳାପ ଓ ଉପାସନା ପ୍ରତି ନଜର ରଖ ଏବଂ କଦାପି ନିଜ ଅଲ୍ଲାଙ୍କ ସହ ବିଶ୍ୱାସ ଘାତକତା କର ନାହିଁ କଦାପି ନମାଜ ପାଠ କରିବାରେ ଅବହେଳା କର ନାହିଁ ।

ପୁଣି ଆପଣ ବିଜୟ ଲାଭ କଲାପରେ ମଧ୍ୟ କିଭଳି ନମ୍ର ଆଚରଣ କରୁଥିଲେ, ସଂସାରିକ Leader ମାନେ ସଫଳତା ଲାଭ କଲେ ଫିରୋନ ପରି (ଅତ୍ୟାଚାରୀ) ହୋଇ ଯାଉଛନ୍ତି । ଏପରିକି ଜଣେ ସାଧାରଣ ବ୍ୟକ୍ତିକୁ ମଧ୍ୟ ଯଦି କୌଣସି ସଫଳତା ମିଳିଯାଏ ତେବେ ଗର୍ବ ଅହଂକାରରେ ତାଙ୍କ ମୁଣ୍ଡ ଉପରକୁ ହୋଇ ଯାଇଥାଏ । କିନ୍ତୁ ମହାପୁରୁଷ ହଜରତ ମହମ୍ମଦ ସ:ଆ:ଙ୍କ ଆଚରଣ ଦେଖ । ଯେଉଁ ସହରର ଲୋକେ ଆପଣ ଓ ଆପଣଙ୍କ ମାନ୍ୟକାରୀଙ୍କୁ ଅତ୍ୟାଚାର କରି ବିତାଡ଼ିତ କଲେ । ପୁଣି ଏତିକିରେ ରହିଲେ ନାହିଁ ବରଂ ତା'ପରେ ମଧ୍ୟ କଷ୍ଟ ଦେବାରେ କ୍ରମାଗତ ଭାବରେ ଏହି ପ୍ରୟାସ କରୁଥିଲେ କି କିପରି ଇସ୍‌ଲାମର ମୂଳପ୍ରାଟନ କରାଯିବ । କିନ୍ତୁ ତାହା ହିଁ ହୁଏ ଯାହା ଆଲ୍ଲା ଇଛା କରନ୍ତି । ପୁଣି ଆଲ୍ଲାଙ୍କ କୃପାରୁ ସେ ସମୟ ମଧ୍ୟ ଆସିଲା ଯେତେବେଳେ ମୁସଲ୍‌ମାନମାନେ ମକ୍କା ବିଜୟ କଲେ ଏବଂ ହଜୁର ସ:ଆ:ସ ମକ୍କାରେ ପର୍ଦ୍ଦାପଣ କଲେ । କିନ୍ତୁ କିପରି ଅବସ୍ଥାରେ ଇତିହାସ ମୁତାବକ ହଜୁର ସ:ଆ:ସ ୧୦,୦୦୦ ସାଥିଙ୍କ ସହ ମକ୍କାରେ ଦାଖଲ ହେଲେ । (ସିରତ ଇବନେ ହସାମ ପୃ-୭୫୦) ସେହି ଦିନ ଆପଣଙ୍କ ନିମନ୍ତେ ଆନନ୍ଦ ଓ ପ୍ରଶଂସାର ଦିନ ଥିଲା । କିନ୍ତୁ ଅଲ୍ଲାଙ୍କ କୃପାରୁ ଆପଣ ଅତ୍ୟନ୍ତ ବିନମ୍ରତାର ସ୍ତରରେ ପହଚିଂଥିଲେ । ଅଲ୍ଲାଃ ଆପଣଙ୍କୁ ଯେଭଳି ଉନ୍ନତି ପ୍ରଦାନ କରୁଥିଲେ ଆପଣ ନମ୍ରତାରେ ସେହିପରି ବଢ଼ିଚାଲିଥିଲେ । ଏପରିକି ଯେତେବେଳେ ଆପଣ ମକ୍କାରେ ପଦାର୍ପଣ କଲେ ନମ୍ରତାରେ ଏଭଳି ଆପଣଙ୍କ ମୁଣ୍ଡ ନଇ ପଡ଼ିଥିଲାକି ଓଟ ଉପରେ ପଡ଼ିଥିବା ଗଦିରେ ଲାଗିଯାଇଥିଲା । (ସିରତ ଇବନେ ହଶାମ ପୃ-୭୪୦)

ହଜରତ ମସିହ ମଉଦ ଆ:ସ ଏହି ଘଟଣା ଏପରି ବର୍ଣ୍ଣନା କରିଛନ୍ତି ଅଲ୍ଲାଙ୍କ ଭକ୍ତମାନଙ୍କୁ ଯେଉଁ ବିଜୟ ଓ ସଫଳତା ପ୍ରଦାନ କରାଯାଇଥାଏ ତାହା ନମ୍ରତାରେ ମିଶ୍ରିତ ଥାଏ କିନ୍ତୁ ସଇତାନର ଉଲୁଓ୍ୱା (ସଫଳତା) ରେ ଗର୍ବ ଓ ଅହଂକାର ମିଶ୍ରିତ ଥାଏ । ସୁତରଂା ସେ ଗର୍ବ କରେ । ଆପଣ କୁହନ୍ତି- ଦେଖ ଆମ ପ୍ରିୟନବୀ ହଜରତ ମହମ୍ମଦ ସ:ଆ:ସ ଯେତେବେଳେ ମକ୍କା ବିଜୟ କଲେ ସେହିପରି ଅଲ୍ଲାଙ୍କ ନିକଟରେ ନତମସ୍ତକ ହେଲେ ଯେପରି ଦୁଃଖ କଷ୍ଟ ଓ ଅସୁବିଧା ସମୟରେ ନତମସ୍ତକ ହେଉଥିଲେ ଯେତେବେଳେ ସେହି ମକ୍କାରେ ଆପଣ ସ:ଆ:ଓ ଙ୍କୁ ସବୁ ପଟୁ ବିରୋଦ୍ଧ କରାଯାଉଥିଲା ଓ ଦୁଃଖ କଷ୍ଟ ଦିଆଯାଉଥିଲା (ମଲଫୁଜାତ ଭାଗ ପୃଷ୍ଠା-୬୫)

ହଜରତ ମସିହ ମଉଦ ହଜୁର ସ:ଆ:ସ ଙ୍କ ନମ୍ରତାର ଚର୍ଚ୍ଚା କରି ଉପଦେଶ ମୁଳକ କହିଛନ୍ତି- ଅଯଥା ଗର୍ବ ଓ ଅହଂକାର କରିବା ନିଜର ବଡ଼ ପଣିଆ ବଖାଣିବାରୁ ନିବୃତ ରହିବା ଉୁଚିତ୍ । ନମ୍ର ଓ ସରଳତା ଅବଲମ୍ବନ କରିବା ଉଚିତ । ଦେଖ ହଜରତ ମହମ୍ମଦ ସ:ଆ:ସ ପ୍ରକୃତିରେ ଶ୍ରେଷ୍ଠ ପୁରୁଷ ଥିଲେ ତଥାପି ଆପଣଙ୍କ ନମ୍ରତାର ଉଦାହରଣ ପିବତ୍ର କୋରାନରେ ଦରଜ ରହିଛି ଲେଖାଅଛି ଜଣେ ଅନ୍ଧ ହଜୁର ସ:ଆ:ସ ନିକଟରେ କୋରାନ ପାଠ କରେ, ଏକଦା ମକ୍କାରେ ମାନ୍ୟଗଣ ବ୍ୟକ୍ତିଗଣ ଆପଣଙ୍କ ନିକଟରେ ଏକତ୍ରିତ ହେଲେ । ଆପଣ ସେମାନଙ୍କ ସହ କଥାବାର୍ତ୍ତା କରୁଥିବାରୁ ବ୍ୟସ୍ତତା ଦେଖି ଉକ୍ତ ଅନ୍ଧ ବ୍ୟକ୍ତି ଉଠିଚାଲିଗଲେ । ଏହା ଏକ ସାଧାରଣ କଥା ଥିଲା । କିନ୍ତୁ ଅଲ୍ଲାଙ୍କ ଏଥି ସମ୍ବନ୍ଧରେ ଏକ ସୁରା ଅବତିର୍ଣ୍ଣ କଲେ । ଏଥିରେ ହଜୁର ସ:ଆ:ଓ ଉକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କୁ ସାଙ୍ଗରେ ଧରି ଆସିଲେ ଓ ନିଜ ଚଦର ବିଛାଇ ବସାଇଲେ । ଆପଣ କୁହନ୍ତି- ଯେଉଁମାନଙ୍କ ହୃଦୟରେ ଅଲ୍ଲାଃଙ୍କ ପ୍ରତି ସମ୍ମାନ ଥାଏ ସେମାନଙ୍କୁ ନିଶ୍ଚିତ ରୂପେ ନମ୍ର ଓ ସରଳ ହେବାକୁ ପଡ଼ିଥାଏ କାରଣ ସେମାନେ ସର୍ବଦା ଅଲ୍ଲାଙ୍କୁ ଝୁରିଥାନ୍ତି ଓ ତାଙ୍କୁ ପାଇବାକୁ ଚେଷ୍ଟା କରିଥାନ୍ତି । ଏକ ଫାର୍ସି ପଦରେ ହଜରତ ମସିହ ମଉଦ ଆସ କୁହନ୍ତି- **"ଆନା ନକା ଆରଫ ତରଅନ୍ଦ ତରସାଁ ତର"** ଅର୍ଥାତ ଜ୍ଞାନବନ୍ତ ଓ ଦୂରଦ୍ରଷ୍ଟା ଅଟନ୍ତି ଯେଉଁମାନେ ଅଲ୍ଲାଙ୍କୁ ସବୁଠାରୁ ଅଧିକ ଡରିଥାନ୍ତି ଯଦି ସେ ଏଭଳି ଜ୍ଞାନ ପ୍ରଦାନ କରିଥାନ୍ତି ତେବେ ସେ ସେହିପରି ଧରପକଡ଼ ମଧ୍ୟ କରିଥାନ୍ତି । ଯଦି ଅଲ୍ଲାଙ୍କ (ପ୍ରତ୍ୟେକ) ହରକତରେ ରାଗିଯାନ୍ତି ତେବେ କ୍ଷଣକ ମଧ୍ୟରେ ଏହି ପୃଥିବୀ ଧ୍ୱଂସ ହୋଇଯିବ । ଆପଣ କୁହନ୍ତି ଅତଃ ଏହି ତଥ୍ୟ ଗୁଡ଼ିକ ଉପରେ ଗଭୀର ଅନୁଧ୍ୟାନ କରିବା ଏବଂ ଏସବୁ କଥା ମନେରଖି ଏଥି ମୁତାବକ ଅମଳ କରିବା । (ମଲଫୁଂଜାତ ଭାଗ-୧୦ ପୃ-୩୪୩, ୩୪୪)

ହଜରତ ସ:ଆ:ସ ଙ୍କ ଉତ୍‌ମ କର୍ମ ତ ସମସ୍ତ ସୁଗୁଣକୁ ପୂର୍ଣ୍ଣ ରୁପେ ଘେରି ରହିଥିଲା । ଏସବୁ ଗୋଟିଏ ବୈଠକରେ କଣ ଅନେକ ବୈଠକରେ ମଧ୍ୟ ବର୍ଣ୍ଣନା କରିବା ଅସମ୍ଭବ । ବର୍ତ୍ତମାନ ତାହାର ଗୋଟିଏ ସୁନ୍ଦର ଦିଗ ବର୍ଣ୍ଣନା କରିଦେଉଛି ଯାହାକି ଆପଣଙ୍କ ଦାନ ପ୍ରଦାନ କରିବାର ଗୁଣ- ହଜରତ ଇବନେ ଉମର ର:ଅ- କୁହନ୍ତି ମୁଁ ହଜୁର ସ:ଆ:ସଙ୍କ ଠାରୁ ଅଧିକ ବାହାଦୁର, ସମ୍ମାନୀୟ, ଦାନୀ ଓ ଅଲୌକିକ ବ୍ୟକ୍ତିତ୍ୱ ଦେଖି ନାହିଁ । (ସନନ ଦରାମି ହଦିସ୍ ନଂ-୬୦) ମନେ ହେଉଛି ଯେମିତି ସାହାବଙ୍କ ନିକଟରେ ହଜୁର ସ:ଆ:ସ ଙ୍କ ସୁଗୁଣ ବର୍ଣ୍ଣନା କରିବାର ସାମର୍ଥ ହିଁ ନ ଥିଲା । ଗୋଟିଏ ବିଶେଷ ଗୁଣ ଚର୍ଚ୍ଚା କରିବାକୁ ଚେଷ୍ଟା କଲେ ଆଉ ଚାରୋଟି ମନେପଡ଼ିଯାଇଥାଏ ।

ଆଉ ଏକ ହଦିସ ଦରଜ ଅଛି ହଜରତ ମହମ୍ମଦ ସ:ଆ:ସଙ୍କୁ କେତେକ ଅନସାର କିଛି ମାଗିଲେ । ଆପଣ ସେମାନଙ୍କୁ ତାହା ପ୍ରଦାନ କଲେ । ସେମାନେ ପୁନର୍ବାର ମାଗିଲେ । ଆପଣ ପୁନଃପ୍ରଦାନ କରିଦେଲେ ସେମାନେ ଆହୁରି ମାଗିଲେ ହଜୁର ସେମାନଙ୍କୁ ଏପରି ପ୍ରଦାନ କରିଚାଲିଲେ ଯେ, ଆପଣଙ୍କ ନିକଟରେ ଯାହା ଥିଲା ଶେଷ ହୋଇଗଲା । ହଜୁର ସ:ଆ:ସ କହିଲେ ମୋ ନିକଟରେ କିଛି ଅର୍ଥ ଥିଲେ ତାହାକୁ ତୁମମାନଙ୍କ ମଧ୍ୟରେ ବାଂଟି ଦେଇଥାଏ । (ବୁଖାରୀ ହଦିସ ନଂ-୧୪୬୯)

ଏକଦା ଆପଣଙ୍କ ନିକଟକୁ ୯୦,୦୦୦ ଦିରହମ କେଉଁଠାରୁ ଆସିଲା । ଆପଣ ଉକ୍ତ ରାଶୀ ସେହିଠାରୁ ହିଁ ବାଂଟି ଦେଲେ (ଅଏନୁଲ୍ ଅସର ଭାଗ-୨, ପୃ-୩୯୮) ଏକଦା ଜଣେ ବ୍ୟକ୍ତିକୁ ଛେଳିର ଏକ ଗୋଠ ପ୍ରଦାନ କଲେ ଯାହାକି ପାହାଡ଼ର ପାଦଦେଶକୁ ସମ୍ପୁର୍ଣ୍ଣ ରୂପେ ଘେରି ରହିଥିଲା । (ସହି ମୁସଲିମ୍ ହଦିସ ନଂ-୨୩୧୨) ଏକଦା ବହରୈନରୁ ଧନ ଆସିଲା ଏବଂ ଏତେ ପରିମାଣରେ ଥିଲା ଯେ ହଜୁର ସ:ଆ:ସ ତାହାକୁ ମସଜିଦ୍‌ରେ ଗଦା କରିଦେଲେ ଯେତେବେଳେ ଆପଣ ନମାଜ ପାଠ କରିବାକୁ ଆସିଲେ ଆପଣ ସେଥିପ୍ରତି ଦୃଷ୍ଟି ପକାଇଲେ ନାହିଁ । ନମାଜ ପାଠ କରିବା ଅନ୍ତେ ଆପଣ ସେ ସମସ୍ତ ଅର୍ଥ ବାଂଟି ଦେଲେ । (ସହି ବୁଖାରୀ ହଦିସ-୪୨୧) ଆପଣଙ୍କର ନମ୍ର ଓ ଦାନ କରିବା ଆଚରଣ ଥିଲା ଯା ଦ୍ୱାରା ଗାଁଉଲି ଲୋକମାନେ ଅତ୍ୟନ୍ତ ଅସମ୍ମାନ ରୂପେ ମାଗି ବସୁଥିଲେ । କିନ୍ତୁ ପୂର୍ଣ୍ଣ କ୍ଷମତା ପ୍ରାପ୍ତ ସର୍ତ୍ତ୍ୱେ ଆପଣ ଶାସକ ମୂଖ୍ୟ ହେବା ପରେ ମଧ୍ୟ ସେମାନଙ୍କ ଅସମ୍ମାନଙ୍କୁ ଅଣଦେଖା କରି ସେମାନଙ୍କ ଦାବି ପୂରଣ କରୁଥିଲେ । (ସହି ବୁଖାରୀ ହଦିସ ନଂ-୨୮୨୧)

ହଜରତ ମସିଦ ମଉଦ ଆ:ସ ଅବତାରମାନଙ୍କ ଉପରେ ଯେଉଁ କଷ୍ଟ ଓ ଅସୁବିଧାର ସମୟ ଏବଂ ବିଜୟ ଓ ଆରାମର ସମୟ ମଧ୍ୟ ଆସିଥାଏ, ସେ ସମ୍ବନ୍ଧରେ ଚର୍ଚ୍ଚା କରି କୁହନ୍ତି- ଏହି ଦୁଇପ୍ରକାର ସମୟ ଆସିବା ଅନିବାର୍ଯ୍ୟ ଯଦ୍ୱାରା ସମସ୍ତ ପ୍ରକାର ପରିସ୍ଥିତିରେ ସେମାନଙ୍କ ଅମଳ ସଂସାରବାସୀ ଜାଣି ନିଅନ୍ତୁ । ସାଂସାରିକ ଲୋକମନେ ଦୁଃଖ କଷ୍ଟ ପଡ଼ିଲେ ଧୈର୍ଯ୍ୟ ହରା ହୋଇଯାଇଥାନ୍ତି । ସେମାନେ ଅସୁବିଧାରେ ସମ୍ମୁଖୀନ ହେଲେ ଅଲ୍ଲାଃଙ୍କ ସରଣାଗତ ହୋଇଥାନ୍ତି । ଏବଂ ଲୋକମାନଙ୍କ ସହ ଉତମ ବ୍ୟବହାର କରିଥାନ୍ତି । ନିଜ ସାମର୍ଥ୍ୟ ମୁତାବକ ଗରୀବ ଲୋକମାନଙ୍କ ସାହାର୍ଯ୍ୟ ମଧ୍ୟ କରିଥାନ୍ତି । ଅତ୍ୟାଚାରୀଙ୍କ ମୁକାବିଲାରେ ନୀରବ ରକ୍ଷା କରିଥାନ୍ତି ଏବଂ ଧୈର୍ଯ୍ୟର ନମୁନା ପ୍ରଦର୍ଶନ କରିଥାନ୍ତି । କିନ୍ତୁ ଯେତେବେଳେ କ୍ଷମତା ହାସଲ ହୋଇଥାଏ ସେତେବେଳେ ଲୋକମାନଙ୍କ ମନ କଥା ବୁଝିବା ସେମାନଙ୍କ ଆବଶ୍ୟକତା ପୂରଣ କରିବା ଉତମ ଆଚରଣ କରିବା କ୍ଷମା କରିବା ପ୍ରକୃତ ସୁଗୁଣ ଅଟେ । ସୁତରାଂ ଦୁର୍ବଳ ଓ କ୍ଷମତା ହାସଲ ହେବା

ଅବସ୍ଥାରେ ହିଁ ଉତମ ଚରିତ୍ର ଜାଣିବାର ସଠିକ୍ ମାନଦଣ୍ଡ ଅଟେ । କାରଣ ନିଜକୁ କଷ୍ଟ ଦେଇଥିବା ବ୍ୟକ୍ତିଙ୍କୁ କ୍ଷମା ଦେବା ଏବଂ ନିଜକୁ ହଇରାଣ କରୁଥିବା ବ୍ୟକ୍ତିଙ୍କୁ ଛାଡ଼ିଦେବା ନିଜ ଶତ୍ରୁମାନଙ୍କୁ ପ୍ରେମ କରିବା ଧନ ସମ୍ପତି ପ୍ରତି ମୋହ ନରଖିବା, ଧନ ଆସିଲେ ଗର୍ବ ନ କରିବା, ମାଲଦାର ହେବା ସର୍ତ୍ତ୍ୱେ ଲୋଭ କରି ଅର୍ଥ ଗଚ୍ଛିତ କରି ନ ରଖି ଦାନ ଦକ୍ଷିଣାର ଦ୍ୱାର ଖୋଲିଦେବା । ସ୍ୱାର୍ଥପର ଭାବରେ ପ୍ରଶାସନକୁ ଅନ୍ୟାୟ ଅତ୍ୟାଚାରର ଅସ୍ତ୍ର ଭାବରେ ବ୍ୟବହାର ନ କରିବା ଆଦି ଏସବୁ ଏପରି ଚରିତ୍ର ତାକୁ ପ୍ରମାଣ କରିବା ପାଇଁ ଏଭଳି କ୍ଷମତା ସମ୍ପୁର୍ଣ୍ଣ ଓ ଆର୍ଥିକ ସ୍ତରରେ ସୁଦୃଢ଼ ହେବା ଆବଶ୍ୟକ ଯେତେବେଳେ ଏହି ଉଭୟ ସାମର୍ଥ୍ୟ ହାସଲ ହୋଇଥାଏ ସେତେବେଳେ ଜଣଙ୍କର ସୁଗୁଣ ସନ୍ଧାନ ମିଳିଥାଏ । ଏତତ୍ ବ୍ୟତୀତ ଉତମ ଚରିତ୍ର ଓ ମହାନତା ପ୍ରମାଣିତ ହୋଇ ନ ଥାଏ । ତେଣୁ ଅବତାର ଓ ସନ୍ଥମାନେ ଏହି ଉଭୟ ଅବସ୍ଥା ଅତିକ୍ରମ କରିଥାନ୍ତି ଏବଂ ଶହସ୍ର ପୁରସ୍କାର ପ୍ରଦାନ କରି ସେମାନଙ୍କର ପରୀକ୍ଷା ନିଆଯାଇଥାଏ । କିନ୍ତୁ ଏହି ଉଭୟ ପ୍ରକାର ପରୀକ୍ଷା କ୍ରମାଗତ ଭାବରେ ଆସିନଥାଏ ବରଂ କେତେକଙ୍କ ପାଇଁ ଆରାମ ଓ ସୁଖ ସମୃଦ୍ଧିର ଦିନ ପ୍ରଥମେ ଆସିଥାଏ ତ ପରବର୍ତୀ ସମୟରେ ଦୁଃଖ କଷ୍ଟ ଆସେ । ପୁଣି କେତେକ ନିମନ୍ତେ ଦୁଃଖ କଷ୍ଟରେ ଦିନ ପ୍ରଥମେ ଆସିଥାଏ । ତ ପରବର୍ତୀ ସମୟରେ ସାହାଯ୍ୟ ଓ ସମୃଦ୍ଧିର ଦିନ ଆସେ । ପୁଣି କତେକଙ୍କ ପାଇଁ ଏହି ଦୁଇ ଅବସ୍ଥା ଅନ୍ତର୍ନିହିତ ରହିଥାଏ । ପୁଣି କେତେକଙ୍କ ପାଇଁ ପୁର୍ଣ୍ଣ ରୂପେ ଦିବ୍ୟମାନ ହୋଇଥାଏ । ଏ ସଂକ୍ରାନ୍ତରେ ସର୍ବ ପ୍ରଥମ ହଜରତ ମହମ୍ମଦ ସ:ଆ:ସ ଅଟନ୍ତି । କାରଣ ଆପଣଙ୍କ ମହାନତା ସ୍ପଷ୍ଟ ରୂପେ ପ୍ରକାଶିତ ହୋଇଥିଲା । ଏବଂ ତାହା ଏଭଳି କ୍ରମାଗତ ଭାବରେ ଆସିଥିଲା । ଯଦ୍ୱାରା ଆପଣଙ୍କ ସମସ୍ତ ସୁଗୁଣ ସୂର୍ଯ୍ୟାଲୋକ ପରି ଆଲୋକିତ ହୋଇଥିଲା । ଏବଂ **ଇନ୍ନକା ଲାଅଲା ଖୁଲୁକିନ୍ ଅଜିମ୍** (ଅଲ୍‌କଲମ-୫) କହିବା ପ୍ରମାଣିତ ହୋଇଗଲା । ହଜୁର ସ:ଆ:ସ ଚରିତ୍ରର ଉଭୟ ଦିଗ ସ୍ପଷ୍ଟରୂପେ ସର୍ବତ୍ର ସ୍ତରକୁ ପହଚିଂବା ପ୍ରମାଣିତ ହୋଇଥିଲା ଏବଂ ଅନ୍ୟ ଅବତାରମାନଙ୍କ ଚରିତ୍ରର ନିଦର୍ଶନ ଥିଲା । କାରଣ ଆପଣ ସେ ସମସ୍ତ ଅବତାରମାନଙ୍କ ଧର୍ମପୁସ୍ତକକୁ ସମର୍ଥନ କରୁଥିଲେ ଏବଂ ସେମାନେ ଅଲ୍ଲାଙ୍କ ନିକଟବର୍ତୀ ଥିଲେ ବୋଲି ସ୍ପଷ୍ଟ କଲେ । (ବରାହିନେ ଅହେମଦିୟା ଭାଗ-୧ ପୃଷ୍ଠା-୨୮୨, ୨୮୫)

କୃତଜ୍ଞ ହେବା ଏକ ଉତମ ଗୁଣ ଯାହାର ସର୍ବୋଚ୍ଚ ସ୍ତର ଓ ଉଦାହରଣ ଆମକୁ ହଜରତ ମହମ୍ମଦ ସ:ଆ:ସଙ୍କ ନିକଟରେ ଦେଖିବାକୁ ମିଳୁଅଛି । ଆପଣ ନିଜ ସୃଷ୍ଟିକର୍ତାର କୃତଜ୍ଞ ହେବାରେ ସର୍ବୋଚ୍ଚ ସ୍ତର ହାସଲ କରିଥଲେ ଏବଂ ସୃଷ୍ଟିର କୃତଜ୍ଞ ହେବାର ମଧ୍ୟ ଆପଣ ଏହି ଦୁଆ କରନ୍ତି । ହେ ଅଲ୍ଲା ! ମୋତେ ନିଜର କୃତଜ୍ଞକାରୀ ଓ ପ୍ରଶଂସାକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କର । (ସୁନନ ଅବିଦାଉଦ ହଦିସ ନଂ-୧୫୧୦) ଆପଣ ପ୍ରଥମ ବର୍ଷାଟୋପା ପାନ କରି ଅଲ୍ଲାଙ୍କ ଉପରେ ପ୍ରଦତର କୃତଜ୍ଞତା ଜ୍ଞାପନ କରୁଥିଲେ । ଆପଣ ଅତ୍ୟନ୍ତ ସାଧା ଖାଦ୍ୟ ଖାଉଥିଲେ ତଥାପି ଖାଇବା ପରେ ଅଲ୍ଲାଙ୍କର ଅନେକ କୃତଜ୍ଞତା ଜ୍ଞାପନ କରୁଥିଲେ । ଏବଂ ଆପଣ ଆମ୍ଭଙ୍କୁ ମଧ୍ୟ ଏହି ଶିକ୍ଷା ଦେଲେ । କଦାଚିତ ଗୋଟିଏ ଖଜୁରୁ ସହିତ ରୋଟି ଖାଇ ନେଉଥିଲେ ଆଉ କେବେ ଝୋଳ ସହିତ ରୋଟି ଖାଇନେଉଥିଲେ ଏବଂ ସେଥିରେ ଅଲ୍ଲାଙ୍କ ଉକ୍ତ ପ୍ରଦତ ଖାଦ୍ୟରେ କୃତଜ୍ଞତା ଜ୍ଞାପନ କରୁଥିଲେ । (ସହି ବୁଖାରୀ ହଦିସ ନଂ-୫୪୫୯) ପୁଣି ନୁତନ ପୋଷାକ ପରିଧାନ କଲେ ଅଲ୍ଲାଙ୍କ କୃତଜ୍ଞ ହୁଅନ୍ତି (ସୁନନେ ତିରମିଜି ହଦିସ ନଂ-୧୭୬୭) ଅତଃ ଏଭଳି କୌଣସି ବସ୍ତୁ ନ ଥିଲା ଯାହାର ବ୍ୟବହାର କରିବା ପୂର୍ବରୁ ଆପଣ ଅଲ୍ଲାଃଙ୍କୁ ଧନ୍ୟବାଦ ଦେଉନଥିଲେ । ଆପଣଙ୍କର ଅତ୍ୟନ୍ତ ବିନମ୍ରତା ଦେଖି ପଚରାଗଲା କି ଏପରି ଦୀର୍ଘ ସମୟ ନମାଜ ପାଠ କରିବା ଦ୍ୱାରା ଆପଣଙ୍କ ପାଦ ଫୁଲି ଯାଉଛି ଏବଂ ସଜଦାରେ ଭୁମି ଆପଣଙ୍କ ଲୁହରେ ଭିଜି ଯାଉଛି ଯେତେବେଳେ କି ଅଲ୍ଲାଃ ଆପଣଙ୍କର ବିଗତ ଓ ଆସନ୍ତା ପାପ କ୍ଷମା ଦେବାର ସୁସମ୍ବାଦ ଦେଇ ସାରିଛନ୍ତି ତେବେ ଏଭଳି ଲୁହ ଝରାଇବାର ଆବଶ୍ୟକତା କ'ଣ ଅଛି । ସେତେବେଳେ ଆପଣ କି ସୁନ୍ଦର ଉତର ଦେଲେ କି କ'ଣ ମୁଁ ନିଜ ସୃଷ୍ଟିକର୍ତାଙ୍କର ଏଭଳି ପୁରସ୍କାର ପ୍ରଦାନ କରିବାର କୃତଜ୍ଞତା ଜ୍ଞାପନ କରିବି ନାହିଁ ? ଏଥି ସମ୍ବନ୍ଧରେ ହଜରତ ଅବୁବକର ସିଦିକ୍ ରଅ ଯେ କି ଆପଣଙ୍କ ବାଲ୍ୟ ବନ୍ଧୁ ଥିଲେ ଏବଂ ପ୍ରତ୍ୟେକ ଦୁଃଖ ଓ ଅସୁବିଧା ସମୟରେ ଆପଣଙ୍କ ସାଥିରେ ଥିଲେ । ଏକଦା କେହି ଜଣେ କୌଣସି ଝଗଡ଼ା ଯୋଗୁଁ କିଛି (ଖରାପ) କଥା ତାଙ୍କୁ କହିଲେ ଏଥିରେ ହଜୁର ସ:ଆ:ସ କହିଲେ ଯେତେବେଳେ ଅଲ୍ଲାଃ ମୋତେ ନିଜ ରସୁଲର ମାନ୍ୟତା ପ୍ରଦାନ କଲେ ସେତେବେଳେ ତୁମେ ସମସ୍ତେ ମୋତେ ମିଥ୍ୟାବାଦୀ ଘୋଷଣା କଲ କିନ୍ତୁ ଅବୁବକର ମୋତେ ସ୍ୱୀକାର କରି ନିଜ ଧନ ଜୀବନ ମାଧ୍ୟମରେ ସାହାଯ୍ୟ କଲେ । କଣ ତୁମେ ମୋ ବନ୍ଧୁକୁ କଷ୍ଟ ଦେବାରୁ ନିବୃତ ରହିବ ନାହିଁ । ଏକଦା ଆପଣ କହିଲେ ମୋତେ ସବୁଠାରୁ ଅଧିକ ସାହାଯ୍ୟର (ହାତ) ହଜରତ ଅବୁବକର କରିଛନ୍ତି (ସହି ବୁଖାରୀ ହବିସ ନଂ-୪୬୪୦) ଆପଣଙ୍କୁ କିଏ ବା ସାହାଯ୍ୟ କରିପାରିବ ବରଂ ଆପଣଙ୍କୁ ସାହାଯ୍ୟ କରିବା ତ ଗୌରବର କଥା କିନ୍ତୁ ଆପଣ ପ୍ରତ୍ୟେକ ସେବାର ପ୍ରତିବଦଳରେ ଅନେକ କିଛି ପ୍ରଦାନ କରୁଥିଲେ ପୁଣି ତତ୍ ସହିତ ଅଶେଷ କୃତଜ୍ଞତାର ମଧ୍ୟ ଫେରାଇ ଦେଉଥିଲେ ।

ହଜରତ ଆଇଶା ର:ଅଙ୍କ ନିକଟରେ ଯେତେବେଳେ ହଜୁର ସ:ଆ:ସ ହଜରତ ଖଦିଜା ର:ଅ ଙ୍କର ପ୍ରଶଂସା କଲେ ଆପଣ କୁହନ୍ତି କଣ ସର୍ବଦା ଆପଣ ସେହି ବୁଢ଼ିର ଚର୍ଚ୍ଚା କରୁଛନ୍ତି ଯେତେବେଳେ କି ଅଲ୍ଲା ଆପଣଙ୍କୁ ତା'ଠାରୁ ବଳି (ବେଶ୍ ସୁନ୍ଦରୀ) ପତ୍ନୀ ପ୍ରଦାନ କରିଛନ୍ତି । ଏଥିରେ ହଜୁର ସ:ଆ କହିଲେ ଯେତେବେଳେ ଲୋକେ ମୋତେ ମିଥ୍ୟାବାଦୀ କହୁଥିଲେ ସେତେବେଳେ ସେ ମୋତେ ସ୍ୱୀକାର କରିଥିଲେ । ଯେତେବେଳେ ଅନ୍ୟମାନେ ଆର୍ଥିକ ସାହାଯ୍ୟ କରିବାକୁ ମନା କରିଦେଲେ ସେତେବେଳେ ସେ ନିଜ ଧନସମ୍ପତି ଦ୍ୱାରା ସାହାଯ୍ୟ କଲେ ଏବଂ ଅଲ୍ଲାଃ ତାଲା ତାଙ୍କ ମାଧ୍ୟମରେ ମୋତେ ସନ୍ତାନ ସୁଖ ପ୍ରଦାନ କଲେ (ଅସଦୁଲ ଗାବା ପୃ-୮୬) ଅତଏବ ଆପଣ ହଜରତ ଖଦିଜାଙ୍କର ଏହି ସେବାଗୁଡ଼ିକ କଦାପି ଭୁଲି ନ ଥିଲେ ଏବଂ ସେଗୁଡ଼ିକୁ ତାଙ୍କର ଦୟା ମନେକରି ସର୍ବଦା ତାଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ । ଆଜି କାଲିକା ସ୍ୱାମୀମାନଙ୍କ ପାଇଁ ଏହା ଶିକ୍ଷା ହାସଲ କରିବା ଅଟେ । ସେମାନେ ନିଜ ପତ୍ନୀମାନଙ୍କ ରୋଜଗାର ଅତ୍ମସାତ କରି କହିଥାନ୍ତି କି ଦେଖ ମୁଁ ତୁମକୁ ପତ୍ନୀ ହେବାର ମର୍ଯ୍ୟାଦା ପ୍ରଦାନ କରିଛି ।

ପୁଣି ରାଜା ନଜାଶୀ ପଳାୟନକାରୀ ମୁସଲମାନମାନଙ୍କୁ ନିଜ ଦେଶରେ ଶରଣ ପ୍ରଦାନ କରିଥିବାରୁ ହଜର ସ:ଆ:ସ ହବ୍‌ଶାର ଉକ୍ତ ରାଜାଙ୍କର ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ ତାଙ୍କର ଏହି ଆଚରଣକୁ ମନେରଖିଥିଲେ । ଏକଦା ଯେତେବେଳେ ତାଙ୍କର ପ୍ରିତିନିଧି ଦଳ ଆପଣଙ୍କ ନିକଟରେ ଆସି ପହଂଚିଲେ ସେତେବେଳେ ଆପଣ ସ୍ୱୟଂ ସେମାନଙ୍କୁ ସ୍ୱାଗତ ଜଣାଇ ଦଣ୍ଡାୟମାନ ହୋଇଥିଲେ । ସାହାବା କହିଲେ ଆମେ ସେମାନଙ୍କ ସ୍ୱାଗତ କରିବା ନିମନ୍ତେ ଯଥେଷ୍ଟ । ଆପଣ କହିଲେ ସେ ରାଜା ମୋ ସାଥିମାନଙ୍କ ସମ୍ମାନ ରକ୍ଷା କରିବା ସହିତ ଉତମ ବ୍ୟବହାର କରିଥିଲେ । ସୁତରାଂ ମୁଁ ତାଙ୍କର ସେହି ଦୟାର ପ୍ରତିଫଳ ସ୍ୱୟଂ ସମ୍ପାଦନ କରିବାକୁ ଚାହେଁ । (ସିରତୁଲ୍ ହଲବିୟା ଭାଗ-୩ ପୃ-୭୨)

ପୁଣି ଯେତେବେଳେ ଆମେ ଆପଣଙ୍କୁ ଉତମ ଚରିତ୍ର ଗଠନର ଶିକ୍ଷାଦାତା ରୂପେ ଦେଖୁ ତେବେ ସେ ଦିଗରୁ ମଧ୍ୟ ଆପଣଙ୍କ ଚରିତ୍ର ବେଶ ସୁନ୍ଦର ଦିଶିଥାଏ । ଏକଦା ହଜରତ ଆଏଶା ର:ଅ ଆପଣଙ୍କ ନିକଟରେ ହଜରତ ସଫିଆ ର:ଅ ଙ୍କୁ ତାଙ୍କ ଉଚ୍ଚତା କମ୍ ଥିବା ଯୋଗୁଁ ଥଟ୍ଟା ପରିହାସ କଲେ । ସେତେବେଳେ ହଜୁର ସ:ଆ:ସ କହିଲେ ହେ ଆଏଶା ! ଏହା ଏକ ଏପରି କଥା ଯଦି ଏହାକୁ ସମୁଦ୍ରରେ ମିଶାଇ ଦିଆଯିବ ତେବେ ମଧ୍ୟ (ସମ୍ପୁର୍ଣ୍ଣ) ସମୁଦ୍ର ମଇଳା ହୋଇଯିବ । (ସୁନନ ତିରମିଜି ହଦିସ-୨୫୦୨)

ପୁଣି ପିଲାମାନଙ୍କ ଉତମ ଚରିତ୍ର ଗଠନ ନିମନ୍ତେ ଆପଣଙ୍କର କଣ ଶିକ୍ଷା ରହିଛି । ଜଣେ ସାହାବା ଅବଦୁଲ୍ଲା ବିନ୍ ଆମିର କୁହନ୍ତି ଏକଦା ଆମ ଗହଣକୁ ହଜୁର ସ:ଆ:ସ ଆସିଲେ । ସେତେବେଳେ ମୁଁ ଛୋଟ ଥିଲି । ମୁଁ ଖେଳିବାକୁ ବାହାରିବାରୁ ମୋର ମା କହିଲେ ଅବଦୁଲ୍ଲା ଏଠାକୁ ଆସ ମୁଁ ତୁମକୁ ଗୋଟିଏ ଜିନିଷ ଦେବି । ହଜୁର ସ:ଆ:ସ ତାଙ୍କୁ ପଚାରିଲେ କ'ଣ ତୁମେ ତାହାକୁ କିଛି ଦେବ ?ମା କହିଲେ ହଁ ମୁଁ ଖଜୁର ଦେବି । ହଜୁର କହିଲେ ଯଦି ତୁମେ କିଛି ନ ଦେଇଥାନ୍ତ ଏବଂ କେବଳ ପିଲାଙ୍କୁ ନିଜ ନିକଟକୁ ଡାକିବା ପାଇଁ ଏପରି କହୁଥିଲେ ତେବେ ତୁମେ ମିଥ୍ୟା କିହିବାର ପାପରୁ ଭାଗ ଦେଇଥାନ୍ତ ଏବଂ ମିଥ୍ୟା ବଚନ ଅଲ୍ଲାଙ୍କ ନିକଟରେ ସେ ସବୁଠାରୁ ବଡ଼ ପାପ ଅଟେ । (ସନନ ଅବୁଦାଉଦ ହଦିସ-୪୯୯୧)

ସୁତରାଂ ସତ କହିବାର ଏପରି ସ୍ତର ଆପଣ ନିର୍ଦ୍ଧାରଣ କରିଛନ୍ତି । ଯାହାକି ଆପଣ ନିଜ ମାନ୍ୟକାରୀଙ୍କ ମଧ୍ୟରେ ଦେଖିବାକୁ ଚାହୁଁଥିଲେ । ପଡ଼ୋଶୀ ସହ ଉତମ ବ୍ୟବହାର କରିବା ସମ୍ବନ୍ଧରେ ଇସଲାମର ଶିକ୍ଷା କ'ଣ ରହିଛି । ଏବଂ ଏଥି ସଂକ୍ରାନ୍ତରେ ଆପଣ କିଭଳି ଶିକ୍ଷା ଦେଲେ । ଏକଦା କେହି ଜଣେ ପଚାରିଲେ ହେ ଅଲ୍ଲାଙ୍କ ରସୁଲ ! ମୋତେ କିଭଳି ଜଣାପଡ଼ିବ ଯେ ମୁଁ ଯାହା କରୁଅଛି ଠିକ୍ କରୁଛି ନା ଭୁଲ୍ । ହଜୁର ସ:ଆ:ସ କହିଲେ ଯଦି ତୁମେ ନିଜ ପଡ଼ୋଶୀକୁ ଏହା କହିବାର ଶୁଣ ଯେ ତୁମେ ବହୁତ ଉତମ ବ୍ୟକ୍ତି ଅଟ ତେବେ ତୁମର ବ୍ୟବହାର ଭଲ ଅଟେ । କିନ୍ତୁ ଯଦି ତୁମେ ପଡ଼ୋଶୀଠାରୁ ଶୁଣ କି ତୁମେ ବହୁତ ଖରାପ ଅଟ ତେବେ ଜାଣିନିଅ ଯେ ତୁମର ଆଚରଣ ସଂଶୋଧନ ଯୋଗ୍ୟ ଏବଂ ତୁମେ ଭୁଲ ମାର୍ଗରେ ପରିଚାଳିତ ଅଛ । (ସନନ୍ ଇବନେ ମାଜା ହଦିସ ନଂ-୪୨୨୨)

ଏହା କିଛି ତଥ୍ୟ ଥିଲା ଯାହାକି ଆପଣଙ୍କ ଜୀବନର ନମୁନା ଅଟେ ଯାହାକୁ ମୁଁ ଏଠାରେ ଉପସ୍ଥାପନ କଲି । ଯେ କୌଣସି ଆଚରଣରେ ଆପଣଙ୍କ ଜୀବନ ଚରିତ ଉଚ୍ଚ ସ୍ତରରେ ବିରାଜମାନ ଏବଂ ଏପରି ଆପଣ ନିଜ ଅନୁଯାୟୀମାନଙ୍କୁ ଦେଖିବାକୁ ଚାହୁଁଥିଲେ । ଅଲ୍ଲାଃ କରନ୍ତୁ କି ଆମେ ହଜୁର ସ:ଆ:ସଙ୍କର ଏହି ଉତମ ଚରିତ୍ରର ଅନୁସରଣକାରୀ ହେଉ ଓ ବାସ୍ତବ ଜୀବନରେ ଅମଳ କରି ଦେଖାଉ କେବଳ ଏହା କଥା କହିବା ମଧ୍ୟରେ ସୀମିତ ହୋଇ ନ ରହିଯାଉ ଏବଂ ନିଜ ମୁକ୍ତି ପାଇବାର ପଥ ପରିସ୍କାର କରିଦେଉ ।

ହଜରତ ମସିହ ମଉଦ ଆସଙ୍କର ଗୋଟିଏ ଗଦ୍ୟ ଉପସ୍ଥାପନା କରୁଅଛି ହଜୁର କୁହନ୍ତି- ସେହି ମଣିଷ ଯେ ନିଜ ଗୁଣ, କର୍ମ, ଅମଳ, ଆଧ୍ୟାତ୍ମିକ ସ୍ତର ଓ ପବିତ୍ର ଶକ୍ତି ମାଧ୍ୟମରେ ନଦୀର ପୂର୍ଣ୍ଣ ନମୁନା ବୁହାଇଦେଲେ ଏବଂ ନିଜ ଅମଳ ଓ ସତ୍ୟବାଦୀର ପ୍ରମାଣ ଦେଲେ ଏବଂ ଇନସାନେ କାମିଲ (ସମ୍ପୁର୍ଣ୍ଣ ମାନବ) ବୋଲାଇଲେ । ସେ ଯେ ସମସ୍ତଙ୍କ ମଧ୍ୟରେ ସମସ୍ତ ଦିଗରେ ପୂର୍ଣ୍ଣତାର ନିଦର୍ଶନ ଥିଲେ । ଶ୍ରେଷ୍ଠ ନବୀ ଥିଲେ, ପୂର୍ଣ୍ଣ ବରକତର ସହିତ ଆସି ଆଧ୍ୟାତ୍ମିକତାର ପ୍ରଥମ ପ୍ରଳୟ ଦେଖାଇଗଲେ । ସମ୍ପୁର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡ ମରିଚିକା ଅବସ୍ଥାରେ ଥିଲା ଯାହାକୁ ସେ ଜୀବନ୍ତ କଲେ । ସେହି ମୁବାରକ ନବୀ, ଅନ୍ତିମ ଓ ସନ୍ଥମାନଙ୍କ ମୁଖ୍ୟ ନବୀ ସିରୋମଣି ଶ୍ରୀମାନ ହଜରତ ମହମ୍ମଦ ମୁସ୍ତଫା ସ:ଆ:ସ ଅଟନ୍ତି । ହେ ମୋର ଅଲ୍ଲା ! ଏହି ପ୍ରିୟ ନବୀଙ୍କ ଉପରେ ଏପରି ଦୟା ଓ କରୁଣା ବର୍ଷଣ କର ଯାହାକି ସୃଷ୍ଟି ପ୍ରାରମ୍ଭରୁ ତୁମେ କାହାକୁ ମଧ୍ୟ ପ୍ରଦାନ କରିନାହଁ । ଯଦି ଏହି ଶ୍ରେଷ୍ଠ ନବୀ ସଂସାରକୁ ଆସିନଥାନ୍ତେ ତେବେ ଯେତେ ଛୋଟ ନବୀ ସଂସାରକୁ ଆସିଥିଲେ ଯେମିତି ୟୁନସ, ଅୟୁବ, ମସିହ ଇବ୍‌ନେ ମରିୟମ୍, ମଲାକି ନବୀ, ୟହିୟା ଓ ଜକରିଆ ଇତ୍ୟାଦି ତାଙ୍କର ସତ୍ୟବାଦୀ ହେବା ସମ୍ବନ୍ଧରେ ଆମ ନିକଟରେ କୌଣସି ପ୍ରମାଣ ନାହିଁ କିନ୍ତୁ ସେମାନେ ଅଲ୍ଲାଙ୍କର ନିକଟବର୍ତୀ ଓ ପବିତ୍ର ତଥା ପ୍ରୀୟ ଥିଲେ, ଏହା ସେହି ନବୀର ଦୟା ଯଦ୍ୱାରା ଏ ସମସ୍ତେ ସତ୍ୟବାଦୀ ପ୍ରମାଣିତ ହେଲେ, ଅଲ୍ଲାହୁମ୍ମା ସଲ୍ଲେ ଓ୍ୱସଲିମ୍..... ଲିଲାହେ ରବ୍‌ବିଲ୍ ଆଲମିନ୍ । (ଇତ୍‌ମାମେ ହୁଜ୍ଜାଃ ରୁହାନି ଖଜାଏନ୍ ଭାଗ-୮ ପୃ-୩୦୮)

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କଲେ ଯେଉଁଥିରେ ପୃଥିବୀରେ ସମସ୍ତ ଅହେମଦି ଭାଇ ଭଉଣୀମାନେ ସାମିଲ ହେଲେ ଯେ କେହି ଶୁଣୁଥିଲେ ବା ଦେଖୁଥିଲେ । ତା'ପରେ ହଜୁର କାଦିଆନ ଜଲସାରେ ଉପସ୍ଥିତ ଥିବା ଅତିଥିଙ୍କ ଉପସ୍ଥାନ ଘୋଷଣା କଲେ ଯାହାକି ୧୪, ୨୪୨ ଥିଲା । ଏଥର ପାକିସ୍ତାନର ଅହେମଦିମାନେ କାଦିଆନ ଜଲସାରେ ଯୋଗ ଦେଇ ନଥିଲେ । ତଥାପି ବାହାରୁ ଅହେମଦିମାନେ ବେଶ୍ ଅଧିକ ସଂଖ୍ୟାରେ ଯୋଗଦେଇଥିଲେ ଏବଂ ଇଣ୍ଡୋନେସିଆରୁ ଏକ ଚାଟାର୍ଡ୍ ପ୍ଲେନ୍ ରେ ଅହେମଦି ଭାଇ ଓ ଭଉଣୀମାନେ ଆସି ଜଲସାରେ ଯୋଗ ଦେଇଥିଲେ ଏବଂ ଏଠିକାର (ଲଣ୍ଡନରେ) ଉପସ୍ଥାନ ୫୨୩୦ ଅଟେ ।

# ଶାନ୍ତିର ରାଜକୁମାର- ହଜରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ଓ୍ୱସଲ୍ଲମ୍

## ନସିର ଅହେମଦ୍ ଆରିଫ୍ ମୁରବୀ ସିଲ୍‌ସିଲା (ଦଫତର୍ ରିଶ୍‌ତାନାତା କାଦିଆନ୍)

ଅଲ୍ଲାଃତାଲାଙ୍କର ବହୁତ ଗୁଡ଼ିଏ ସିଫାତି (ବିଶେଷ) ନାମ ଅଛି । ସେମାନଙ୍କ ମଧ୍ୟରୁ ଗୋଟିଏ ସଲାମ୍ ଏବଂ ଆଉ ଗୋଟିଏ ଅଲ୍‌ମୁମିନ୍ ଅଟେ । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ଯେ:-**ହୁଓ୍ୱଲ୍‌ଲ୍ଲାହୁଲ୍ ଲଜ଼ି ଲା ଇଲାହା ଇଲ୍ଲାହୁ ଅଲ୍ ମଲିକୁଲ୍ କୁଦ୍ଦୁସୁସ୍ ସଲାମୁଲ୍ ମୁମିନୁଲ୍ ମୁ ହଇ ମିନୁଲ୍ ଅଜିଜୁଲ୍ ଯବ୍‌ବାରୁଲ୍ ମୁତକବ୍‌ବିର୍ ସୁବ୍‌ହାନଲ୍ଲାହି ଅମ୍ମା ୟୁଶ୍‌ରିକୁନ୍** (ସୁରା ହଶର:୨୪) ଅର୍ଥାତ୍-ସେ ହିଁ ଅଲ୍ଲାଃ ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ; ସେହି ସମ୍ରାଟ; ପବିତ୍ର; ପ୍ରତ୍ୟେକ ପ୍ରକାର ଦୋଷରୁ ମୁକ୍ତ; ସମସ୍ତଙ୍କ ପାଇଁ ଶାନ୍ତି ପ୍ରଦାୟକ ଓ ସମସ୍ତଙ୍କର ତତ୍ତ୍ୱାବଧାରକ; ପରାକ୍ରମୀ; ସମସ୍ତ ଭଗ୍ନ ହୃଦୟକୁ ସଂଯୁକ୍ତ କରିଥାନ୍ତି; ମହାମହିମମୟ; ସେମାନେ ତାହାଙ୍କ ସହିତ ଯେଉଁ ଯେଉଁ ବିଷୟକୁ ସମକକ୍ଷ ମନେ କରନ୍ତି, ଅଲ୍ଲାଃ ସେ ସବୁରୁ ପବିତ୍ର । ଏହିପରି ଆଉ ଏକ ଆୟତରେ ଅଲ୍ଲାଃତାଲ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଷୟରେ କହୁଛନ୍ତି:-**ଓ୍ୱମା ଅରସଲ୍ ନା କା ଇଲ୍ଲା ରହ୍‌ମତଲ୍ ଲିଲ୍ ଆଲମିନ୍** । (ସୁରା ଅମ୍ୱେୟା:୧୦୮) ଅର୍ଥାତ୍- ଏବଂ (ହେ ମହମ୍ମଦ) ଆମେ ତୁମକୁ ସାରା ସଂସାର ପାଇଁ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଅଛୁ ।

ଉପରୋକ୍ତ ଆୟତରେ ଅଲ୍ଲାତାଲା ନିଜର ସିଫାତ୍ (ବିଶେଷ ଗୁଣ) ଓ ଅସ୍‌ମାଏ ହସ୍‌ନା (ସୁନ୍ଦର ନାମ)ଙ୍କ ସହିତ ଅସ୍ ସଲାମ୍ ଓ ଅଲ୍‌ମୋମିନ୍‌ର ଚର୍ଚ୍ଚା କରିଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ସଲାମତ୍(ସୁରକ୍ଷା) ପ୍ରଦାନକାରୀ ଓ ଶାନ୍ତି ପ୍ରଦାନକାରୀ ଅଟନ୍ତି । ଅଲ୍ଲାଃତାଲାଙ୍କର ଏହି ଦୁଇଟି ବିଶେଷଗୁଣ ବହୁତ ସୁନ୍ଦର ରୂପେ ଶାନ୍ତିର ରାଜକୁମାର, ସମ୍ପୂର୍ଣ୍ଣ ଭକ୍ତ, ଦୁଇ ଲୋକର ସ୍ୱାମୀ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଅସ୍ତିତ୍ୱ ମାଧ୍ୟମରେ ପ୍ରକଟ ହେଲା । ଆଁ ହଜ୍‌ରତ୍ ସ:ଆ:ସ ବାସ୍ତବିକ ରୂପେ ଅବ୍‌ଦୁସ୍ ସଲାମ୍ (ସଲାମଙ୍କ ଭକ୍ତ) ଏବଂ ଅବ୍‌ଦୁଲ୍ ମୁମିନ୍ (ମୁମିନ୍‌ଙ୍କ ଭକ୍ତ) ଥିଲେ । ଯାହାଙ୍କ ଜରିଆରେ ସାରା ସଂସାରରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ଅନୁଗ୍ରହ ବହି ଚାଲିଲା । ଆପଣ ନା କେବଳ ସାରା ସଂସାରକୁ ଶାନ୍ତିର ବାର୍ତ୍ତା ଦେଲେ ବରଂ ସଂସାରକୁ ଏପରି ଉତମ ସିଦ୍ଧାନ୍ତ ଶିଖାଇଦେଲେ ଯାହା ଜରିଆରେ ସଂସାରରେ ବାସ୍ତବିକ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ସେହିପରି ଦ୍ୱିତୀୟ ଆୟତରେ ଅଲ୍ଲାଃତାଲା କହୁଛନ୍ତି ଯେ ଆମ୍ଭେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ରହମତୁଲ୍ ଲିଲ୍ ଆଲମିନ୍ କରି ପ୍ରେରଣ କରିଛୁ । ଅର୍ଥାତ୍-ଅଲ୍ଲାଃତାଲାଙ୍କ ସିଫତ ରହେମତ୍‌ର ଆପଣ ସ:ଆ:ସ ପୂର୍ଣ୍ଣ ପ୍ରତିଛବି ଅଟନ୍ତି । ସେଥିଯୋଗୁଁ ଆପଣ ସ:ଆ:ସ ସମଗ୍ର ସଂସାରକୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇଛନ୍ତି ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ "ବାସ୍ତବିକ ଶାନ୍ତି ସେତେବେଳେ ହାସଲ ହୋଇପାରିବ ଯେତେବେଳେ ଦୁନିଆରେ ଜଣେ ଏପରି ବଡ଼ ଅସ୍ତିତ୍ୱ ହେବେ ଯିଏ ଶାନ୍ତି ଚାହୁଁଥିବେ । ଏବଂ ଅନ୍ୟମାନଙ୍କୁ ଶାନ୍ତି ପହଂଚାଇବା ପାଇଁ ଚେଷ୍ଟିତ ଥିବେ ଏବଂ ଏପରି କାନୁନ୍ ଲାଗୁ କରିବାକୁ ଚାହୁଁଥିବେ ଯାହା ଶାନ୍ତି ପ୍ରଦାନକାରୀ ହୋଇଥିବ । ବାସ୍ତବିକ ସେହି ବ୍ୟକ୍ତି ହିଁ ଶାନ୍ତି ପ୍ରଦାନକାରୀ ବୋଲି ଅଭିହିତ ହୋଇପାରିବେ । ଯିଏ ଏହିପରି ଅସ୍ତିତ୍ୱ ଆଡ଼କୁ ଲୋକମାନଙ୍କୁ ଡ଼ାକୁଥିବେ । ଏପରି ଏହି ଶାନ୍ତି ପ୍ରଦାନକାରୀ ଅସ୍ତିତ୍ୱ ଆଡ଼କୁ ଧ୍ୟାନ ଆକର୍ଷଣ କରୁଥିବା ବ୍ୟକ୍ତି ହେଉଛନ୍ତି ମହମ୍ମଦ୍ ସ:ଆ:ସଙ୍କର ବ୍ୟକ୍ତିତ୍ୱ । ରସୁଲେ କରିମ୍ ସ:ଆ:ସ ସେହି ମନୁଷ୍ୟ ଅଟନ୍ତି ଯାହାଙ୍କ ଜରିଆରେ ସଂସାରବାସୀ ଜାଣିପାରିଲେ ଯେ ଅଲ୍ଲାତାଲାଙ୍କ ନାମଗୁଡ଼ିକ ଭିତରୁ ଗୋଟିଏ ନାମ ଶାନ୍ତିପ୍ରଦାନକାରୀ ଅଟେ । ସୁତରାଂ ସୁରା ହଶର୍‌ରେ ଅଲ୍ଲାଃତାଲାଙ୍କ ଯେଉଁ ନାମଗୁଡ଼ିକ ଉଲ୍ଲେଖ କରାଯାଇଛି ସେଥି ମଧ୍ୟରୁ ଗୋଟିଏ ନାମ ହେଉଛି ଏପରି- ଅଲ୍‌ମୁଲ୍‌କୁଲ୍ କୁଦ୍ଦୁସୁସ୍ ସଲାମ୍ । ହେ ମହମ୍ମଦ୍ ସ:ଆ:ସ ! ତୁମେ ଲୋକମାନଙ୍କର ଧ୍ୟାନ ଆକର୍ଷଣ କର ସେହି ଖୁଦାଙ୍କ ଆଡ଼କୁ ଯିଏ ସମ୍ରାଟ ଅଟନ୍ତି, ପବିତ୍ର ଏବଂ ଅସ୍‌ସଲାମ୍ ଅଟନ୍ତି । ଅର୍ଥାତ୍-ସଂସାରବାସୀଙ୍କୁ ଶାନ୍ତି ପ୍ରଦାନକାରୀ ଏବଂ ସମସ୍ତ ଶାନ୍ତିର ସ୍ରୋତ ଅଟନ୍ତି । (ଆଁ ହଜ୍‌ରତ୍ ସ:ଆ:ସ ଓ ଅମ୍‌ନେ ଆଲମ୍ ଅନୁଓ୍ୱାରୁଲ୍ ଓ୍ୱଲୁମ୍ ଖଣ୍ଡ-୧୫, ପୃଷ୍ଠା-୧୯୪)

ଆମର ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ହିଁ ବାସ୍ତବିକ ରୂପେ ଅମନ ଓ ସଲାମତିର ପୈଗମ୍ବର୍ ଏବଂ ସମ୍ରାଟ ଥିଲେ । ସୁତରାଂ ଏହି ସମ୍ବୋଧନ ଆପଣ ସ:ଆ:ସଙ୍କୁ ବହୁ ଶତାବ୍ଦି ପୂର୍ବେ ୟସ୍‌ୟାଃ ନବୀ ମଧ୍ୟ ଦେଇଥିଲେ । ସୁତରାଂ ଲେଖାହୋଇଛି ଯେ:- "ଆମକୁ ଏକ ପୁତ୍ର ପ୍ରଦାନ କରାଯାଇଛି ଏବଂ ସାମ୍ରାଜ୍ୟ ତା କାନ୍ଧ ଉପରେ ରହିବ ଓ ସେ ଏହି ନାମଗୁଡ଼ିକରେ ନାମିତ ହେବେ । ଅଜିବ, ମୁଶିର୍, ଖୁଦାଏ କାଦିର, ଅବଦି ତକାବତ୍ ଓ ଶାନ୍ତିର ରାଜ କୁମାର । ତାଙ୍କର ସାମ୍ରାଜ୍ୟର ପ୍ରତିଷ୍ଠା ଏବଂ ଶାନ୍ତି ସୀମାହିନ ହେବ । ସେ ଦାଉଦର ସିଙ୍ଘାଶନ ଉପରେ ଓ ତାର ରାଜ୍ୟ ଉପରେ ଆଜିଠାରୁ ଶାସନ କରିବେ ।...ଓ ନ୍ୟାୟ ଓ ସତ୍ୟ ଦ୍ୱାରା ତାକୁ ପ୍ରତିଷ୍ଠା କରାଇବେ ।...

(ୟସିୟାଃ ବାବ-୯ ଆୟତ-୬-୭)

ୟସିୟାଃ ନବୀଙ୍କ ଏହି ଭବିଷ୍ୟବାଣୀ ଆପଣ ସ:ଆ:ସ ଙ୍କ ବାବର୍‌କତ୍ ଅସ୍ତିତ୍ୱ ଉପରେ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ ହେଲା । ଅଲ୍ଲାଃତାଲା ଆପଣ ସ:ଆ:ସଙ୍କୁ ସାମ୍ରାଜ୍ୟର ପ୍ରତିଷ୍ଠା ପ୍ରଦାନ କଲେ । ଆପଣ ସ:ଆ:ସଙ୍କୁ ଅଲ୍ଲାଃତାଲା ଅସିମୀତ ଯଶ ପ୍ରଦାନ କଲେ । ସଂସାରର ସମସ୍ତ ଜାତିକୁ ଆପଣ ସ:ଆ:ସ ଶାନ୍ତିର ଏପରି ସୁନ୍ଦର ବାର୍ତ୍ତା ଦେଲେ ଯାହା ଫଳରେ ସେମାନଙ୍କ ମଧ୍ୟରେ ଆଜ୍ଞାବହତାର ଓ ସତ୍ୟନିଷ୍ଠାର ଏପରି ଉତମ ନମୁନା ଦେଖାଇଲେ ଯେ ସେମାନଙ୍କ ମଧ୍ୟରୁ ବହୁତ ଲୋକ ଆପଣ ସ:ଆ:ସଙ୍କ ସମ୍ମୁଖରେ ନତମସ୍ତକ ହୋଇଗଲେ । ଆପଣ ସ:ଆ:ସ ନିଜ ସାହାବା ର:ଅ ଙ୍କୁ ଯେଉଁ ମୂଳଶିକ୍ଷା ଦେଲେ ତାହା ଶାନ୍ତି ଓ ସଲାମତିର ଶିକ୍ଷା ଥିଲା । ଯେପରିକି ଆପଣ ସ:ଆ:ସ କହୁଛନ୍ତି-ଅଲ୍ ମୁସ୍‌ଲିମୁ ମନ୍ ସଲିମନ୍ ନାସା ମିନ୍ ଲିସାନିହି ଓ୍ୱ ୟଦିହି । (ମସନଦ୍ ଅହେମଦ୍ ପୃଷ୍ଠା-୨୨୪) ଅର୍ଥାତ୍ ଜଣେ ବାସ୍ତବିକ୍ ମୁସଲ୍‌ମାନ୍‌ର ପରିଚୟ ଏହା ଅଟେ ଯେ ତାର ମୁହଁ, ଓ ହାତ, କଥନ ଓ କାର୍ଯ୍ୟ ଦ୍ୱାରା ସେ କାହାକୁ କଷ୍ଟ ଦେବେନାହିଁ । ସମସ୍ତେ ତା ନିକଟରୁ ସୁରକ୍ଷିତ ରହିବେ । ଆପଣ ସ:ଆ:ସ ଜଣେ ବାସ୍ତବିକ ମୁସଲ୍‌ମାନ ପାଇଁ ସୁନ୍ଦର ପରିଚୟ ପ୍ରଦାନ କରିଛନ୍ତି ଯେ ଯଦି ତାଙ୍କଠାରୁ ଅନ୍ୟ ଲୋକମାନେ ସୁରକ୍ଷିତ ଅଟନ୍ତି ତେବେ ଯାଇ ସେ ମୁସଲ୍‌ମାନ ବୋଲାଇବାର ହକ୍‌ଦାର ଅଟନ୍ତି ।

ଆଁ ହଜ୍‌ରତ୍ ସ:ଆ:ସ ଦୁନିଆକୁ ଧର୍ମୀୟ ସ୍ୱାଧୀନତାର ଶିକ୍ଷା ଦେଇକରି ଶାନ୍ତି ଓ ସଲାମତିର ମଜବୁତ୍ ମୂଳଦୁଆ ରଖିଛନ୍ତି । ଅଲ୍ଲାଃତାଲା ଆଁ ହଜରତ୍ ସ:ଆ:ସଙ୍କୁ କହୁଛନ୍ତି-ଲା ଇକ୍‌ରାହା ଫିଦ୍ଦିନ୍ । (ସୁରା ବକ୍‌ରା-୨୫୭)ଅର୍ଥାତ୍- ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ । ଆପଣ ସ:ଆ:ସ ଅଲ୍ଲାଃଙ୍କ ଶିକ୍ଷା ମୁତାବକ ସମସ୍ତ ଜାତିର ଲୋକମାନଙ୍କୁ ନିଜର ପବିତ୍ର ଶକ୍ତି ପ୍ରେମ ଓ ଭଲପାଇବା ଦ୍ୱାରା ଶାନ୍ତିପୂର୍ଣ୍ଣ ରଙ୍ଗରେ ନିଜ ଆଡ଼କୁ ଟାଣିନେଲେ । ଧର୍ମୀୟ ପଥ ପ୍ରଦର୍ଶକ ଓ ପବିତ୍ର ଲୋକମାନଙ୍କୁ ସମ୍ମାନ ନ କରିବା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରୁନାହିଁ । ଆଁ ହଜ୍‌ରତ୍ ସ:ଆ:ସ ସମସ୍ତ ଧର୍ମର ପ୍ରତିଷ୍ଠାତାମାନଙ୍କୁ ସମ୍ମାନ କରିବା ପାଇଁ ଶିକ୍ଷା ଦେଇଛନ୍ତି । ଯେତେବେଳେ ନସାରାର ଗୋଟିଏ ଦଳ ନଜରାନରୁ ଆସି ମଦିନାରେ ଉପସ୍ଥିତ ହେଲେ ଆପଣ ସେମାନଙ୍କର ଅତିଥି ସତ୍କାର କଲେ । ମସ୍‌ଜିଦ୍ ନବୱିରେ ସେମାନଙ୍କୁ ରହିବା ପାଇଁ ଜାଗା ଦେଲେ ବରଂ ସେମାନଙ୍କୁ ତାଙ୍କ ନିଜ ପ୍ରଣାଳୀରେ ଉପାସନା କରିବା ପାଇଁ ମସ୍‌ଜିଦ୍ ଭିତରେ ଅନୁମତି ମଧ୍ୟ ଦେଲେ ଏବଂ ଯେତେବେଳେ ସାଧାରଣ ମୁସଲ୍‌ମାନ୍‌ମାନେ ସେମାନଙ୍କୁ ଏପରି କରିବା ପାଇଁ ବାରଣ କଲେ ସେତେବେଳେ ଆପଣ ସ:ଆ:ସ ସେମାନଙ୍କ କଥା ନ ଶୁଣି ତାଙ୍କୁ ଉପାସନା କରିବାକୁ ଅନୁମତି ଦେଲେ । (ସିରତୁନ୍‌ନବୀ ପୃଷ୍ଠା-୬୧୧)

ଜଣେ ୟହୁଦୀ ଓ ଜଣେ ମୁସଲମାନ ଆପୋଷରେ କଥା ହେଉଥିଲେ ଯେ ସେମାନଙ୍କର ନବୀ ଶ୍ରେଷ୍ଠତମ ବୋଲି । ଏ ସମୟରେ ତାଙ୍କ ଭିତରେ ଝଗଡ଼ା ହୋଇଗଲା । ମୁସଲ୍‌ମାନ୍ ଜଣଙ୍କ ୟହୁଦୀଙ୍କୁ ମାଡ଼ ମାରିଲେ । ୟହୁଦୀ ଜଣଙ୍କ ଆପଣ ସ:ଆ:ସଙ୍କ ଗୋଚରେ ଅଭିଯୋଗ ଆଣିଲେ । ଆପଣ ସ:ଆ:ସ କେଡ଼େ ଉତମ ଶାନ୍ତି ଓ ସମ୍ମାନର ଶିକ୍ଷା ଦେଲେ ତାହା ଏହି ଶବ୍ଦରୁ ବାରିହୋଇଯାଉଛି । କହିଲେ ଲାତୁଖଇୟରୁନି ମିନ୍ ବଇନିଲ୍ ଅମ୍ବିୟାଇ । (ସହିବୁଖାରୀ)ଅର୍ଥାତ୍ ମତେ ଅନ୍ୟ ନବୀମାନଙ୍କ ଉପରେ ପ୍ରାଧାନ୍ୟ ଦିଅନାହିଁ ।

ଆପଣ ସ:ଆ:ସ ଯେତେବେଳେ ମକା ବିଜୟ କଲେ ସେ ସମୟରେ ଆପଣ ସ:ଆ:ସ ଇସ୍‌ଲାମୀୟ ଶରିୟତ୍ ମୁତାବକ ଶାନ୍ତି ସ୍ଥାପନ କରି ଏକ ସୁନ୍ଦର ଓ ଅତୁଳନୀୟ ନମୁନା ଉପସ୍ଥାପନ କଲେ । ଯାହାର ଦୃଷ୍ଟାନ୍ତ ମିଳୁନାହିଁ । ଆପଣ ସ:ଆ:ସଙ୍କୁ ସେ ସମୟରେ ତାଙ୍କଠାରୁ ପ୍ରତିଶୋଧ ନେବାର ପୁରା ହକ୍ ହାସଲ ଥିଲା । କାରଣ ଅହେଲେ ମକ୍କା ହୁଦବିୟାର ସୁଲାହନାମାକୁ ଭାଙ୍ଗିଦେଇଥିଲେ । କିନ୍ତୁ ଆପଣ ସ:ଆ:ସ ଯେତେବେଳେ ମକା ଉପରେ ଚଢ଼ାଉକଲେ, ରକ୍ତର ଗୋଟିଏ ବିନ୍ଦୁ ମଧ୍ୟ ନବୁହାଇ ତାକୁ ବିଜୟ କଲେ ।

ମଦିନାର ହିଜ୍‌ରତ୍ ପରେ ଆପଣ ସ:ଆ:ସ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମୂଳ ପଦକ୍ଷେପ ନେଇଥିଲେ ଏବଂ ମଦିନାରେ ଇସ୍‌ଲାମୀୟ ସାମ୍ରାଜ୍ୟର ମୂଳଦୁଆ ରଖିଥିଲେ । ଆପଣ ସ:ଆ:ସ ୟହୁଦୀଙ୍କ ସହିତ ଶାନ୍ତି ଚୁକ୍ତି କରିଥିଲେ । ଏହି ଚୁକ୍ତି ମାଧ୍ୟମରେ ମଦିନାରେ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିତ ଚେଷ୍ଟା କରାଯାଇଥିଲା । ଧର୍ମୀୟ ସ୍ୱାଧୀନତାକୁ ଗ୍ରହଣ କରାଯାଇଥିଲା ଓ ଆକ୍ରମଣକାରୀଙ୍କ ପ୍ରତିରୋଧ ମିଳିମିଶି କରିବା ପାଇଁ ଚୁକ୍ତି ହୋଇଥିଲା । ଏହା ସବୁ ଶାନ୍ତି ପ୍ରତିଷ୍ଠା ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏକ ଉତମ ଦୃଷ୍ଟାନ୍ତ ଥିଲା ଯାହା ଫଳରେ ମଦିନା ଏକ ଶାନ୍ତିପ୍ରିୟ ସ୍ଥାନ ହୋଇଗଲା ।

ହୁଜତୁଲ୍ ୱିଦାର ଐତିହାସିକ ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ମିନାଠାରେ ଯେଉଁ ଖୁତ୍‌ୱା ପ୍ରଦାନ କରିଥିଲେ ତାହା ଏକ ଆନ୍ତର୍ଜାତୀୟ ଶାନ୍ତିବାର୍ତା ଥିଲା । ଏବଂ ଆଜି ମଧ୍ୟ ତାହା ଦୁନିଆକୁ ଶାନ୍ତି ଦେଇପାରିବ । ଆପଣଙ୍କ ଏହି ମହତ୍ୱପୂର୍ଣ୍ଣ ଖୁତ୍‌ବାରୁ କିଛି ଉପସ୍ଥାପନ କରାଯାଉଛି । ଆପଣ କହିଲେ "ହେ ଲୋକମାନେ ଯାହାକିଛି ମୁଁ କହୁଅଛି ତାକୁ ଧ୍ୟାନ ଦେଇ ଶୁଣ ଏବଂ ମନେରଖ । ସମସ୍ତ ମୁସଲ୍‌ମାନ ନିଜ ଭିତରେ ଭାଇ ଭାଇ ଅଟନ୍ତି । ତୁମେ ସବୁ ବରାବର ଅଟ । ତୁମେ ଯେକୌଣସି କବିଲା ବା ଜାତି ସହିତ ସମ୍ପର୍କ ରଖୁଥାଅ ନା କାହିଁକି ତୁମେ ସମସ୍ତେ ସମାନ ଅଟ ।...(ମାହାନାମା ଅଲ୍ ଫୁର୍‌କାନ୍ ରବୱା ଜୁଲାଇ ୧୯୫୬ ପୃଷ୍ଠା-୧୯-୨୦)

ଇସ୍‌ଲାମ୍ ଉପରେ ଏ ଅଭିଯୋଗ ବିଲ୍‌କୁଲ୍ ଭୁଲ୍‌ଅଟେ ଯେ ସେ ଅଣମୁସଲ୍‌ମାନମାନଙ୍କ ସହିତ ଖରାପ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଉଛି । ଇସ୍‌ଲାମ୍ ଏହାକୁ କଦାପି ପସନ୍ଦକରେ ନାହିଁ ଯେ ଶତ୍ରୁଙ୍କ ସହିତ ମଧ୍ୟ ଅନ୍ୟାୟ ଓ ଖରାପ ବ୍ୟବହାର କରାଯାଉ । ଇସ୍‌ଲାମ୍‌ର ଶାନ୍ତି, କ୍ଷମା ଏପରି ନିର୍ଦ୍ଦେଶ ଅଛି ଯେ ସେ ଶତ୍ରୁଙ୍କୁ ମଧ୍ୟ କ୍ଷମା ଦେଇଥାଏ । ଏବଂ ସେ ଏହି ଶିକ୍ଷା ଦେଉଛି ଯେ ଯେଉଁ ବ୍ୟକ୍ତି କ୍ଷମା କରିଦେବ ଓ ସୁଲାହ ସଫାଇ କରନେବ ତାର ସବାବ (ସୁଫଳ) ଅଲ୍ଲାଃତାଲା ନିଜେ ପ୍ରଦାନ କରିବେ । ସୁତରାଂ ଇସ୍‌ଲାମ୍ ଅମନ୍ ଓ ଶାନ୍ତିର ଧର୍ମ ଅଟେ । ଅତ୍ୟାଚାର ଓ କଠୋରତାକୁ କ୍ଷଣିକପାଇଁ ମଧ୍ୟ ସେ ପ୍ରଶ୍ରୟ ଦିଏନାହିଁ । ତା ନିକଟରେ ଅତ୍ୟାଚାର ଓ କଠୋରତା ଦ୍ୱାରା ମନୁଷ୍ୟର ପ୍ରକୃତିକୁ ନଷ୍ଟ କରିଦିଆଯାଏ । ସମାଜ ଖରାପ ହୋଇଯାଏ ଓ ଦୁନିଆରେ ଅଶାନ୍ତି ଜନ୍ମ ନିଏ । ଇସ୍‌ଲାମ୍ ନିକଟରେ ସମସ୍ତ ମଖଲୁକ୍ (ପ୍ରାଣୀଜଗତ) ଅଲ୍ଲାଃଙ୍କ କୁଟୁମ୍ବ ଅଟନ୍ତି ଏବଂ ଇସ୍‌ଲାମ୍ ସମସ୍ତଙ୍କ ସହିତ ଭଲ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ । ମଣିଷ ତ ମଣିଷ ଇସ୍‌ଲାମ୍ ପଶୁମାନଙ୍କୁ ମଧ୍ୟ ଦୁଃଖ କଷ୍ଟ ଦେବାପାଇଁ ବିରୋଧ କରିଥାଏ । ଇସ୍‌ଲାମ୍‌ର ଶିକ୍ଷା ସୂର୍ଯ୍ୟପରି ସ୍ପଷ୍ଟ ଯେ ଇସ୍‌ଲାମ୍ ଏକ କରୁଣାର ଧର୍ମ ଅଟେ । ଇସ୍‌ଲାମରେ ଅତ୍ୟାଚାର, ସନ୍ତ୍ରାସବାଦ ଓ ଆକ୍ରମଣର କୌଣସି ସ୍ଥାନ ନାହିଁ ।

ପବିତ୍ର କୋରାନ୍ ଅମାନ୍ (ଶାନ୍ତି), ପ୍ରେମ ଓ ସୋହାର୍ଦ୍ଦ୍ୟର ଶିକ୍ଷାରେ ଭରି ରହିଛି । ଯାହାଙ୍କର ସମ୍ପୂର୍ଣ୍ଣ ପ୍ରତିଛବି ଆଁ ହଜ୍‌ରତ୍ ସ:ଆ:ସ ଅଟନ୍ତି । ଯେଉଁ ଲୋକମାନେ ଇସ୍‌ଲାମ୍ ଉପରେ ଏପରି ଆରୋପ ଲଗାଉଛନ୍ତି ଯେ ଏହା ଆତଙ୍କବାଦର ଶିକ୍ଷା ଦେଉଅଛି ବୋଲି ତାହା ସବୁ ସମ୍ପୂର୍ଣ୍ଣ ରୂପେ ଭୁଲ୍ ଏବଂ ଭିତିହୀନ । ଇସ୍‌ଲାମ୍ ନିଜର ବିରୋଧିଙ୍କ ସହିତ ଉତମ ବ୍ୟବହାର, ନିଜ ପଡ଼ୋଶୀଙ୍କ ସହିତ ଉତମ ବ୍ୟବହାର ଏବଂ ଅନ୍ୟାନ୍ୟ ଧର୍ମର ପ୍ରତିଷ୍ଠାତାମାନଙ୍କ ସହିତ ଉତମ ବ୍ୟବହାରର ନିର୍ଦ୍ଦେଶ ଦେଇଥାଏ । ଆଜି ଆତଙ୍କବାଦୀ ଗୋଷ୍ଠୀ ନିର୍ଦୋଶ ଲୋକମାନଙ୍କୁ ଯେପରି ମାରୁଛନ୍ତି ଏହି ଅମଳ ସମ୍ପୂର୍ଣ୍ଣ ରୂପେ ଅଣ ଇସ୍‌ଲାମୀୟ ଅଟେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶଠାରୁ ବହୁଦୂରରେ । ଇସ୍‌ଲାମୀୟ ଇତିହାସରେ ଗୋଟିଏ ବି ଏପରି ଅବସର ମିଳେନାହିଁ ଯେ ଆପଣ ସ:ଆ:ସ ସେ ମୁସଲ୍‌ମାନ ହେଉ ବା ଅଣ ମୁସଲ୍‌ମାନ ହେଉ କାହାକୁ ଦୁଃଖ ଦେବାପାଇଁ ବା କାହାକୁ ମାରିବା ପାଇଁ ଆପଣ ନିର୍ଦ୍ଦେଶ ଦେଇଥିବେ । ଆପଣ ସ:ଆ:ସ ସର୍ବଦା ପ୍ରେମ ଓ ସୌହାର୍ଦ୍ଦ୍ୟର ଶିକ୍ଷା ଦେଇଆସିଛନ୍ତି । ଆପଣଙ୍କ ଜୀବନୀ କ୍ଷମା ଓ ଦୟାରେ ପରିପୂର୍ଣ୍ଣ । ଫଳତଃ ମକା ସମୟରେ ଆପଣ ବଡ଼ ବଡ଼ ଶତ୍ରୁଙ୍କୁ ମଧ୍ୟ କ୍ଷମା ଦେଇଦେଲେ ଯାହାର ଦୃଷ୍ଟାନ୍ତ କେଉଁଠି ମିଳେନାହିଁ ।

ତକ୍‌ରିର୍ ଜଲସା ସାଲାନା କାଦିଆନ୍ ଡ଼ିସେମ୍ବର୍ ୨୦୧୬

# ସିରତ୍ ଆଁ ହଜ୍‌ରତ୍ ସ:ଆ:ସ ଅଦଲ୍ ଓ ଇନ୍‌ସାଫ୍ କି ରୌଶନି ମେ

## (ଆଁହଜ୍‌ରତ୍ ସ:ଆ:ସ ଙ୍କ ପବିତ୍ର ଜୀବନ ଚରିତ ନ୍ୟାୟ ବିଚାର ଓ ନିଷ୍ପତି ଦୃଷ୍ଟି କୋଣରୁ)

ମୁହମ୍ମଦ୍ ଇନାମ ଘୋରୀ (ନାଜର୍ ଆଲା କାଦିଆନ୍)

ୟା ଆୟୋଦଲ୍ ଲଜିନା ଆମନୁ କୁନୁ କଓ୍ୱାମିନା ଲିଲଲ୍ଲାଃହି ଶୁହଦାଆ ବିଲ୍ କିସ୍ତେ । ଓ୍ୱଲା ୟଯରିମନ୍ନକୁମ୍ ଶନାନୁ କୌମିନ୍ ଅଲା ଅଲ୍‌ଲା ତାଦିଲୁ । ଇଦିଲୁ ହୁଅ ଅକରବୁ ଲିତ୍ ତକ୍‌ଓ୍ୱା (ସୁରା ମାଏଦା:୯)

ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ସାକ୍ଷ୍ୟପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତାଉ; ତୁମେମାନେ ନ୍ୟାୟ କର; ତାହା ଧର୍ମପରାୟଣତା (ଧର୍ମଭୀରୁତା) ର ଅଧିକ ନିକଟବର୍ତୀ ।

ନ୍ୟାୟର ମୂଳ ଅର୍ଥ ହେଉଛି ଦୁଇ ପକ୍ଷ ସମାନ ହେବା । ସ୍ୱଳ୍ପତା ଅଧିକତାରୁ ବଂଚିକରି ମଧ୍ୟମ ରାସ୍ତା ଗ୍ରହଣ କରିବାକୁ ଏତ୍‌ଦାଲ (ସମାନତା) କୁହାଯାଏ ।

ନ୍ୟାୟ ଓ ସମାନତା ପାଇଁ ପବିତ୍ର କୋରାନ୍‌ର ଅନ୍ୟ ଏକ ଶବ୍ଦ 'କିସ୍ତ' ମଧ୍ୟ ଆସିଛି ଯେପରି ସୁରା ମାଏଦାର ଆୟତ ନଂ-୯ ଅଛି । ଯାହା ଏବେ ପାଠ କରାଗଲା । ଯେଉଁଥିରେ 'ଅଦଲ' ଓ 'କିସ୍ତ' ଦୁଇଟି ଶବ୍ଦ ବ୍ୟବହାର କରାଯାଇଛି । ଏହି ଦୁଇଟି ଶବ୍ଦ ସମର୍ଥବୋଧକ ଅଟେ କିନ୍ତୁ ମାମୁଲି ଫରକ ଏହା ଯେ, ଦୁଇଜଣଙ୍କ ମଧ୍ୟରେ ସମାନ ବ୍ୟବହାର କରାଗଲେ ଏହା 'ଅଦଲ' କୁହାଯିବ ଯେଉଁଠି 'କିସ୍ତ'ର ଅର୍ଥରେ ଅନ୍ୟ ସହିତ ତୁଳନା କରାଯାଏ । ଅର୍ଥାତ୍ କିସ୍ତର ଅର୍ଥ ହେଉଛି ଜଣକର ପ୍ରାପ୍ୟ ଓ ହକ୍‌କୁ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରିବା ସେଥିରେ କମ୍ ବେଶି ନ କରିବା ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ଆବିର୍ଭାବ ସମୟରେ ଆରବ ଦେଶର ଯେଉଁ ଅବସ୍ଥା ଥିଲା ସେଥିରେ ଅଦଲ୍ ଓ ଇନ୍‌ସାଫ୍ (ସମତା ଓ ନ୍ୟାୟ)ର ଲେସ ମାତ୍ର ନଥିଲା । Might is Right ଜୋର୍ ଜାର୍ ମୁଲକ୍ ତାର୍ ର କାନୁନ୍ ଚାଲିଥିଲା । ବହୁ ପୁରାତନ ପ୍ରଥା ଓ ଅଭ୍ୟାସଗତ ସମାଜ ସର୍ବସାଧାରଣ ଥିଲା । କବିଲାମାନଙ୍କ ମଧ୍ୟରେ ଯୁଦ୍ଧ ଓ ଗୋଷ୍ଠି କଳହ ଲାଗି ରହିଥିଲା ଓ ସହଯୋଗୀଙ୍କୁ କେବଳ ଡାକିବା ଯଥେଷ୍ଟ ଥିଲା । ତା'ପରେ ବର୍ଷବର୍ଷ ଧରି ପ୍ରତିଶୋଧର ବହ୍ନିରେ ହଣାକଟା ଚାଲୁଥିଲା । ସୁତରାଂ ବସୁସ୍ ଯୁଦ୍ଧକୁ ନିଅନ୍ତୁ ଯାହା ଗୋଟିଏ ସହଯୋଗୀ କବିଲାର ଓଟକୁ ହତ୍ୟା କରାଯିବା ପରେ ପ୍ରତିଶୋଧ ମୂଳକ ଆରମ୍ଭ ହୋଇଥିଲା ଏବଂ ଚାଳିଶି ବର୍ଷ ପର୍ଯ୍ୟନ୍ତ ଏ ଯୁଦ୍ଧ ଲାଗି ରହିଥିଲା । ନିଜ ନିଜ ଭିତରେ ହତ୍ୟାକାଣ୍ଡ ଲାଗି ରହିଥିଲା । ପୁରୁଷ ଓ ସ୍ତ୍ରୀ ଙ୍କୁ ବନ୍ଦୀ କରାଯାଇ ଦାସ ଓ ଦାସୀ ବନାଇବାର ପ୍ରଥା ସାଧାରଣ ଥିଲା । ସ୍ତ୍ରୀ ମାନଙ୍କର କୌଣସି ସମ୍ମାନ ନଥିଲା । ନା ଝିଅର, ନା ସ୍ତ୍ରୀ ର ଓ ନା ମାମାନଙ୍କର । ଏହିପରି ସାମାଜିକ ପରିସ୍ଥିତିରେ ମୁହସିନେ ଇନ୍‌ସାନିୟତ୍ ରହ୍‌ମତୁଲ୍ ଲିଲ୍ ଆଲମିନ୍ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ଓ ସଲ୍ଲମ ଅଲ୍ଲାଃଙ୍କ ତରଫରୁ ଅବତରଣ (ପଦାର୍ପଣ) ହୋଇଲେ ଓ ପବିତ୍ର କୋରାନ୍ (ଶରିୟତ୍) ଅବତୀର୍ଣ୍ଣ ହେବା ଆରମ୍ଭ ହେଲା ଯଦ୍ୱାରା ଧିରେ ଧିରେ ମାନବ ପଶୁରୁ ମଣିଷ, ମଣିଷରୁ ଚରିତ୍ରବାନ୍ ମଣିଷ ଓ ଚରିତ୍ରବାନ ମଣିଷରୁ ପ୍ରଭୁଭକ୍ତ ମଣିଷ, ସୁତରାଂ ଖୁଦାନୁମା (ଇଶ୍ୱର ସ୍ୱରୂପ) ହେବାର ଚମତ୍କାର ଗୌରବ ହାସଲ କଲା ।

ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆ:ସ ଉକ୍ତ ଚମତ୍କାରର ଚର୍ଚ୍ଚା କରି ନିଜ ପଦ୍ୟରେ କହୁଛନ୍ତି-

କହ୍‌ତେ ହୈ ୟୋରୋପ୍ କେ ନାଦାଁ ୟେ ନବୀ କାମିଲ୍ ନେହିଁ
ଓ୍ୱହଶିୟୋଁ ମେଁ ଦିଁ କା ଫୈଲାନା ୟେ କ୍ୟା ମୁସ୍‌କିଲ୍ ଥା କାର ।
ପର୍ ବନାନା ଆଦ୍‌ମି ଓ୍ୱହ୍‌ଶି କୋ ହୈ ଇକ୍ ମୋଜେଜା
ମାନାଏ ରାଜେ ନବୁଓ୍ୱତ୍ ହୈ ଇସି ସେ ଆଶକାର

ଅର୍ଥାତ୍-କହନ୍ତି ଅବୋଧ ୟୁରୋପିୟ ବାସୀ, ଏ ନବୀ ସମ୍ପୂର୍ଣ୍ଣ ନୁହନ୍ତି
ଅସଭ୍ୟଙ୍କ ମଧ୍ୟେ ଧର୍ମ ପ୍ରସାରଣ, କି କଷ୍ଟ ବୋଲି କହନ୍ତି
କିନ୍ତୁ ଅସଭ୍ୟଙ୍କୁ ମଣିଷ କରିବା ଅଟେ ବାସ୍ତବରେ ଚମତ୍କାର
ନବୀଙ୍କ ରହସ୍ୟ ଆରି ଭିତରେ ନିହିତ ଓ ଆବିଷ୍କାର

ଏହିପରି ଆପଣ ଆ:ସ ନିଜ ଆରବୀ କସିଦାରେ କହୁଛନ୍ତି-

ସାଦଫ୍‌ତହୁମ୍ କୌମନ୍ କରୌସିନ୍ ଜିଲ୍ଲତନ୍
ଫଜାଅଲ୍‌ତହୁମ୍ କସବିକତିଲ୍ ଇକ୍‌ୟାନି

ଅର୍ଥାତ୍:- ହେ ମୁହମ୍ମଦ୍ ! ସ:ଆ:ସ ଆପଣ ଏହି ଆରବବାସୀଙ୍କୁ ଗୋଟିଏ ତୁଚ୍ଛ ଗୋବର ସଦୃଶ ଜାତି ରୂପେ ପାଇଲେ କିନ୍ତୁ ଆପଣଙ୍କ ପବିତ୍ର ଚରିତ୍ରର ଶକ୍ତିଦ୍ୱାରା ତରବିୟତ୍ ପାଇ ସେମାନେ ଗୋବରରୁ ସୁନା ପାଲଟି ଗଲେ ।

ପ୍ରିୟ ଶ୍ରୋତାଗଣ ! ଆଁ ହଜ୍‌ରତ୍ ସ:ଆ:ସଙ୍କ ନ୍ୟାୟ ଓ ନିଷ୍ପତିକୁ ବିସ୍ତୃତ ରୂପେ ବର୍ଣ୍ଣନା କରିବା ଏଥିଯୋଗୁଁ ବଡ଼ କଠିନ ଯେ ସର୍ବଦା ଆପଣଙ୍କର ପ୍ରତ୍ୟେକ ମାମଲା ନ୍ୟାୟ ଓ ସମାନତାର ନିଶୁଣିକୁ ଲଂଘି ଏହ୍‌ସାନ୍ (ଉପକାର)ର ସ୍ଥାନ ନେଇଥାଏ । କୁହାଯାଏ ଯେ ଏପରି କେବେ ହୋଇନାହିଁ କି ଆଁ ହଜ୍‌ରତ୍ ସ:ଆ:ସ କାହାଠାରୁ ଉଧାର ନେଇଥିବେ ଓ ତାଠାରୁ ଅଧିକ ଓ ଉତମ ପ୍ରଦାନ କରିନଥିବେ ।

ଏହି ଛୋଟିଆ ମୁଖବନ୍ଧ ପରେ ମୁଁ ଅଦଲ ଓ ଇନ୍‌ସାଫ୍ (ନ୍ୟାୟ ଓ ନିଷ୍ପତି) ସନ୍ଦର୍ଭରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାରିବାରିକ ଜୀବନ ବିଷୟରେ କିଛି ମାତ୍ରାରେ ଚର୍ଚ୍ଚା କରିବି । କାରଣ ଯେଉଁ ବ୍ୟକ୍ତି ନିଜ ପରିବାରରେ ନ୍ୟାୟ ଓ ସମାନତାକୁ ବଜାଏ ରଖିପାରେ ନାହିଁ । ସେ ବାହାରେ ଏହି ଯୁଗର ଉତମ ଦୃଷ୍ଟାନ୍ତ କିପରି ହୋଇପାରିବ । କିନ୍ତୁ ଆମ ଆକା ହଜ୍‌ରତ୍ ଅକଦସ୍ ମୁହମ୍ମଦ୍ ସ:ଆ:ସଙ୍କ ଯଶ ଦେଖନ୍ତୁ । ସକାଳେ ସନ୍ଧ୍ୟାରେ ଅଲ୍ଲାଃଙ୍କ ବାଣୀ ଆପଣଙ୍କ ଉପରେ ଅବତୀର୍ଣ୍ଣ ହେଉଛି । ଖାତମୁନ୍ ନବିୟିନ୍ (ଶ୍ରେଷ୍ଠନବୀ) ର ସମ୍ମାନ ହାସଲ ହୋଇଛି "କାବା କୌସୈନେ ଅଓ ଅଦ୍‌ନା'' ର ସୁସମାଚାର ମିଳୁଅଛି । ଆପଣଙ୍କ ପବିତ୍ର ହାତକୁ ଅଲ୍ଲାଃ ନିଜର ହାତ ରୂପେ ବିବେଚନା କରୁଛନ୍ତି । ସମଗ୍ର ମାନବ ଜାତିକୁ ଏ ବାର୍ତା ଦିଆଯାଉଛି ଯେ "ଯଦି ତୁମେ ଅଲ୍ଲାଃଙ୍କ (ସାନିଧ୍ୟ) ପ୍ରେମ ହାସଲ କରିବାକୁ ଚାହୁଁଛ ତେବେ ଏ ରସୁଲଙ୍କ ଅନୁସରଣ କର ଓ ତାଙ୍କୁ ପ୍ରେମ କର । ଅନ୍ୟପଟେ ଆପଣଙ୍କର ଏପରି ଅବସ୍ଥା ଯେ ଆପଣ କହୁଛନ୍ତି: ଆନନ୍ ନବୀୟୁ ଲା କଜିବ୍ । ଅର୍ଥାତ୍-ନିଶ୍ଚିତ ରୂପେ ମୁଁ ଅଲ୍ଲାଃଙ୍କ ନବୀ ଅଟେ ଓ ମୁଁ ତାର ନିକଟତର ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ତା ସହିତ ଏହା ମଧ୍ୟ କହୁଛନ୍ତି "ଆନା ଇବ୍‌ନେ ଅବ୍‌ଦୁଲ୍ ମୁତଲିବ" ଅର୍ଥାତ୍- ଏହା ସତ୍ତ୍ୱେ ମୁଁ ହେଉଛି ଜଣେ ଭକ୍ତ ଓ ଅବଦୁଲ୍ ମୁତଲିବଙ୍କ ସନ୍ତାନ ।

ଏହିପରି ଅନ୍ୟ ଏକ ମଉକାରେ କହୁଛନ୍ତି: "ଓ୍ୱଲ୍ଲାହେ ମା ଅଦ୍‌ରି ଓ୍ୱ ଆନା ରସୁଲୁଲ୍ଲାହେ ମା ୟୁଫଅଲୁ ବି" ଅର୍ଥାତ୍-ଯଦିଚ ମୁଁ ଅଲ୍ଲାଃଙ୍କ ରସୁଲ କିନ୍ତୁ ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମତେ ଜଣା ନାହିଁ ମୋ ସହିତ କିପରି ବ୍ୟବହାର ହେବ । ହଜ୍‌ରତ୍ ଅବୁ ହୁରେରା ର:ଅ କହୁଛନ୍ତି ଯେ ମୁଁ ଥରେ ରସୁଲ କରିମ୍ ସ:ଆ:ସ ଙ୍କୁ ଏହା କହିବାର ଶୁଣିଲି ଯେ କୌଣସି ବ୍ୟକ୍ତି ନିଜ ଅମଲ (କାର୍ଯ୍ୟ) ଦ୍ୱାର ଯନ୍ନତରେ ଦାଖଲ ହୋଇପାରିବ ନାହିଁ । ଏହା ଶୁଣି ଲୋକମାନେ କହିଲେ ହେ ଅଲ୍ଲାଃଙ୍କ

ରସୁଲ ! କଣ ଆପଣ ମଧ୍ୟ ନିଜ ଅମଲ ଜରିଆରେ ଯନ୍ନତରେ ଦାଖଲ ହୋଇପାରିବେ ନାହିଁ? କହିଲେ "ଓ୍ୱଲା ଆନା ଇଲ୍ଲା ଅନ୍ ଯତଗମ୍ମଦା ଫି ଲ୍ଲାହେ ବି ଫଜ୍‌ଲିହି ଓ୍ୱ ରହ୍‌ମତିହି" ଅର୍ଥାତ୍- ହଁ ମୁଁ ମଧ୍ୟ ମୋ ନିଜ ଅମଲ ସାହାଯ୍ୟରେ ଯନ୍ନତରେ ପ୍ରବେଶ କରିପାରିବ ନାହିଁ, ହଁ ଯଦି ଅଲ୍ଲାଃଙ୍କ ଦୟା ଓ କୃପା ହେବ ତା'ହେଲେ ମୁଁ ପ୍ରବେଶ କରିପାରିବି ।

ଆପଣ ସ:ଆ:ସ ଙ୍କ ପାରିବାରିକ ଜୀବନୀକୁ ଅନୁଧ୍ୟାନ କଲେ ସର୍ବପ୍ରଥମେ ଜଣେ ଅତ୍ୟନ୍ତ ଧନୀ, ଅନୁଭବୀ ଓ ଚତୁର ଚାଳିଶି ବର୍ଷୀୟ ପରିପକ୍ୱ ନାରୀ ହଜ୍‌ରତ୍ ଖଦିଜା ର:ଅ ଙ୍କ କଥା ସାମନାକୁ ଆସେ ଯିଏ ଜଣେ ୨୫ ବର୍ଷୀୟ ଯୁବକଙ୍କ (ନେକି) ପୁଣ୍ୟ, ସଂଯମ (ତକ୍‌ଓ୍ୱା), (ଦିଆନତ୍) ସତ୍ୟନିଷ୍ଠ, ଓ (ଅମାନତ୍) ବିଶ୍ୱସନୀୟତାକୁ ନା କେବଳ ଶୁଣି ବରଂ ନିଜ ବାଣିଜ୍ୟକ (ବ୍ୟାପାରିକ) ଦଳରେ ଆପଣଙ୍କୁ ପଠାଇ ପ୍ରୟୋଗ ପରେ ଆପଣ ସ:ଆ:ସ ଙ୍କୁ ବିବାହ କରିବା ପାଇଁ ଆପଣଙ୍କ ନିକଟକୁ ନିକାହ୍ ର ବାର୍ତ୍ତା ପଠାଇଲେ । ବିବାହ ହୋଇଯିବା ପରେ ଆପଣ ସ:ଆ:ସ ଙ୍କ ସାଦାସିଧା ଓ ସାମ୍ୟଭରା ଜୀବନୀ ଓ ଆପଣଙ୍କ ପବିତ୍ର ଚରିତ୍ର ଦ୍ୱାରା ପ୍ରଭାବିତ ହୋଇ ଅଲ୍ଲାଃତାଲାଙ୍କ ପ୍ରଥମ ଓ୍ୱହିର ଅବତୀର୍ଣ୍ଣ ସମୟରେ ସତ୍‌ହୃଦୟର ସହିତ (ଇମାନ୍) ବିଶ୍ୱାସ ଆଣିଲେ ଏବଂ ଆପଣ ସ:ଆ:ସ ଙ୍କୁ ରସୁଲ ହେବାର ବାର୍ତ୍ତା ମିଳିବା ପରେ ଆପଣଙ୍କ ବ୍ୟାକୁଳତାକୁ ଦୂର କରିବା ପାଇଁ ଆପଣଙ୍କ ମନକୁ ଦୃଢ଼ କରାଉଛନ୍ତି ଯେ ହେ ମୋର ସ୍ୱାମୀ ଆପଣ କାହିଁକି ଘାବେରା ହେଉଛନ୍ତି । ଆପଣ କେବେ ଅସଫଳ ହେବେନାହିଁ ବରଂ ହଜ୍‌ରତ୍ ଖଦିଜା ଅଲ୍ଲାଃଙ୍କ ରାଣ ଖାଇ ସାକ୍ଷୀ ଦେଉଛନ୍ତି ଯେ "କଲ୍ଲା ଓ୍ୱଲ୍ଲାହେ ଲା ଯୁଖ୍‌ଜିକଲ୍ଲାହୁ ଅବଦା ଇନ୍ନକା ଲ ତସିଲୁର୍ ରହମା ଓ୍ୱ ତକ୍‌ଓ୍ୱିଜ୍ ଜଇଫା ଓ୍ୱ ତହ୍‌ମିଲୁଲ୍ କଲ୍ଲା ଓ୍ୱ ତସ୍‌ଦୁକୁଲ୍ ହଦିସା ଓ୍ୱ ତକ୍‌ସିବୁଲ୍ ମାଦୁମା ଓ୍ୱ ତୁଇନୁ ଅଲା ନଓ୍ୱାଇବୁଲ୍ ହକ୍" ଅର୍ଥାତ୍-ଅଲ୍ଲାଃତାଲା ଆପଣଙ୍କୁ କଦାପି ଅସଫଳ କରାଇବେ ନାହିଁ କାରଣ ଆପଣ ନିଜ ସମ୍ପର୍କୀୟଙ୍କର ଧ୍ୟାନ (ଖିଆଲ) ରଖୁଛନ୍ତି, ଦୁର୍ବଳଙ୍କ ବୋଝ ଉଠାଉଛନ୍ତି ଏବଂ ସେ ସମସ୍ତ ଉତମ ଚରିତ୍ର ଯାହା ସଂସାରରୁ ଲୋପପାଇ ଯାଇଛି ତାହା ଆପଣଙ୍କ ନିକଟରେ ବିଦ୍ୟମାନ ଅଛି । ଆପଣ ଅତିଥି ସତ୍କାର କରିବାରେ ନିପୁଣ ଓ ଲୋକମାନଙ୍କୁ ବିପଦ ସମୟରେ ସାହାଯ୍ୟ କରୁଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ହଜ୍‌ରତ୍ ଖଦିଜା ର:ଅ ଙ୍କ ତ୍ୟାଗ ଓ ଉତ୍ସର୍ଗକୁ ସର୍ବଦା ତାଙ୍କ ଜୀବନକଳାରେ ସମ୍ମାନର ସହିତ ଦେଖୁଥିଲେ ଓ ଖଦିଜାଙ୍କ ମୃତ୍ୟୁପରେ ମଧ୍ୟ ସର୍ବଦା ତାଙ୍କୁ ସ୍ନେହ ଓ ପ୍ରେମକୁ ଭାବ ବିହ୍ୱଳ ହୋଇ ମନେପକାଉଥିଲେ । ଘରେ ଯଦି କୌଣସି ପଶୁ ଜିବାହ୍ (ହଲାଲ) କରାଯାଉଥିଲା ତା'ହେଲେ ତା'ମାଂସକୁ ହଜ୍‌ରତ୍ ଖଦିଜାଙ୍କ ସହେଲିଙ୍କ ଘରକୁ ମଧ୍ୟ ପଠାଇବା ପାଇଁ ତାଗିଦ୍ କରୁଥିଲେ ।

ଆପଣଙ୍କର ଆଉ ଜଣେ ପବିତ୍ର ସ୍ତ୍ରୀଙ୍କ କଥା ଉପସ୍ଥାପନ କରୁଛି ହଜ୍‌ରତ୍ ସଫିଆ ବିନ୍ତି ହଇ ଯିଏ ଇହୁଦୀ କବିଲା ବନୁ ନଜିର୍ ଓ ବନୁ କୁରେଜାର ରାଜକୁମାରୀ ଥିଲେ । ଖଏବର୍ ଯୁଦ୍ଧରେ ତାଙ୍କ ବାପା, ଭାଇ ଓ ସ୍ୱାମୀ ଏବଂ ବହୁତ ସମ୍ପର୍କୀୟ ମରିଗଲେ । ବହୁତ ଅସହାୟ ଅବସ୍ଥାରେ ସଫିଆ ବନ୍ଦୀ ହୋଇ ଆସିଲେ । ସାହାବାମାନେ ଆଁ ହଜରତ ସ:ଆ:ସଙ୍କୁ ନିବେଦନ କଲେ କି ଏ ରାଜକୁମାରୀ ଆପଣଙ୍କ ବ୍ୟତୀତ ଆଉ କାହା ପାଇଁ ପ୍ରଯୁଜ୍ୟ ନୁହଁନ୍ତି । ଆଁ ହଜ୍‌ରତ୍ ସ:ଆ:ସ ସଫିଆଙ୍କୁ ସମ୍ମାନ ସହିତ ଅଭିନନ୍ଦନ କଲେ ଏବଂ କହିଲେ ଯେ ଯଦି ତୁମେ ନିଜର ଦୀନ୍ (ଧର୍ମ) ରେ ରହିବାକୁ ଚାହୁଁଛ ତା'ହେଲେ ତାହା ତୁମର ଇଚ୍ଛା । ହଁ ଯଦି ଅଲ୍ଲାଃ ଓ ତାଙ୍କ ରସୁଲଙ୍କୁ ଗ୍ରହଣ କରିବ ତା'ହେଲେ ସେଥିରେ ତୁମର ଭଲ ହେବ । ଉତରରେ ସଫିଆ କହିଲେ ଯେ ମୁଁ ଆପଣଙ୍କୁ ସତ୍ୟବାଦୀ ରୂପେ ଜାଣୁଛି । ଆପଣ ସ:ଆ:ସ କହିଲେ ମୁଁ ନିଶ୍ଚିତ ରୂପେ ସତ୍ୟବାଦୀ କିନ୍ତୁ ନିଷ୍ପତି ନେବା ତୁମ ହାତରେ ଅଛି । ସଫିଆ ଅଲ୍ଲାଃ ଓ ତା' ରସୁଲ୍ ସ:ଆ:ସ ଓ ଇସ୍‌ଲାମ୍‌କୁ ଗ୍ରହଣ କଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଆଜାଦ୍ (ସ୍ୱାଧୀନ) କରିଦେଲେ । ତତ୍ ସହିତ ଆପଣ ସ:ଆ:ସ ହଜ୍‌ରତ୍ ସଫିଆଙ୍କୁ ଏ ଅଧିକାର ଦେଲେ ଯେ ଯଦି ସେ ଇଚ୍ଛା କରିବେ ନିଜ ଘର ଲୋକଙ୍କ ନିକଟକୁ ଫେରି ଯାଇପାରିବେ ବା ଯଦି ଇଚ୍ଛା କରିବେ ଆପଣଙ୍କୁ ବିବାହ କରିପାରିବେ । ହଜ୍‌ରତ୍ ସଫିଆ ର:ଅ ଆଁ ହଜ୍‌ରତ୍ ସ:ଆ:ସ ଙ୍କୁ ବିବାହ କରିବା ପାଇଁ ପସନ୍ଦ କଲେ । ଏହିପରି ଆପଣ ସଫିଆଙ୍କ ସମ୍ମତି ପରେ ତାଙ୍କୁ ବିବାହ ହେଲେ ଏବଂ ତାଙ୍କ ସ୍ୱାଧୀନତାକୁ ତାଙ୍କର ହକ୍ ମୋହର ରୂପେ ନିଶ୍ଚିତ କଲେ ।

ହଜ୍‌ରତ୍ ସଫିଆ ର:ଅ କହୁଛନ୍ତି ଯେ ମୁଁ ଯେତେବେଳେ ବନ୍ଦୀହୋଇ ରସୁଲେ କରିମ୍ ସ:ଆ:ସଙ୍କ ସମ୍ମୁଖରେ ହାଜର ହେଲି ସେତେବେଳେ ଆପଣଙ୍କଠାରୁ ଅପସନ୍ଦ ବ୍ୟକ୍ତି ମୋ ଦୃଷ୍ଟିରେ ଆଉ କେହି ନଥିଲେ । କିନ୍ତୁ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ବତାଇଲେ ଯେ ତୁମର କୌମ୍ (ଜାତି) ମୁସଲମାନଙ୍କ ସହିତ କି ପ୍ରକାର ବ୍ୟବହାର କରିଛନ୍ତି । ତୁମ ବାପା ମୋ ଖିଲାଫରେ ପୁରା ଆରବବାସୀଙ୍କୁ ଟାଣି ଆଣିଲେ ଏବଂ ଆମ ଉପରେ ପ୍ରଥମେ ଆକ୍ରମଣ ମଧ୍ୟ କଲେ । ସେହି କାରଣରୁ ଆମେ ତୁମ (ଗୋଷ୍ଠୀ) ସହିତ ନିରୁପାୟ ହୋଇ ଯୁଦ୍ଧ କଲୁ । ଏହି ସତ୍ୟକୁ ଶୁଣିବା ପରେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ନ୍ୟାୟ ଓ ନିଜ ସହିତ ହୋଇଥିବା ଉପକାର ଓ ଦୟା ତାଙ୍କ ଉପରେ ଏପରି ପ୍ରଭାବ ପକାଇଲା ଯେ କହୁଛନ୍ତି – "ଯେତେବେଳେ ମୁଁ ଆପଣଙ୍କ ପାଖରୁ ଉଠିଲି ସେତେବେଳେ ଆପଣଙ୍କଠାରୁ ଅଧିକ ପ୍ରିୟ ଓ ପସନ୍ଦ ବ୍ୟକ୍ତି ମୋ ନଜରରେ ଆଉ କେହି ନଥିଲେ"
ଅଲ୍ଲାହୁମ୍ମା ସ୍ୱଲେ ଅଲା ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍ ।

ପ୍ରିୟ ସ୍ରୋତାଗଣ ! ମଦିନାରେ ରହଣି ସମୟରେ ଯେବେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ବୟସ ୫୦ ଅତିକ୍ରମ କରିଯାଇଥିଲା କିନ୍ତୁ କେବଳ ତର୍‌ବିୟତ୍ (ଶିକ୍ଷା) ପାଇଁ ଓ କୌମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆପଣ ସ:ଆ:ସ ଙ୍କୁ ଅନେକ ବିବାହ କରିବାକୁ ପଡ଼ିଥିଲା । ଗୋଟିଏ ସମୟରେ ୯ ଜଣ ସ୍ତ୍ରୀ ଆପଣଙ୍କ ତତ୍ୱାବଧାନରେ ଓ ଆପଣଙ୍କ ଦ୍ୱାରା ତର୍‌ବିୟତ୍ ପାଉଥିଲେ । କିନ୍ତୁ କେବେହେଲେ ମଧ୍ୟ ଆପଣ ଏହି ଦାୟିତ୍ୱକୁ ନିର୍ବାହ କରିବାରେ ଘାବରେଇଲେ ନାହିଁ ବରଂ ଅତ୍ୟନ୍ତ ସୁନ୍ଦର ବ୍ୟବସ୍ଥା ଓ ଉତମ ସମାନତା ଓ ନ୍ୟାୟ ସହିତ ପ୍ରତ୍ୟେକ ଅଧିକାର ପ୍ରଦାନ କଲେ ଏବଂ ସମସ୍ତଙ୍କର ଧ୍ୟାନ ରଖିଲେ । ଆପଣ ଅସର୍ ନମାଜ ପରେ ବେଳେବେଳେ ସବୁ ସ୍ତ୍ରୀ ମାନଙ୍କୁ ସେହି ସ୍ତ୍ରୀ ଙ୍କ ଘରକୁ ନିମନ୍ତ୍ରଣ କରୁଥିଲେ ଯାହାଙ୍କ ଘରେ ଆପଣ ସ:ଆ:ସ ଙ୍କ ପାଳି ରହୁଥିଲା ଏବଂ ବେଳେବେଳେ ସବୁ ସ୍ତ୍ରୀମାନଙ୍କ ଘରକୁ ଯାଇ ତାଙ୍କ ହାଲ୍‌ଚାଲ୍ ପଚାରି ବୁଝୁଥିଲେ ।

ଉକ୍ତ ସମସ୍ତ ପବିତ୍ର ସ୍ତ୍ରୀମାନଙ୍କ ମଧ୍ୟରେ ଏତେ ମାତ୍ରାରେ ଉତମ ନ୍ୟାୟ ଓ ସାମ୍ୟତା ବଂଟନ ପରେ ମଧ୍ୟ ଆପଣ ଏ ପ୍ରାର୍ଥନା (ଦୁଆ) କରୁଥିଲେ ଯେ ହେ ଅଲ୍ଲାଃ ! ତୁମେ ଜାଣୁଛ ଓ ଦେଖୁଛ ଯେ ମଣିଷ ହିସାବରେ ଯେତିକି ହୋଇପାରିଲା ସମସ୍ତଙ୍କୁ ସମାନ ଅଧିକାର ଦେଇଚାଲିଛି କିନ୍ତୁ ହେ ଅଲ୍ଲାଃ ତୁମେ ଜାଣିଛି ଯେ ହୃଦୟ (ମନ) ଉପରେ ମୋର ଅଧିକାର ନାହିଁ । ଯଦି କାହାର ବିଶେଷ ଗୁଣରେ ପ୍ରଭାବିତ ହୋଇ ମୋ ମନ ତା ଆଡ଼କୁ ଢ଼ଳିଯାଏ ତେବେ ମତେ କ୍ଷମା ଦେବ । ଅଲ୍ଲାଃହୁମ୍ମା ସ୍ୱଲେ ଅଲା ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଯିଦ୍ ।

ପ୍ରିୟ ସ୍ରୋତାଗଣ ! ଆରବୀୟଙ୍କ ଅଜ୍ଞାନତା ଓ ମୁର୍ଖତା ଓ ଅନ୍ୟାୟର ଚର୍ଚ୍ଚା ପୂର୍ବରୁ ହୋଇସାରିଛି ସେମାନଙ୍କ ମଧ୍ୟରୁ ଯେତେବେଳେ କିଛି ସମଝ୍‌ଦାର୍ ଓ ଭଲ ଲୋକଙ୍କ ମନକୁ ଏକଥା ଆସିଲା ଯେ ଏହାତ ବଡ଼ ଖରାପ କଥା ଯେ ଶକ୍ତିଶାଳୀ

ଲୋକମାନେ ଦୁର୍ବଳ ଲୋକମାନଙ୍କୁ ଦମନ କରିଚାଲିଛନ୍ତି ଏବଂ ପ୍ରତ୍ୟେକ ଦିନ ଗୃହଯୁଦ୍ଧ ଓ ଲୁଟ୍‌ମାର୍ ଦ୍ୱାରା ଶହଶହ ଘର ଉଜୁଡ଼ି ଯାଉଛି ଏବଂ ହଜାର ହଜାର ପିଲା ଅନାଥ ହୋଇଯାଉଛନ୍ତି ଯଦି ଏପରି ରହେ ତା'ହେଲେ ପୁରା ଦେଶ ଗୋଟିଏ ଦିନ ନିଃଶେଷ ହୋଇଯିବ । ତେଣୁ ଆସ ଆମେ ଏପରି କିଛି ଉପାୟ କରିବା ଫଳତଃ ଆମକୁ ଏହି ଜୁଲମ ଓ ଅତ୍ୟାଚାରରୁ ମୁକ୍ତି ମିଳିବ । ତେଣୁ କିଛି ସର୍ଦ୍ଦାର ଯାହାଙ୍କ ନାମ ଫଜଲ ବିନ୍ ହାରିସ୍, ଫଜଲ୍ ବିନ୍ ୱିରାଆ ଓ ଫଜଲ୍ ବିନ୍ ଫଡାଲା ଇତ୍ୟାଦି ଥିଲା ସମସ୍ତେ ମିଶି ଏକ ଚୁକ୍ତି କରିଲେ ଯେଉଁଥିରେ ଏ ପ୍ରତିଜ୍ଞା କରାଗଲା ଓ ନିୟମ କରାଗଲା ଯେ ଯିଏ ଉତ୍‌ପିଡ଼ିତ (ଦଳିତ) ତାଙ୍କୁ ସାହାଯ୍ୟ କରାଯିବ ଏବଂ ଯାହାର ହକ୍ ମରା ହୋଇଥିବ ତାଙ୍କୁ ହକ୍ ଦେବା । ଏହି ପ୍ରତିଜ୍ଞା କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମ ଫଜଲ ଥିଲା । ସେଥିଯୋଗୁଁ ଏହି ଦଳର ନାମ ହିଲ୍‌ଫୁଲ୍ ଫଜୁଲ୍ ରଖାଗଲା । କିନ୍ତୁ ଏହି ଚୁକ୍ତି ମଧ୍ୟ ପାଣି ଫୋଟକା ପରି ମିଳେଇଗଲା । କାହାକୁ ଆ ଉପରେ ଅମଲ କରିବା ପାଇଁ ଶକ୍ତି ମିଳିଲା ନାହିଁ । ଏପରିକି ହଲ୍‌ବ ଫୁଜାର ଇତ୍ୟାଦି ଗୃହ ଯୁଦ୍ଧରେ ବହୁତ ଲୋକ ହଣାହଣି ହୋଇ ମରିଲେ । ତେଣୁ ପୁଣି କୁରୈଶର କିଛି ସମ୍ମାନୀୟ ବ୍ୟକ୍ତି ଚାହିଁଲେ ଯେ ଏହି ହିଲ୍‌ଫୁଲ୍ ଫଜୁଲ୍ ସଂଘକୁ ପୁନର୍ବାର ଜୀବିତ କରାଯାଉ । ସୁତରାଂ କୁରୈଶର ସର୍ଦ୍ଦାର୍ ମାନଙ୍କର ଗୋଟିଏ ଇଜ୍‌ତେମା (ସମ୍ମିଳନୀ) ହେଲା ଯେଉଁଥିରେ ବନି ହାଶିମ୍, ବନି ଆସଦ୍, ବନି ଜହିରା ଏବଂ ବନି ତମିମ୍ ଇତ୍ୟାଦି ସାମିଲ୍ ଥିଲେ । ଉକ୍ତ ସର୍ଦ୍ଦାର ମାନଙ୍କ ସହିତ ଆମର ଆକା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଏହି ଚୁକ୍ତିରେ ସାମିଲ୍ ଥିଲେ ସେତେବେଳେ ଆପଣ ନବ ଯୁବକ ଥିଲେ । କିନ୍ତୁ ଏହି ଚୁକ୍ତିର ନବୀନକରଣ ସତ୍ତ୍ୱେ କୌଣସି ପକ୍ଷକୁ ନିଜ ମୁର୍ଖତାରୁ ଊର୍ଦ୍ଧ୍ୱରେ ରହି ନା ଦଳିତଙ୍କ ସାହାଯ୍ୟ କରିବାର ଶକ୍ତି ମିଳିଲା ନା ବଂଚିତଙ୍କୁ ତାଙ୍କର ଅଧିକାର ଦେବାପାଇଁ ଚେଷ୍ଟା କରାଗଲା । ହଁ ଯଦି କାହାକୁ ଏହି ଚୁକ୍ତି ଉପରେ ଅମଲ କରିବା ପାଇଁ ସୌଭାଗ୍ୟ ମିଳିଲା ସେ ହେଉଛନ୍ତି ଆମର ଆକା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ।

ସୁତରାଂ ନବୁୱତ୍‌ର ଦାବୀ ପରେ ଗୋଟିଏ ଘଟଣା ଏପରି ଯେ ଜଣେ ବନ୍ଧୁ ଖାନାକାବା ନିକଟକୁ ଆସିଲା ଯେଉଁଠି କୁରୈଶ୍‌ର ସର୍ଦ୍ଦାରମାନେ ଏକାଠି ବସିଥିଲେ । ସେ ଅଭିଯୋଗ କଲା ଯେ (ଅବୁଲ୍ ହକମ୍) ଅବୁ ଯହଲ ମୋର କିଛି ଟଙ୍କା ରଖିଛି ଓ ଦେଉନାହିଁ ତେଣୁ ଆପଣମାନେ ମୋ ସାହାଯ୍ୟ କରନ୍ତୁ । ସେମାନେ ଦୁଷ୍ଟାମି କରିବା ନିୟତ୍‌ରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଘରର ଠିକଣା ଦେଇ କହିଲେ ତାଙ୍କ ପାଖକୁ ଯାଅ ସେ ତୁମର ସାହାଯ୍ୟ କରିପାରିବେ । ସେମାନଙ୍କର ଏ ଉଦ୍ଦେଶ୍ୟ ଥିଲା ଯେ ଯଦି ଆଁ ହଜ୍‌ରତ୍ ସ:ଆ:ସ ସାହାଯ୍ୟ କରିବାକୁ ବାହାରିବେ ସେତେବେଳେ ଅବୁ ଯହଲ୍ ଆପଣ ସ:ଆ:ସ ଙ୍କୁ ଅସମ୍ମାନ କରି ବାହାର କରିଦେବେ ନଉଜୁବିଲ୍ଲାଃ । ତେଣୁ ଆପଣ ସ:ଆ:ସ ସାହାଯ୍ୟକୁ ବାହାରିବେ ନାହିଁ । ସେତେବେଳେ ଆମେ ତାଙ୍କୁ ପଚାରିବା ଯେ ହିଲ୍‌ଫୁଲ୍ ଫଜୁଲ୍ ଚୁକ୍ତିରେ ଆପଣ ମଧ୍ୟ ସାମିଲ୍ ଥିଲେ ପୁଣି ସାହାଯ୍ୟ କରିବା ପାଇଁ କାହିଁକି ବାହାରିଲେ ନାହିଁ ?

ଯାହାହେଉ ସେ ବ୍ୟକ୍ତି ଜଣଙ୍କ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଖରେ ହାଜିର୍ ହୋଇ ନିଜର ଅଭିଯୋଗ ଜଣାଇଲେ । ଆପଣ ସ:ଆ:ସ ଯଥାଶିଘ୍ର ତାଙ୍କ ସହିତ ଯାଇ ଅବୁ ଯହଲ୍‌ଙ୍କ ଘରେ ପହଂଚିଲେ । ଅବୁ ଯହଲ୍ ବାହାରକୁ ଆସିବା କ୍ଷଣି ତାଙ୍କୁ ପଚାରିଲେ ଯେ ତୁମେ ଏ ଲୋକର କରଜ କାହିଁକି ଫେରାଉ ନାହଁ । ଅବୁ ଯହଲ ଏହା ଶୁଣି ତତ୍‌କ୍ଷଣାତ୍ ଘରକୁ ଗଲା ଓ ଟଙ୍କା ଆଣି ଫେରାଇ ଦେଲା । ସେ ବନ୍ଧୁ ଜଣଙ୍କ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଧନ୍ୟବାଦ ଦେଇ ଖୁସିରେ ଚାଲିଗଲେ । ଯେତେବେଳେ ଏ ଘଟଣା କୁରୈଶର ସର୍ଦ୍ଦାରମାନଙ୍କୁ ଜଣାଗଲା ସେମାନେ ଅବୁଯହଲ୍‌ଙ୍କୁ ତାଚ୍ଛଲ୍ୟ କରି କରିଲେ ଯେ ତୁମେ ତ ଆମକୁ ମୁହମ୍ମଦ (ସ:ଆ:ସ) ଙ୍କ ବିରୋଧରେ ଉସୁକଉଛ କିନ୍ତୁ ଆମେ ଯେତେବେଳେ ତାଙ୍କୁ ତୁମ ଘରକୁ ପଠାଇଲୁ ତୁମେ ତାଙ୍କ ଭୟରେ ଟଙ୍କା ଫେରାଇ ଦେଲ । ଅବୁଯହଲ କହିଲା ଯେ ମୁଁ ତୁମକୁ କଣ କହିବି ସେଠି କଣ ଘଟିଲା ବୋଲି । ଯେତେବେଳେ ସେ ମୋ ଘରକୁ ଆସିଲେ ସେତେବେଳେ ମୁଁ ଦେଖିଲି ଯେ ମୁହମ୍ମଦ ସ:ଆ:ସଙ୍କ ଡ଼ାହାଣ ଓ ବାମ ପଟେ ଦୁଇଟି ଭୟଙ୍କର ଓଟ ଛିଡ଼ା ହୋଇଛନ୍ତି । ଯଦି ମୁଁ ଟିକିଏ ଏପଟ ସେପଟ କରିଥାନ୍ତି ତାହେଲେ ଏପରି ଲାଗୁଥିଲା ଯେପରି ସେ ଓଟ ଦୁଇଟି ମତେ ଖଣ୍ଡ ଖଣ୍ଡ କରିଦେବେ । ସେଥିଯୋଗୁଁ ମୋତେ ତାଙ୍କ ନିର୍ଦ୍ଦେଶ ମାନିବା ଛଡ଼ା କୌଣସି ରାସ୍ତା ନଥିଲା । ସୁତରାଂ ଏହାଥିଲା ଦଳିତଙ୍କର ସହାୟକ ଓ ନ୍ୟାୟବନ୍ତ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ କାର୍ଯ୍ୟର ନମୁନା ଏବଂ ଏଥିରେ ଅଲ୍ଲାଃତାଲାଙ୍କ ସମର୍ଥନର ବିରାଟ ନିଦର୍ଶନ ।

ସୁବ୍‌ହାନଲ୍ଲାହେ ବେହମ୍‌ଦେହି ସୁବ୍‌ହାନଲ୍ଲାହିଲ୍ ଅଜିମ୍

ଅଲ୍ଲାଃହୁମ୍ମା ସ୍ୱଲେ ଅଲା ମୁହମ୍ମଦିନ୍ ୱ ଆଲେ ମୁହମ୍ମଦ୍ ।

ମଣିଷ ପ୍ରକୃତିରେ ଏହା ଅଛି ଯେ ସେ ଯଦି କାହାକୁ ବିପଦରେ ଦେଖେ ତା ପ୍ରତି ଦୟାମନୋଭାବ ଦେଖାଇଥାଏ । କୌଣସି ଦୋଷୀକୁ ଦଣ୍ଡପାଇବା ଦେଖି ଦୁଃଖୀ ହୋଇଯାଏ । ଏବଂ ଚେଷ୍ଟା କରେ କି କୌଣସି ମତେ ସେ ଦଣ୍ଡରୁ ବଂଚିଯାଉ ।

ରହ୍‌ମତୁଲ୍ ଲିଲ୍ ଆଲ୍‌ମିନ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ନିମନ୍ତେ ଖୁଦାତାଲା ପବିତ୍ର କୋରାନ୍‌ରେ ରଉଫ୍ ଓ ରହିମ୍ (ଅତ୍ୟନ୍ତ ଦୟାଶୀଳ) ବୋଲି ସାକ୍ଷୀ ଦେଇଛନ୍ତି । କିନ୍ତୁ ଯେଉଁ ଜାତିର ଚରିତ୍ର ଅବନତି ଘଟିଥାଏ ଏବଂ ସେମାନେ ବିଭିନ୍ନ ପ୍ରକାରର କୁକର୍ମରେ ଲିପ୍ତ ହୋଇଥାନ୍ତି ସେତେବେଳେ ତାଙ୍କ ମଧ୍ୟରେ ସାଧାରଣତଃ ଏପରି ହୋଇଥାଏ ଯେ ବଡ଼ଲୋକମାନେ କାନୁନ୍ ଖିଲାଫ୍‌ରେ ଚାଲି ବଂଚିଯାଆନ୍ତି ଏବଂ କେବଳ ଗରିବ ଓ ଅସହାୟ ଲୋକମାନେ ହିଁ ଦଣ୍ଡ ପାଆନ୍ତି । କିନ୍ତୁ ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ରହ୍‌ମତୁଲ୍ ଲିଲ୍ ଆଲ୍‌ମିନ୍ ଓ ରଉଫ ଓ ରହିମ୍ ହେବା ସତ୍ତ୍ୱେ ଶରିୟତର ନିର୍ଦ୍ଦେଶାଳବୀକୁ ଲାଗୁ କରିବା ପାଇଁ ତତ୍‌ପର ଥିଲେ । ନ୍ୟାୟ ଓ ସମାନତାକୁ କଦାପି ହାତଛଡ଼ା କରୁନଥିଲେ । ସୁତରାଂ ବୁଖାରୀ ଶରିଫ୍‌ରେ ହଜ୍‌ରତ୍ ଆଇଶାଙ୍କ ରିୱାୟତ (କଥନ) ଉପସ୍ଥାପନ କରାଯାଉଛି । କବିଲା ବନି ମଖ୍‌ଜୁମ୍‌ର ଫାଟିମା ନାମି ଜଣେ ସ୍ତ୍ରୀଲୋକ ଚୋରି କରିଥିଲେ । ଲୋକମାନେ ଚାହୁଁଥିଲେ ଯେ ରସୁଲ କରିମ୍ ସ:ଆ:ସଙ୍କ ନିକଟରେ ସେହି ସ୍ତ୍ରୀ ଲୋକଙ୍କ ପାଇଁ ଅଳ୍ପ ଦଣ୍ଡ ପାଇବା ନିମନ୍ତେ ସୁପାରିସ୍ କରିବେ । ତେଣୁ ଉସାମା ବିନ୍ ଜଏଦ୍ ଯିଏ ରସୁଲ୍ କରିମ୍ ସ:ଆ:ସଙ୍କ ବହୁତ ପ୍ରୀୟ ଥିଲେ, ତାଙ୍କୁ ପ୍ରସ୍ତୁତ କରାଇଲେ । ସେ ଯାଇ ରସୁଲ୍ କରିମ୍ ସ:ଆ:ସଙ୍କୁ ଉକ୍ତ ସୁପାରିସ୍ କଲେ । ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ଏହି କଥାରେ ବହୁତ ନାରାଜ ହେଲେ ଏବଂ ରାଗରେ ଆପଣଙ୍କ ଚେହେରା ମୋବାରକ୍ ଲାଲ୍ ହୋଇଗଲା । ଆପଣ କହିଲେ ଯେ ବନି ଇସ୍‌ରାଇଲ୍‌ର ଏ ଅଭ୍ୟାସ ଥିଲା ଯେ ଯଦି ତାଙ୍କ ମଧ୍ୟରୁ କୌଣସି ସମ୍ମାନୀୟ ବ୍ୟକ୍ତି ଚୋରି କରୁଥିଲା ତେବେ ତାଙ୍କୁ ଛାଡ଼ିଦେଉଥିଲେ କିନ୍ତୁ ଯଦି କୌଣସି ଗରିବ ଚୋରି କରୁଥିଲା ତେବେ ତା ହାତ କାଟିଦେଉଥିଲେ । କିନ୍ତୁ ମୋର ଏ ଅବସ୍ଥା ଯେ ମୁଁ ତା'ରାଣ ଖାଉଛି ଯା ହାତରେ ମୋ ଜୀବନ ଅଛି (ଅର୍ଥାତ୍ ଅଲ୍ଲାଃ) ଯଦି ମୁହମ୍ମଦ୍‌ଙ୍କ ଝିଅ ଫାଟିମା ମଧ୍ୟ ଚୋରି କରିଥାନ୍ତେ ତେବେ ମୁଁ ତାଙ୍କର ହାତ କାଟିଦେଇଥାନ୍ତି । ସୁବ୍‌ହାନଲ୍ଲାଃ ।

ବଦର ଯୁଦ୍ଧରେ ମକ୍କାର ମୁଶରେକିନ୍ ବନ୍ଦି ମାନଙ୍କ ମଧ୍ୟରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚାଚା ହଜ୍‌ରତ୍ ଅବ୍‌ବାସ୍ ମଧ୍ୟ ଥିଲେ । କଏଦୀ ମାନଙ୍କର ନିରୀକ୍ଷଣରେ

ହଜ୍‌ରତ୍ ଉମର୍ ନିୟୋଜିତ ଥିବା ସମୟରେ ସେ ହଜରତ୍ ଅବ୍‌ବାସ୍‌ଙ୍କ ସହିତ ସବୁ ବନ୍ଦୀମାନଙ୍କର ବେଡ଼ିକୁ ଜୋର୍ କରି ବାନ୍ଧିଦେଲେ । ସେମାନେ ମସ୍‌ଜିଦ୍ ନବଓ୍ୱି ପ୍ରାଙ୍ଗଣରେ ଥିଲେ । ଫଳତଃ ଅବ୍‌ବାସ୍ ଚିତ୍କାର କରିବାକୁ ଲାଗିଲେ । ରସୁଲୁଲ୍ଲାଃ ସ:ଆ:ସ ନିଜ ଚାଚାଙ୍କର ଚିତ୍କାର ଶୁଣି ବହୁତ ବ୍ୟସ୍ତ ହୋଇପଡ଼ିଲେ ଓ ଆପଣଙ୍କ ନିଦ ଉଡ଼ିଗଲା । ଅନ୍‌ସାର୍ ଯେତେବେଳେ ଏକଥା ଜାଣିଲେ ସେତେବେଳେ ସେମାନେ ହଜ୍‌ରତ୍ ଅବ୍‌ବାସ୍‌ଙ୍କ ବେଡ଼ିକୁ ଢ଼ିଲା କରିଦେଲେ । ପଳତଃ ତାଙ୍କ ଚିତ୍କାର ବନ୍ଦ ହୋଇଗଲା । ଆପଣ ସ:ଆ:ସ ସଙ୍ଗେ ସଙ୍ଗେ ପଚାରିଲେ ଅବ୍‌ବାସ୍‌ଙ୍କ ଚିତ୍କାର କାହିଁକି ଶୁଭୁନାହିଁ ? ସାହାବାମାନେ ଉତର ଦେଲେ ଆମେ ଆପଣଙ୍କୁ କଷ୍ଟ ହେଉଥିବା ଅନୁଭବ କରି ତାଙ୍କ ବେଡ଼ିକୁ ଢ଼ିଲା କରିଦେଲୁ । ସେଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏହା ନ୍ୟାୟ ବିରୋଧ ଅଟେ । ତାହେଲେ ବାକି ସବୁ କଏଦୀ ମାନଙ୍କର ବେଡ଼ି ଢ଼ିଲା କରିଦିଅ ଅଥବା ଅବ୍‌ବାସ୍‌ଙ୍କର ବେଡ଼ିକୁ ମଧ୍ୟ ଜୋର୍‌ରେ ବାନ୍ଧିଦିଅ । ଏହାଶୁଣି ସାହାବାମାନେ ସମସ୍ତ କଏଦୀ ମାନଙ୍କର ବେଡ଼ିକୁ ଢ଼ିଲା କରିଦେଲେ ।

ହୁନେନ୍ ଯୁଦ୍ଧରେ ଚବିଶି ହଜାର ଓଟ, ଚାଳିଶି ହଜାର ଛେଳି, ଚାରି ହଜାର ଔକିଆ ରୂପା ଏବଂ ଛଅ ହଜାର କଏଦୀ ମୁସଲ୍‌ମାନ୍ ମାନଙ୍କୁ ପ୍ରାପ୍ତ ହେଲା । ହଜ୍‌ରତ୍ ନବୀ କରିମ୍ ସ:ଆ:ସ କହିଲେ ମୁଁ ମୋ ନିଜର ଓ ବନୁ ଅବ୍‌ଦୁଲ୍ ମୁତଲବ୍‌ଙ୍କ କଏଦୀମାନଙ୍କୁ କୌଣସି କ୍ଷତି ମୂଳକ ଅର୍ଥ ନ ନେଇ ମୁକାଳି ଦେଉଛି । ଅନ୍‌ସାର ଓ ମୁହାଜିର୍‌ମାନେ କହିଲେ ଆମେ ମଧ୍ୟ ଆମ କଏଦୀମାନଙ୍କୁ କୌଣସି କ୍ଷତି ମୂଳକ ଅର୍ଥ ନ ନେଇ ମୁକାଳି ଦେଉଛୁ । ଏବେ ବନି ସଲିମା ଓ ବନି ଫଜାରା ରହିଗଲେ । ସେମାନଙ୍କ ପାଇଁ ଏହା ଏକ ଅଜବ କଥା ଥିଲା ଯେ ଅତ୍ୟାଚାରୀ ଶତ୍ରୁଙ୍କ ଉପରେ (ଯେଉଁମାନେ ସୌଭାଗ୍ୟ ବଶତଃ ହାରିଯାଇଛନ୍ତି) ଏପରି ଦୟା ଓ ଅନୁକମ୍ପା କରାଯାଉଛି । ସେମାନେ ତାଙ୍କ ଭାଗରେ ପଡ଼ିଥିବା କଏଦୀମାନଙ୍କୁ ଆଜାଦ୍ (ମୁକାଳିବା) କଲେ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଡ଼ାକିଲେ । ପ୍ରତ୍ୟେକ କଏଦୀଙ୍କ ମୂଲ୍ୟ ଛଅ ଛଅ ଟି ଓଟ ନିରୂପଣ କରାଗଲା । ଏହି ମୂଲ୍ୟ ଗୁଡ଼ିକ ନବୀ କରିମ୍ ସ:ଆ:ସ ନିଜେ ପ୍ରଦାନ କରିଲେ । ଏହିପରି ଅନ୍ୟ କଏଦୀମାନଙ୍କୁ ମଧ୍ୟ ଆପଣ ସ:ଆ:ସ ମୁକୁଳାଇ ଦେଲେ ।

ଏ ଘଟଣା ଯାହା ଆପଣଙ୍କ ଦୟାଶୀଳ ମନୋଭାବର ସାକ୍ଷ ଦେଉଅଛି । ସେଠାରେ ଏହି ସତ୍ୟତା ମଧ୍ୟ ସ୍ପଷ୍ଟ ବାରି ହୋଇଯାଉଛି ଯେ ହଜୁର୍‌ଙ୍କ ନ୍ୟାୟବନ୍ତ ଚରିତ୍ରରେ ଏହା ବିଲ୍‌କୁଲ୍ ନାପସନ୍ଦ ଥିଲା ଯେ କିଛି କଏଦୀ ତାଙ୍କ ନିଜ ସମ୍ପର୍କୀୟମାନଙ୍କ ଯୋଗୁଁ ମୁକ୍ତ ହୋଇଯାଆନ୍ତୁ । ଆଉ ବାକି ଅନ୍ୟ କଏଦୀମାନଙ୍କୁ ବନ୍ଦୀ ରୂପେ ରଖାଯାଉ । ତେଣୁ ଆପଣ ସ:ଆ:ସ ଅନ୍ୟ ସମସ୍ତ କଏଦୀମାନଙ୍କର ମୂଲ୍ୟ ପ୍ରଦାନ କରି ସେମାନଙ୍କୁ ମୁକୁଳାଇ ଦେଲେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ନ୍ୟାୟିକ ବ୍ୟବସ୍ଥାରେ ରାଜ୍ୟର ବଡ଼ ହାକିମ ଓ ଏକ ମାମୁଲି ନାଗରିକ କାନୁନ୍ ନଜରରେ ସମାନ ଅଟନ୍ତି । ସୁତରାଂ ଗୋଟିଏ ମୋକଦ୍ଦମାରେ ହଜୁର୍ ସ:ଆ:ସ ନିଜେ ଜଣେ ବଦୁ (ଗାଉଁଲି ଲୋକ)ଙ୍କ ଖିଲାଫ୍‌ରେ ମୁଦେଇ ଥିଲେ । ନିଜ ଦାବିର ପ୍ରମାଣ ପାଇଁ ହଜୁର୍ ସ:ଆ:ସଙ୍କୁ ସାକ୍ଷୀ ଉପସ୍ଥାପନ କରିବାକୁ କୁହାଗଲା । ଏଥିରେ ହଜ୍‌ରତ୍ ଖଜିମାବିନ୍ ସାବିତ୍ ର:ଅ ହଜୁର୍ ସ:ଆ:ସ ଙ୍କ ତରଫରୁ ସାକ୍ଷୀ ଦେଲେ । ଏହି ଘଟଣାର ବର୍ଣ୍ଣନା ସୁନନେ ଅବୁଦାଉଦ୍‌ରେ ଏପରି ଲେଖା ହୋଇଛି ଯେ ରସୁଲୁଲ୍ଲାଃ ସ:ଆ:ସ ଜଣେ ବଦୁଙ୍କ ନିକଟରୁ ଘୋଡ଼ା କିଣିଲେ ଏବଂ ତାକୁ ମୂଲ୍ୟ ନେବାପାଇଁ ନିଜ ପଛରେ ଆସିବାକୁ କହିଲେ । ଆପଣ ଶିଘ୍ର ଶିଘ୍ର ଚାଲୁଥିଲେ । ବଦୁ ଜଣକ ନିଜ ଅଳସୁଆ ଓ ଧିର ଚାଲି ଯୋଗୁଁ ପଛରେ ରହିଗଲା । ତାଙ୍କୁ ଅନେକ ଲୋକ ରାସ୍ତାରେ ମିଳିଲେ । ଲୋକମାନେ ଏହି ଘୋଡ଼ାର ମୂଲ୍ୟ ଅଧିକା ଦେବା ପାଇଁ କହିଲେ । ବାସ୍ତବରେ ସେମାନେ ଜାଣିନଥିଲେ ଯେ ଏହି ଘୋଡ଼ାଟିକୁ ରସୁଲୁଲ୍ଲାଃ ସ:ଆ:ସ କିଣିସାରିଛନ୍ତି ବୋଲି । ବଦୁ ଜଣକ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଡାକ ପକାଇ କହିଲେ ଯେ ଆପଣ ଏ ଘୋଡାକୁ କିଣିବେ ବା ମୁଁ ଏହାକୁ ଅନ୍ୟ କାହାକୁ ବିକ୍ରି କରିଦେବି ? ଆପଣ ସ:ଆ:ସ ଛିଡ଼ା ହୋଇଗଲେ ଓ କହିଲେ ମୁଁ କଣ ଏ ଘୋଡ଼ା ତୁମଠାରୁ କିଣିନାହିଁ କି ? ବଦୁ ଜଣକ କହିଲେ ଅଲ୍ଲାଃଙ୍କ ରାଣ ମୁଁ ଏହାକୁ ଆପଣଙ୍କ ହାତରେ ବିକ୍ରି କରିଦେଇନାହିଁ । ଏଥିରେ ଆପଣ ସ:ଆ:ସ ଆଶ୍ଚର୍ଯ୍ୟ ହୋଇ କହିଲେ କାହିଁକି ନୁହେ ମୁଁ ତ ତୁମଠାରୁ ଏହାକୁ କିଣି ସାରିଛି । ଏହା ଶୁଣି ବଦୁ ଜଣକ କହିଲେ ତା ହେଲେ ସାକ୍ଷୀ ଆଣନ୍ତୁ । ଖଜିମା ବିନ୍ ସାବିତ୍ କହିଲେ– “ମୁଁ ସକ୍ଷୀ ଦେଉଛି ଯେ ଆପଣ ଏହାକୁ କିଣିସାରିଛନ୍ତି । ଆପଣ ସ:ଆ:ସ ଖଜିମାଙ୍କ ନିକଟକୁ ଯାଇ ପଚାରିଲେ ତୁମେ କେଉଁ ଆଧାରରେ ସାକ୍ଷୀ ଦେଉଅଛ ? ସେ ଉତରରେ କହିଲେ ଆପଣଙ୍କ ସତ୍ୟତା ପାଇଁ ହେ ଅଲ୍ଲାଃଙ୍କ ରସୁଲ୍ ।

ସୁତରାଂ କେଡ଼େ ମୁଖଲିସ୍ (ଅନ୍ତରଙ୍ଗ) ଓ କେଡ଼େ ନିଷ୍ଠାବାନ୍ ଥିଲେ ସେ ସାକ୍ଷୀ ଓ କେଡ଼େ ସତ୍ୟବାଦୀ ଓ ନ୍ୟାୟବନ୍ତ ଥିଲେ ଏ ସାକ୍ଷ୍ୟ ପାଇବା ବ୍ୟକ୍ତି । ଅଲ୍ଲାଃହୁମ୍ମା ସ୍ୱଲ୍ଲେଆଲା ମୁହମ୍ମଦିନ୍ ଓ୍ୱ ଆଲେ ମୁହମ୍ମଦିନ୍ ।

ହଜ୍‌ରତ୍ ରସୁଲେ କରିମ୍ ସ:ଆ:ସ ଅତ୍ୟନ୍ତ ନ୍ୟାୟର ସହିତ ନିଷ୍ପତି କରୁଥିଲେ । ତତ୍‌ସହିତ ଏହା ମଧ୍ୟ କହିଦେଉଥିଲେ ଯେ ଦେଖ ମୁଁ ଜଣେ ମଣିଷ ଅଟେ । ତୁମେମାନେ ଯେତେବେଳେ ମୋ ପାଖକୁ କୌଣସି ମାମଲା ନେଇ ଆସୁଛ ସେତେବେଳେ ଏମିତି ବି ହୋଇପାରେ କୌଣସି ବ୍ୟକ୍ତି ନିଜର କଥା ଚାତୁରି ଦ୍ୱାରା ବିପକ୍ଷ ଉପରେ ଭାରି ପଡ଼ିଯିବ ଓ ମୁଁ ତା କଥାରେ ପ୍ରଭାବିତ ହୋଇ ତା ସପକ୍ଷରେ ରାୟ ଦେଇଦେବି । ତେବେ ତାକୁ ମନେରଖିବାକୁ ହେବ ଯେ ଯଦି କିଏ ଅସତ୍ ଉପାୟରେ ନିଜ ସପକ୍ଷରେ ଫଇସଲାକୁ ନେବ ସେ ବାସ୍ତବରେ ଖଣ୍ଡେ ନିଆଁକୁ ସାଥିରେ ନେବ । ତା ଇଛା ସେ ତାକୁ ଛାଡ଼ିଦେଉ ବା ତାକୁ ନେଇଯାଉ । (ବୁଖାରୀ)

ଆଁ ହଜ୍‌ରତ୍ ସ:ଆ:ସ କହିଲେ କାଜି ହେଉଛନ୍ତି ତିନି ପ୍ରକାର– (୧)ଜଣେ ଜନ୍ନତି (ସ୍ୱର୍ଗବାସୀ) (୨)ଦ୍ୱିତୀୟ ଜଣକ ଦୋଜଖୀ (ନର୍କବାସୀ) । ଜନ୍ନତି କାଜି ସେ ଅଟନ୍ତି ଯିଏ ପ୍ରକୃତ ସତ୍ୟକୁ ଆଧାର କରି ଫଇସଲା କରେ । ଏବଂ ଯେଉଁ କାଜି ସତ୍ୟକୁ ଜାଣିବା ସତ୍ୱେ ମଧ୍ୟ ଅନ୍ୟାୟ ସପକ୍ଷରେ ଫଇସଲା କରେ ସେ ଦୋଜଖୀ ଅଟେ । ସେହିପରି (୩)ତୃତୀୟ ସେ କାଜି ଅଟନ୍ତି ଯିଏ ବିନା ବୁଝାମଣାରେ ଫଇସଲା ଦିଏ ସେ ମଧ୍ୟ ଦୋଜଖୀ ଅଟନ୍ତି । (ଅବୁଦାଉଦ୍)

ହଜ୍‌ରତ୍ ଅନସ୍ ର:ଅ କହୁଛନ୍ତି ଯେ ରସୁଲ୍ କରିମ୍ ସ:ଆ:ସ କହିଲେ ଯେଉଁବ୍ୟକ୍ତି କଜା (ନ୍ୟାୟାପାଳିକା)ର ଓ୍ୱହ୍‌ଦା (ପଦବୀ) କୁ ମାଗିକରି ନେବ ସେ ତା ନଫ୍‌ସ (ନିଜ ମନ)ର ଚକ୍ରାନ୍ତରେ ଫସିଯିବ । ଓ ଯାହାକୁ ଏ ଓ୍ୱହ୍‌ଦା ବାଧ କରିଦିଆଯାଏ ତା ଉପରେ ଏକ ଫରିସ୍ତା ଅବତୀର୍ଣ୍ଣ ହେବେ ଓ ତାଙ୍କୁ ସତ୍‌ପଥରେ ପରିଚାଳିତ କରିବେ । (ତିରିମିଜି, ଅବୁଦାଉଦ୍)

ହଜ୍‌ରତ୍ ଅବୁ ହୁରେରା ରିଓ୍ୱାୟତ୍ କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯାହାକୁ ଲୋକମାନଙ୍କ ପାଇଁ କାଜି ରୂପେ ନିଯୁକ୍ତି ଦିଆଗଲା ସେ ତ ବିନା ଛୁରୀରେ ଜେଭ(ହଲାଲ)ଦେଲା । (ତିରିମିଜି, ଅବୁଦାଉଦ୍)

ଯେଉଁ ଧନକୁ ରସୁଲ୍ କରିମ୍‌ଙ୍କ ଅଧିନରେ ବଂଟାଯିବା ପାଇଁ ଦିଆଯାଇଥିଲା ସେଥିରେ ଆପଣ ସମାନତା ଓ ନ୍ୟାୟକୁ ଧାନରେ ରଖି ବାଂଟିଲେ । କିନ୍ତୁ ବେଳେବେଳେ କିଛି ହିତ ସାଧନ ଉଦ୍ଦେଶ୍ୟରେ କାହାର ହକ୍ ନ ମାରି ଆପଣ କେତେ ଲୋକଙ୍କୁ କିଛି ଅଧିକା ଦେଇଦେଉଥିଲେ । ସୁତରାଂ ହୁନେନ୍ ଯୁଦ୍ଧରୁ ଫେରିବା

ସମୟରେ କିଛି ଆରବ୍ ସର୍ଦ୍ଦାରଙ୍କୁ ଅନ୍ୟମାନଙ୍କ ଉପରେ ଅଗ୍ରାଧିକାର ଦେଇ ସେମାନଙ୍କ ମନ ମୋହିନେବା ପାଇଁ କିଛି ପୁରସ୍କାର ଦେଲେ । ଫଳତଃ ଆରବର ସର୍ଦ୍ଦାରମାନେ ନିଜେ ମୁସଲ୍‌ମାନ୍ ହେବା ସଙ୍ଗେସଙ୍ଗେ ତାଙ୍କ କବିଲା(ଗୋଷ୍ଠୀ)ର ସମସ୍ତ ଲୋକେ ମୁସଲ୍‌ମାନ୍ ହୋଇଗଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ କିଛି ଲୋକଙ୍କୁ ମୁଁ ମନଖୁସି କରାଇବା ପାଇଁ କିଛି ଦେଇଥାଏ ଯଦିଚ ସେମାନଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ମୋର ପ୍ରିୟ । କିନ୍ତୁ ସେମାନଙ୍କୁ ଇସ୍‌ଲାମ୍‌ର ନିକଟତର କରିବା ପାଇଁ ଏପରି କରିଥାଏ । (ବୁଖାରୀ)

କିନ୍ତୁ ଜଣେ ଅବୋଧ ଆପତି କଲେ ଯେ ଏହି ବଂଟନରେ ସମାନତା ରହିଲା ନାହିଁ । ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ଏ ଆପତି ବିଷୟରେ ଜାଣିଲେ ଆପଣ କେବଳ ଏତିକି କହିଲେ ଯେ ଯଦି ଅଲ୍ଲାଃ ଓ ତାଙ୍କ ରସୁଲ୍ ନ୍ୟାୟ କରିବେ ନାହିଁ ତାହେଲେ କିଏ ଏ ନ୍ୟାୟ କରିବ ? ଅଲ୍ଲାଃତାଲା ମୁସା ଆ:ସ ଙ୍କ ଉପରେ ଦୟା କରନ୍ତୁ ତାଙ୍କ ଉପରେ ଏହାଠାରୁ ବଡ଼ ଆରୋପ ଲାଗିଥିଲା । କିନ୍ତୁ ସେ ଧୈର୍ଯ୍ୟ ଦେଖାଇଥିଲେ । (ବୁଖାରୀ)

ଏହିପରି ଆଉଗୋଟିଏ ଅବସରରେ ଯେତେବେଳେ ମାଲେ ଗନିମତ୍ (ଯୁଦ୍ଧରେ ଜିତିଥିବା ଧନ ସମ୍ପତି) ବଂଟନ କରାଯାଉଥିଲା ଜଣେ ଅନ୍‌ସାରି (ମଦିନା ନିବାସୀ) ଆପତି କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ଆମ ତରବାରିରୁ ରକ୍ତ ବହୁଛି କିନ୍ତୁ ଆପଣ ମୁହାଜିର୍ (ବାହାରୁ ଆସି ମଦିନାରେ ରହିଥିବା ସାହାବା)ମାନଙ୍କୁ ଧନ ସମ୍ପତି ବାଂଟୁଛନ୍ତି । ଏହା କିପରି କଥା ? ଆଁ ହଜ୍‌ରତ୍ ସ:ଆ:ସ ଏହାର ବହୁତ ସୁନ୍ଦର ଉତର ଦେଲେ । ଆପଣ କହିଲେ ଆପଣମାନେ କଣ ପସନ୍ଦ କରିବେ ନାହିଁ ଯେ ଧନସମ୍ପତିକୁ ମୁହାଜିର୍ ନିଜ ଘରକୁ ନେଇଯାଆନ୍ତୁ ଓ ଆପଣମାନେ ଅଲ୍ଲାଃଙ୍କ ରସୁଲଙ୍କୁ ନିଜ ଘରକୁ ନେଇଯାଆନ୍ତୁ ।

ଏହି ଉତର ଦ୍ୱାରା ଯେଉଁଠି ସେଇ ଆପତି କରିଥିବା ବ୍ୟକ୍ତିଜଣକ ଲଜ୍ଜିତ ହେଲେ ସେଠି ଅନ୍ୟ ସମସ୍ତ ଅନ୍‌ସାରି ତାକୁ ଧିକ୍କାରୁଥିଲେ ।

ବାସ୍ତବରେ ରସୁଲ୍ କରିମ୍ ସ:ଆ:ସ ଯଦି କେବେ କୌଣସି କାରଣ ବଶତଃ ଧନ ବଂଟନରେ କାହାକୁ ଅଗ୍ରାଧିକାର ଦେଉଥିଲେ ତାହା ନ୍ୟାୟରୁ ବାହାର ନୁହେଁ ବରଂ ଉକ୍ତ ଧନର ଏକପଂଚମାଂଶ ବାଂଟିବାର ସମ୍ପୂର୍ଣ୍ଣ ଅଧିକାର ଆପଣଙ୍କୁ ଥିଲା । ସେଥିରେ ଆପଣ ଦୟାପରବଶ ହୋଇ ଆବଶ୍ୟକୀୟ ଲୋକଙ୍କୁ କିଛି ଦେଇଦେଉଥିଲେ । କିନ୍ତୁ ମାଲେ ଗନିମତ୍‌ରୁ ଆପଣ ନିଜେ ଓ ଆପଣଙ୍କ ପ୍ରିୟଲୋକମାନେ ବଂଚିତ ରହୁଥିଲେ । ହଜୁରଙ୍କ ସ୍ନେହର ଝିଅ ହଜ୍‌ରତ୍ ଫାତିମା ର:ଅ ଯେତେବେଳେ ଦେଖିଲେ ଯେ ବହୁତ ଗୁଡ଼ିଏ କଏଦୀ ଆସୁଛନ୍ତି ଏବଂ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ବାଂଟି ଦେଉଛନ୍ତି । ତେଣୁ ହଜ୍‌ରତ୍ ଫାତିମା ମଧ୍ୟ ଘରର ବିଭିନ୍ନ କାର୍ଯ୍ୟ ପାଇଁ ଜଣେ ଖାଦିମ୍ (ସେବକ)ଙ୍କୁ ବାପାଙ୍କ ଠାରୁ ମାଗିଲେ କାରଣ ଚକି ଚଳାଇ ଚଳାଇ ତାଙ୍କ ହାତ ଫୋଟକା ହୋଇଯାଇଥିଲା । କିନ୍ତୁ ରସୁଲେ କରିମ୍ ସ:ଆ:ସ କହିଲେ "ଅଲ୍ଲାଃଙ୍କ ରାଣ ! ମୁଁ ତୁମକୁ ଖାଦିମ୍ ଦେଇ ଅହ୍‌ଲେ ସୁଫା ଅର୍ଥାତ୍ ଗରିବ ଲୋକଙ୍କୁ ବଂଚିତ କରାଇ ପାରିବିନାହିଁ, ଯେଉଁମାନେ ଭୋକରେ ବ୍ୟତିବ୍ୟସ୍ତ ଓ ଯାହାଙ୍କ ରୋଟି ପାଣି (ଖାଦ୍ୟ) ପାଇଁ କିଛି ଅର୍ଥ ନାହିଁ । ତେଣୁ ମୁଁ କଏଦୀ ବିକ୍ରି କରି ଅହ୍‌ଲେ ସୁଫାଙ୍କ ନିମନ୍ତେ ଖର୍ଚ୍ଚ କରିବି" ।

ଫାତିମାଙ୍କ କଷ୍ଟ ନିବାରଣ ପାଇଁ ଏକ ଉପାୟ ବତାଇଲେ । ତାହା ହେଉଛି ପ୍ରତ୍ୟେକ ଫଜର ନମାଜ ପରେ ସୁବ୍‌ହାନଲ୍ଲାଃ, ଅଲ୍‌ହମ୍‌ଦୁଲିଲ୍ଲାଃ ଓ ଅଲ୍ଲାଃହୁଅକ୍‌ବର୍ ପାଠ କରନ୍ତୁ । ଏହା କଏଦୀ ଓ ଖାଦିମ୍‌ଙ୍କ ଉପହାରଠାରୁ ଉତମ ଅଟେ ।

ଆରମ୍ଭରୁ ମୁଁ ଯେଉଁ ସୁରା ମାଏଦାର ଆୟତ୍ ନଂ-୯ କୁ ପାଠ କରିଥିଲି ସେଥିରେ ଶତୃଙ୍କ ସଙ୍ଗେ ମଧ୍ୟ ସମାନତା ଓ ନ୍ୟାୟ ସହିତ ବ୍ୟବହାର କରିବା ପାଇଁ ଶିକ୍ଷା ଦିଆଯାଇଛି । ଏ ବାବଦରେ ମୁଁ କେବଳ ଗୋଟିଏ ଘଟଣା ଉପସ୍ଥାପନ କରିବି ।

ଥରେ କିଛି ସାହାବାଙ୍କୁ ମଦିନା ବାହାରକୁ ଖବର ସଂଗ୍ରହ ପାଇଁ ପଠାଗଲା । କାରଣ ଯୁଦ୍ଧର ସମୟ ଥିଲା । ତେଣୁ ପରିବେଶର ଅବସ୍ଥା ଉପରେ ନଜର ରଖିବା ଆବଶ୍ୟକ ଥିଲା । ଏହି ସମୟରେ ଶତ୍ରୁ ପକ୍ଷରୁ କିଛି ଲୋକ ସେମାନଙ୍କୁ ହରମ୍ (ଯୁଦ୍ଧ ନିଷିଦ୍ଧାଂଚଳ) ସୀମା ଭିତରେ ମିଳିଗଲେ । ମୁସଲ୍‌ମାନ୍‌ମାନେ ଭାବିଲେ ଯଦି ଆମେ ଏମାନଙ୍କୁ ଜିବୀତ ଛାଡ଼ିଦେଉଛୁ ତେବେ ଏମାନେ ମକ୍କାବାସୀଙ୍କୁ ଯାଇ ଖବର ଦେବେ । ଫଳତଃ ଆମକୁ ମାରିଦିଆଯିବ । ଏହା ଭାବି ସେମାନେ ତାଙ୍କ ଉପରେ ଆକ୍ରମଣ କଲେ ଏବଂ ସେହି କୁଫାର ମାନଙ୍କ ମଧ୍ୟରୁ ଜଣେ ମରିଗଲା । ଯେତେବେଳେ ଏହି ଖବର ସଂଗ୍ରହକାରୀ ଦଳ ମଦିନା ଫେରିଲେ ତାଙ୍କ ପଛରେ ମକ୍କାର ଲୋକ ଆସି ଅଭିଯୋଗ କଲେ ଯେ ଏମାନେ ଆମର ଦୁଇଜଣ ଲୋକଙ୍କୁ ମାରିଦେଇଛନ୍ତି । ଯଦିଚ ମକ୍କା ନିବାସୀ ଏହା ପୂର୍ବରୁ ପ୍ରଥମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ହରମ୍ ଭିତରେ ଆକ୍ରମଣ କରିସାରିଛନ୍ତି । ତେଣୁ ସେମାନଙ୍କୁ ଅଭିଯୋଗ କରିବାର କୌଣସି ଅଧିକାର ନଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ନ୍ୟାୟ ଦେଖନ୍ତୁ । ଆପଣ ସ:ଆ:ସ ମକ୍କାର କୁଫାର୍‌ଙ୍କୁ କହିଲେ ତୁମ ସହିତ ଅନ୍ୟାୟ ହୋଇଛି । ତେଣୁ ଆପଣ ସ:ଆ:ସ ଉକ୍ତ ଦୁଇଜଣଙ୍କ ନରହତ୍ୟା-ଅର୍ଥଦଣ୍ଡ ସେମାନଙ୍କ ଉତରାଧିକାରୀଙ୍କୁ ଦେଲେ ।

ସୁଲାହ୍ ହୁଦବିୟାଃର ସର୍ତାବଳୀ ମଧ୍ୟରୁ ଗୋଟିଏ ସର୍ତ ଏହା ଥିଲା ଯେ-ମକ୍କାରୁ ଯଦି କୌଣସି ମୁସଲ୍‌ମାନ୍ ମଦିନା ଚାଲିଆସିବେ ତେବେ ତାଙ୍କୁ ଫେରାଇଦେବାକୁ ପଡ଼ିବ । କିନ୍ତୁ ଯଦି କୌଣସି ମୁସଲ୍‌ମାନ୍ ମଦିନାରୁ ମକ୍କା ଯିବେ ତେବେ ତାଙ୍କୁ ଫେରାଇଦିଆଯିବ ନାହିଁ । ଏହି ସମୟରେ ଯେତେବେଳେ ଏହି ଚୁକ୍ତି ଲେଖା ହେଉଥିଲା କୁରେଶ୍‌ର ପ୍ରତିନିଧି ସୁହେଲ୍ ବିନ୍ ଉମ୍‌ରୋ ଙ୍କ ପୁଅ ଅବୁ ଜନ୍‌ଦଲ୍ ଯିଏ ମୁସଲ୍‌ମାନ ହୋଇଯାଇଥିଲେ ଏବଂ କୁଫାରେ ମକ୍କାଙ୍କ ଅତ୍ୟାଚାର ଦ୍ୱାରା ଅତିଷ୍ଠ ହୋଇ ମଦିନା ଅଭିମୁଖେ ଚାଲିଯାଉଥିଲେ କିନ୍ତୁ ଉକ୍ତ ଚୁକ୍ତି ମୁତାବକ ଆଁ ହଜ୍‌ରତ୍ ସ:ଆ:ସ ସେହି ପ୍ରପିଡ଼ୀତଙ୍କୁ ପୁଣି ତାଙ୍କ ବାପା ସୁହେଲ୍‌ବିନ୍ ଉମ୍‌ରୋଙ୍କ ହାତରେ ଦେଇଦେଲେ । ଯିଏ ପୁଣି ତାଙ୍କୁ ନେଇ ଦୁଃଖ ଓ ଯନ୍ତ୍ରଣାର ବନ୍ଦିଶାଳରେ ପକାଇଦେଲେ । ଏହା ଏପରି ଚୁକ୍ତି ଓ ଏପରି ଶବ୍ଦ ଥିଲା ଯିଏ ଉମରଙ୍କ ଭଳି ସାହାସୀ ବ୍ୟକ୍ତିଙ୍କୁ ଦୋହଲାଇ ଦେଇଥିଲା । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ନିଜର ଆତ୍ମସମ୍ମାନୁ ବଳିଦାନ ଦେଇ ଏହି ଚୁକ୍ତିର ଗୋଟି ଗୋଟି କରି ସମସ୍ତ ସର୍ତ ପୁରଣ କଲେ । ଯାହା ଫଳରେ ଅଲ୍ଲାଃତାଲା ଏହି ସୁଲହ୍ ହୁଦବିୟାଃ ପରେ କେବଳ ତିନି ବର୍ଷ ମଧ୍ୟରେ ଆପଣଙ୍କୁ ଦଶ ହଜାର କୁଦୁସି(ପବିତ୍ର ଲୋକ) ଙ୍କ ସହିତ ବିଜୟୀ ରୂପେ ମକ୍କା ମୋଅଜମାରେ ପ୍ରବେଶ କରାଇବାର ସୌଭାଗ୍ୟ ଅର୍ପଣ କଲେ ।

ପ୍ରିୟ ଶ୍ରୋତାଗଣ ! ଗୋଟିଏ ସମୟ ତାହା ଥିଲା ଯେବେ ଆଁ ହଜ୍‌ରତ୍ ସ:ଆ:ସ ଭାଇ ଉସ୍‌ମାନ୍ ବିନ୍ ତଲ୍‌ହାଙ୍କୁ ବୈତୁଲ୍ଲା କୁ ଖୋଲିବା ପାଇଁ କହିଥିଲେ । କିନ୍ତୁ ସେ ମନା କରଦେଇଥିଲେ । ଏଥିରେ ଆପଣ ସ:ଆ:ସ ତାଙ୍କୁ କହିଥିଲେ "ହେ ଉସ୍‌ମାନ ! ତୁମେ ଦେଖିବ ଦିନେ ନା ଦିନେ ଏ ଚାବି ମୋ ପାଖେ ରହିବ" । ସୁତରାଂ ଫତହ୍ ମକ୍କା (ମକ୍କା ବିଜୟ) ସମୟରେ ଆପଣ ଉସ୍‌ମାନ୍‌ବିନ୍ ତଲ୍‌ହାଙ୍କ ଠାରୁ ସେହି ଚାବି ନେଲେ ଏବଂ ବଇତୁଲ୍ଲାର ଦ୍ୱାର ଖୋଲି ଖାନା କାବାକୁ ମୂର୍ତୀଶୂନ୍ୟ

କରାଇଲେ ।

ହଜ୍‌ରତ୍ ଅବ୍‌ବାସ୍ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିବେଦନ କଲେ ଯେ ଏହି ଚାବି ବନୁ ହାଶିମଙ୍କୁ ଦିଆଯାଉ କିନ୍ତୁ ଆମେ ଉତ୍ସର୍ଗ ହେଉଛୁ ସେହ ଯଶସ୍ୱୀ ନ୍ୟାୟବନ୍ତ ପୁରୁଷ ସ:ଆ:ସ ଙ୍କ ନିକଟରେ ଯିଏ ପୁଣି ସେହି ଚାବିକୁ ଉସ୍‌ମାନ୍‌ବିନ୍ ତଲ୍‌ହାଙ୍କୁ ଫେରାଇଦେଲେ । ଯିଏ ବହୁଦିନରୁ ବଇତୁଲ୍ଲାର ରକ୍ଷଣ ବେକ୍ଷଣ କାର୍ଯ୍ୟ କରିଆସୁଥିଲେ । ଅଲ୍ଲାହୁମ୍ମା ସ୍ୱଲେ ଆଲା ମୁହମ୍ମଦିନ୍ ୱ ଆଲେ ମୁହମ୍ମଦିନ୍ ୱ ବାରିକ୍ ୱ ସଲ୍ଲିମ୍ ।

ଆଁ ହଜ୍‌ରତ୍ ସ:ଆ:ସ ଏଥିପ୍ରତି ବହୁତ ଧ୍ୟାନ ଦେଉଥିଲେ ଯେ ଲୋକମାନେ କିପରି ଅନ୍ୟର ଅଧିକାର (ହକ) କୁ ପ୍ରଦାନ କରିବେ । ଋଣୀ ବ୍ୟକ୍ତି ନିଜର ଋଣ ପରିଶୋଧ କରିବା ପାଇଁ ଆପଣ ସ:ଆ:ସ ତାଙ୍କୁ ଏତେ ତାଗିଦ୍ କରୁଥିଲେ ଯେ ଯଦି ଜଣାପଡ଼େ କୌଣସି ବ୍ୟକ୍ତି ନିଜ ଋଣ ପରିଶୋଧ ନ କରି ମରିଯାଇଛନ୍ତି ତେବେ ଆପଣ ତାର ନମାଜ ଯନାଜାଃ ପଢ଼ାଉନଥିଲେ ।

କାହାକୁ ଯଦି କୌଣସି ବ୍ୟକ୍ତି ଦ୍ୱାରା କିଛି ଦୁଃଖ ପହଂଚିଛି ଓ ତା ମନ ଦୁଃଖ ହୋଇଛି, ଯେ ପର୍ଯ୍ୟନ୍ତ ସେ ତାଠାରୁ କ୍ଷମା ନମାଗିଛି ସେ ପର୍ଯ୍ୟନ୍ତ ତା ଉପରେ ଆପଣ ରାଜି (ପ୍ରସନ୍ନ) ହେଉନଥିଲେ । ନିଜର ଏପରି ଅବସ୍ଥା ଥିଲା ଯେ ସୁରା ନସର୍ ଅବତୀର୍ଣ୍ଣ ହେବା ପରେ (ଯେଉଁ ସୁରାରେ ରସୁଲୁଲ୍ଲାଃ ସ:ଆ:ସଙ୍କ ମୃତ୍ୟୁର ଖବର ଦିଆଯାଇଥିଲା) ଆପଣ ସ:ଆ:ସ ଗୋଟିଏ ଖୁତ୍‌ବା ଦେଲେ । ଯାହାକୁ ଶୁଣି ଲୋକମାନେ ବହୁତ କାନ୍ଦିଲେ । ସେତେବେଳେ ହଜୁର୍ ସ:ଆ:ସ କହିଲେ ମୁଁ ଆଜି ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯଦି କିଏ ମୋ ଠାରୁ କୌଣସି ପ୍ରକାରର ପ୍ରତିଶୋଧ ନେବାକୁ ଚାହେଁ ବା ମୋ ଠାରୁ କୌଣସି ପ୍ରାପ୍ୟ ପାଇବାକୁ ଚାହେଁ ତେବେ କୟାମତ୍ ଆସିବା ପୂର୍ବରୁ ଆଜି ଏଠାରେ ମୋ ଠାରୁ ସେ ନେଇପାରିବେ । ଏହା ଶୁଣି ଅକାଶା ନାମକ ଜଣେ ବୃଦ୍ଧ ବ୍ୟକ୍ତି ଛିଡ଼ା ହେଲେ ଏବଂ କହିଲେ ମୋ ମା' ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଯଦି ଆପଣ ବାରମ୍ବାର ଅଲ୍ଲାଃଙ୍କ ରାଣ ଦେଇ ଏହା କହିନଥାନ୍ତେ ଯେ ପ୍ରତିଶୋଧ ନିଅ ବୋଲି ତେବେ ମୁଁ କଦାପି ଆଗକୁ ବଢ଼ିନଥାନ୍ତି । ମୁଁ ଅମୁକ ଯୁଦ୍ଧରେ ଆପଣଙ୍କ ସାଥିରେ ଥିଲି । ମୋ ଓଟ ହଜୁରଙ୍କ ଓଟ ପାଖକୁ ଆସିଲା । ହଜୁର୍ ସ:ଆ:ସଙ୍କ ପାଦକୁ ଚୁମ୍ବନ ଦେବାପାଇଁ ମୁଁ ଓଟରୁ ଓହ୍ଲାଇଲି । ହଜୁର୍ ତାଙ୍କ ପାଂଚଣ ଉଠାଇ ମାରିବା ଦ୍ୱାରା ତାହା ମୋ ଶରୀରର ଗୋଟିଏ ପାର୍ଶ୍ୱରେ ଲାଗିଲା । ମୁଁ ଜାଣିନାହିଁ ଯେ ହଜୁର୍ ଜାଣିଶୁଣି କରି ମୋତେ ମାରିଥିଲେ ବା ଓଟକୁ ମାରୁଥିଲେ? ରସୁଲୁଲ୍ଲାଃ ସ:ଆ:ସ କହିଲେ "ଜ୍ୟୋତିର୍ମୟ ଅଲ୍ଲାଃଙ୍କ ରାଣ! ଖୁଦାଙ୍କ ରସୁଲ୍ ଜାଣିଶୁଣି ତୁମକୁ ମାରିପାରିବେ ନାହିଁ" । ପୁଣି ଆପଣ ସ:ଆ:ସ ବେଲାଲ୍ ର:ଅ କୁ ନିର୍ଦ୍ଦେଶଦେଲେ ଯେ ସେହି ପାଂଚଣକୁ ଘରୁ ନେଇକରି ଆସ ।

ହଜ୍‌ରତ୍ ବେଲାଲ୍ ର:ଅ ଯାଇ ହଜ୍‌ରତ୍ ଫାତ୍‌ମା ର:ଅ ଙ୍କ ଠାରୁ ସେହି ପାଂଚଣଟି ନେଇକରି ଆସିଲେ । ରସୁଲୁଲ୍ଲାଃ ସ:ଆ:ସ ସେହି ପାଂଚଣଟିକୁ ଅକାଶା ର:ଅ ଙ୍କୁ ଦେଲେ ଏବଂ କହିଲେ ନିଜର ପ୍ରତିଶୋଧ ନେଇନିଅ । ଏହା ଶୁଣି ହଜ୍‌ରତ୍ ଅବୁବକର୍ ର:ଅ ଓ ଉମର୍ ର:ଅ ଛିଡ଼ା ହୋଇଗଲେ ଏବଂ ସେମାନେ ଅକାଶା ର:ଅ ଙ୍କୁ କହିଲେ ଆପଣ ରସୁଲୁଲ୍ଲାଃ ସ:ଅ ଙ୍କ ପରିବର୍ତେ ଆମଠାରୁ ପ୍ରତିଶୋଧ ନେଇନିଅ । ହଜୁର୍ ସ:ଆ:ସ ହଜ୍‌ରତ୍ ଅବୁବକର୍ ର:ଅ ଏବଂ ହଜ୍‌ରତ୍ ଉମର୍ ର:ଅ ଙ୍କୁ ବସାଇଦେଲେ । ପୁଣି ହଜରତ୍ ଅଲୀ ର:ଅ ଛିଡ଼ା ହେଲେ ଏବଂ କହିଲେ ରସୁଲୁଲ୍ଲାଃ ସ:ଆ:ସ ଙ୍କ ପରିବର୍ତେ ମୋ ଠାରୁ ପ୍ରତିଶୋଧ ନେଇନିଅ । ନବୀ କରିମ୍ ସ:ଆ:ସ ତାଙ୍କୁ ମଧ୍ୟ ରୋକିଦେଲେ । ପୁଣି ହଜ୍‌ରତ୍ ହସନ୍ ର:ଅ ଓ ହୁସେନ୍ ର:ଅ ଉଠି କହିଲେ ଯେ ଆମେ ରସୁଲୁଲ୍ଲାଃ ସ:ଆ:ସ ଙ୍କ ନାତି ଅଟୁ, ସେଥିଯୋଗୁଁ ଆମଠୁ ପ୍ରତିଶୋଧ ନେବା ମଧ୍ୟ ରସୁଲୁଲ୍ଲାଃ ସ:ଆ:ସ ଙ୍କ ଠାରୁ ପ୍ରତିଶୋଧ ନେବା ସହିତ ସମାନ ହେବ । ନବୀ କରିମ୍ ସ:ଆ:ସ ସେମାନଙ୍କୁ ମଧ୍ୟ ମନା କରିଦେଲେ ଏବଂ ଅକାଶାଙ୍କୁ କହିଲେ ଯେ ତୁମେ ହିଁ ମୋର ପ୍ରତିଶୋଧ ନିଅ । ଏଥିରେ ଅକାଶା କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଯେତେବେଳେ ଆପଣଙ୍କ ପାଂଚଣଟି ମୋ ଦେହରେ ଲାଗିଥିଲା ମୋ ଦେହରେ କପଡ଼ା ନଥିଲା । ହଜୁର୍ ସ:ଆ:ସ ନିଜ ଦେହରୁ କପଡ଼ା ଉଠାଇଲେ । ଏହା ଦେଖି ମୁସଲମାନମାନେ ପାଗଳଙ୍କ ପରି କାନ୍ଦିବାକୁ ଲାଗିଲେ । ସେମାନେ ମନେମନେ କହୁଥିଲେ ଯେ ଅକାଶା କଣ ଆମ ଆକା ସ:ଆ:ସ ଙ୍କୁ ପାଂଚଣ ମାରିବ? ଅକାଶା ହଜୁର୍ ସ:ଆ:ସ ଙ୍କ ଦେହକୁ ଦେଖି ନିକଟକୁ ଚାଲି ଆସି ଆପଣଙ୍କୁ ଚୁମ୍ବନ ଉପରେ ଚୁମ୍ବନ ଦେଇ ଚାଲିଲା । ଏବଂ ତା ସହିତ ଏହା ମଧ୍ୟ କହିଚାଲିଥିଲା "ମୋ ମା' ବାପା ଆପଣଙ୍କ ପାଇଁ ଉତ୍ସର୍ଗ ହୁଅନ୍ତୁ । ଆପଣଙ୍କ ଠାରୁ ପ୍ରତିଶୋଧ ନେବାପାଇଁ କାହାମନ କଣ କେବେ ଚାହିଁପାରିବ" । ରସୁଲୁଲ୍ଲାଃ ସ:ଆ:ସ କହିଲେ "ତୁମକୁ ପ୍ରତିଶୋଧ ନେବାକୁ ହେବ ନଚେତ୍ କ୍ଷମା କରିବାକୁ ହେବ" । (ଏହି ଦୁଇଟିରୁ ଗୋଟିଏ ନିଶ୍ଚିତ କରିବାକୁ ହେବ) । ଏହା ଶୁଣି ଅକାଶା କହିଲେ "ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଏହି ଆଶା ରଖି କ୍ଷମା ଦେଉଛି ଯେ ଅଲ୍ଲାଃତାଲା କୟାମତ୍ ଦିନ ମୋତେ କ୍ଷମା ଦେବେ" । ନବୀ କରିମ୍ ସ:ଆ:ସ କହିଲେ ଯେଉଁଲୋକ ଜନ୍ନତରେ ମୋ ସାଥିକୁ ଦେଖିବାକୁ ପସନ୍ଦ କରିବେ ସେମାନେ ଏହି ବୃଦ୍ଧ ବ୍ୟକ୍ତିକୁ ଦେଖି ନିଅନ୍ତୁ । ଏହା ଶୁଣି ମୁସଲମାନ ମାନେ ଅକାଶାର ମଥାକୁ ଚୁମ୍ବନ ଦେଇ ଚାଲିଲେ ଏବଂ ତାଙ୍କୁ ମୋବାରକ୍‌ବାଦ୍ ଦେଇ କହିଲେ ଯେ ତୁମେ ବହୁତ ଉଚ୍ଚ ପଦବୀ ହାସଲ କରିନେଲ । (ମଜ୍‌ମୁଆଜ୍ ଜଓ୍ୱାଇଦ୍, ଖଣ୍ଡ-୯, ପୃଷ୍ଠା-୨୮୯, ଦାରୁଲ୍‌କୁତୁବ୍ ଅଲ୍‌ଆରବୀ ବେରୁତ୍)

ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି-ଏଯୁଗରେ ଆମ ଅହେମଦୀମାନଙ୍କ ଉପରେ ନ୍ୟାୟ ଓ ସମାନତାକୁ ପ୍ରତିଷ୍ଠା କରିବା ପାଇଁ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ କରାଯାଇଛି । କାରଣ ଆମେ ଏ କଥାର ଦାବିଦାର ଅଟୁ ଯେ ଆମେ ଏ ଯୁଗର ଇମାମ୍‌କୁ ଚିହ୍ନି ସାରିଛୁ ଏବଂ ତାଙ୍କର ବୟତ୍‌ରେ ସାମିଲ୍ ହୋଇସାରିଛୁ । ସେହି ଇମାମ୍ ଯାହାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ହକମ୍ ଓ ଅଦଲ୍ ବୋଲି କହିଛନ୍ତି । ଯେଉଁଠି ସେ ଇମାମ୍ ଏହି ବିଶେଷ ଗୁଣର ଅଧିକାରୀ ହେବେ ସେଠି ତାଙ୍କ ଅନୁଯାୟୀଙ୍କ ଠାରୁ ମଧ୍ୟ ଏ ଆଶା କରାଯାଉଛି ଯେ ସେମାନେ ନ୍ୟାୟର ଉଚ୍ଚତମ ଆଦର୍ଶକୁ ପ୍ରତିଷ୍ଠା କରିବା ।

ହଜ୍‌ରତ୍ ଅବୁ ହୁରେରା ର:ଅ ରିଓ୍ୱାୟତ୍ କରୁଛନ୍ତି ଯେ ଆପଣ ସ:ଆ:ସ କହିଲେ ଇବ୍‌ନେ ମରିୟମ୍ ହକମ୍ ଓ ଅଦଲ୍ ହୋଇ ନିଶ୍ଚିତ ରୂପେ ଅବତୀର୍ଣ୍ଣ ହେବେ । (ମସ୍‌ନଦ୍ ଅହେମଦ୍ ବୀନ୍ ହମ୍ବଲ, ଖଣ୍ଡ-୨, ପୃଷ୍ଠା-୪୯୪, ବେରୁତ୍)

ଗୋଟିଏ ରିଓ୍ୱାୟତ୍‌ରେ ହଜ୍‌ରତ୍ ଅଲୀ ର:ଅ କହୁଛନ୍ତି ଯେ ଆପଣ ସ:ଆ:ସ କହିଲେ ଯଦି ଦୁନିଆର ବୟସରୁ ଗୋଟିଏ ଦିନ ମଧ୍ୟ ବାକି ଥିବ ତେବେ ମଧ୍ୟ ଅଲ୍ଲାଃତାଲା ନିଶ୍ଚିତ ରୂପେ ମୋ ଅହଲେ ବୟତ୍‌ଙ୍କ ମଧ୍ୟରୁ ଜଣଙ୍କୁ ପ୍ରେରଣ କରିବେ । ଯିଏ ଏ ସଂସାରକୁ ନ୍ୟାୟରେ ଭରିଦେବେ ଏହା ପୂର୍ବରୁ ଏ ଦୁନିଆ ଜୁଲମ୍ ଓ ଅତ୍ୟାଚାରରେ ପୁରି ରହିଥିବ । (ଅବୁଦାଉଦ୍ କିତାବୁଲ୍ ଫିତନ୍)

ଅର୍ଥାତ୍-ଇମାମ୍ ମେହେଦୀଙ୍କର ଆବିର୍ଭାବ ହେବା ନିଶ୍ଚିତ ଅଟେ ଓ କୟାମତ୍ ପୂର୍ବରୁ ତାଙ୍କ ଆସିବାକୁ ହେବ । ଯଦି କୟାମତ୍‌କୁ ଗୋଟିଏ ଦିନ ମଧ୍ୟ ବାକି ଥିବ ତଥାପି ତାଙ୍କର ନିଶ୍ଚିତ ଆବିର୍ଭାବ ହେବ । ତା ପରେ ଏ ସବୁକିଛି ଅନୁଷ୍ଠିତ ହେବ । ଆମେ ଭାଗ୍ୟବାନ୍ ଯେ ଆମେ ଇମାମ୍ ମେହେଦୀଙ୍କୁ ଦେଖିଲେ, ଚିହ୍ନିଲେ ଓ ତାଙ୍କ ଯମାତ୍‌ରେ ସାମିଲ୍ ହେଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଏହି ଭବିଷ୍ୟବାଣୀକୁ ସମ୍ପୂର୍ଣ୍ଣ ହେବାର ଦେଖିଲେ ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି "ଏବେ ମସିହ୍ ମଉଦ୍‌ଙ୍କର ଜମାନା ଆସିଗଲା । ଏବେ ଅଲ୍ଲାଃତାଲା ନିଶ୍ଚିତ ରୂପେ ଆକାଶରୁ ଏପରି ଆସବାବ ଜନ୍ମ କରିବେ, ଯେପରି ଏ ପୃଥିବୀ ଅତ୍ୟାଚାର ଓ ଅକାରଣରେ ହତ୍ୟା ଇତ୍ୟାଦିରେ ଭରିଯାଇଥିଲା, ଏବେ ନ୍ୟାୟ, ଶାନ୍ତି ଏବଂ ସୁଲ୍‌ହା ଦ୍ୱାରା ଏ ସବୁ ପରିପୂର୍ଣ୍ଣ କରିଦିଆଯିବ । ଏବଂ ସେ ଅମୀର୍ ଏବଂ ବାଦ୍‌ଶାହା(ରାଜା ମହାରାଜା)ଙ୍କୁ ଶୁଭେଚ୍ଛା ଯେଉଁମାନେ ଏଥିରେ ଭାଗନେବେ ।

(ଗଭର୍ଣ୍ଣମେଂଟ୍ ଇଂରାଜୀ ଅଓ୍ୱର୍ ଜିହାଦ୍, ରୁହାନି ଖଜାଏନ୍ ଖଣ୍ଡ-୧୭, ପୃଷ୍ଠା-୧୯)

# ଦାଇ ଇଲଲ୍ଲାଃ (ଅଲ୍ଲାଃଙ୍କ ଆଡ଼କୁ ଆହ୍ୱାନକାରୀ) ରୂପେ ଆଁହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତ

(ଶେଖ୍ ମୁଜାହିଦ୍ ଅହମ୍ମଦ୍ ଶାସ୍ତ୍ରି, ସମ୍ପାଦକ ସାପ୍ତାହିକ ବଦର ହିନ୍ଦି କାଦିଆନ୍)

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଆଁ ହଜରତ୍ ସ:ଆ:ସଙ୍କୁ ନିର୍ଦ୍ଦେଶ ଦେଇ କହୁଛନ୍ତି **ୟା ଅୟୁହର୍ ରସୁଲୁ ବଲ୍ଲିଗ୍ ମା ଉନ୍‌ଜିଲା ଇଲୈକା ମିର୍ ରବ୍‌ବିକା** (ମାଏଦା-୬୮)। ଅର୍ଥାତ୍ ହେ ରସୁଲ୍ ତୁମ୍ଭ ପାଳନକର୍ତାଙ୍କ ଠାରୁ ତୁମ ପ୍ରତି ଯାହା (ଅର୍ଥାତ୍ ଯେଉଁ ବାଣୀ)ଅବତୀର୍ଣ୍ଣ ହୋଇଛି ତାହାକୁ (ଲୋକମାନଙ୍କ ନିକଟରେ) ସଠିକ୍ ରୂପେ ପହଂଚାଇଦିଅ।

ପୁଣି ଏହି ଆହ୍ୱାନ ଓ ତବ୍‌ଲିଗ୍‌ର ଶୈଳୀ ପ୍ରତି ନର୍ଦ୍ଦେଶ ଦେଇ କହୁଛନ୍ତି **ଫଲି ଜାଲିକା ଫଦ୍‌ଉ ୱସ୍‌ତକିମ୍ କମ୍ମା ଉମିର୍‌ତା**। (ଶୁରା-୧୬) ଅର୍ଥାତ୍ ସୁତରାଂ ତୁମ୍ଭେ ଲୋକମାନଙ୍କୁ (ଏହି ଧର୍ମଆଡ଼କୁ ଡାକ;ଏବଂ ତୁମକୁ ଯେପରି କୁହାଯାଇଅଛି। ତୁମ ସେହିପରି (ଭାବରେ ଏହି ଧର୍ମ ପ୍ରତି) ନିଷ୍ଠାପର ରୁହ।

ପୁଣି କହୁଛନ୍ତି:- **ଉଦ୍‌ଉ ଇଲା ସବିଲି ରବ୍‌ବିକା ବିଲ୍‌ହିକ୍‌ମତେ ୱଲ୍ ମଓ ଇଜତିଲ୍ ହସନତେ ୱଜାଦିଲ୍‌ହୁମ୍ ବିଲ୍ଲତି ହିୟ ଅହସନ୍ ଇନ୍ନ ରବ୍‌ବକା ହୁୱ୍ ଆଲମୁ ବିମନ୍ ଜଲ୍ଲା ଅନ୍ ସବିଲିହି ୱହୁୱ୍ ଆଲମୁ ବିଲ୍ ମୁହ୍‌ତଦୀନ୍** (ନହଲ୍-୧୨୬) ଅର୍ଥାତ-(ହେ ରସୁଲ୍!) ତୁମେ (ଲୋକମାନଙ୍କୁ) ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମେ ନିଜ ପାଳନକର୍ତାଙ୍କ ପଥଆଡ଼କୁ ଡାକ, ଏବଂ ସେମାନଙ୍କ ସହିତ (ମତଭେଦ ସଂକ୍ରାନ୍ତରେ) ଏପରି ରୀତିରେ ଯୁକ୍ତି-ତର୍କ କର ଯାହା ସର୍ବୋତମ ଅଟେ; ବାସ୍ତବରେ ତୁମ୍ଭର ପାଳନକର୍ତା ସେମାନଙ୍କୁ ଭଲ ଭାବରେ ଜାଣନ୍ତି ଯେଉଁମାନେ ତାହାଙ୍କ ପଥରୁ ବିଚ୍ୟୁତ ହୋଇଅଛନ୍ତି, ତଥା ଯେଉଁମାନେ ସତ୍‌ପଥଗାମୀ ହୋଇଛନ୍ତି ସେମାନଙ୍କୁ ମଧ ଭଲ ଭାବରେ ଜାଣନ୍ତି।

ଅଲ୍ଲାଃତାଲାଙ୍କର ଏହି ଆୟତରୁ ଜଣାପଡୁଛି ଯେ ନବୀ ଅକ୍‌ରମ୍ ସ:ଆ:ସଙ୍କ ମୂଳ ପଦବୀ 'ଦାଇ' (ଲୋକମାନଙ୍କୁ ସତ୍‌ଜ୍ଞାନ ଓ ସତ୍ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତାଙ୍କ ପଥଆଡ଼କୁ ଡାକିବା) ଅଟେ।

ପୁଣି ଅଲ୍ଲାଃତାଲା କହୁଛନ୍ତି **ୟା ଅୟୁହନ୍ ନବୀୟୁ ଇନ୍ନା ଅର୍‌ସଲ୍‌ନାକା ଶାହିଦଉଁ ୱ ମୁବଶିରଉଁ ୱ ନଜିରା ୱ ଦାଇୟନ୍ ଇଲଲ୍ଲାହି ବେ ଇଜ୍‌ନିହି ୱ ସିରାଜମ୍ ମୁନିରା** (ଅହ୍‌ଜାବ୍:୪୬-୪୭) ଅର୍ଥାତ୍- ହେ ନବୀ! ଆମ୍ଭେ ତୁମ୍ଭକୁ (ଏହି ସଂସାରପାଇଁ) ତତ୍ତ୍ୱାବଧାରକ (ବିଶ୍ୱାସକାରୀମାନଙ୍କ ପାଇଁ) ସୁସମାଚାର ଦାତା ଓ (ଅବିଶ୍ୱାସୀକାରୀମାନଙ୍କ ପାଇଁ) ଭୟ ପ୍ରଦର୍ଶକ ଭାବେ ପ୍ରେରଣ କରିଅଛୁ, ଏବଂ ଅଲ୍ଲାଃଙ୍କ ଆଦେଶ ଅନୁସାରେ ତାହାଙ୍କ ଆଡ଼କୁ ଆହ୍ୱାନକାରୀ ଭାବରେ ଓ ଦିପ୍ତିମାନ ସୂର୍ଯ୍ୟ ଭାବରେ (ପ୍ରେରଣ କରିଅଛୁ)

ଆଁ ହଜରତ୍ ସ:ଆ:ସଙ୍କ ଜୀବନ ଚରିତ ଅଧ୍ୟୟନ କରିବା ଦ୍ୱାରା ଏହା ସ୍ପଷ୍ଟ ହେଉଛି ଯେ ଆପଣ ସ:ଆ:ସ ଦାଓ୍ୱତେ ଇସ୍‌ଲାମ୍‌ର କାର୍ଯ୍ୟକୁ ବାକି ଅନ୍ୟ ସବୁ କାର୍ଯ୍ୟ ଉପରେ ଅଗ୍ରାଧିକାର ଦେଉଥିଲେ ଏବଂ ସର୍ବଦା ସବୁ ପରିସ୍ଥିତିରେ ଏହି କାର୍ଯ୍ୟକୁ କରିବା ପାଇଁ ଲାଗି ରହୁଥିଲେ। ଆସନ୍ତୁ! ଆପଣଙ୍କ ଦାଓ୍ୱତେ ଇଲଲ୍ଲାହାର କିଛି ମହତ୍ୱପୂର୍ଣ୍ଣ ଘଟଣାର ଅନୁଧାନ ଆପଣଙ୍କ ଜୀବନ ଚରିତରୁ ଆପଣଙ୍କ ନିର୍ଦ୍ଦେଶାବଳୀରୁ ଓ ଆପଣଙ୍କ ସତ୍ୟନିଷ୍ଠ ପ୍ରେମୀ ସୟଦ୍‌ନା ହଜରତ୍ ଗୁଲାମ ଅହେମଦ୍ ସାହେବ କାଦିଆନୀ ମସହି ମଉଦ୍ ଆ:ସଙ୍କ ଲେଖାରୁ କିଛି ଉପସ୍ଥାପନ କରିବା ଫଳତଃ ଆମେ ନିଜର କର୍ତବ୍ୟକୁ ଆପଣ ସ:ଆ:ସ ଙ୍କ ଜୀବନ ଚରିତ ଅନୁଯାୟୀ ଉତମ ରୂପେ କରିବା ପାଇଁ ଚେଷ୍ଟା କରିପାରିବା। କାରଣ ଏହି ଉମ୍ମତ୍ ପାଇଁ ମଧ ଏହା ଧାର୍ଯ୍ୟ କରାଯାଇଛି ଯେ ଆପଣଙ୍କ ପଦାଙ୍କ ଅନୁସରଣ କରି ଦାଓ୍ୱତ ଇଲଲ୍ଲାହାର କାର୍ଯ୍ୟ କରିବା।

ଅଲ୍ଲାଃତାଲା ସୁରା ଆଲେ ଇମ୍‌ରାନ୍‌ରେ ନିର୍ଦ୍ଦେଶ ଦେଇ କହୁଛନ୍ତି-**ୱଲ୍ ତକୁମ୍ ମିନ୍‌କୁମ୍ ଉମ୍ମତୁଁ ୟଦ୍‌ଉନା ଇଲଲ୍ ଖଇରି ୱ ୟାମୁରୁନା ବିଲ୍ ମାରୁଫି ୱ ୟନ୍‌ହଓନା ଅନିଲ୍ ମୁନ୍‌କର୍ ୱ ଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍** (ଆଲେ ଇମ୍‌ରାନ୍:୧୦୫) ଅର୍ଥାତ୍-ଏବଂ ତୁମମାନଙ୍କ ମଧ୍ୟରେ ଏପରି ଏକ ଦଳ ରହିବା ଉଚିତ୍ ଯେକି (ଲୋକମାନଙ୍କୁ) କେବଳ ପୁଣ୍ୟ କର୍ମ କରିବାକୁ ଡାକିବେ ଓ ପୁଣ୍ୟ କାର୍ଯ୍ୟର ଶିକ୍ଷା ଦେବେ ଓ ପାପା କାର୍ଯ୍ୟ କରିବାକୁ ବାରଣ କରିବେ। ଏବଂ ଏହି ଲୋକମାନେ ହିଁ କୃତକାର୍ଯ୍ୟ ହେବେ।

*ଦାଓ୍ୱତେ ଇଲ୍ଲଲାହା ପାଇଁ ପ୍ରେରଣା ଦେବା*

ହଦିସ୍‌ରେ ଆସୁଛି ହଜରତ୍ ସହଲ୍ ବିନ୍ ସାଦ୍ ର:ଅ ରିୱାୟତ୍ କରୁଛନ୍ତି ଯେ ନବୀ କରିମ୍ ସ:ଆ:ସ ହଜରତ୍ ଅଲ୍ଲୀ ର:ଅ ଙ୍କୁ କହୁଛନ୍ତି କି: "ଅଲ୍ଲାଃଙ୍କ ସୌଗନ୍ଧ ଯଦି ତୋ ଜରିଆରେ ଜଣକୁ ସତପଥ ମିଳିଯାଏ ତେବେ ତୋ ପାଇଁ ଏହା ଭଲ ଜାତିର ଲାଲ୍ ଓଟ ପାଇବା ଠାରୁ ମଧ ଉତମ ଅଟେ। (ମୁସ୍‌ଲିମ୍)

*ପୁଣ୍ୟ କାର୍ଯ୍ୟ ପାଇଁ ଡାକିବାରେ ସବାବ୍ (ପୁଣ୍ୟଫଳ)*

ହଜରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ କହୁଛନ୍ତି "ଯଦି କୌଣସି ବ୍ୟକ୍ତି ପୁଣ୍ୟ କାର୍ଯ୍ୟ ପାଇଁ ଓ ହିଦାୟତ ଆଡ଼କୁ କାହାକୁ ଡାକିଥାଏ ତାକୁ ସେତିକି ସବାବ୍ ମିଳେ ଯେତେ ସବାବ୍ ସେହି କଥା ଉପରେ ଅମଳ କରିବା ବ୍ୟକ୍ତିକୁ ମିଳିଥାଏ ଏବଂ ତାଙ୍କର ସବାବ୍‌ରୁ କିଛି କମ୍ ହୋଇନଥାଏ। ଏବଂ ଯଦି କୌଣସି ବ୍ୟକ୍ତି ଖରାପ କାର୍ଯ୍ୟ ଓ କୁକର୍ମ ଆଡ଼କୁ କାହାକୁ ଡ଼ାକିଥାଏ ତାର ମଧ୍ୟ ସେତିକି ପାପ ହୋଇଥାଏ ଯେତେ ପାପ ସେହି କାର୍ଯ୍ୟକୁ କରିବା ବ୍ୟକ୍ତିଙ୍କର ହୋଇଥାଏ। ଏବଂ ତା ପାପରୁ କିଛି କମ୍ ହୋଇନଥାଏ। (ମୁସ୍‌ଲିମ୍)

*ଆଁ ହଜ୍‌ରତ୍ ସ:ଆ:ସଙ୍କ ତବ୍‌ଲିଗ୍ କରିବା ପାଇଁ ଅହରହ ଚେଷ୍ଟା*

ହିଜ୍‌ରତ୍‌ର କିଛି ଦିନ ପୂର୍ବରୁ ଆଁ ହଜରତ୍ ସ:ଆ:ସ ହଜରତ୍ ଅବୁଜର୍ ଗଫାରି ର:ଅ ଙ୍କୁ ମୁଅଲ୍ଲିମ୍ (ଶିକ୍ଷକ) ରୂପେ ତାଙ୍କ କୌମ୍‌ଙ୍କ ପାଖକୁ ପଠାଇଲେ। ସେ ଯାଇ ଇସ୍‌ଲାମ୍‌ର ତବ୍‌ଲିଗ୍ କଲେ। ଯଦ୍ଦ୍ୱାରା ଅଧା କବିଲା ସେହି ସମୟରେ ମୁସଲ୍‌ମାନ ହୋଇଗଲେ। ଏବଂ ବାକି ଅଧା କହିଲେ ଯେ ଆମେ ହଜୁରଙ୍କ ହିଜ୍‌ରତ୍ ପରେ ଇମାନ୍ ଆଣିବୁ। ତେଣୁ ଆପଣ ସ:ଆ:ସ ମଦିନା ଆସିବା ପରେ ସେମାନେ ମୁସଲ୍‌ମାନ ହୋଇଗଲେ। ଏହା ଦେଖି ଅସ୍‌ଲମ୍ କବିଲା ମଧ ଇସ୍‌ଲାମ୍ ଗ୍ରହଣ କରିନେଲେ। (ମୁସ୍‌ଲିମ୍)

*ଆଁ ହଜ୍‌ରତ୍ ସ:ଆ:ସଙ୍କ ତବ୍‌ଲିଗ୍‌ର ଶୁଭାରମ୍ଭ*

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ୍.ଏ ର:ଅ ନିଜର ବହୁ ଚର୍ଚ୍ଚିତ ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସରେ କହୁଛନ୍ତି: "ଆପଣ ସ:ଆ:ସଙ୍କ ସ୍ୱଭାବରେ ଏକାଗ୍ରତା ଓ ସନ୍ତୋଷତା ଭରିରହିଥିଲା। ତେଣୁ ଆପଣ ସ:ଆ:ସ ଲୋକମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଡ଼ାକିବା ଆରମ୍ଭ କରିଦେଲେ। ଏବଂ ଶିର୍‌କିର ବିରୋଧରେ ଶିକ୍ଷା ଦେଇ ଚାଲିଲେ। କିନ୍ତୁ ପ୍ରାରମ୍ଭରେ ଆପଣ ସ:ଆ:ସ ନିଜର ଏହି ମିଶନ୍‌କୁ ଖୋଲାଖୋଲି ରୂପେ ପ୍ରକଟ କଲେ ନାହିଁ ବରଂ ଅତ୍ୟନ୍ତ ନୀରବତାର ସହିତ କାର୍ଯ୍ୟ ଆରମ୍ଭ କଲେ ଏବଂ କେବଳ ନିଜ ସହିତ ମିଳାମିଶା କରୁଥିବା ଲୋକମାନଙ୍କୁ ଏହି ଶିକ୍ଷା ପହଂଚାଇବା ସୀମିତ ରଖିଲେ।

(ସିରତ୍ ଖାତମୁନ୍ ନବୀୟିନ୍, ପୃଷ୍ଠା-୧୨୦)

*ଆଁ ହଜ୍‌ରତ୍ ସ:ଆ:ସ ନିଜ ସମ୍ପର୍କୀୟଙ୍କୁ ନିମନ୍ତ୍ରଣ ଦେଲେ*

ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅ ଙ୍କୁ ନିର୍ଦ୍ଦେଶ ଦେଲେ ଯେ ଗୋଟିଏ ଦାଓ୍ୱତ୍‌ର ବ୍ୟବସ୍ଥା କର। ଏବଂ ଏଥିରେ ବନୁ ଅବ୍‌ଦୁଲ୍ ମୋତଲବ୍‌ଙ୍କୁ ନିମନ୍ତ୍ରଣ କର ଯାହାଦ୍ୱାରା ସେମାନଙ୍କୁ ପଏଗାମେ ହକ୍ (ସତ୍ୟର ବାର୍ତା) ପହଂଚିଯିବ। ତେଣୁ ହଜ୍‌ରତ୍ ଅଲୀ ର:ଅ ଗୋଟିଏ ଦାଓ୍ୱତ୍‌ର ବ୍ୟବସ୍ଥା କଲେ ଏବଂ ଆପଣ ସ:ଆ:ସ ନିଜର ସମ୍ପର୍କୀୟ ଚାଳିଶି ଜଣଙ୍କୁ ଏହି ଦାଓ୍ୱତ୍‌ରେ ନିମନ୍ତ୍ରଣ କରି ଡ଼ାକିଲେ। ଯେତେବେଳେ ସେମାନେ ଖାଇସାରିଲେ ଆପଣ ସ:ଆ:ସ ଗୋଟିଏ ବକ୍ତବ୍ୟ ଦେବାକୁ ଚାହିଁଲେ କିନ୍ତୁ ଅଭାଗା ଅବୁ ଲହବ କିଛି ଏପରି କଥା କହିଦେଲେ ଯଦ୍ଦ୍ୱାରା ଲୋକମାନେ ବିଚ୍ଛିନ୍ନ ହୋଇଗଲେ। ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅ ଙ୍କୁ କହିଲେ ଏ ଅବସର ତ ଚାଲିଗଲା ଏବେ ପୁଣି ଦାଓ୍ୱତ୍‌ର ବ୍ୟବସ୍ଥା କର। ସୁତରାଂ ଆପଣ ସ:ଆ:ସଙ୍କ ସମ୍ପର୍କୀୟମାନେ ପୁନର୍ବାର ଏକତ୍ରିତ ହେଲେ। ଆପଣ ସେମାନଙ୍କୁ ଏକ ବକ୍ତବ୍ୟ ଦେଇ ଏପରି କହିଲେ। "ହେ ବନୁ ଅବ୍‌ଦୁଲ୍ ମୁତଲବ! ଦେଖନ୍ତୁ ମୁଁ ତୁମ ପାଇଁ ସେହି କଥାକୁ ନେଇ ଆସିଛି ଯାହାଠାରୁ ବଳି କୌଣସି ବ୍ୟକ୍ତି ନିଜ କବିଲା ପାଇଁ କେବେ ଆଣିନାହିଁ। ମୁଁ ତୁମକୁ ଅଲ୍ଲାଃଙ୍କ ଆଡ଼କୁ ଡ଼ାକୁଛି। ଯଦି ତୁମେ ମୋ କଥାକୁ ମାନିନିଅ ତେବେ ତୁମେମାନେ ଦୀନ ଓ ଦୁନିଆର ଉତମ ପୁରସ୍କାରର ଅଧିକାରୀ ହୋଇଯିବ। ଏବେ କୁହ ଏହି କାର୍ଯ୍ୟରେ ମୋର ସାହାଯ୍ୟକାରୀ କିଏ ହେବ?" ସମସ୍ତେ ନୀରବ ଥିଲେ ଏବଂ ଏହି ବୈଠକଟି ନୀରବତାପୂର୍ଣ୍ଣ ହୋଇଯାଇଥିଲା। ଅଚାନକ୍ ଗୋଟିଏ ପଟୁ ଜଣେ ୧୩ ବର୍ଷର ଦୁର୍ବଳ ଓ ପତଳ ପିଲା "ଯାହାଙ୍କ ଆଖିରୁ ପାଣି ବୋହୁଥିଲା, ଛିଡ଼ା ହୋଇ କହିଲେ "ଯଦିଚ ମୁଁ ସମସ୍ତଙ୍କଠାରୁ ଦୁର୍ବଳ ଓ ସମସ୍ତଙ୍କଠାରୁ ଛୋଟ କିନ୍ତୁ ମୁଁ ଆପଣଙ୍କୁ ସାହାଯ୍ୟ କରିବି।" ଏହା ହଜରତ୍ ଅଲୀ ର:ଅ ଙ୍କର ସ୍ୱର ଥିଲା। ଆଁ ହଜରତ୍ ସ:ଆ:ସ ହଜରତ୍ ଅଲୀଙ୍କର ଏହି ଶବ୍ଦ ଶୁଣି ନିଜ ସମ୍ପର୍କୀୟମାନଙ୍କୁ ଦେଖି କହିଲେ "ଯଦି ତୁମେ ଜାଣିପାରୁଛ ତେବେ ଏହି ପିଲାର କଥାକୁ ଶୁଣ ଏବଂ ତାକୁ ମାନିନିଅ" ଉପସ୍ଥିତ ଲୋକମାନେ ଏହି ଦୃଶ୍ୟକୁ ଦେଖି ସେଥିରୁ ଶିକ୍ଷାନେବା ପରିବର୍ତେ ସମସ୍ତେ ହସରେ ଉଡ଼ାଇଦେଲେ ଓ ଅବୁଲହବ୍ ନିଜର ବଡ଼ଭାଇ ଅବୁ ତାଲିବ୍‌କୁ କହିବାକୁ ଲାଗିଲେ "ଦେଖ ଏବେ ମୁହମ୍ମଦ୍ ତୁମମାନଙ୍କୁ ଏ ନିର୍ଦ୍ଦେଶ ଦେଉଛି ଯେ ତୁମେ ନିଜ ପୁଅର ଅନୁସରଣ କର"। ଏବଂ ପୁଣି ଏ ଲୋକମାନେ ଇସ୍‌ଲାମ୍ ଓ ଆଁ ହଜରତ୍ ସ:ଆ:ସଙ୍କ ଦୁର୍ବଳତା ଉପରେ ହସି ଉଠି ଚାଲିଗଲେ। (ସିରତ୍ ଖାତମୁନ୍ ନବୀୟିନ୍, ପୃଷ୍ଠା-୧୨୮-୧୨୯)

*ଦାଓ୍ୱତେ ଇଲଲ୍ଲାହା ଓ କୁରେଶ ମକ୍କାଙ୍କ ବ୍ୟବହାର*

ହିଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି "ଯେତେବେଳେ ଏହି ଆୟତ ଅବତୀର୍ଣ୍ଣ ହେଲା ଯେ ମୁଶରିକ୍‌ମାନେ ଅପବିତ୍ର, ଖଳ ପ୍ରକୃତିର, ମୁର୍ଖ ଓ ସଇତାନ୍‌ର ସନ୍ତାନ ଅଟନ୍ତି ବୋଲି ଏବଂ ସେମାନଙ୍କ ଉପାସନା ପୀଠ ଓ ଠାକୁର ନିଆଁରେ ପଡ଼ିବେ ଓ ନର୍କଗାମୀ ହେବେ ବୋଲି ସେତେବେଳେ ଅବୁତାଲିବ ଆଁ ହଜରତ୍ ସ:ଆ:ସଙ୍କୁ ଡାକି କହିଲେ:-ହେ ମୋର ପୁତୁରା ତୋର

ଏପରି କହିବା ଦ୍ୱାରା ଏ କୌମ୍ (ଜାତି) ବହୁତ ରାଗି ତାତିଗଲେଣି ଏବଂ ଜଣାପଡୁଛି ବହୁତ ନିକଟ ଭବିଷ୍ୟତରେ ସେମାନେ ତୁମକୁ ନିଃଶେଷ କରିଦେବେ ତତ୍ ସହିତ ମୋତେ ମଧ୍ୟ । ତୁ ତାଙ୍କର ଜ୍ଞାନୀ ଲୋକମାନଙ୍କୁ ନିର୍ବୋଧ କହୁଛୁ । ଏବଂ ତାଙ୍କ ମହାପୁରୁଷମାନଙ୍କୁ ଖଳ ପ୍ରକୃତିର ବୋଲି କହୁଛୁ ଏବଂ ତାଙ୍କର ସମ୍ମାନୀୟ ଠାକୁରମାନଙ୍କୁ ନର୍କଗାମୀ ବୋଲି ଅଭିହିତ କରୁଛୁ ଏବଂ ସର୍ବସାଧାରଣ ସମସ୍ତଙ୍କୁ ଅପବିତ୍ର ଓ ସଇତାନ୍‌ର ସନ୍ତାନ ବୋଲି ଅଭିହିତ କରୁଛୁ । ମୁଁ ତୋ ଭଲପାଇଁ କହୁଛି ଯେ ନିଜ ମୁହଁକୁ ବନ୍ଦ କରିଦେ ଓ ଏପରି ଖରାପ କଥାରୁ ନିବୃତ ହୋଇଯା ନଚେତ୍ ମତେ ଏ କୌମ୍‌ର ମୁକାବିଲା କରିବା ପାଇଁ ଶକ୍ତି ନାହିଁ । ଆଁ ହଜ୍‌ରତ୍ ସ:ଆ:ସ ଉତରରେ କହିଲେ ହେ ମୋର ଚାଚା ଏହା ସବୁ ମୁଁ କୌଣସି ଖରାପ କଥା କହୁନାହିଁ ବରଂ ଏହା ବାସ୍ତବିକ ଘଟଣା ଏବଂ ଉଚିତ୍ କଥା ଅଟେ । ଏହା ହିଁ ତ ମୋର କାର୍ଯ୍ୟ ଯେଉଁଥି ପାଇଁ ମୋତେ ପ୍ରେରଣ କରାଯାଇଛି । ଯଦି ଏଥିପାଇଁ ମୋତେ ମୃତ୍ୟୁବରଣ କରିବାକୁ ପଡ଼େ ତେବେ ମୁଁ ଖୁସି ହୋଇ ଏହି ମୃତ୍ୟୁକୁ ଗ୍ରହଣ କରିନେବି । ମୋ ଜୀବନ ତ ଏହି ପଥରେ ଉତ୍ସର୍ଗ ଅଟେ । ମୁଁ ମୃତ୍ୟୁର ଭୟ ଯୋଗୁଁ ସତ୍ୟ ପ୍ରକାଶ କରିବାରୁ ରହିତ ହୋଇପାରିବିନାହିଁ । ହେ ମୋର ଚାଚା ! ଯଦି ତୁମକୁ ନିଜର ଦୁର୍ବଳତା ଓ ନିଜକୁ କଷ୍ଟ ହେଉଥିବା ଯୋଗୁଁ ଏପରି ଚିନ୍ତା ଅଛି ତେବେ ତୁମେ ମୋତେ ଆଶ୍ରୟ ଦେଇନପାର । ମୁଁ ତୁମର କୌଣସି ଆବଶ୍ୟକତା ମଧ୍ୟ କରୁନାହିଁ । ମୁଁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶକୁ ପହଂଚାଇବାରୁ କଦାପି ରହିତ ହୋଇପାରିବି ନାହିଁ । ମୋତ ମୋ ମୌଲା (ଅଲ୍ଲାଃ)ଙ୍କ ନିର୍ଦ୍ଦେଶନାମା ମୋ ଜୀବନଠାରୁ ଅଧିକ ପ୍ରିୟ । ଅଲ୍ଲାଃଙ୍କ ରାଣ ଯଦି ମୋତେ ଏ ରାସ୍ତାରେ ମାରିଦିଆଯାଏ ତେବେ ମଧ୍ୟ ମୁଁ ପୁଣି ବାରମ୍ବାର ଜିବୀତ ହୋଇ ସବୁବେଳେ ଏ ରାସ୍ତାରେ ମରିବାକୁ ଚାହିଁବି । ଏହା ଭୟର ପଥ ନୁହେଁ ବରଂ ଏ ରାସ୍ତାରେ ଦୁଃଖ ଉଠାଇବା ପାଇଁ ମୋତେ ବହୁତ ଖୁସି ଲାଗିବ । ଆଁ ହଜ୍‌ରତ୍ ସ:ଆ:ସ କହିବା ବେଳେ ଆପଣଙ୍କ ଚେହେରାରେ ସତ୍ୟତା ଓ ନୁର୍ (ଜ୍ୟୋତି) ରେ ପରିପୁର୍ଣ୍ଣ ଝଲକ ଦେଖିବାକୁ ମିଳୁଥିଲା । ଏବଂ ଯେବେ ଆଁ ହଜ୍‌ରତ୍ ସ:ଆ:ସ ଏ ବକ୍ତବ୍ୟ ଶେଷ କଲେ ସେତେବେଳେ ସତ୍ୟର ଜ୍ୟୋତି ଦେଖି ଅବୁତାଲିବଙ୍କ ଆଖିରୁ ଅଶ୍ରୁ ବୋହିବାକୁ ଲାଗିଲା । ଏବଂ କହିଲେ ଯେ ମୁଁ ତୋର ଏହି ଉତମ ସ୍ତର ବିଷୟରେ ଜାଣିନଥିଲି । ତୋର ବାସ୍ତବିକ ଅବସ୍ଥା ଅତ୍ୟନ୍ତ ଯଶସ୍ୱୀ ଅଟେ । ଯାଅ ନିଜ କାମରେ ଲାଗିପଡ଼ । ଯେ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି ଏବଂ ଯେଉଁ ପର୍ଯ୍ୟନ୍ତ ମୋର ବଳ ଅଛି ମୁଁ ତୋତେ ସାହାଯ୍ୟ କରିବି । (ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହାଶିୟାରେ ଲେଖିଛନ୍ତି ଯେ ଅବୁତାଲିବଙ୍କ ବିଷୟରେ ଏହି ସବୁ କଥା ଯଦିଚ ପୁସ୍ତକରେ ଲେଖା ହୋଇଛି କିନ୍ତୁ ଏହି ସବୁ ବାକ୍ୟ ଇଲହାମୀ (ଐଶ୍ୱରିକ ବାଣୀ) ଅଟେ । ଯାହା ଖୁଦାତାଲା ଏହି ଅଧମର ହୃଦୟରେ ଅବତୀର୍ଣ୍ଣ କରିଛନ୍ତି । କେବଳ କିଛି କିଛି ବାକ୍ୟର ବାଖ୍ୟା ଏ ଅଧମ କରିଛି) (ଅଜାଲାଏ ଅଉହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୧୧୦-୧୧୧)

*ତାଏଫ୍ ନିବାସୀଙ୍କୁ ଦାୱତେ ଇଲଲ୍ଲାହା ଏବଂ ସେମାନଙ୍କର ବ୍ୟବହାର*

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ. ର:ଅ କହୁଛନ୍ତି ଯେ ଶୋଅବେ ଅବି ତାଲିବର ଘେରାବନ୍ଦି ଦିନଗୁଡିକ ଯେତେବେଳେ ସମାପ୍ତ ହୋଇଗଲା ଆପଣ ସ:ଆ:ସ ପୁଣି ତବ୍‌ଲିଗ୍ କରିବା ଆରମ୍ଭ କରିଦେଲେ । ପୁଣି କହୁଛନ୍ତି ଯେତେବେଳେ ଘେରାବନ୍ଦି ଉଠିଗଲା ଓ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିଜ କାମ ପାଇଁ ଏକ ପ୍ରକାର ସ୍ୱାଧୀନ ମିଳିଗଲା ତେବେ ଆପଣ ସ:ଆ:ସ ଇଛା କଲେ ଯେ ତାଏଫ୍ ଯାଇ ସେଠିକାର ଲୋକଙ୍କୁ ଇସ୍‌ଲାମ୍‌ର ଦାୱତ୍ ଦେବେ । ତାଏଫ୍ ଏକ ବିଖ୍ୟାତ ସ୍ଥାନ । ଯାହା ମକ୍କାରୁ ଦକ୍ଷିଣ ପୂର୍ବ ପଟକୁ ଚାଳିଶି ମାଇଲ ଦୂରତାରେ ଅବସ୍ଥିତ । ଏବଂ ତାହା ସେ ସମୟରେ ବନୁ ସକିଫ୍ କବିଲାରେ ପରିପୂର୍ଣ୍ଣ ଥିଲା । କାବାର ବିଶେଷତାକୁ ଛାଡ଼ିଦେଲେ ତାଏଫ୍ ମକ୍କା ସହିତ ବରାବର ଥିଲା ଏବଂ ସେଠି ବହୁତ ବଡ଼ ବଡ଼ ଧନୀ ଲୋକ ଏବଂ ପ୍ରଭାବଶାଳୀ ଲୋକ ଥିଲେ । ତାଏଫର ଏପରି ଗୁରୁତ୍ୱ ବିଷୟରେ ମକ୍କା ନିବାସୀ ମଧ୍ୟ ଅବଗତ ଥିଲେ । ସୁତରାଂ ମକ୍କା ନିବାସୀ କହୁଛନ୍ତି ଲୌଲା ନୁଜ୍ଜିଲା ହାଜଲ୍ କୁରୁଆନୁ ଆଲା ରଜୁଲିମ୍ ମିନଲ୍ କରିୟତୟିନି ଅଜିମ୍ । ଅର୍ଥାତ୍ ଯଦି ଏ କୋରାନ୍ ଅଲ୍ଲାଃଙ୍କ ତରଫରୁ ତେବେ ମକ୍କା ବା ତାଏଫର କୌଣସି ବଡ଼ ଲୋକଙ୍କ ଉପରେ କାହିଁକି ଅବତୀର୍ଣ୍ଣ କରାଗଲା ନାହିଁ । (କରିୟତଇନି ର ଅର୍ଥ ମକ୍କା ଏବଂ ତାଏଫ୍ ସହର ଅଟେ)

ସୁତରାଂ ଶୱାଲ ଦଶ ନବୱିରେ ଆଁ ହଜ୍‌ରତ୍ ସ:ଆ:ସ ତାଏଫ୍ ନିମନ୍ତେ ଯାତ୍ରା କଲେ । କିଛି ରିୱାୟତ୍ ଅନୁସାରେ ଜଏଦ୍ ବିନ୍ ହାରସା ଆପଣଙ୍କ ସାଥିରେ ଥିଲେ । ସେଠି ପହଂଚି ଆପଣ ଦଶଦିନ ରହିଲେ ଏବଂ ସହରର ବହୁତ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଜଣକ ପରେ ଜଣକ ସହିତ ସାକ୍ଷାତ୍ କଲେ କିନ୍ତୁ ଏହି ସହରର ଭାଗ୍ୟରେ ମଧ୍ୟ ମକ୍କାବାସୀଙ୍କ ପରି ଇସ୍‌ଲାମ୍ ଗ୍ରହଣ କରିବାର ସୌଭାଗ୍ୟ ନଥିଲା । ତେଣୁ ସମସ୍ତେ ପ୍ରତ୍ୟାଖ୍ୟାନ କଲେ ବରଂ ହସି ଉଡ଼ାଇଦେଲେ । ପରିଶେଷରେ ଆପଣ ସ:ଆ:ସ ତାଏଫର ବହୁ ପ୍ରତିଷ୍ଠିତ ରଇସ୍ ଆଜନ୍ ଅବଦ୍ ୟାଲିଲଙ୍କ ପାଖକୁ ଯାଇ ଇସ୍‌ଲାମ୍‌ର ଦାୱତ୍ (ନିମନ୍ତ୍ରଣ) ଦେଲେ । କିନ୍ତୁ ସେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କଲା ବରଂ ପରିହାସ କରି କହିଲା ଯେ ଯଦି ଆପଣ ସତ୍ୟବାନ ତେବେ ମୋତେ ଆପଣଙ୍କ ସହିତ କଥା କହିବାର ସାହାସ ନାହିଁ ଓ ଯଦି ଆପଣ ମିଥ୍ୟାବାଦୀ ତେବେ କଥା କହିବାର କିଛି ମୂଲ୍ୟ ନାହିଁ । ପୁଣି କାଳେ ସହରର ଯୁବଗୋଷ୍ଠୀଙ୍କ ଉପରେ ଏକଥା ପ୍ରଭାବ ନପକାଇଦେଉ ଏପରି ଚିନ୍ତା କରି ସେ ଆପଣଙ୍କୁ କହିଲା ଭଲ ହେବ ଆପଣ ଏଠାରୁ ଚାଲିଯାଆନ୍ତୁ । କାରଣ ଏଠି କୌଣସି ଲୋକ ଆପଣଙ୍କ କଥାକୁ ଶୁଣିବା ପାଇଁ ପ୍ରସ୍ତୁତ ନାହାଁନ୍ତି । ତା ପରେ ସେ ସହରର କିଛି ଅଭଦ୍ର କୁଚରିତ୍ର ଯୁବକଙ୍କୁ ଆପଣଙ୍କ ପଛରେ ଲଗାଇଦେଲା । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସହରରୁ ବାହାରିଲେ ସେତେବେଳେ ଲୋକମାନେ ପାଟିତୁଣ୍ଡ କରି ଆପଣଙ୍କ ପଛରେ ପଡ଼ିଗଲେ ଓ ଆପଣଙ୍କ ଉପରେ ପଥର ବର୍ଷା ଆରମ୍ଭ କରିଦେଲେ । ଯଦ୍ୱାରା ଆପଣଙ୍କ ସାରା ଶରୀର ରକ୍ତରେ ଜୁଡୁବୁଡୁ ହୋଇଗଲା । ତିନିମାଇଲ ପର୍ଯ୍ୟନ୍ତ ଏମାନେ ଆପଣଙ୍କୁ ଗାଳି ଦେଇ ଦେଇ ପଥର ମାରି ଚାଲିଥିଲେ ।

ତାଠାରୁ ତିନି ମାଇଲ ଦୂରତାରେ ରଇସ୍ ଉତ୍‌ବାବିନ୍ ରବିୟାଙ୍କ ବଗିଚା ଥିଲା । ଆଁ ହଜ୍‌ରତ୍ ସ:ଆ:ସ ସେଠି ଆସି ଆଶ୍ରୟ ନେଲେ ଓ ଅତ୍ୟାଚାରୀମାନେ ଥକିପଡ଼ି ଫେରିଗଲେ । ଏଠି ଗୋଟିଏ ଛାଇ ତଳେ ଛିଡ଼ା ହୋଇ ଆପଣ ସ:ଆ:ସ ଅଲ୍ଲାଃଙ୍କ ଗୋଚରେ ଏପରି ପ୍ରାର୍ଥନା କଲେ- **ଅଲ୍ଲାହୁମ୍ମା ଇଲୈକା ଅଶ୍‌କୁ ଜୁଉଫା କୁୱତି ୱ କିଲ୍ଲତା ହିଲତି ୱ ହୱାନୀ ଅଲନ୍‌ନାସୀ ଅଲ୍ଲାହୁମ୍ମା ୟା ଅର୍‌ହମର୍ ରାହେମିନ ଅନ୍‌ତା ରବ୍‌ବୁଲ୍ ମୁସ୍‌ତଜ୍ ଅଫିନା ୱ ଅନ୍‌ତା ରବ୍‌ବି ।** ଅର୍ଥାତ୍- ହେ ମୋର ଅଲ୍ଲାଃ ! ମୁଁ ମୋର ଦୁର୍ବଳତା ଏବଂ ଦୁର୍ବଳ ଉପାୟ ଓ ଲୋକମାନଙ୍କ ମୁକାବିଲା ପାଇଁ ନିଜର ଅସହାୟତାର ଅଭିଯୋଗ ତୋ ନିକଟରେ କରୁଅଛି । ହେ ମୋର ଖୁଦା ! ତୁ ସମସ୍ତଙ୍କଠୁ ବଳି ଦୟାଳୁ ଏବଂ ଦୁର୍ବଳ ଲୋକମାନଙ୍କର ଓ ଅସହାୟ ଲୋକମାନଙ୍କର ତୁ ହେଉଛୁ ତ୍ରାଣକର୍ତା ଓ ସୁରକ୍ଷାକର୍ତା ଏବଂ ତୁହି ମୋର ପାଳନକର୍ତା ଅଟୁ----ମୁଁ ତୋର ମୁଖର ଜ୍ୟୋତିର ଆଶ୍ରୟ ଚାହୁଁଛି । କାରଣ ତୁ ହିଁ ଅନ୍ଧକାରକୁ ଦୂର କରିଥାଉ ଓ ମଣିଷକୁ ଇହକାଳ ଓ ପରକାଳରେ ସବୁପ୍ରକାର ଉତମତା ପ୍ରଦାନ କରିଥାଉ ।

ଉତ୍‌ବା ଓ ଶଏବା ସେ ସମୟରେ ନିଜର ବଗିଚାରେ ଉପସ୍ଥିତ ଥିଲେ । ଆପଣଙ୍କର ଏ ଅବସ୍ଥା ଦେଖି ନିଜର ଇସାଇ ଗୁଲାମ ଅଦାସ୍‌ଙ୍କ ହାତରେ ଗୋଟିଏ ଡଙ୍ଗା ଦ୍ୱାରା କିଛି ଅଙ୍ଗୁର ଦେଇ ଆପଣଙ୍କୁ ପାଖକୁ ପଠାଇଲେ । ଆପଣ ସ:ଆ:ସ ତାକୁ ନେଇନେଲେ ଏବଂ ଅଦାସକୁ କହିଲେ ତୁମେ କେଉଁଠିକାର ଅଟ ? ଏବଂ ତୁମେ କେଉଁ ଧର୍ମର ଅନୁଗାମୀ ? ସେ କହିଲେ "ମୁଁ ନୈନ୍‌ୱା ନିବାସୀ ଏବଂ ମୋର ଧର୍ମ ଇସାଇ" ଆପଣ ସ:ଆ:ସ କହିଲେ କଣ ସେହି ନୈନ୍‌ୱା ଯେଉଁଠି ଅଲ୍ଲାଃଙ୍କ ସ୍ୱାଲେହ ଭକ୍ତ ୟୁନୁସ୍‌ବିନ୍ ମତା ର ଘର ଥିଲା" ଅଦାସ କହିଲେ ହଁ କିନ୍ତୁ ଆପଣଙ୍କୁ ୟୁନୁସ୍‌ଙ୍କୁ କିପରି ଜାଣିଛନ୍ତି ? ଆପଣ ସ:ଆ:ସ କହିଲେ ସେ ମୋର ଭାଇଥିଲେ କାରଣ ସେ ମଧ୍ୟ ଅଲ୍ଲାଃଙ୍କ ନବୀ ଥିଲେ ଏବଂ ମୁଁ ମଧ୍ୟ ଅଲ୍ଲାଃଙ୍କ ନବୀ ଅଟେ । ପୁଣି ଆପଣ ସ:ଆ:ସ ତାଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଇଲେ । ଯାହା ତା ଉପରେ ବହୁତ ପ୍ରଭାବ ପକାଇଲା ଫଳତଃ ସେ ଆପଣଙ୍କ ଆଗକୁ ଆସି ସ୍ନେହର ସହିତ ଆପଣଙ୍କ ହାତକୁ ଚୁମ୍ବନ ଦେଲେ । ଏହି ଦୃଶ୍ୟକୁ ଉତ୍‌ବା ଏବଂ ଶଏବା ଦୂରରେ ଦେଖିନେଲେ । ତେଣୁ ଯେତେବେଳେ ଅଦାସ ତାଙ୍କ ପାଖକୁ ଫେରିଲେ ସେମାନେ କହିଲେ ଅଦାସ ! ତୋର କ'ଣ ହୋଇଛି ଯେ ତୁ ତାଙ୍କ ହାତକୁ ଚୁମ୍ବନ ଦେଉଥିଲୁ । ଏ ବ୍ୟକ୍ତି ତୋ ଦୀନ୍‌କୁ ଖରାପ କରିଦେବ । ତୋ ଦୀନ୍ ତ ଏହାଙ୍କ ଦୀନ୍‌ଠାରୁ ଉତମ ଅଟେ ।---

ହଦୀସ୍‌ରେ ଆସୁଛି ଥରେ ହଜ୍‌ରତ୍ ଆଇଶା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପଚାରିଲେ ଆପଣଙ୍କୁ କଣ ଅହଦ ଯୁଦ୍ଧ ସମୟର ଦିନଠାରୁ ଅଧିକ କୌଣସି ଦୁଃଖ ହୋଇଛି ? ଆପଣ ସ:ଆ:ସ କହିଲେ "ଆଇଶା ତୁମ କୌମ୍‌ଙ୍କ ନିକଟରୁ ମୋତେ ବଡ଼ ବଡ଼ ଦୁଃଖ ପହଂଚିଛି ।" ଏବଂ ପୁଣି ଆପଣ ସ:ଆ:ସ ତାଏଫ୍ ଗସ୍ତର ଅବସ୍ଥା ଶୁଣାଇଲେ ଓ କହିଲେ ଯେ ଏହି ଗସ୍ତରୁ ଫେରିବା ସମୟରେ ମୋ ପାଖକୁ ପାହାଡ଼ର ଫରିସ୍ତା ଆସିଲେ ଏବଂ କହିଲେ ମୋତେ ଅଲ୍ଲାଃ ଆପଣ ସ:ଆ:ସଙ୍କ ପାଖକୁ ପଠାଇଛନ୍ତି ଯଦି ଆପଣଙ୍କର ନିର୍ଦ୍ଦେଶ ହେବ ତାହାଲେ ମୁଁ ସେ ଲୋକମାନଙ୍କୁ ଏହି ଦୁଇ ପାହାଡ଼ ମଧ୍ୟରେ ରଖି ପେଶି ଶେଷ କରିଦେବି । ଆପଣ ସ:ଆ:ସ କହିଲେ ନା ନା ମୋର ଆଶା ଅଛି ଯେ ଅଲ୍ଲାଃତାଲା ସେମାନଙ୍କ ମଧ୍ୟରୁ ଏପରି ଲୋକଙ୍କୁ ଜନ୍ମ ଦେବେ ଯେଉଁମାନେ ଏକ ଖୁଦାର ଉପାସନା କରିବେ । (ଖାତମୁନ୍ ନବୀୟିନ୍ ପୃଷ୍ଠା-୧୮୧-୧୮୪)

*ବିଭିନ୍ନ ମେଳାରେ ଯାଇ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବା*

ହଜ୍ ଦିନ ମାନଙ୍କରେ ଦୂରଦୂରାନ୍ତ ଇଲାକାରୁ ଲୋକେ ଆସି ମକ୍କାରେ ଏକତ୍ରିତ ହେଉଥିଲେ । ଏବଂ ଅଶ୍‌ହର୍ ହରମ୍‌ରେ ଉକାଜ, ମଜନ୍ନାଃ ଏବଂ ଜୁଲ୍ ମଯାଜ୍‌ରେ ବହୁ ସଂଖ୍ୟାରେ ଲୋକଙ୍କର ଇଜ୍‌ତିମା ହେଉଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କର ଆରମ୍ଭରୁ ଏ ଅଭ୍ୟାସ ଥିଲା ଯେ ଉକ୍ତ ମୌକାର ଆପଣ ଲାଭ ଉଠାଉଥିଲେ ଏବଂ ବିଭିନ୍ନ ଆରବୀୟ କବାଇଲ୍ ରହିବା ସ୍ଥଳକୁ ଯାଇ ତାକୁ ଇସ୍‌ଲାମ୍‌ର ଦାୱତ୍ ଦେଉଥିଲେ । କିନ୍ତୁ ଆପଣ କୁରେଶ ମକ୍କାଙ୍କ ପ୍ରତି ଅଧିକ ଧ୍ୟାନ ଦେଉଥିଲେ । କିନ୍ତୁ ଯେଉଁଦିନମାନଙ୍କରେ କୁରେଶ ମକ୍କା ମୁସଲମାନ୍‌ମାନଙ୍କୁ ଶୋଅବେ ଅବି ତାଲିବରେ ଘେରାବନ୍ଦି କରି ତାଙ୍କ ସହିତ ସମ୍ପର୍କ ଛିନ୍ନ କରିଦେଲେ ଏବଂ ତାଙ୍କ ସହିତ ମିଳାମିଶା ବନ୍ଦ କରିଦେଲେ ସେହିଦିନ ଗୁଡିକରେ ଆଁ ହଜ୍‌ରତ୍ ସ:ଆ:ସ ଅନ୍ୟ ଆରବୀୟ କବିଲାଙ୍କ ପ୍ରତି ଅଧିକ ଧ୍ୟାନ ଦେବା ଆରମ୍ଭ କଲେ । ସୁତରାଂ ଘେରାବନ୍ଦି ହୋଇଥିବା ସମୟରେ ଆପଣ ଅଶ୍‌ହର୍ ହରମ୍ ଯେଉଁଠି ଚାରିଆଡ଼େ ଶାନ୍ତି ଥିଲା, ହଜ୍‌କୁ ଆସୁଥିବା କବିଲାମାନଙ୍କ ପ୍ରତି ବିଶେଷ ଗସ୍ତ କରୁଥିଲେ । ସେହିପରି ଉକାଜ ଇତ୍ୟାଦି ଇଜିତେମାରେ ମଧ୍ୟ ସାମିଲ୍ ହୋଇ ଇସ୍‌ଲାମ୍‌ର ତବ୍‌ଲିଗ୍ କରୁଥିଲେ । କିନ୍ତୁ କୁରେଶ ମକ୍କା ଏହି ତବ୍‌ଲିଗ୍‌କୁ ରୋକିବାକୁ ଚେଷ୍ଟା କଲେ । କାରଣ ସେମାନେ ଜାଣିଥିଲେ

ଯେ କବିଲାମାନଙ୍କର ମୁସଲମାନ ହୋଇଯିବାଟା ଏପରି ଥିଲା ଯେପରି ନିଜେ ମକ୍କା ନିବାସୀ ଇସ୍‌ଲାମ୍ ନେଇ ଆସିଛନ୍ତି । ତେଣୁ କୁରେଶମାନଙ୍କର ବିରୁଦ୍ଧାଚରଣର ଏ ଫଳ ଥିଲା ଯେ ଆପଣ ସ:ଆ:ସ କବିଲାମାନଙ୍କର ଯେତେ ଗସ୍ତ କଲେ ମଧ୍ୟ ଏବଂ ପ୍ରତ୍ୟେକ କ୍ୟାମ୍ପରେ ଯାଇ ଇସ୍‌ଲାମ୍‌ର ଦାୱତ୍ ଦେଇଥିଲେ ମଧ୍ୟ ଆପଣଙ୍କୁ କୌଣସି ଫଳ ମିଳିନଥିଲା ।

(ସିରତ୍ ଖାତମୁନ୍ ନବୀୟିନ୍, ପୃଷ୍ଠା-୧୮୧)

*ତବ୍‌ଲିଗ୍ କାର୍ଯ୍ୟରେ ସୁନ୍ଦର ଉପାୟ ଅବଲମ୍ବନ*

ଆଁ ହଜ୍‌ରତ୍ ସ:ଆ:ସ ତବ୍‌ଲିଗ୍ କରିବାର ଏକ ଉପାୟ ମୁଦି ସଦୃଶ ମୋହର ତିଆରି କରାଇ ତାର ପ୍ରୟୋଗ କରିଥିଲେ ଯାହା ଆପଣ ସ:ଆ:ସଙ୍କ ସାହାବାଙ୍କର ମତ ଥିଲା । ଏଥିରୁ ଜଣାପଡୁଛି ଯେ ଆପଣ ଭିନ୍ନ ଭିନ୍ନ ଉପାୟ ତବ୍‌ଲିଗ୍ କରିବା ପାଇଁ ଓ ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି ଧ୍ୟାନ ଆକର୍ଷଣ କରାଇବା ପାଇଁ କିପରି ଉପାୟମାନ ଗ୍ରହଣ କରୁଥିଲେ । ତବ୍‌ଲିଗ୍ କାର୍ଯ୍ୟରେ ମୋହର ହେବା ବା ନହେବା ଏକ ଭିନ୍ନ ବିଷୟ ଅଟେ । କିନ୍ତୁ କଲମାଏ ହକ୍ ବିନା ମୋହରରେ ମଧ୍ୟ ଏତେ ପ୍ରଭାବ ରଖିଥାଏ । କିନ୍ତୁ ଆପଣଙ୍କୁ ଜଣାଇଦିଆଯାଇଥିଲା ଯେ ସେ ଯୁଗରେ ସମ୍ରାଟ ବିନା ମୋହରରେ କୌଣସି ଚିଠି ପ୍ରତି ଧ୍ୟାନ ଦେଉନଥିଲେ । ତେଣୁ ଆପଣ କୌଣସି କଥାକୁ ମଧ୍ୟ ଉପେକ୍ଷା କରିବାକୁ ଚାହୁଁ ନଥିଲେ । ଆପଣଙ୍କର ତବ୍‌ଲିଗ୍ କାର୍ଯ୍ୟ କୌଣସି ଦୃଷ୍ଟିରୁ ଦୁର୍ବଳ ନ ହୋଇଯାଉ ସେଥିଯୋଗୁଁ ଆପଣ ଏ ସବୁ ଉପାୟ କରୁଥିଲେ ଯାହାର ବାଖ୍ୟା ଅଲ୍ଲାଃତାଲା ଏପରି କରୁଛନ୍ତି ଯା ଦିଲହୁମ୍ ବିଲ୍ଲତି ହିଅ ଅହସନ୍ ଅର୍ଥାତ୍-ହେ ରସୁଲ୍ ! ତୁମେ ଦୀନ୍ ହକ୍ ର ତବ୍‌ଲିଗ୍ ପାଇଁ ସର୍ବଦା ସେହି ରାସ୍ତାକୁ ଗ୍ରହଣ କର ଯାହା ପ୍ରତିପକ୍ଷଙ୍କ ମନ ଓ ବୁଦ୍ଧି ଉପରେ ବହୁତ ଭଲ ପ୍ରଭାବ ପକାଉଥିବ । (ସିରତ୍ ଖାତମୁନ୍ ନବୀୟିନ୍ ପୃଷ୍ଠା-୭୯୮)

## ଚିଠି ଜରିଆରେ ତବ୍‌ଲିଗ୍‌ର କାର୍ଯ୍ୟ ସମ୍ପାଦନ

ଯେଉଁ ତବ୍‌ଲିଗ୍ ଚିଠିମାନ ପ୍ରେରଣ କରାଯାଇଥିଲା ତାହା ସବୁ ଆରବର ଚତୁର୍ଦ୍ଦିଗରେ ଥିବା ଶାସକମାନଙ୍କର ନାମରେ ଥିଲା । ଅର୍ଥାତ୍ ଉତରରେ ରୋମାର ବିଖ୍ୟାତ ସାମ୍ରାଜ୍ୟର ସମ୍ରାଟ କଇସରଙ୍କ ନାମ ଓ ଉତର ପୂର୍ବରେ ଫାରସ୍‌ର ବିଖ୍ୟାତ ସାମ୍ରାଜ୍ୟର ସମ୍ରାଟ କିସ୍‌ରାଙ୍କ ନାମ ଓ ଆରବର ଉତର ପଶ୍ଚିମରେ ମିଶର୍‌ର ସମ୍ରାଟ ମକୁକସ୍‌ଙ୍କ ନାମ ଓ ପୂର୍ବରେ ୟମାମାର ରଇସ୍ ହୁଜାବିନ୍ ଅଲିଙ୍କ ନାମ ଓ ପଶ୍ଚିମରେ ହବ୍‌ଶାଃ ର ସମ୍ରାଟ ନଯାଶି ଙ୍କ ନାମ (ଯାହା ଆରବର ମୁକାବିଲାରେ ଆଫ୍ରିକା ମହାଦେଶର ଇସାଇ ଦେଶ ଥିଲା) ଏବଂ ଉତରରେ ଆରବ ସୀମା ସାଥିରେ ଲାଗିଥିବା ସାମ୍ରାଜ୍ୟ ଗସାନ୍‌ର ହାକିମଙ୍କ ନାମ ଯିଏ କଇସରଙ୍କ ଅଧିନସ୍ଥ ଥିଲେ । ଏହିପରି ଆପଣ ଗୋଟିଏ ଚିଠି ଆରବର ଦକ୍ଷିଣରେ ଅବସ୍ଥିତ ୟମନ୍‌ର ରଇସ୍‌ଙ୍କ ନାମରେ ପ୍ରେରଣ କରିଥିଲେ । ଏବଂ ଗୋଟିଏ ଚିଠି ଆରବର ପଶ୍ଚିମରେ ଥିବା ବହ୍‌ରଇନ୍‌ର ୱାଲିଙ୍କ ନାମରେ ମଧ୍ୟ ଲେଖିଥିଲେ ଇତ୍ୟାଦି ଇତ୍ୟାଦି । ଏହିପରି ଆପଣ ସ:ଆ:ସ ଆରବର ଚତୁର୍ଦ୍ଦିଗରେ ଇସ୍‌ଲାମ୍‌ର ବାର୍ତ୍ତା ପହଂଚାଇ ତବ୍‌ଲିଗ୍‌ର କାର୍ଯ୍ୟ ସାଧନ କଲେ...(ସିରତ୍ ଖାତମୁନ୍ ନବୀୟିନ୍, ପୃଷ୍ଠା-୭୯୮)

*ଆରବର କବିଲାମାନଙ୍କୁ ଦାୱତେ ଇସ୍‌ଲାମ୍*

ହଜ୍ ଦିନ ଗୁଡିକରେ ରସୁଲ୍ ସ:ଆ:ସ ଆରବର କବିଲାଙ୍କ ପାଖକୁ ଯାଇ ତାଙ୍କୁ ଅଲ୍ଲାଃଙ୍କ ଦାୱତ ଦେଉଥିଲେ ଏବଂ କହୁଥିଲେ ଯେ ମୁଁ ପ୍ରେରିତ ନବୀ ଅଟେ । ତୁମେ ମୋତେ ମାନ ଓ ମୋ ସାହାଯ୍ୟ କର । ପୁଣି ତୁମେ ନିଜେ ଜାଣିପାରିବ ଯେ ଅଲ୍ଲାଃତାଲା ମୋତେ କାହିଁକି ପ୍ରେରଣ କରିଛନ୍ତି । ଏହି ସମ୍ବନ୍ଧରେ ଉବେଦୁଲାବିନ୍ ଅବାସ୍ କହୁଛନ୍ତି ମୁଁ ରବିୟାବିନ୍ ଇବାଦ୍‌ଙ୍କୁ ନିଜ ବାପାଙ୍କ ସହିତ ଏ ଘଟଣାଟି ଚର୍ଚ୍ଚା କରୁଥିବା ସମୟରେ ଶୁଣିଥିଲି । ରବିୟା କହିଲେ ମୁଁ ଯେତେବେଳେ ଯୁବକ ଥିଲି ସେତେବେଳେ ମୋ ବାପାଙ୍କ ସହିତ ମିନାରେ ଉପସ୍ଥିତ ଥିଲି । ରସୁଲ୍ ସ:ଆ:ସ ଆରବୀୟ କବିଲାର ରହିବା ସ୍ଥଳରେ ଆସି ଛିଡ଼ା ହୋଇଥିଲେ ଏବଂ କହୁଥିଲେ ହେ ଅମୁକ ବନି ମୁଁ ଅଲ୍ଲାଃଙ୍କ ରସୁଲ ଅଟେ, ତୁମ ପାଖକୁ ଆସିଅଛି । ତୁମକୁ ନିର୍ଦ୍ଦେଶ ଦେଉଛି ଯେ ତୁମେ କେବଳ ଅଲ୍ଲାଃଙ୍କ ଉପାସନା କର, ତାଙ୍କ ସହିତ କାହାକୁ ସମକକ୍ଷ କରାଓ ନାହିଁ । ଏତଦ୍‌ବ୍ୟତୀତ ଯେଉଁ ଦେବତାଗୁଡିକୁ ତୁମେ ପୂଜା କରୁଛ ତାଙ୍କଠାରୁ ସମ୍ପୂର୍ଣ୍ଣ ରୂପେ ସମ୍ପର୍କ କାଟିଦିଅ । ମୋ ଉପରେ ଇମାନ ଆଣ, ମୋତେ ମାନ ମୋର ସାହାଯ୍ୟ କର, ତାପରେ ଯାଇ ଅଲ୍ଲାଃଙ୍କର ଏହି ବାର୍ତ୍ତାକୁ ତୁମକୁ ବତେଇବି ଯାହାକୁ ଦେଇ ସେ ମୋତେ ପ୍ରେରଣ କରିଛନ୍ତି । ଆପଣଙ୍କ ପଛରେ ଜଣେ ବ୍ୟକ୍ତି ଯିଏ ଗୋଟିଏ ଅଦ୍‌ନୀ ହୁଲାଃ ପିନ୍ଧି ଛିଡ଼ା ହୋଇଥିଲେ, ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ନିଜର ବକ୍ତବ୍ୟ ଶେଷ କରୁଥିଲେ ସେ ବ୍ୟକ୍ତି ଜଣକ ତତ୍‌କ୍ଷଣାତ୍ ଆପଣଙ୍କ ବିରୋଧରେ କହିବାକୁ ଲାଗିପଡୁଥିଲା ହେ ଅମୁକ ବନୀ ଏ ବ୍ୟକ୍ତି (ମୁହମ୍ମଦ) ଜଣଙ୍କ ତୁମକୁ ଏଥିପ୍ରତି ଦାୱତ୍ ଦେଉଅଛି ଯେ ତୁମେ ଲାତ୍ ଓ ଉଜ୍ଜାକୁ ଛାଡ଼ିଦିଅ ଏବଂ ବନୀ ମାଲିକ୍ ବୀନ୍ ଉକେଶ ଯିଏ ତୁମର ବନ୍ଧୁ ଅଟେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରି ଏ ଲୋକର ଦାୱତ୍‌କୁ (ଯାହା ସମ୍ପୂର୍ଣ୍ଣ ରୂପେ ଏକ ପ୍ରଥା ଓ ଅନ୍ଧକାରମୟ ଅଟେ) ତାହା ଗ୍ରହଣ କର । ତେଣୁ ତୁମେ ଏ ବ୍ୟକ୍ତି (ମୁହମ୍ମଦ) ର କଥାକୁ କଦାପି ମାନନାହିଁ ଓ ଶୁଣନାହିଁ । ମୁଁ ମୋ ବାପାଙ୍କୁ ପଚାରିଲି ଯେ ଉକ୍ତ ବ୍ୟକ୍ତି ଜଣକ ଯିଏ ରସୁଲଙ୍କ ସାଥିରେ ଥିଲା ଏବଂ ଆପଣ ସ:ଆ:ସଙ୍କ କଥାର ବିରୋଧ କରୁଥିଲା ସେ କିଏ ? ସେ କହିଲେ ସେ ବ୍ୟକ୍ତି ଜଣକ ଆପଣ ସ:ଆ:ସଙ୍କ ଚାଚା ଅବ୍‌ଦୁଲ୍ ଉଜ୍ଜା ଅବୁଲହବ୍‌ବିନ୍ ଅବ୍‌ଦୁଲ୍ ମୁତ୍‌ଲବ୍ ଥିଲେ ।

(ତାରିଖେ ତିବ୍‌ରି)

ଆଁ ହଜ୍‌ରତ୍ ସ:ଆ:ସଙ୍କ ତବ୍‌ଲିଗ୍ ଇସ୍‌ଲାମ୍ ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-ଦେଖ ଏ ବ୍ୟକ୍ତିର କେଡ଼େ ଉଚ୍ଚ ସୌଭାଗ୍ୟ ଯିଏ ଅଳ୍ପ ସମୟ ମଧ୍ୟରେ ହଜାର ହଜାର ଲୋକଙ୍କୁ ସୁଧାରିଦେଲେ ଏବଂ ଖରାପରୁ ଭଲଆଡ଼କୁ ପରିବର୍ତ୍ତନ କରାଇଦେଲେ । ଏପରିକି ସେମାନଙ୍କର କୁଫର୍ ଖଣ୍ଡ ବିଖଣ୍ଡିତ ହୋଇଗଲା । ଏବଂ ସତ୍ୟତାର ସବୁ ଅଂଶଗୁଡିକ ଏକତ୍ରିତ ହୋଇ ତାଙ୍କ ଶରୀରରେ ଜମା ହୋଇଗଲା । ଏବଂ ସେମାନଙ୍କ ହୃଦୟରେ ସଜ୍ଜମତାର ଆଭା (ନୁର୍) ଚମକି ଉଠିଲା ଏବଂ ତାଙ୍କ ମଥାର ରେଖାରେ ଅଲ୍ଲାଃଙ୍କ ପ୍ରେମର ଭେଦ ଗୋଟିଏ ଉଜ୍ଜ୍ୱଳ ବସ୍ତୁ ସଦୃଶ ପ୍ରକଟ ହେଲା । ଏବଂ ତାଙ୍କର ସାହାସ ଧର୍ମୀୟ ସେବା କରିବା ପାଇଁ ଉଚ୍ଚତର ହୋଇଗଲା । ଏବଂ ସେମାନେ ଦାୱତେ ଇସ୍‌ଲାମ୍ ପାଇଁ ପୂର୍ବ ପଶ୍ଚିମର ଦେଶ ଗୁଡିକରେ ପହଂଚିଗଲେ । ଏବଂ ମହମ୍ମଦିଆ ମିଲତ୍‌ର ପ୍ରସାର କରିବା ପାଇଁ ଉତର ଓ ଦାକ୍ଷିଣାତ୍ୟକୁ ଗସ୍ତକଲେ ।...(ନଜ୍‌ମୁଲ୍ ହୁଦା, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୪୧)

*ଦାୱତେ ଇଲଲ୍ଲାହ ପାଇଁ କିଛି ସୁବର୍ଣ୍ଣ ନିୟମ*

(୧) ଦାୱତେ ଇଲଲ୍ଲାହ କରିବା ସମୟରେ ମାନ ସମ୍ମାନର ଧ୍ୟାନ ରଖିବା ଉଚିତ୍

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ବାସ୍ତବରେ ମୋମିନଙ୍କୁ ଦୀନର ତବ୍‌ଲିଗ୍ କରିବା ପାଇଁ ମାନ ସମ୍ମାନର ଧ୍ୟାନ ରଖିବା ଉଚିତ୍ । ଯେଉଁଠି ନରମ ଅବସ୍ଥାର ଅବସର ସେଠି କଠୋରତା ଓ କଟାକ୍ଷ ବ୍ୟବହାର କରନ୍ତୁ ନାହିଁ । ଏବଂ ଯେଉଁଠି କଠୋରତା ବିନା କୌଣସି କାମ ହେବାର ବାଟ ଦେଖାଯାଏନାହିଁ ସେଠି ନମ୍ର ବ୍ୟବହାର କରିବା ମଧ୍ୟ ପାପ ଅଟେ ।... ଦେଖନ୍ତୁ ଫିରୋନ୍ କେଡ଼େ କଠୋର ବ୍ୟକ୍ତି ଥିଲା କିନ୍ତୁ ଅଲ୍ଲାଃତାଲାଙ୍କ ତରଫରୁ ହଜ୍‌ରତ୍ ମୁସା ଆ:ସଙ୍କୁ ନିର୍ଦ୍ଦେଶ ହେଲା ଯେ **ଫକୁଲା ଲହୁ କଉଲଲ୍ ଇଲନା** (ତାହା:୪୫) ରସୁଲେ ଅକରମ୍ ସ:ଆ:ସଙ୍କ ନିମନ୍ତେ ମଧ୍ୟ ପବିତ୍ର କୋରାନ୍‌ରେ ଏହିପରି ନିର୍ଦ୍ଦେଶ ଅଛି । **ୱିଇନ୍ ଜନହୁ ଲିସ୍‌ସଲ୍‌ମେ ଫଜ୍‌ନହ୍ ଲହା** (ଅନ୍‌ଫାଲ୍:୬୨) ମୋମିନ୍ ଏବଂ ମୁସଲ୍‌ମାନଙ୍କ ପାଇଁ ନମ୍ର ଓ ପ୍ରେମର ନିର୍ଦ୍ଦେଶ ଅଛି । ରସୁଲ୍ ସ:ଆ:ସ ଏବଂ ସାହାବା ର:ଅ ଙ୍କର ମଧ୍ୟ ଏହିପରି ଅବସ୍ଥା ବର୍ଣ୍ଣନା କରାଯାଇଛି ଯେ **ମୁହମ୍ମଦୁର୍ ରସୁଲୁଲ୍ଲାହି ୱାଲଲ୍ଲଜିନା ମାହୁ ଅଶିଦାଉ ଅଲଲ୍‌କୁଫାରି ରୁହମାଉ ବୈନହୁମ୍** (ଫତାଃ:୩୦) । ସୁତରାଂ ଆଉ ଏକ ସ୍ଥାନରେ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧନ କରି କହୁଛନ୍ତି: **ୟା ଅୟୋହନ୍ ନବୀୟୁ ଯାହିଦିଲ୍ କୁଫାରା ୱଲ୍ ମୁନାଫିକିନା ୱଗ୍‌ଲୁଜ୍ ଆଲୈହିମ୍** (ତୌବା:୭୩) । ତେଣୁ ଏହି ଆୟତଗୁଡିକରୁ ସ୍ପଷ୍ଟ ରୂପେ ଜଣାପଡୁଛି ଯେ ନିଜେ ଅଲ୍ଲାଃତାଲା ମଧ୍ୟ ମାନ ସମ୍ମାନର ଧ୍ୟାନ ରଖିଛନ୍ତି । ମୁମିନିନ୍ ଓ ବିଶ୍ୱାସକାରୀ ମାନଙ୍କ ପାଇଁ କିପରି ନମ୍ରତାର ନିର୍ଦ୍ଦେଶ ଅଛି । (ମଲଫୁଜାତ୍, ଖଣ୍ଡ-୫, ପୃଷ୍ଠା-୫୨୬)

(୨) ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମାତ୍ରାଧିକ ଦୃଢ଼ତା

ଆଁ ହଜ୍‌ରତ୍ ସ:ଆ:ସ ଦାୱତ୍ ଇଲଲ୍ଲାହା କରିବା ସମୟରେ ଅତ୍ୟନ୍ତ ଦୃଢ଼ତା (ଧୈର୍ଯ୍ୟ)ର ଉତମ ନମୁନା ଦେଖାଉଥିଲେ ଯାହା ସମସ୍ତ ଅମ୍ବିୟାଙ୍କ ଯଶଠାରୁ ଅଧିକା ଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- "ରସୁଲୁଲ୍ଲାଃ ସ:ଆ:ସଙ୍କ ଆଡ଼କୁ ଦେଖ । ଆପଣଙ୍କୁ ମକ୍କାରେ ଥିବା ସମୟରେ କିପରି ଓ କେଡ଼େ କେଡ଼େ କଷ୍ଟ ଉଠାଇବାକୁ ପଡ଼ିଥିଲା । ଯେତେବେଳେ ଆପଣ ତାଏଫ୍ ଗଲେ ଆପଣଙ୍କ ଉପରକୁ କେତେ ପଥର ଫୋପଡ଼ା ଗଲା ଯେ ଆପଣଙ୍କ ଶରୀରରୁ ରକ୍ତ ବହି ଚାଲିଲା । ତାପରେ ଆପଣ କହିଲେ ଯେ ଏହା କିପରି ସମୟ ମୁଁ ଯେତେବେଳେ କଥା ହେଉଛି ଲୋକମାନେ ମୁହଁ ଫେରାଇ ନେଉଛନ୍ତି ଓ ପୁଣି କହିଲେ ଯେ ହେ ମୋର ଅଲ୍ଲା ! ମୁଁ ଏହି ଦୁଃଖକୁ ସେପର୍ଯ୍ୟନ୍ତ ସହି ନେବି, ଯେପର୍ଯ୍ୟନ୍ତ ତୁମେ ରାଜି ହୋଇନଯାଇଛ ।

(ଅଲ୍‌ହକମ୍ ୧୦ ଅକ୍ଟୋବର-୧୯୦୨, ପୃଷ୍ଠା-୧୪)

(୩) ଆଁ ହଜ୍‌ରତ୍ ସ:ଆ:ସ ଙ୍କ ତବ୍‌ଲିଗ୍

ହଜ୍‌ରତ୍ ମହିହ୍ ମଉଦ୍ ଆ:ସ କହୁଛନ୍ତି-ମନେରଖ ପ୍ରତ୍ୟେକ ନବୀଙ୍କୁ ଯେ ପର୍ଯ୍ୟନ୍ତ ୱହି ନ ହୋଇଛି ସେ କିଛି କହିପାରିବ ନାହିଁ କାରଣ ପ୍ରତ୍ୟେକ ଜିନିଷର ଅସଲ ହକିକତ୍ ୱହି ଏଲାହି (ଐଶ୍ୱରିକବାଣୀ) ଦ୍ୱାରା ହିଁ ସ୍ପଷ୍ଟ ହୋଇଥାଏ । ଏହି କାରଣ ଥିଲା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିର୍ଦ୍ଦେଶ ହେଲା **ମା କୁନ୍‌ତା ତଦ୍‌ରି ମଲ୍‌କିତାବୁ ୱଲଲ୍ ଇମାନ୍** ଅର୍ଥାତ-ତୁମେ ଜାଣିନାହିଁ ଯେ ପୁସ୍ତକ କଣ ଓ ଇମାନ କଣ ଜିନିଷ ଅଟେ । କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କର ୱହି ଆପଣଙ୍କ ଉପରେ ଅବତୀର୍ଣ୍ଣ ହେଲା ଆପଣଙ୍କୁ ଏହା କହିବାକୁ ପଡ଼ିଲା । **ୱ ଉମିର୍‌ତୁ ଅନ୍ ଅକୁନା ମିନଲ୍ ମୁମିନିନ୍** (ୟୁନୁସ୍-୧୦୫) ଏହିପରି ଆପଣଙ୍କ ଉପରେ ୱହି ଅବତୀର୍ଣ୍ଣ ହେବା ପୂର୍ବରୁ ମକ୍କାରେ ମୃତ୍ୟୁପୂଜା, ଶିରିକ୍ ଓ କୁକର୍ମ ହେଉଥିଲା । କିନ୍ତୁ କଣ କିଏ କହିପାରିବ ଯେ ୱହି ଇଲାହି ହେବା ପୂର୍ବରୁ ଆପଣ କେବେ ମୂର୍ତ୍ତି ପୂଜା ଖିଲାଫରେ କୌଣସି କଥା କହିଥିଲେ ନାଁ କେବେ ତବ୍‌ଲିଗ୍ କରିଥିଲେ କିନ୍ତୁ ଯେତେବେ **ଫସ୍‌ଦଅ ବିମା ତୁମରୁ** (ଅଲ୍‌ହଜର:୯୫) ନିର୍ଦ୍ଦେଶ ହେଲା ତେବେ ଆପଣ ଗୋଟିଏ ସେକେଣ୍ଡ ମଧ୍ୟ ବିଳମ୍ବ କଲେ ନାହିଁ ଏବଂ ହଜାର ହଜାର ଆପଦ ବିପଦ ଓ ଦୁଃଖ କଷ୍ଟର ମଧ୍ୟ ପରବାୟ କଲେନାହିଁ । ପ୍ରକୃତ କଥା ଏହା ହେଉଛି ଯେ ଯେବେ କୌଣସି କଥା ବା କୌଣସି ବିଷୟରେ ୱହି ଏଲାହି ଅବତୀର୍ଣ୍ଣ ହୋଇଯାଏ ତେବେ ମାମୁର୍ ତାକୁ ପହଂଚାଇବା ପାଇଁ କାହାର ପରବାୟ କରେନାହିଁ ଏବଂ ଏହାକୁ ଲୁଚାଇବା ଏକ ଶିରିକ୍ ରୂପେ ବିବେଚନା କରିଥାନ୍ତି... । (ମଲଫୁଜାତ୍ ଖଣ୍ଡ-୩,ପୃଷ୍ଠା-୩୯୨)

# ସଲାମ୍

## ବହଜୁର୍ ସୟଦୁଲ୍ ଅନାମ୍ ସ୍ୱଲଲ୍ଲାହୋ ଆଲୈହେ ୱ ସଲ୍ଲମ୍

### ହଜ୍‌ରତ୍ ଡାକ୍ଟର୍ ମିର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର:ଅ

ବଦର୍ ଗାହେ ଜି ଶାନେ ଖୈରୁଲ୍ ଅନାମ୍
ଶଫିଉଲ୍ ୱରା ମର୍‌ଯଏ ଖାସ ୱ ଆମ୍
ବସଦ୍ ଇଜ୍‌ଯୋ ମିନ୍ନତ୍ ବସଦ୍ ଏହ୍‌ତେରାମ୍
ୟେ କର୍‌ତା ହୈ ଅର୍‌ଜ ଆପ୍ କା ଇକ୍ ଗୁଲାମ୍
କେ ଆଏ ଶାହେ କୌନୈନେ ଆଲି ମୁକାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ହସିନାନେ ଆଲମ୍ ହୁଏ ଶର୍‌ମଗିଁ
ଯୋ ଦେଖା ୱହ୍ ହୁସନ୍ ଅଓର୍ ୱହ୍ ନୁରେ ଯବିଁ
ଫିର୍ ଉସ୍‌ପର୍ ୱହ୍ ଏଖ୍‌ଲାକେ ଅକ୍‌ମଲ୍ ତରିଁ
କେ ଦୁଶ୍‌ମନ୍ ଭି କହ୍‌ନେ ଲଗେ ଆଫରିଁ
ଜହେ ଖୁଲ୍‌କେ କାମିଲ୍ ଜହେ ହୁସ୍‌ନେ ତାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ଖଲାଇକ୍‌କେ ଦିଲ୍ ଥେ ୟକିଁ ସେ ତହି
ବୁତୋଁ ନେ ଥି ହକ୍ କି ଜଗାଃ ଘେର୍ ଲି
ଜଲାଲତ୍ ଥି ଦୁନ୍‌ୟା ପେ ୱହ୍ ଛା ରହି
କେ ତୌହିଦ୍ ଢୁଁଣ୍ଡେ ସେ ମିଲ୍‌ତି ନ ଥି
ହୁଆ ଆପ୍‌କେ ଦମ୍‌ସେ ଇସ୍‌କା କୟାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ମହବତ୍ ସେ ଘାଏଲ୍ କିଆ ଆପ୍‌ନେ
ଦଲାଇଲ୍ ସେ କାଏଲ୍ କିଆ ଆପ୍‌ନେ
ୟହାଲତ୍ କୋ ଜାଏଲ୍ କିଆ ଆପ୍‌ନେ
ଶରିୟତ୍ କୋ କାମିଲ୍ କିଆ ଆପ୍‌ନେ
ବୟାଁ କରଦିଏ ସବ୍ ହଲାଲ୍ ଓ ହରାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ନବୁୱତ୍ କେ ଥେ ଯିସ୍ କଦର୍ ଭି କମାଲ୍
ୱହ୍ ସବ୍ ଆପ୍ ମେଁ ୟମା ହେଁ ଲା ମୁହାଲ୍
ସିଫାତେ ୟମାଲ୍ ଅଓର୍ ସିଫାତେ ୟଲାଲ୍
ହର୍ ଇକ୍ ରଙ୍ଗ୍ ହୈ ବସ୍ ଅଦିମୁଲ୍ ମିସାଲ
ଲିଆ ଜୁଲ୍‌ମ୍ କା ଅଫୁ ସେ ଇନ୍‌ତକାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ମୁକଦସ୍ ହୟାତ୍ ଅଓର୍ ମୁତହର୍ ମଜାକ୍
ଇତାଅତ୍ ମେ ୟକ୍‌ତା ଇବାଦତ୍ ମେ ତାକ୍
ସୱାରେ ଯାହାଁଗିର୍ ୟକ୍‌ରାଁ ବୁରାକ୍
କି ବଗୁଜଶ୍‌ତ୍ ଅଜ୍ କସ୍‌ରେ ନିଲି ରୱାକ
ମୁହମ୍ମଦ ହି ନାମ୍ ଅଓର୍ ମୁହମ୍ମଦ୍ ହି କାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**
ଅଲମ୍‌ଦାରେ ଉଶ୍‌ଶାକେ ଜାତେ ୟଗାଁ
ସିପହ୍‌ଦାରେ ଅଫୱାଯେ କୁଦ୍ଦୁସିୟାଁ
ମଆରିଫ୍ କା ଇକ୍ କୁଲ୍‌ଜମେ ବେକରାଁ
ଇଫାଜାତ୍ ମେ ଜିନ୍ଦାଏ ଜାୱେଦାଁ
ପିଲା ସାକିୟା ଆବେ କୌସର୍ କା ଯାମ୍
**ଆଲୈକସ୍ ସଲାତୋ ଆଲୈକସ୍ ସଲାମ୍**

• • • • •

# ମୁହମ୍ମଦ୍[ସ] ପର୍ ହମାରି ଯାଁ ଫିଦା ହୈ

### ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମହମୁଦ୍ ଅହମଦ୍ ଖଲିଫତୁଲ୍ ମସିହ୍ ସାନି ରଜିଅଲ୍ଲାହୋ ଅନ୍‌ହୋ

ମୁହମ୍ମଦ୍ ପର ହମାରି ଯାଁ ଫିଦା ହୈ
କେ ୱହ୍ କୁଏ ସନମ୍ କା ରହ୍‌ନୁମା ହୈ
ମେରା ଦିଲ୍ ଉସ୍‌ନେ ରୌଶନ୍ କର୍‌ଦିଆ ହୈ
ଅନ୍ଧେରେ ଘର୍ କା ୱହ୍ ମେରେ ଦିୟା ହୈ
ଖବର୍ ଲେ ଅଏ ମସିହା ଦର୍‌ଦେ ଦିଲ୍‌କି
ତେରେ ବିମାର୍ କା ଦମ୍ ଘୁଟ୍ ରାହା ହୈ
ମେରା ହର୍ ଜରାଃ ହୋ କୁର୍‌ବାନେ ଅହମଦ୍
ମେରେ ଦିଲ୍‌କା ୟହି ଇକ୍ ମୁଦ୍ଦଆ ହୈ
ଉସିକେ ଇଶ୍‌କ ମେ ନିକ୍‌ଲେ ମେରି ଯାଁ
କେ ୟାଦେ ୟାର ମେ ଭି ଇକ୍ ମଜା ହୈ
ମୁହମ୍ମଦ୍ ଜୋ ହମାରା ପେଶୁଆ ହୈ
ମୁହମ୍ମଦ ଯୋ କେ ମହ୍‌ବୁବେ ଖୁଦ ହୈ
ହୋ ଉସ୍‌କେ ନାମ୍ ପର୍ କୁର୍‌ବାନ୍ ସବ୍‌କୁଛ୍
କେ ୱହ୍ ଶାହାନ୍‌ଶାହେ୍ ହର୍ ଦୋ ସରା ହୈ
ଉସି ସେ ମେରା ଦିଲ୍ ପାତା ହୈ ତସ୍‌କିଁ
ୱହି ଇକ୍ ରାହେ ଦିଁ କା ରହ୍‌ନୁମା ହୈ
ମୁଝେ ଇସ୍‌ବାତ୍ ପର ହୈ ଫଖର୍ ମହମୁଦ୍
ମେରା ମାଶୁକ୍ ମହ୍‌ବୁବେ ଖୁଦା ହୈ

• • • • •

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

# ଆଁହଜ୍‌ରତ୍ ସ:ଆ:ସ ଙ୍କ ଅମୂଲ୍ୟ ନୀତିବାଣୀ

● **ଅନ୍ ଅବୀ ହୁରେରା କାଲା କାଲା ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା:-ଇନ୍ନଲ୍ଲାହା ଲା ୟନ୍‌ଜୁରୁ ଇଲା ଅଜ୍‌ସାମିକୁମ୍ ୱ୍ୱଲା ଇଲା ସୁୱ୍ୱରିକୁମ୍ ୱ୍ୱଲାକିନ୍ ୟନ୍‌ଜୁରୁ ଇଲା କୁଲୁବିକୁମ୍** (ମୁସ୍‌ଲିମ୍ କିତାବିଲ୍‌ବିର୍ ୱ୍ୱସ୍‌ସିଲତି ବାବ୍ ତହରିମ୍ ଜୁଲ୍‌ମୁଲ୍ ମୁସ୍‌ଲିମ୍) ଅର୍ଥାତ୍- ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଅଲ୍ଲାଃତାଲା ତୁମର ବଦନକୁ ଓ ତୁମର ଚେହେରାକୁ ଦେଖନ୍ତି ନାହିଁ (ଅର୍ଥାତ୍-ସୁନ୍ଦର ବା ଅସୁନ୍ଦର ବୋଲି) ବରଂ ସେ ତୁମର ହୃଦୟକୁ ଦେଖିଥାନ୍ତି । (ଅର୍ଥାତ-ତା ଭିତରେ କେତେ ନିଃସ୍ୱାର୍ଥପରତା ଓ କେତେ ସୁନ୍ଦର ନିୟତ୍ (ସଂକଳ୍ପ) ଅଛି)

● **ଅନ୍ ମାୱ୍ୱିୟା ଇବ୍‌ନେ ଅବି ସୁଫିୟାନ୍ କାଲା ସମେତୁ ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା ୟକୁଲୁ ଇନ୍ନମଲ୍ ଆମାଲୁ କଲ୍ ୱ୍ୱିଆଇ ଇଜା ତାବା ଅସ୍‌ଫଲୁହୁ ତାବା ଆଲାହୁ ୱ୍ୱଇଜା ଫସଦ ଅସ୍‌ଫଲୁହୁ ଫସଦ ଆଲାହୁ ।** (ଇବ୍‌ନେ ମାଜା ଅବୁୱ୍ୱାବୁଜ୍ ଜୁହଦ୍ ବାବୁତୱ୍ୱକି ଅଲଲ୍ ଅମଲ୍)

ଅର୍ଥାତ୍-ହଜ୍‌ରତ୍ ମାୱ୍ୱିୟା ଇବ୍‌ନେ ଅବୁସୁଫିୟାନ୍ ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହା କହିବାର ଶୁଣିଛି ଯେ ଆମାଲ୍ (କାର୍ଯ୍ୟ) ଏକ ପାତ୍ରରେ ପଡ଼ିଥିବା ଜିନିଷ ସଦୃଶ ଅଟେ । ଯେବେ ପାତ୍ରରେ ପଡ଼ିଥିବା ଜିନିଷର ତଳ ଭାଗଟି ଠିକ୍ ଅଛି ତେବେ ତାହାର ଉପର ଭାଗ ମଧ୍ୟ ଠିକ୍ ରହିଥାଏ ଏବଂ ଯଦି ତାର ତଳ ଭାଗଟି ଅସନା ଓ ଖରାପ ହୁଏ ତେବେ ତାର ଉପର ଭାଗଟି ଅସନା ଓ ଖରାପ ହୋଇଥାଏ । (ଏହି ଅବସ୍ଥା ଆମାଲ୍ (କାର୍ଯ୍ୟ)ର ହୋଇଥାଏ) ।

● **ଅନ୍ ଅବୀ ହୁରେରା କାଲା କାଲା ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା ମଲ୍ ଲା ୟଶ୍‌କୁରୀନ୍ ନାସା ଲା ୟଶ୍‌କୁରୀଲ୍ ଲ୍ଲାହା** (ତିରିମିଜି ବାବ୍ ମାଜା ଫିସ୍‌ଶୁକ୍‌ରେ ଲିମନ୍ ଆହାସନା ଇଲୈକା)

ଅର୍ଥାତ୍-ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି ଲୋକମାନଙ୍କୁ କୃତଜ୍ଞତା ଜଣାଏ ନାହିଁ ସେ ଅଲ୍ଲାଃତାଲାଙ୍କୁ ମଧ୍ୟ କୃତଜ୍ଞତା ଜଣାଏ ନାହିଁ ଅର୍ଥାତ୍ କୌଣସି ବ୍ୟକ୍ତିର ଉପକାର କରିବା ଦ୍ୱାରା ଯଦି କାହାର ଭଲ ହୋଇଥାଏ ତେବେ ସେ ଅଲ୍ଲାଃଙ୍କୁ ଧନ୍ୟବାଦ ଦେବା ସହିତ ସେହି ଉପକାରୀ ବ୍ୟକ୍ତିଙ୍କୁ ମଧ୍ୟ ଧନ୍ୟବାଦ ଦେବା ଉଚିତ୍ ।

● **ଅନ୍ ଅବୀ ହୁରେରା କାଲା କାଲା ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା କୁଲ୍ଲୁ ଅମ୍‌ରିନ୍ ଜିବାଲିନ୍ ଲା ୟୁବ୍‌ଦଉ ଫିହି ବିସ୍‌ମିଲ୍ଲାହିର୍ ରହ୍‌ମାନିର୍‌ରହିମ୍ ଫହୁଆ ଅକ୍‌ତଅ** (ଅଲ୍‌ଜାମେ ଅସ୍‌ସଗିର୍ ଲିସ୍ ସିୟୁତି ହର୍‌ଫେ କାଫ୍, ୱ୍ୱ କଶାଫ୍)

ଅର୍ଥାତ୍-ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- ପ୍ରତ୍ୟେକ କାର୍ଯ୍ୟ ଯାହା **ବିସ୍‌ମିଲ୍ଲାହିର୍ ରହ୍‌ମାନିର୍‌ରହିମ୍** ବିନା ଆରମ୍ଭ କରାଯାଏ ତାହା ଅସମ୍ପୂର୍ଣ୍ଣ ଓ ବରକତରୁ ଖାଲି ହୋଇଥାଏ ।

● **କାଲନ୍ ନବୀୟୁ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା:-ମନ୍ ସର୍‌ରହୁ ଅଇଁ ୟୁ ହିବ୍‌ବଲ୍ଲାହା ଓ ରସୁଲହୁ ଅଓ ୟୁହିବ୍‌ବହୁଲଲ୍ଲାହୁ ୱ୍ୱ ରସୁଲହୁ ଫଲୟସ୍‌ଦୁକ୍ ହଦିସହୁ ଇଜା ହଦ୍‌ଦସା ୱ୍ୱଲ୍ ୟୁଅଦି ଅମାନତହୁ ଇଜଅତୁମିନା ୱ୍ୱଲ୍ ୟୁହ୍‌ସିନ୍ ଜିୱ୍ୱାରା ମନ୍ ଜାୱ୍ୱରହୁ** (ମିଶ୍‌କାତ୍ ବାବୁଶ୍ ଶଫ୍‌କତହୁ ୱ୍ୱ ରହ୍‌ମତହୁ ଅଲଲ୍‌ଖଲ୍‌କ ୱ୍ୱ ହୱ୍ୱାଲା ବେହ୍‌କି ଫି ଶଅବଲ୍‌ଇମାନ୍)

ଅର୍ଥାତ୍-ହଜୁର୍ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା କହିଲେ ଯଦି ତୁମେ ଅଲ୍ଲାଃ ଏବଂ ତାର ରସୁଲ୍ ସ:ଆ:ସଙ୍କ ସହିତ ପ୍ରକୃତରେ ପ୍ରେମ କରୁଅଛ ଓ ଚାହୁଁଛ ଯେ ଅଲ୍ଲାଃ ଏବଂ ତାର ରସୁଲ୍ ସ:ଆ:ସ ମଧ୍ୟ ତୁମକୁ ପ୍ରେମ କରନ୍ତୁ ତେବେ ସେଥିପାଇଁ ତୁମକୁ ଏହା କରିବାକୁ ପଡ଼ିବ ଯେ ସର୍ବଦା ସତ୍ୟ କୁହ, ଯେବେ ତୁମ ପାଖରେ ଅମାନତ୍ ରଖାଯାଏ ତେବେ ସେଥିରେ କେବେ ଖୟାନତ୍ କରନାହିଁ ଏବଂ ନିଜ ପଡ଼ୋଶୀଙ୍କ ସହିତ ସର୍ବଦା ଉତମ ବ୍ୟବହାର କର ।

● **ଅନ୍ ଜାବିରିନ୍ ର:ଅ ରଜି ଅଲ୍ଲାହୋ ଆନ୍‌ହୁ କାଲା ସମେତୁ ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା ୟକୁଲୁ: ଅଫ୍‌ଜଲୁଜ୍ ଜିକ୍‌ରି ଲା ଇଲାହା ଇଲ୍ଲଲ୍ଲାହୁ ୱ୍ୱ ଅଫ୍‌ଜଲୁଦ୍ ଦୁଆଇ ଅଲ୍‌ହମ୍‌ଦୁଲିଲ୍ଲାହି** (ତିରିମିଜି କିତାବୁଦ୍ ଦାୱ୍ୱାତ୍ ବାବ୍ ଦାୱ୍ୱତୁଲ୍ ମୁସ୍‌ଲିମ୍ ମୁସ୍ତଜାବାଃ)

ଅର୍ଥାତ୍-ହଜରତ୍ ଜାବିର୍ ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ମୁଁ ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମାଙ୍କ ଠାରୁ କହିବାର ଶୁଣିଛି ଯେ ସର୍ବୋତମ ଜିକର୍ (କଥନ) କଲ୍‌ମା ତୌହିଦ୍ ଅଟେ । ଅର୍ଥାତ୍-ଏହା ପ୍ରତିଜ୍ଞା କରିବା ଯେ ଅଲ୍ଲାଃଙ୍କ ବ୍ୟତୀତ କେହି ପୁଜନୀୟ ନୁହଁନ୍ତି ଏବଂ ସର୍ବୋତମ ଦୁଆ ଅଲ୍‌ହମ୍‌ଦୁଲିଲ୍ଲାହା ଅଟେ ।

● **ଜୁବିଲତିଲ୍ କୁଲୁବୁ ଆଲା ହୁବ୍‌ବି ମନ୍ ଅହ୍‌ସନା ଇଲୈହା ୱ୍ୱ ବୁଗ୍‌ଜି ମନ୍ ଅସାଆ ଇଲୈହା:** (ଯାମେଅସ୍ ସଗିର୍ ଜିଲ୍‌ଦ-୧, ପୃଷ୍ଠା-୧୨୦ ବ ହୱ୍ୱାଲା ଇବ୍‌ନେ ଅଦି ଫିଲ୍ କାମିଲ୍, ୨-ଅଲ୍‌ବେହ୍‌କି ଫି ଶୋଅବଲ୍ ଇମାନ୍)

ଅର୍ଥାତ-ମନୁଷ୍ୟର ପ୍ରକୃତିରେ ଏହା ନିହିତ ଅଛି ଯେ ସେ ଉପକାରୀ ବ୍ୟକ୍ତିଙ୍କୁ ପ୍ରେମ ଓ ଅପକାରୀ ବ୍ୟକ୍ତିଙ୍କୁ ଘୃଣା କରେ ।

● **ଅନ୍ ଉମ୍ମି ହାନ୍ନି ରଜିଅଲ୍ଲହୋ ଆନ୍‌ହା କାଲତ୍ କାଲା ରସୁଲୁଲ୍ଲାଃହେ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା: ୟା ଆଇଶାଃ ଲିୟକୁନ୍ ଶାଆରୁକିଲ୍ ଇଲ୍‌ମା ୱ୍ୱଲ୍ କୁରଆନା** (ମସ୍‌ନଦଲ୍ ଇମାମଲ୍ ଆଜମ୍ କିତାବୁଲ୍ ଇଲ୍‌ମ୍ ପୃଷ୍ଠା-୨୦)

ଅର୍ଥାତ୍-ହଜ୍‌ରତ୍ ଉମେ ହାନି ର:ଅ ବର୍ଣ୍ଣନା କରି କହୁଛନ୍ତି ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମା କହିଲେ ହେ ଆଇଶାଃ ! ତୁମର ଶିଆର୍ (ରୀତିନୀତି ଓ ଧାର୍ମିକ କୃତ୍ୟ) ପବିତ୍ର କୋରାନ୍ ଓ ଜ୍ଞାନ ହେଉ । ଅର୍ଥାତ୍-କୋରାନ୍ ଏବଂ ଜ୍ଞାନ ସହିତ ତୁମର ଏତେ ପ୍ରେମ ହେବା ଉଚିତ୍ ଯେ ଏହାଠାରୁ ଅଧିକ ନିକଟତର ଓ ଅଧିକ ପ୍ରିୟ ଆଉ କିଛି ନହେଉ । ଶିଆର୍ ସେହି ବସ୍ତ୍ରକୁ କୁହାଯାଏ ଯାହା ଦେହ ସହିତ ଲାଗିରହିଥାଏ ।

# "ଭେଜ୍ ଦରୁଦ୍ ଉସ୍ ମୁହ୍‌ସିନ୍ ପର ତୁ ଦିନ୍ ମେ ସୌ ସୌ ବାର୍ ପାକ୍ ମୁହମ୍ମଦ୍ ମୁସ୍ତଫା ନବୀଓଁ କା ସର୍‌ଦାର"

**କୁରେଶି ଅବ୍‌ଦୁଲ୍ ହକିମ୍, ବାଙ୍ଗାଲୋର**

ଆକାଶ ପୃଥିବୀର ମାଲିକ ଅର୍ଥାତ୍ ଅଲ୍ଲାଃ ହଜ୍‌ରତ୍ ମୁହମ୍ମଦ୍ ଆରବୀ ସ:ଆ:ସଙ୍କୁ ମାନବ ଜାତିର ଉନ୍ନତି ଓ ସଫଳତା ପାଇଁ ରହମତୁଲ୍‌ଲିଲ୍ ଆଲମିନ୍ ରୂପେ ପ୍ରେରଣ କଲେ । ଆପଣଙ୍କର ପବିତ୍ର ଅସ୍ତିତ୍ୱରେ କୃପା ଓ କରୁଣା ରଖାଯାଇଅଛି । ଆପଣ ସ:ଆ:ସଙ୍କ ସବୁଠାରୁ ବଡ଼ କୃପା ଏହା ଯେ ଆପଣ ଏପରି ଏକ ଶରୀୟତ୍ ଦୁନିଆର ସମ୍ମୁଖରେ ଉପସ୍ଥାପନ କଲେ ଯାହା ନା କେବଳ ସାଂସାରିକ ବିଧିରେ ଜୀବଜଗତ ପାଇଁ ପରିପୂର୍ଣ୍ଣ ଥିଲା ବରଂ ତାହା ପ୍ରକୃତିର ଗ୍ରନ୍ଥ ମଧ୍ୟ ଅଟେ । ଯେଉଁ ଶରୀୟତ୍‌କୁ ଆପଣ ମାନବଜାତି ପାଇଁ ଉପସ୍ଥାପନ କଲେ ତାହାର ଗୋଟିଏ ଗୋଟିଏ ଶବ୍ଦ ଓ ଅକ୍ଷର ଉପରେ ଆପଣ ସହୃଦୟର ସହିତ ଅମଲ କରୁଥିଲେ । ଆପଣ ସେହି ଶରୀୟତ୍‌କୁ ନିଜର ଅସ୍ତିତ୍ୱ ଉପରେ ଢ଼ାଳିଦେଇଥିଲେ । ଗୋଟିଏ ଅବସରରେ ଜଣେ ସାହାବୀ ହଜ୍‌ରତ୍ ଆଇଶା ର:ଅ ଙ୍କୁ ପଚାରିଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର କିପରି ଥିଲା ? ହଜ୍‌ରତ୍ ଆଇଶା ର:ଅ କହିଲେ **କାନା ଖୁଲୁକୁହୁଲ୍ କୁରଆନ୍** ଅର୍ଥାତ୍ ସାରା କୋରାନ୍ ଆପଣଙ୍କ ଚରିତ୍ର ଅଟେ । ଅର୍ଥାତ୍-ଆପଣଙ୍କ ଚରିତ୍ରର ନକ୍ସାକୁ ସେ ଉପସ୍ଥାପନ କରୁଅଛି ।

ଆପଣ ସ:ଆ:ସ ଏପରି ଏକ ଯୁଗରେ ପ୍ରକଟ ହୋଇଥିଲେ ଯେଉଁଠି ସବୁଆଡ଼େ ଶିର୍‌କି ଓ ପଥଭ୍ରଷ୍ଟତା ଓ ମଖ୍‌ଲୁକ୍‌କୁ ପରସ୍ତି (ଲୋକଙ୍କୁ ପୂଜା କରିବା) ରବୁବିୟତ୍ ଓ ଅବୁଦିଅତ୍ (ଅଲ୍ଲାଃ ଏବଂ ଭକ୍ତ)ଙ୍କ ସମ୍ପର୍କକୁ ଛିନ୍ନଭିନ୍ନ କରିଦେଇଥିଲା । ଏପରି ଅନ୍ଧକାର ଯୁଗରେ ଆପଣ ସ:ଆ:ସ ଏକେଶ୍ୱରବାଦକୁ ପ୍ରତିଷ୍ଠା କରିବା ପାଇଁ ଜୀବନର ଲକ୍ଷ୍ୟ ରଖିଥିଲେ । ଏହି ମହାନ୍ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆପଣ ସ:ଆ:ସ ଲଗାତର୍ ଧନ ଓ ଶରୀରକୁ ଉତ୍ସର୍ଗ କରି ଅଲ୍ଲାଃତାଲାଙ୍କ ଦରବାରରେ ବଡ଼ ଦୁଃଖ କଷ୍ଟରେ ଦୁଆ କରୁଥିଲେ । ଯାହାକୁ ଦେଖି କରୁଣାମୟ ଅଲ୍ଲାଃ କହିଲେ **ଲାଅଲ୍ଲକା ବାଖେଉନ୍ ନଫ୍‌ସକା ଅନ୍ ଲା ୟକୁନୁ ମୁମିନିନ୍** ଅର୍ଥାତ୍ "ହେ ମୁହମ୍ମଦ୍ ତୁ କଣ ନିଜ ଜୀବନକୁ ନିଃଶେଷ କରିଦେବୁ କି ଏ ଲୋକମାନେ କାହିଁକି ଇମାନ୍ ଆଣୁନାହାଁନ୍ତି ବୋଲି" । ଅମ୍ବେୟା କରାମ୍‌ଙ୍କ ଇତିହାସରେ କୌଣସି ନବୀଙ୍କ ପାଇଁ ଖୁଦାତାଲା ଏପରି ବାକ୍ୟ ବ୍ୟବହାର କରିନାହାଁନ୍ତି ନା ଏପରି ଚିନ୍ତା କରିନାହାଁନ୍ତି ।

ସୟଦ୍‌ନା ଓ୍ୱ ମୌଲାନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-ମୁଁ ସର୍ବଦା ଆଶ୍ଚର୍ଯ୍ୟାନ୍ୱିତ ଦୃଷ୍ଟିରେ ଦେଖୁଛି ଯେ ଏହି ଆରବୀ ନବୀ ଯାହାଙ୍କ ନାମ ହଜ୍‌ରତ୍ ମହମ୍ମଦ୍[ସ:ଆ:ସ] ଅଟେ (ହଜାର ହଜାର ପ୍ରଣାମ ଓ ଶାନ୍ତି ତାଙ୍କ ଉପରେ ହେଉ) ସେ କି ପ୍ରକାର ଉଚ୍ଚ କୋଟିର ନବୀ ଅଟନ୍ତି ? ଯାହାଙ୍କ ପଦମର୍ଯ୍ୟାଦାର ସୀମା ଜାଣି ହେଉନାହିଁ ଏବଂ ତାଙ୍କ ଆଧ୍ୟାତ୍ମିକ ପ୍ରଭାବର କଳନା କରିବା ମଣିଷ ପକ୍ଷେ ଅସମ୍ଭବ ଅଟେ । ଦୁଃଖର ବିଷୟ ଆପଣଙ୍କ ଗୁଣାବଳୀକୁ ଯେପରି ଚିହ୍ନିତ କରିବା କଥା ତାହା ସେପରି ଚିହ୍ନିତ କରାଯାଇନାହିଁ । ଯେଉଁ ଏକେଶ୍ୱର ବାଦ ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଥିଲା ଆପଣ ହିଁ ଏପରି ଯୋଦ୍ଧା ତାକୁ ପୃଥିବୀ ପୃଷ୍ଠରେ ପୁନଃ ପ୍ରତିଷ୍ଠା କରିପାରିଥିଲେ । ଆପଣ ଅଲ୍ଲାଃଙ୍କ ସହିତ ପ୍ରଗାଢ଼ ପ୍ରେମ କରିଲେ ଏବଂ ମନୁଷ୍ୟର ଅଶେଷ କଲ୍ୟାଣ ପାଇଁ ଆପଣଙ୍କ ଜୀବନ ଉତ୍ସର୍ଗ ହେଲା । ସେଥିଯୋଗୁଁ ଅଲ୍ଲାଃ, ଯିଏ ଆପଣଙ୍କ ହୃଦୟର ରହସ୍ୟକୁ ଭଲରୁପେ ଜାଣିଥିଲେ ଆପଣଙ୍କୁ ସମସ୍ତ ନବୀ ଓ ପୂର୍ବ ଓ ପର ସମସ୍ତଙ୍କ ଉପରେ ଶ୍ରେଷ୍ଠତ୍ୱ ପ୍ରଦାନ କଲେ ଏବଂ ଆପଣଙ୍କ ଜୀବନରେ ହିଁ ଆପଣଙ୍କ ସବୁ ଇଚ୍ଛା ପୁରଣ କଲେ । ଆପଣ ହିଁ ପ୍ରତ୍ୟେକ ଯଶର ଝରଣା (ଶ୍ରୋତ) ଅଟନ୍ତି । ଯଦି କେହି ଆପଣଙ୍କ ଏହି ଅନୁଗ୍ରହର ସ୍ୱୀକାର ନକରି ଅନ୍ୟ କୌଣସୀ ଅନୁଗ୍ରହର ଦାବୀ କରେ ସେ ମଣିଷ ନୁହେଁ ସେ ସଇତାନର ବଂଶଧର ଅଟେ । କାରଣ ସବୁ ଯଶର ଚାବି ଆପଣଙ୍କୁ ଦିଆଯାଇଛି ଏବଂ ପ୍ରତ୍ୟେକ ତତ୍ତ୍ୱଜ୍ଞାନର (ଖଜାନା) କୋଷ ଆପଣଙ୍କୁ ପ୍ରଦାନ କରାଯାଇଛି । ଯିଏ ଆପଣଙ୍କ ମାଧ୍ୟମରେ ପ୍ରାପ୍ତ କରେନାହିଁ ସେ ସର୍ବଦା ଅଭାବଗ୍ରସ୍ତ ହେବ । ଆମେ କି ପଦାର୍ଥ ଏବଂ ଆମର ଅସ୍ତିତ୍ୱ କଣ ? ଆମେ ସେହି ଉପକାରର ଅମାନ୍ୟ କାରି ହେବୁ ଯଦି ଆମେ ଏହା ଅସ୍ୱୀକାର କରୁଁ ଯେ ଆମେ ପ୍ରକୃତ ଏକେଶ୍ୱର ବାଦ ସେହି ନବୀଙ୍କ ଦ୍ୱାରା ପାଇଛୁଁ ଏବଂ ଆମେ ସେହି ସମ୍ପୂର୍ଣ୍ଣ ନବୀ ଓ ତାଙ୍କର ଜ୍ୟୋତି ଦ୍ୱାରା ଜୀବିତ ଅଲ୍ଲାଃଙ୍କୁ ଚିହ୍ନିଲୁଁ ଓ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପର ଗୌରବ ମଧ୍ୟ ପ୍ରାପ୍ତ କଲୁଁ । ସେହି ପୂଣ୍ୟଶ୍ଳୋକ ନବୀଙ୍କ ଦ୍ୱାରା ହିଁ ଆମେ ତାର ସ୍ୱରୁପକୁ ଦେଖିବାର ସୌଭାଗ୍ୟ ହେଲା । ସେହି ସୂର୍ଯ୍ୟ ରୁପି ପଥ ପଦର୍ଶକଙ୍କ ରଶ୍ମି ସୂର୍ଯ୍ୟାଲୋକ ପରି ଆମ ଉପରେ ବିଚ୍ଛୁରିତ ହେଉଛି । ଏବଂ ଯେ ପର୍ଯ୍ୟନ୍ତ ଆମେ ତାଙ୍କ ସାମ୍‌ନାରେ ଥିବୁଁ ସେ ପର୍ଯ୍ୟନ୍ତ ଆମେ ପ୍ରଜ୍ୱଳିତ ହେଉଥିବୁ ।

**(ହକିକତୁଲ୍ ଓ୍ୱହି ପୃଷ୍ଠା-୧୧୫, ରୁହାନି ଖଜାଏନ୍ ଖଣ୍ଡ-୨୨ ପୃଷ୍ଠା-୧୧୮-୧୨୧)**

ସାର୍ ଉଇଲିୟମ୍ ମେଓ୍ୱର୍ (Sir William Muir) ସେ ମଧ୍ୟ ଜଣେ ପ୍ରାଚ୍ୟବିଦ୍ୟାବିଶାରଦ ଅଟନ୍ତି । ଇସ୍‌ଲାମ୍‌ର ବିରୋଧରେ ବହୁତ କିଛି ଲେଖିଛନ୍ତି । ସେ ଲେଖୁଛନ୍ତି ଯେ- ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଗୁଣ ଓ ସୁନ୍ଦର ଚରିତ୍ର ଆପଣଙ୍କର ଏହା ଥିଲା ଯେ ଆପଣ ନିଜର ମାମୁଲିରୁ ମାମୁଲି ଅନୁଯାୟୀଙ୍କ ମଧ୍ୟ ଧ୍ୟାନ ରଖୁଥିଲେ । ଲଜ୍ଜା, କରୁଣା, ଧୈର୍ଯ୍ୟ, ଦାନ ଓ ବିନମ୍ରତା ଆପଣଙ୍କ ଚରିତ୍ରରେ ବାରି ହୋଇପଡୁଥିଲା । ସେଥିଯୋଗୁଁ ଆପଣ ନିଜ ମାହୋଲ ଭିତରେ ପ୍ରତ୍ୟେକ ଲୋକଙ୍କୁ ନିଜର କରି ନେଉଥିଲେ । ପ୍ରତ୍ୟାଖ୍ୟାନ କରିବା ଆପଣଙ୍କୁ ପସନ୍ଦ ନଥିଲା । ଯଦି କୌଣସି ମାଗିବା ବାଲାର ଇଚ୍ଛାକୁ ପୂରଣ କରିପାରୁନଥିଲେ ତ ନୀରବ ରହିବା ଶ୍ରେୟଷ୍କର ମଣୁଥିଲେ । ଆପଣ କୌଣସି ଦାଓ୍ୱତ୍‌କୁ ତାହା ଯେତେ ମାମୁଲି ହୋଇଥିଲେ ମଧ୍ୟ କେବେ ପ୍ରତ୍ୟାଖ୍ୟାନ କରିନାହାଁନ୍ତି । ଆପଣଙ୍କର ଗୋଟିଏ ବହୁତ ଉତମ ଗୁଣ ଏହା ଥିଲା ଯେ ଆପଣଙ୍କ ସେବାରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁଭବ ହେଉଥାଏ ଯେ ସେ ହିଁ ଏହି ସଭାର ମହତ୍ତ୍ୱପୂର୍ଣ୍ଣ ଅତିଥି ଅଟନ୍ତି । ଯଦି ଆପଣ କାହାକୁ ତାଙ୍କ ସଫଳତାରେ ଖୁସି ଦେଖୁଥିଲେ ତେବେ ବହୁତ ଉତ୍ସାହିତ ହୋଇ ତାଙ୍କ ସହିତ ହାତ ଓ ଗଳା ମିଳାଉଥିଲେ । ସେହିପରି ବଂଚିତ ଓ ଦୁଃଖୀ ଲୋକମାନଙ୍କ ପ୍ରତି ସହିତ ବହୁତ ସ୍ନେହ ଓ ସହାନୁଭୁତି ଦେଖାଉଥିଲେ । ପିଲାମାନଙ୍କ ସହିତ ବହୁତ ସ୍ନେହ କରୁଥିଲେ ଏବଂ ରାସ୍ତାରେ ଖେଳୁଥିବା ପିଲାମାନଙ୍କ ସଲାମ କରିବାରେ ନିଜକୁ ହେୟ ମଣୁନଥିଲେ । ସେ ମରୁଡ଼ି ଦିନମାନଙ୍କରେ ମଧ୍ୟ ଅନ୍ୟମାନଙ୍କୁ ନିଜ ଖାଦ୍ୟରେ ସାମିଲ୍ କରାଉଥିଲେ । ସମସ୍ତଙ୍କର ସହଜତା ପାଇଁ ସର୍ବଦା ଚେଷ୍ଟା କରୁଥିଲେ । ଆପଣଙ୍କ ଚରିତ୍ରରେ ଜଣେ ବିନମ୍ର ଓ କରୁଣାମୟ ବ୍ୟକ୍ତିତ୍ୱ ବିଶେଷ ଭାବେ ଦେଖାଯାଏ । ମୁହମ୍ମଦ୍ (ସ:ଆ:ସ) ଜଣେ ନିଷ୍ଠାବାନ୍ ବନ୍ଧୁଥିଲେ । ଅବୁବକର୍‌ଙ୍କୁ ଭାଇଠାରୁ ଅଧିକ ସ୍ନେହ କରୁଥିଲେ । ଅଲୀଙ୍କୁ ବାପା ଭଳି ସ୍ନେହ ଦେଉଥିଲେ । ଜଏଦ୍, ଯିଏ ସ୍ୱାଧୀନ ଗୁଲାମ ଥିଲେ ତାଙ୍କୁ ଏହି କରୁଣାମୟ ନବୀଙ୍କ ସହିତ ଏତେ ପ୍ରେମ ଥିଲା ଯେ ସେ ନିଜ ବାପାଙ୍କ ସହିତ ଯିବା ପାଇଁ ମନା କରିଦେଲେ ଏବଂ ମକ୍କାରେ ରହିବାକୁ ଶ୍ରେୟସ୍କର ମଣିଲେ । ନିଜ ନିୟନ୍ତକଙ୍କ ଲୁଗାକୁ ଧରି କହିଲେ ମୁଁ ଆପଣଙ୍କୁ ଛାଡ଼ିବି ନାହିଁ । ଆପଣ ମୋର ମା' ଓ ବାପା ଅଟନ୍ତି । ବନ୍ଧୁତ୍ୱର ଏହି ସମ୍ପର୍କ ଜଏଦ୍‌ଙ୍କ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲା । ତା ପରେ ପୁଣି ଜଏଦ୍‌ଙ୍କ ପୁତ୍ର ଉସାମାଙ୍କ ସହିତ ମଧ୍ୟ ତାଙ୍କ ବାପାଙ୍କ ଯୋଗୁ ଆପଣ ବହୁତ ସ୍ନେହ କରୁଥିଲେ । ଉସ୍‌ମାନ ଏବଂ ଉମର ମଧ୍ୟ ଆପଣଙ୍କ ସହିତ ଏକ ବିଶେଷ ସମ୍ପର୍କ ରଖିଥିଲେ ।...

ପୁଣି ସେ ଲେଖୁଛନ୍ତି ଯେ ନିଜର ଶକ୍ତିଶାଳୀ ଅବସ୍ଥାରେ ମଧ୍ୟ ଆପଣ ନ୍ୟାୟ ଓ ସମାନତାକୁ ହାତଛଡ଼ା କରିନଥିଲେ । ଆପଣ ନିଜର ଶତ୍ରୁମାନଙ୍କ ସହିତ ମଧ୍ୟ ନ୍ୟାୟ କରୁଥିଲେ ଓ ବିନମ୍ରତାର ସହିତ ବ୍ୟବହାର କରୁଥିଲେ । ସେଥିଯୋଗୁଁ ସେମାନେ ଆପଣଙ୍କ ଦାବିକୁ ଖୁସିରେ ଗ୍ରହଣ କରି ନେଉଥିଲେ । ମକ୍କା ନିବାସୀ ଆପଣଙ୍କ ସହିତ ଯେଉଁ ପ୍ରକାର ବ୍ୟବହାର କରିଥିଲେ ଫତାଃ ମକ୍କା ପରେ ଆପଣ ସେମାନଙ୍କ ସହିତ ପ୍ରତିଶୋଧ ନେଇପାରିଥାନ୍ତେ କିନ୍ତୁ ଆପଣ ସମସ୍ତଙ୍କୁ କ୍ଷମା ଦେଇଦେଲେ । ଏବଂ ପୂର୍ବ ସବୁ ଦୁଃଖ

କଷ୍ଟକୁ ଭୁଲିଗଲେ । ସେମାନଙ୍କର ସବୁ ଥଟ୍ଟା, ପରିହାସ, ଜୁଲମ୍, ଅତ୍ୟାଚାର କରିବା ସତ୍ତ୍ୱେ ମଧ୍ୟ ନିଜର ସବୁଠାରୁ ବଡ଼ ଶତ୍ରୁଙ୍କ ସହିତ ଆପଣ ଉପକାର କଲେ । ମଦିନାରେ ଅବ୍‌ଦୁଲା ଓ ଅନ୍ୟ ସାଥିମାନେ (ଅର୍ଥାତ୍ ଯେଉଁମାନେ ମୁନାଫିକ ଥିଲେ) ଯେଉଁମାନେ ବର୍ଷ ବର୍ଷ ଧରି ଆପଣଙ୍କ ଯୋଜନାକୁ ପଣ୍ଡ କରିବା ପାଇଁ ଚେଷ୍ଟା କରୁଥିଲେ ତାଙ୍କ ସହିତ ମଧ୍ୟ କ୍ଷମାର ଆଚରଣ କଲେ ଯାହା ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଅଟେ ।... (The Life of Mahomet by William Muir Volume -IV London) (ବ ହୱାଲା ଖୁତ୍‌ବା ଜୁମା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ, ୫ ଅକ୍ଟୋବର ୨୦୧୨)

ମାନବିକ ଅଧିକାର ଓ ଶାନ୍ତି ପ୍ରତିଷ୍ଠା ପାଇଁ ଆପଣ ସ:ଆ:ସ ନିଜର ଐଶ୍ୱରିକ ପବିତ୍ର ଶକ୍ତି ଦ୍ୱାରା ସମଗ୍ର ମାନବ ସଂସାରକୁ ଏକତା ଓ ଐକ୍ୟ ଭାବ, ଉତମ ଚରିତ୍ର ଓ ପ୍ରେମର ଏପରି ଶିକ୍ଷା ଦେଲେ ତାହା କୟାମତ୍ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅନୁଗ୍ରହ ରୂପେ ରହିବ । ଆରମ୍ଭରୁ ସ୍ତ୍ରୀ ଲୋକଙ୍କ ଉପରେ ଅତ୍ୟାଚାର ହେଉଥିଲା । କିନ୍ତୁ ଆମେ ଉତ୍ସର୍ଗ ହେଉଛୁ ସେହି ମହାନ୍ ବ୍ୟକ୍ତିତ୍ୱଙ୍କ ଉପରେ ଯିଏ ସ୍ତ୍ରୀ ମାନଙ୍କୁ ନା କେବଳ ତାଙ୍କର ହକ୍ ପ୍ରଦାନ କଲେ ବରଂ ଆପଣ ସ:ଆ:ସ ସନ୍ତାନମାନଙ୍କୁ ସ୍ୱର୍ଗରେ ରହିବା ପାଇଁ ଯେଉଁ ଚାବି ପ୍ରଦାନ କଲେ ତାହା ମା'ବାପାଙ୍କ ପାଦତଳେ ନିହିତ ଥିଲା ।...

ଆପଣଙ୍କ ପ୍ରକଟ ହେବା ପୂର୍ବରୁ ଏବଂ ଆପଣ ନବୀହେବା ପରେ ମଧ୍ୟ ଗରିବ, ଅସହାୟ ଲୋକମାନଙ୍କୁ ଗୁଲାମ ଅଭିହିତ କରି ପଶୁଙ୍କ ପରି କିଣାବିକା ଯାଉଥିଲା । ସେହି ଅତ୍ୟାଚାର ପ୍ରପିଡ଼ିତ ଲୋକମାନଙ୍କର କୌଣସି ସମ୍ମାନ ନଥିଲା । ବରଂ ସେହି ଗୁଲାମ୍ ମାନଙ୍କ ଉପରେ କିସମ କିସମର ଅତ୍ୟାଚାର କରିବା ଏକ ସାଧାରଣ କଥା ଥିଲା । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ନବୀ ଅକ୍‌ରମ୍ ସ:ଆ:ସ ପବିତ୍ର କୋରାନ୍‌ର ଦୃଷ୍ଟିକୋଣରୁ ଉକ୍ତ ଅନ୍ୟାୟ ଓ ଗର୍ବର ଖିଲାଫ୍‌ରେ ସମାନତାର ଏକ ସଫଳ ଶୁଭାରମ୍ଭ କଲେ । ଆପଣ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି କୌଣସି ଗୁଲାମକୁ ସ୍ୱାଧୀନ କରେ ତେବେ ଅଲ୍ଲାଃତାଲା ସେହି ଗୁଲାମର ପ୍ରତ୍ୟେକ ଅଙ୍ଗର ବଦଳରେ ସ୍ୱାଧୀନ ଦେଇଥିବା ବ୍ୟକ୍ତିଙ୍କ ଶରୀରର ପ୍ରତ୍ୟେକ ଭାଗ ଉପରେ ନର୍କର ନିଆଁକୁ ହରାମ୍ କରିଦେବ । (ସହି ମୁସ୍‌ଲିମ୍)

ସେହିପରି ଆପଣ ସ:ଆ:ସ ଶହ ଶହ ବର୍ଷର ଗୁଲାମିର ଜଞ୍ଜିରକୁ ସଦାସର୍ବଦା ପାଇଁ ଛିଣ୍ଡାଇ ରଖିଦେଲେ । ଆଜି ବଡ଼ ବଡ଼ କମ୍ପାନୀର ମାଲିକ ଏବଂ ଠିକାଦାରମାନଙ୍କୁ ହଜୁର୍ ସ:ଆ:ସଙ୍କ ଏହି ନିର୍ଦ୍ଦେଶ ଉପରେ ବିଶ୍ୱାସ ହୁଅନ୍ତା କି । ଆମ ରହେମତୁଲ୍ ଲିଲ୍ ଆଲ୍‌ମିନ୍ ସ:ଆ:ସଙ୍କ ଏକ ସୁନ୍ଦର ଅନୁଗ୍ରହ ଏହା ଅଟେ ଯେ ଭାଇଚାରା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆପଣ ସମଗ୍ର ମାନବଜାତିକୁ ସହୃଦୟତାର ସହିତ ଏ ବାର୍ତ୍ତା ଦେଲେ ଯେ ନିଜର ପଡ଼ୋଶୀଙ୍କ ସହିତ ସର୍ବଦା ନିଷ୍ପାପର ଓ ସହାନୁଭୂତିର ସମ୍ପର୍କ ସ୍ଥାପନ କରନ୍ତୁ । ଥରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ପଡ଼ୋଶୀଙ୍କ ଅଧିକାର ପାଇଁ ଏତେ ମାତ୍ରାରେ ତାଗିଦ୍ କରାଯାଇଛି ଯେ ବେଳେବେଳେ ମୋତେ ଏପରି ଲାଗୁଛି ବୋଧହୁଏ ପଡ଼ୋଶୀମାନଙ୍କୁ ଉତରାଧିକାରୀ କରାଇଦିଆଯିବ ।

ଯେତେବେଳେ ମକ୍କା ଫତାଃ ହେଲା ଆପଣ ସ:ଆ:ସଙ୍କ ସମ୍ମୁଖରେ ବଡ଼ ବଡ଼ ଶତ୍ରୁମାନଙ୍କୁ ଛିଡ଼ା କରାଗଲା, ଯେଉଁମାନେ ଆପଣଙ୍କୁ ଓ ଆପଣଙ୍କ ସାହାବାମାନଙ୍କୁ ବହୁତ ଦୁଃଖ କଷ୍ଟ ଦେଇଥିଲେ । ଯୁଦ୍ଧ କାନୁନ୍ ଅନୁସାରେ ଏହା କରିବାର ଥିଲା ଯେ ସେହି ଅତ୍ୟାଚାରୀମାନଙ୍କୁ ସମ୍ପୂର୍ଣ୍ଣ ନିଃଶେଷ କରିଦିଆଯାଇଥାନ୍ତା । କିନ୍ତୁ ଆମର ଦୟାଶୀଳ ରସୁଲ୍ ସ:ଆ:ସ ସେହି ଶତ୍ରୁମାନଙ୍କ ପାଇଁ କହିଲେ **ଲା ତସ୍‌ରିବା ଆଲୈକୁମୁଲ୍ ୟୋମ୍** ଅର୍ଥାତ୍ ଆଜି ସମସ୍ତଙ୍କୁ କ୍ଷମା ପ୍ରଦାନ କରାଗଲା । ଆପଣ ଏହା କେତେବଡ଼ ଐତିହାସିକ ଫଏସଲା ଦେଲେ ।

ଅଲ୍ଲାଃତାଲାଙ୍କ ଦୟାରୁ ଆଜି ମନୁଷ୍ୟ ନୂଆ ଟେକ୍‌ନିକ୍‌ର ଶିକ୍ଷା ଦ୍ୱାରା ବଡ଼ ବଡ଼ ଉନ୍ନତି ହାସଲ କରିପାରୁଛି, ନୂଆ ନୂଆ ଆବିଷ୍କାର ଦ୍ୱାରା ସାରା ସଂସାରକୁ ଏକ ଗ୍ଲୋବାଲ୍ ଭିଲେଜ୍ ଅର୍ଥାତ୍ ଏହାକୁ ଏକ ଆନ୍ତର୍ଜାତୀୟ ସହର କରିପାରିଛି । ଏହା ଏକ ନିରାଟ ସତ୍ୟ କଥା ଯାହାକୁ କେହି ପ୍ରତ୍ୟାଖ୍ୟାନ କରିପାରିବେନାହିଁ । କିନ୍ତୁ ଆଜିର ମନୁଷ୍ୟ ଆଧ୍ୟାତ୍ମିକ, ଚାରିତ୍ରିକ, ସହାନୁଭୂତି ଓ ଭାଇଚାରାର ଗୁଣରେ ନିମ୍ନଗାମୀ ହୋଇଚାଲଛି । ଦୁନିଆରେ ଏପରି କୌଣସି ଦେଶ କୌଣସି ସମାଜ ନାହିଁ ଯେଉଁଠି ଜାତି ଭେଦର ଝଗଡ଼ା ନ ହେଉଛି । ପ୍ରଶ୍ନ ହେଉଛି ଯେ ଏପରି ଘୃଣା ଭାବ ଓ ଶତ୍ରୁତାର କାରଣ କଣ । ଯଦି ପ୍ରକୃତରେ ଆମେ ନ୍ୟାୟର ଆଖିରେ ଦେଖିବା ତାହାଲେ ପ୍ରକୃତ ସତ୍ୟ ସାମନାକୁ ଆସିଯିବ ଯେ ଆଜି ଗୋଟିଏ ଧର୍ମର ମାନ୍ୟକାରୀମାନେ ଅନ୍ୟ ଧର୍ମର ପ୍ରତିଷ୍ଠାତାମାନଙ୍କର ସମ୍ମାନ କରୁନାହାଁନ୍ତି । ଦୁନିଆର ଇତିହାସରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ ଏପରି ଜଣେ ସମ୍ପୂର୍ଣ୍ଣ ନେତା ଅଟନ୍ତି ଯିଏ ପବିତ୍ର କୋରାନ୍‌ର ଶିକ୍ଷାନୁସାରେ ସାରା ସଂସାରକୁ ଏ ଶିକ୍ଷା ଦେଲେ ଯେ ଅଲ୍ଲାଃତାଲାଙ୍କ ତରଫରୁ ଯେତେ ନବୀ ଆସିଛନ୍ତି ସେ ସମସ୍ତେ ଅଲ୍ଲାଃତାଲାଙ୍କର ପ୍ରିୟ ଓ ପବିତ୍ର ଭକ୍ତ ଥିଲେ । ଅଲ୍ଲାଃତାଲା ତାଙ୍କ ସହିତ ବାର୍ତ୍ତାଳାପ କରୁଥିଲେ । ତେଣୁ ପ୍ରତ୍ୟେକ ଲୋକଙ୍କ ପାଇଁ ଏହା ଜରୁରୀ ଅଟେ ଯେ ଉକ୍ତ ସମସ୍ତ ନବୀମାନଙ୍କର ସମ୍ମାନ କରନ୍ତୁ । ବରଂ ସତ୍ ହୃଦୟ ସହିତ ତାଙ୍କ ଉପରେ ବିଶ୍ୱାସ ଆଣନ୍ତୁ । ଏହା ଏକମାତ୍ର ମାଧ୍ୟମ ଯଦ୍ୱାରା ଅଲ୍ଲାଃତାଲାଙ୍କର ସାନିଧ ହାସଲ ହୋଇପାରିବ । ଯଦି ଆଜି ପ୍ରତ୍ୟେକ ମନୁଷ୍ୟ ଆମ ନବୀ ସ:ଆ:ସଙ୍କ ଏହି ଶିକ୍ଷାକୁ ଗ୍ରହଣ କରିବେ ତେବେ ସାରା ସଂସାର ଶାନ୍ତିମୟ ହୋଇପାରିବ । ଇନ୍‌ଶାଆଲ୍ଲାଃ ।

ସୟଦ୍‌ନା ହଜ୍‌ରତ୍ ମିର୍ଜା ଗୁଲାମ ଅହେମଦ୍ କାଦୀଆନୀ ମସିହ୍ ମଉଦ୍ ଆ:ସ କହୁଛନ୍ତି ବର୍ତ୍ତମାନ ଆକାଶ ତଳେ କେବଳ ଏକମାତ୍ର ନବୀ ଓ ଏକମାତ୍ର ପୁସ୍ତକ ଅଛି ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଯିଏ ସବୁ ନବୀଙ୍କ ଠାରୁ ଶ୍ରେଷ୍ଠତମ ଓ ଖାତମୁଲ୍ ଅମ୍ବେୟା ଓ ଖଏରୁନ୍ ନାସ୍ ଅଟନ୍ତି । ଯାହାଙ୍କ ପଦାଙ୍କ ଅନୁସରଣରେ ଅଲ୍ଲାଃତାଲା ମିଳିଥାନ୍ତି । (ବରାହିନେ ଅହେମଦୀୟା, ପୃଷ୍ଠା-୫୩୫, ହାସିୟା ଦରହାସିୟା ନଂ-୩)

ଆମ ସୟଦୁଲ୍ ମୁର୍‌ସଲିନ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ହୁଜତୁଲ୍ ୱିଦାଅ ସମୟରେ ମିନା ପଡ଼ିଆଠାରେ ଯେଉଁ ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରିଥିଲେ ତାହାର ଗୋଟିଏ ଗୋଟିଏ ଶବ୍ଦ ଉମ୍ମତେ ମହମ୍ମଦୀୟା ପାଇଁ ଉନ୍ନତି ଓ ଇସ୍‌ଲାମ୍‌ର ବିଜୟ ପାଇଁ ଚାବିକାଠି ଅଟେ । ଆଜି ସମଗ୍ର ଦୁନିଆରେ ଯମାତ ଅହେମଦୀୟା ସେହି ଏକମାତ୍ର ମୁସ୍‌ଲିମ୍ ଯମାତ୍ ଅଟେ ଯିଏ ବାସ୍ତବିକ ଖିଲାଫତର ସମ୍ପୂର୍ଣ୍ଣ ରୂପେ ଅନୁସରଣ କରି ଆପଣ ସ:ଆ:ସଙ୍କ ଅନୁଗ୍ରହକୁ ପ୍ରସାର କରି ଚାଲିଛି ।

ଆମର ଆକା ଓ ମୁତା ହଜ୍‌ରତ୍ ମୁହମ୍ମଦ୍ ଆରବୀ ସ:ଆ:ସଙ୍କ ପବିତ୍ର ଅନୁଗ୍ରହରେ ପ୍ରଭାବିତ ହୋଇ ମହିସୁର୍ ୟୁନିଭର୍‌ସିଟି ଇଣ୍ଡିଆର ପ୍ରଫେସର କେ.ଏସ୍.ରାମକ୍ରିଷ୍ଣା ରାଓ ନିଜର ପୁସ୍ତକ Muhammad The Prophet of Islam ରେ ଲେଖୁଛନ୍ତି ଯେ There is Muhammad The Business Man (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ଉଦାହରଣ ଓ ଉତ୍କୃଷ୍ଟ ବ୍ୟବସାୟୀ ।) Muhammad The Statesman (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ମହାନ୍ ଚିନ୍ତା ନାୟକ) Muhammad The Orator (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ମହାନ୍ ବକ୍ତା) Muhammad The Reformer (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ମହାନ୍ ସଂସ୍କାରକ) Muhammad The Refuge of Orphans (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଅନାଥ ମାନଙ୍କର ଅଭିଭାବକ) Muhammad The Protector of Slaves (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଗୁଲାମ୍ ମାନଙ୍କ ଅଧିକାରର ସୁରକ୍ଷାକର୍ତ୍ତା) Muhammad The Emancipator of Women (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ସ୍ତ୍ରୀ ମାନଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଜଣେ ନେତା ସଦୃଶ) Muhammad The Judge (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଜଣେ ମହାନ୍ ବିଚାରପତି) Muhammad The Saint (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ନବୀମାନଙ୍କର ସର୍ଦ୍ଦାର)

ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା ଯେ ସେ ଆମକୁ ହଜ୍‌ରତ୍ ମୁହମ୍ମଦ୍ ଆରବୀ ସ:ଆ:ସ ଙ୍କ ଶିକ୍ଷା ଉପରେ ଓ ସହୃଦୟର ସହିତ ଅମଳ କରିବା ପାଇଁ ଓ ଆପଣ ସ:ଆ:ସଙ୍କ ଅନୁଗ୍ରହକୁ ସମଗ୍ର ଦୁନିଆରେ ପ୍ରସାର କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଆମିନ୍ !